R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୫୦
ତିଥି: ରଜ ସଂକ୍ରାନ୍ତି
୧୫ ଜୁନ୍ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 250
15 June 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ଭାରତ ଇନୋଭେଟ୍ସ ୨୦୨୬' ର ଶୁଭାରମ୍ଭ

# ମଜବୁତ କରିବ ଭାରତ-ଫ୍ରାନ୍ସ ବୈଶ୍ୱିକ ରଣନୀତି

ନିସ୍ (ଫ୍ରାନ୍ସ),୧୪।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଛଅ ଦିନିଆ ଫ୍ରାନ୍ସ ଓ ସ୍ଲୋଭାକିଆ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ଫ୍ରାନ୍ସର ନିସ୍ ସହରରେ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ଦୁଇ ବିଶ୍ୱନେତାଙ୍କ ମଧ୍ୟରେ ହୋଇଥିବା ଏହି ବୈଠକ ଭାରତ ଓ ଫ୍ରାନ୍ସର ସ୍ୱତନ୍ତ୍ର ବୈଶ୍ୱିକ ରଣନୀତିକୁ ଆହୁରି ମଜବୁତ କରିଛି। ବୈଠକ ପୂର୍ବରୁ ଦୁଇ ନେତା ପ୍ରସିଦ୍ଧ 'ଭିଲା କେରିଲୋସ' ପରିଦର୍ଶନ କରିବା ସହ ସେଲଫି ଉଠାଇ ବନ୍ଧୁତ୍ୱର ନିବିଡ଼ତା



ପ୍ରଦର୍ଶନ କରିଛନ୍ତି।

ଆଜିର ବୈଠକର ପ୍ରମୁଖ ଆକର୍ଷଣ ଥିଲା ଦୁଇ ନେତାଙ୍କ ଦ୍ୱାରା ମିଳିତ ଭାବେ ଶୁଭାରମ୍ଭ କରାଯାଇଥିବା 'ଭାରତ ଇନୋଭେଟ୍ସ ୨୦୨୬' କାର୍ଯ୍ୟକ୍ରମ। ଏହି ଟେକ୍ ସମ୍ମିଳନୀରେ ଭାରତର ଷ୍ଟାର୍ଟଅପ୍ ଏବଂ ଏଆଇ ସାମର୍ଥ୍ୟକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଭାରତ ଏବେ କେବଳ ସମସ୍ୟାର ସମାଧାନ ଗ୍ରହଣ କରୁଥିବା ଦେଶ ହୋଇ ରହିନାହିଁ, ବରଂ ଏହା ସମଗ୍ର ବିଶ୍ୱକୁ ସମାଧାନର ବାଟ ଦେଖାଉଛି।ଅପରପକ୍ଷରେ ରାଷ୍ଟ୍ରପତି ମାକ୍ରନ ଭାରତର ନେତୃତ୍ୱକୁ ପ୍ରଶଂସା କରିବା ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ମିଳିତ ସହଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଗସ୍ତ କାଳରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ସେମିକଣ୍ଡକ୍ଟର, ଏଆଇ , ସ୍ୱାସ୍ଥ୍ୟ ଏବଂ ମହାକାଶ ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପ୍ରାୟ ୧୨ଟି ପ୍ରମୁଖ ଚୁକ୍ତି ସ୍ୱାକ୍ଷରିତ ହେବ। ଭାରତ ପାଇଁ ପ୍ରାୟ ୩.୨୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ୧୧୪ଟି ରାଫେଲ୍ ଯୁଦ୍ଧବିମାନ କ୍ରୟ କରିବା ନେଇ ଦ୍ୱିପାକ୍ଷିକ କଥାବାର୍ତ୍ତା ହୋଇଥିବା ବେଳେ ଖୁବଶୀଘ୍ର ଚୂଡ଼ାନ୍ତ ଚୁକ୍ତିନାମା ସଂପର୍କରେ ଘୋଷଣା ହେବ ବୋଲି ଜଣାପଡ଼ିଛି।

# ପହିଲି ରଜରେ ଭିଜିଲା ଓଡ଼ିଶା

ଭୁବନେଶ୍ୱର,୧୪।୬,(ସବ୍ୟୁ): ପହିଲି ରଜରେ ଭିଜିଲା ଓଡ଼ିଶା। ଓଡ଼ିଶାରେ ୪ଟି ଜିଲ୍ଲାରେ ମୌସୁମୀ ପ୍ରବେଶ କରିଥିବା ବେଳେ ସାରା ରାଜ୍ୟରେ ବର୍ଷା ଲାଗି ରହିଛି। ରବିବାର ସକାଳୁ ବହୁ ସ୍ଥାନରେ ଝିପି ଝିପି ବର୍ଷା ହୋଇଥିବା ଜଣାପଡୁଛି। ଆସନ୍ତା ୪ରୁ ୫ ଦିନ ଭିତରେ ଓଡ଼ିଶାର ଆଉ କିଛି ଅଞ୍ଚଳକୁ ମୌସୁମୀ ପ୍ରବେଶ କରିବ ବୋଲି ପାଗ ଅନୁକୂଳ ରହିଛି। ତେବେ ବର୍ଷା ସତ୍ତ୍ୱେ ଗରମ ଓ ଗୁଳୁଗୁଳିରୁ ତ୍ରାହି ମିଳିନାହିଁ।

ପାଣିପାଗ ବିଭାଗର କହିବା ଅନୁସାରେ, ଶନିବାର ସୁନ୍ଦରଗଡ଼ରେ ୧୭ ମିଲିମିଟର ବର୍ଷା ହୋଇଥିବା ବେଳେ ସମ୍ବଲପୁରରେ ୧୧ ମିମି, ଅନୁଗୁଳରେ ୮, ନବରଙ୍ଗପୁର ଓ ବରଗଡ଼ରେ ୩.୨ ମିମି ବର୍ଷା ରେକର୍ଡ କରାଯାଇଛି। ରବିବାର ସନ୍ଧ୍ୟା ୫.୩୦ ସୁଦ୍ଧା ବୌଦ୍ଧରେ ୩.୫ ମିମି, ମାଲକାନଗିରିରେ ୬.୨ ମିମି, ନବରଙ୍ଗପୁରରେ ୨.୪ ମିମି ବର୍ଷା ରେକର୍ଡ କରାଯାଇଛି। ସନ୍ଧ୍ୟାରେ ଅନେକ ସ୍ଥାନରେ ବର୍ଷା ହୋଇଥିବା ଜଣାପଡିଛି।

## ବର୍ଷା ସତ୍ତ୍ୱେ କମୁନି ଗରମ ଗୁଳୁଗୁଳି
## ୪ ଦିନରେ ସାରା ଓଡ଼ିଶା ଛୁଇଁବ

କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ, ଗଜପତି ଓ ଗଞ୍ଜାମ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ କାଳବୈଶାଖୀ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ସୋନପୁର, (୯ ପୃଷ୍ଠାରେ)

# ବୁଡ଼ି ଯାଉଥିବା ଜାହାଜରୁ ୨୪ ଭାରତୀୟ ନାବିକ ଉଦ୍ଧାର

ନୂଆଦିଲ୍ଲୀ,୧୪।୬: ଓମାନ ଉପକୂଳଠାରୁ ପାଖାପାଖି ୮୦ ନଟିକାଲ ମାଇଲ ଦୂର ଆରବ ସାଗରରେ ରବିବାର ସକାଳେ ଭାରତୀୟ ପତାକା ବହନ କରୁଥିବା ମାଲବାହୀ ଜାହାଜ 'ବିରାଟ-୧' ଯାନ୍ତ୍ରିକ ତ୍ରୁଟି ଯୋଗୁ ବୁଡ଼ି ଯାଉଥିବାବେଳେ ଆମେରିକା ନୌସେନା ୨୪ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଉଦ୍ଧାର କରିଛି। ସାମୁଦ୍ରିକ ସୂତ୍ର ତଥା ଭାରତୀୟ ନୌସେନା ଅଧିକାରୀଙ୍କ ସୂଚନା ଅନୁସାରେ ରବିବାର ସକାଳେ ଓମାନର ରାସ୍ଅଲ ହଦଠାରୁ ପୂର୍ବ-ଦକ୍ଷିଣ-ପୂର୍ବରେ ଭାରତୀୟ ପତାକା ଥିବା ଜାହାଜରେ ହଠାତ୍ ପାଣି ଭରିବାକୁ ଲାଗିଥିଲା। ଜାହାଜରେ ହଠାତ୍ ବୁଡ଼ିବାକୁ ଲାଗିବାରୁ ନାବିକ ଦଳ ତୁରନ୍ତ ଜରୁରୀକାଳୀନ ବାର୍ତ୍ତା ଜାରି କରିଥିଲେ। ଜାହାଜରେ ଥିବା ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି। ଜାହାଜର ପୁରୁଣା କାଠ ଡାଞ୍ଚାରେ ପାଣି ଭର୍ତ୍ତି ହେବା ଯୋଗୁ ଜାହାଜଟି ସ୍ୱଳ୍ପ ସମୟରେ ବୁଡ଼ି ଯିବା ଆଶଙ୍କା ଦେଖାଯାଇଥିଲା।

ତେବେ ଆମେରିକା ନୌସେନାର ଅତ୍ୟାଧୁନିକ ପି-୮



ସାମୁଦ୍ରିକ ପାଟ୍ରୋଲ୍ ବିମାନ ତୁରନ୍ତ ସହାୟତା ପାଇଁ ପହଞ୍ଚି ଥିଲା। ପାଇଲଟ ନାବିକଙ୍କୁ ଉଦ୍ଧାର କରିବାକୁ ଏକ ଲାଇଫ୍ ରାଫ୍ଟକୁ ନାବିକଙ୍କ ନିକଟରେ ପକାଇଥିଲା, ଯେଉଁଥିରେ ସମସ୍ତ ନାବିକ ସୁରକ୍ଷିତ ଭାବେ ଯାତ୍ରା କରିଥିଲେ। ସୂତ୍ରଗୁଡ଼ିକ ଆହୁରି କହିଛନ୍ତି ଯେ, ଏମଭି ଜାବାଲ ଅଲି ୯କୁ ଆମେରିକୀୟ ନୌସେନାର ପି୮ ଦ୍ୱାରା ସହାୟତା ପ୍ରଦାନ କରିବାକୁ (୯ ପୃଷ୍ଠାରେ)

## ୧୦୦୦ ଡଲାରର ଔଷଧ ଭାରତରେ ମାତ୍ର ୧୦ଡଲାର

ୱାଶିଂଟନ୍,୧୪।୬: ଆମେରିକାର ମହଙ୍ଗା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଭିକ୍ଟୋରିଆ ନାମକ ଜଣେ ଆମେରିକୀୟ ମହିଳା ସୋସିଆଲ ମିଡିଆରେ ସେୟାର କରିଥିବା ଏକ ଭିଡିଓ ବର୍ତ୍ତମାନ ସାରା ବିଶ୍ୱରେ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ଦାବି କରିଛନ୍ତି ଯେ ଆମେରିକାରେ ଛଅଟି ଛୋଟ ଟାବଲେଟ୍ ପାଇଁ ତାଙ୍କୁ ନିଜ ପକେଟରୁ ୧,୦୦୦ ଡଲାର (ପ୍ରାୟ ୯୫,୦୦୦) ଦେବାକୁ ପଡୁଥିବା ବେଳେ ସେହି ସମାନ ଔଷଧ ସେ ସିଧାସଳଖ ଭାରତରୁ (୯ ପୃଷ୍ଠାରେ)

# ୨ଟି ପୃଥକ ଦୁର୍ଘଟଣାରେ ୫ ମୃତ

କେନ୍ଦୁଝର,(ଜିପ୍ର): ଆଜି ପ୍ରଥମ ରଜ ପାଇଁ ଚାରିଆଡ଼େ ଉତ୍ସବର ପରିବେଶ ରହିଥିବା ବେଳେ କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ଅଞ୍ଚଳରେ ଆଜି ଅପରାହ୍ଣରେ ଦୁଇଟି ପୃଥକ ଦୁର୍ଘଟଣା ଘଟି ୫ଜଣ ବାଇକ ଆରୋହୀଙ୍କର ମୃତ୍ୟୁ ହୋଇଛି।

କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର କୁଆଁର ମଙ୍ଗଳା ମନ୍ଦିର ଛକ ନିକଟରେ ବାଂଶପାଳ ବ୍ଲକ ସାହରପୁର ପଞ୍ଚାୟତର କାଦକସ ଗ୍ରାମର ୩ ଜଣ ଯୁବକ ବାଇକରେ କୌଣସି କାମରେ ଯାଉଥିଲେ। ଏହି ସମୟରେ ଭୁଲ ରାସ୍ତାରେ ଆସୁଥିବା ଦ୍ରୁତଗାମୀ ଟ୍ରକ ଧକ୍କା ଦେଇଥିଲା। ଏଥିରେ ସେମାନଙ୍କର ମୃତ୍ୟୁ ଘଟିଛି। ରିପୋର୍ଟ ଲେଖାଯିବା ବେଳକୁ ସେମାନଙ୍କ ପରିଚୟ ମିଳିପାରିନାହିଁ। ସେହିପରି ଉପରୋକ୍ତ ଦୁର୍ଘଟଣା ଠାରୁ ଅଳ୍ପ ଦୂରରେ ବୈତରଣୀ ପୋଲ ନିକଟରେ ଅଜଣା ଗାଡ଼ି ଧକ୍କାରେ କାଞ୍ଜିପାଣି ଥାନା ଅନ୍ତର୍ଗତ କୁଆଁର ଗ୍ରାମର ଅକ୍ଷୟ ସନଙ୍ଗୀ (୪୦) ଓ ଲକ୍ଷ୍ମଣ ସନଙ୍ଗୀ(୩୨)ଙ୍କ ମୃତ୍ୟୁ ଘଟିଛି। ସେମାନେ ଦୁଇ ଭାଇ। ଏକ ବାଇକରେ ରଜ ଉତ୍ସବ ଦେଖିବାକୁ ଯାଇ ବାୟାପଣ୍ଡାଧାର ଆଡୁ ନିଜ ଗ୍ରାମ କୁଆଁରକୁ ଫେରୁଥିବା ବେଳେ କଲୋନୀ ଛକ ନିକଟରେ ଏକ ଅଜଣା ଲାଇନ ଟ୍ରକ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଘଟଣା ସ୍ଥଳରେ ବାଇକ ଭାଙ୍ଗି ଚୁରମାର ହୋଇ ଯାଇଥିବା ବେଳେ ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା ଏମାନେ ବାଇକରେ ଏକ ଭୁଲ ରାସ୍ତାରେ ଯାଉଥିଲେ। ଉଭୟ ଘଟଣା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ମୃତଦେହଗୁ ପୋଷ୍ଟମର୍ଟମ ପାଇଁ ପଠାଇ ଦୁର୍ଘଟଣାଗ୍ରସ୍ତ ଟ୍ରକ ଏବଂ ୨ଟି ବାଇକ ଜବତ କରିଛି। ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।ଦୁର୍ଘଟଣା ପରେ ଏନଏଚ ୪୯ ରେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକଙ୍କ ସମାଗମ ଯୋଗୁଁ ଅଦ୍ୟାବଧି ଯାତାୟାତ ବନ୍ଦ ରହିଛି। ପୋଲିସ ପହଞ୍ଚି ଲୋକଙ୍କ ସହିତ ଆଲୋଚନା ଜାରି ରଖିଛି।

# ଆମେରିକା-ଇରାନ ବୁଝାମଣା : ଶୀଘ୍ର ସ୍ୱାକ୍ଷରିତ ହେବ ପରମାଣୁ ଚୁକ୍ତି

ୱାଶିଂଟନ୍/ତେହେରାନ,୧୪।୬: ଆମେରିକା ସହ ପ୍ରସ୍ତୁତ ଏକ ଚିଠା ବୁଝାମଣା ପତ୍ର (ଏମଓୟୁ) ଅନୁଯାୟୀଇରାନ କୌଣସି ପ୍ରକାରର ପରମାଣୁ ଅସ୍ତ୍ର ନିର୍ମାଣ କିମ୍ବା ହାସଲ ନକରିବାକୁ ସହମତି ପ୍ରକାଶ କରିଛି ବୋଲି ରଏଟର୍ସ ସମ୍ବାଦ ସଂସ୍ଥା ଜଣେ ବରିଷ୍ଠ ଇରାନୀ ଅଧିକାରୀଙ୍କ ସୂତ୍ରରୁ ଦାବି କରିଛି। ଏହି ପ୍ରସ୍ତାବିତ ଖସଡ଼ା ଚୁକ୍ତିନାମାରେ ଇରାନର ପରମାଣୁ କାର୍ଯ୍ୟକ୍ରମର ନିୟନ୍ତ୍ରଣ ସହିତ ତା' ଉପରେ ଲାଗିଥିବା ବିଭିନ୍ନ ଆନ୍ତର୍ଜାତୀୟ ଆର୍ଥିକ ପ୍ରତିବନ୍ଧକ କୋହଳ କରିବା ଏବଂ ବିଶ୍ୱ ବାଣିଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ "ହରମୁଜ୍ ପ୍ରଣାଳୀ" କୁ ପୁନଃ କାର୍ଯ୍ୟକ୍ଷମ କରିବା ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକ ସାମିଲ ରହିଛି। ଏହି ରୂପରେଖକୁ ଅନୁମୋଦନ ମିଳିବାର ଆଗାମୀ ୬୦ ଦିନ ମଧ୍ୟରେ ଉଭୟ ପକ୍ଷ ଏକ ଚୂଡ଼ାନ୍ତ ଚୁକ୍ତିନାମା ଉପରେ ସବିଶେଷ ଆଲୋଚନା କରିବେ ବୋଲି ସୂଚନା ମିଳିଛି, କିନ୍ତୁ ଏପର୍ଯ୍ୟନ୍ତ ତେହେରାନ କିମ୍ବା ୱାଶିଂଟନ ପକ୍ଷରୁ ଏହି ରିପୋର୍ଟ ଉପରେ କୌଣସି ଆନୁଷ୍ଠାନିକ ବୟାନ ଜାରି ଏହି ବୁଝାମଣା ବିଶ୍ୱ ରାଜନୀତିରେ ଏକ ବଡ଼ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ଯାଉଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ (୯ ପୃଷ୍ଠାରେ)

## ନିୟମଗିରି ଆନ୍ଦୋଳନକୁ ନେଇ ନୂଆ ମୋଡ଼

# ଲଦ ସିକକାଙ୍କ ସମ୍ପତ୍ତି ଜବତ ନିର୍ଦ୍ଦେଶ

ରାୟଗଡା,୧୪।୬,(ସବ୍ୟୁ): ଲାଞ୍ଜିଗଡ଼ ମୁନସିଫ କୋର୍ଟର ମାଜିଷ୍ଟ୍ରେଟ ଏକ ଆଦେଶ ଜାରି କରି ନିୟମଗିରି ସୁରକ୍ଷା ସମିତିର ଆବାହକ ଲଦ ସିକକାଙ୍କୁ ଫଳାତକ ଘୋଷଣା କରିବା ସହ ତାଙ୍କ ସମ୍ପତ୍ତି ଜବତ ପାଇଁ ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ଥାନା ଆଇଆଇସିଙ୍କୁ



ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ୨୦୧୭ ମସିହାର ଏକ ମାମଲା (ନଂ୩୪୯/୨୦୧୭) ଆଧାରରେ ଏହି ଆଦେଶ ଜାରି ହୋଇଛି। ଉକ୍ତ ମାମଲାରେ ଲଦ ସିକକାଙ୍କ ବିରୋଧରେ ଅପରାଧିକ ଆଇନ ସଂଶୋଧନ ଅଧିନିୟମର ଧାରା୭ ସମେତ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଦଫା (୯ ପୃଷ୍ଠାରେ)

# ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ

ରାୟଗଡ଼ା,୧୪।୬,(ସବ୍ୟୁ): ରାୟଗଡ ଜିଲ୍ଲାର ଢେପାଗୁଡା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ବିପୁଳ ପରିମାଣର ମାଓ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରିଛି ରାୟଗଡା ପୋଲିସ। ଏ ସମ୍ପର୍କରେ ଆଜି ଜିଲ୍ଲା ପୋଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ରାଜ ପ୍ରସାଦ ସୂଚନା ଦେଇଛନ୍ତି। ଏସପିଙ୍କ କହିବାନୁସାରେ ପ୍ରାୟ ଅଢେଇ ମାସ ପୂର୍ବରୁ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ବିଭିନ୍ନ ସୁରକ୍ଷା ସଂସ୍ଥା ପକ୍ଷରୁ ପଚରାଉଚରା ଜାରି ରହିଛି। ଏହି ପଚରାଉଚରା ସମୟରେ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଗତ ୧୩ ଜୁନରେ ଜିଲ୍ଲା ପୋଲିସ ପକ୍ଷରୁ ଆମ୍ବୋଦଳା ଥାନା ଅଧୀନ ଜଗଦଲପୁର ଆଉଟପୋଷ୍ଟ ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅପରେସନ ଚାଲାଯାଇଥିଲା। ଏହି ଅଭିଯାନରେ ଏକ ଗୁପ୍ତ ଡମ୍ପ ଠାବ କରାଯାଇ ବିଭିନ୍ନ ପ୍ରକାରର



ମାଓ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଛି। ଡିଭିଏଫ ଓ ଏସଓଜି ଯବାନଙ୍କ ମିଳିତ ଟିମ ଢେପାଗୁଡା ରିଜର୍ଭ ଫରେଷ୍ଟ ଅଞ୍ଚଳରେ କମ୍ବିଂ ଅଭିଯାନ ଚଳାଇଥିବା ବେଳେ ଏହି ଗୁପ୍ତ ଡମ୍ପର ସନ୍ଧାନ ପାଇଥିଲେ। ପରେ ଜିଲ୍ଲା ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସମ୍ଭାବ୍ୟ ଆଇଇଡି ଓ ବିସ୍ଫୋରକ ସାମଗ୍ରୀ ଥିବା ସମ୍ଭାବନାକୁ ନଜରରେ ରଖି ସତର୍କତାମୂଳକ ତଲାସି ଅଭିଯାନ କରିଥିଲେ। ଉଦ୍ଧାର ସାମଗ୍ରୀ ମଧ୍ୟରେ ଗୋଟିଏ .୩୦୩ ରାଇଫଲ, ୩୭ ରାଉଣ୍ଡ ଜୀବନ୍ତ ଗୁଳି, ୧୨ଟି ଖାଲି ବୋର କାର୍ଟ୍ରିଜ, ଗୋଟିଏ ମ୍ୟାଗାଜିନ, ୮ ମିଟର ତାର, ପ୍ରାୟ ୫୦ ଗ୍ରାମ ଗନପାଉଡର, ୫ ବଣ୍ଡଲ କୋଡେକ୍ସ (୯ ପୃଷ୍ଠାରେ)

# ଜମିବାଡି ବିବାଦରୁ ବାପା ,ମା'କୁ ହାଣିଲା ପୁଅ

## ହତ୍ୟା ଅଭିଯୁକ୍ତ ଗିରଫ

ପାରାଦୀପ,,୧୪।୬,( ଜି ପ୍ର ): ରବିବାର ପହିଲି ରଜ। ପୁରପଲ୍ଲୀରେ ସମସ୍ତେ ରଜ ପାଳନ କରିବାରେ ମସଗୁଲ , କିଏ ପିଠାପଣା କରିଛି ତ କିଏ ମାଛ ମାଂସ ରାନ୍ଧି ରଜ ପାଳନ କରୁଛି। କିନ୍ତୁ ଏହି ଓଡ଼ିଶାର ଗଣପର୍ବ ସମୟରେ ପୁଅ ତା ବାପା ଆଉ ମାକୁ କଟୁରିରେ ଚୋଟ ପରେ ଚୋଟ ପକାଇ ରକ୍ତରେ ଗାଁ ଦାଣ୍ଡକୁ ଭିଜାଇବାରେ ଲାଗିଛି। ଜମିବାଡ଼ି ବିବାଦକୁ ନେଇ ଘଟିଛି କରୁଣ ପରିଣତି। ଜଗତସିଂହପୁର ଜିଲା ବାଲିକୁଦା ଥାନା ତେର୍ତାଙ୍ଗ ଗାଁରେ ବାପ ,ମାଆଙ୍କୁ କଟୁରୀରେ ଅତି ନିର୍ମମ ଭାବରେ ହତ୍ୟା କରିଛି ପୁଅ। ମୃତକ ହେଉଛନ୍ତି ବାପା ସତ୍ୟନନ୍ଦ ପରିଡା ଓ



ମାଆ ଚାରୂଲତା ପରିଡା। ଅଭିଯୁକ୍ତ ପୁଅ ଦିଲୀପ ପରିଡାକୁ ବାଲିକୁଦା ପୋଲିସ ଗିରଫ କରିଥିବା ବେଳେ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସ ଅଭିଯୁକ୍ତ ଠାରୁ ହତ୍ୟାରେ ବ୍ୟବହୃତ କଟୁରି ଜବତ କରିଛି। ଜମି ବାଡ଼ି ବିବାଦକୁ କେନ୍ଦ୍ର କରି ସତ୍ୟନନ୍ଦଙ୍କର ପ୍ରଥମ ସ୍ତ୍ରୀଙ୍କର ପୁଅ ଦିଲୀପ ଙ୍କର ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିଲା। ଦିଲୀପ କଟକରେ ଏକ ଘରୋଇ କମ୍ପାନୀରେ ରହି କାର୍ଯ୍ୟ କରୁଥିବା ବେଳେ ସତ୍ୟନନ୍ଦ ଗାଁରେ ଏକ ତେଜରାତି ଦୋକାନ କରି ଚଳୁଥିଲେ। ସତ୍ୟାନନ୍ଦଙ୍କ ପଛ ସ୍ତ୍ରୀ ଚାରୁଲତା ହୋଇଥିବା ବେଳେ ଆଗ ସ୍ତ୍ରୀର ପୁଅ ଦିଲ୍ଲୀପ ସବୁବେଳେ ସବୁ ସମ୍ପତି ନିଜ ନାମରେ କରାଇ ନେବାକୁ ବାପା ସତ୍ୟାନନ୍ଦଙ୍କ ଉପରେ ଚାପ ପ୍ରୟୋଗ କରୁଥିଲେ।ପୂର୍ବରୁ ହତ୍ୟା ଷଡ଼ଯନ୍ତ୍ର ରଚି ଅନେକ ବାର ସୁଯୋଗ ନମିଳିବାରୁ ଦିଲ୍ଲୀପ ବାପା ମାଙ୍କୁ ରାସ୍ତାରୁ ହଟାଇ ପାରି ନଥିଲେ। ଗତକାଲି ଦିଲୀପ ଗାଁକୁ ଆସିବା ସହିତ ଏକ କଟୁରିକୁ ମଧ ପଜେଇକରି ଆଣିଥିଲା। ଆଜି ଅପରାହ୍ଣରେ ସତ୍ୟାନନ୍ଦ ଘରେ ଖାଇସାରି ସୋଇଥିବା ବେଳେ ଦିଲ୍ଲୀପ ପୂର୍ବରୁ ରଖିଥିବା କଟୁରିରେ ଜନ୍ମ ଦେଇଥିବା ବାପା ସତ୍ୟାନନ୍ଦଙ୍କୁ ହାଣି ରକ୍ତ ଜୁଡୁବୁଡୁ କରି ଦେଇଥିଲେ ତାଙ୍କର ସ୍ତ୍ରୀ ଚାରୂଲତା ଘର ବାହାରେ କାମ କରୁଥିଲେ। ଦିଲ୍ଲୀପ ବାପାଙ୍କୁ ହତ୍ୟା କରୁଥିବା ଦେଖି ଏହାର ପ୍ରତିବାଦ କରିବାରୁ ରକ୍ତମୁଖା ଦିଲ୍ଲୀପ ସାବତ ମା ଚାରୁଲତାଙ୍କୁ ମଧ ଛାଡି ନଥିଲେ। ଚାରୁଲତାଙ୍କୁ ବାପା ସତ୍ୟାନନ୍ଦଙ୍କ ପରି କଟୁରିରେ ହାଣି ହତ୍ୟା କରିଥିବା ବେଳେ ଉଭୟ ଦାଣ୍ଡରେ ପଡି ଛଟପଟ ହୋଇ ମୃତ୍ୟୁ ବାରଣ କରିଥିଲେ।ଏହି ହତ୍ୟାକାଣ୍ଡ ପରେ ସାରା ଗାଁରେ ଏକ ଭୟର ବାତାବରଣ ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବାଲିକୁଦା ପୋଲିସ ଶବକୁ ଜବତ କରିବା ସହ ଦିଲ୍ଲୀପକୁ ଗିରଫ କରିଛି।

## ଇତିହାସ

୧୭୬୨- ଅଷ୍ଟ୍ରିଆରେ କାଗଜ ମୁଦ୍ରାର ପ୍ରଚଳନ ଆରମ୍ଭ ହେଲା ।
୧୭୮୫- ବିଶ୍ୱର ପ୍ରଥମ ବିମାନ ଦୁର୍ଘଟଣାରେ ବେଲୁନ୍‌ରେ ଉଡାଣ ଭରୁଥିବା ଦୁଇଜଣ ଫ୍ରାନ୍ସ ନାଗରିକଙ୍କର ମୃତ୍ୟୁ ହୋଇଥିଲା ।
୧୮୧୫- ଇତିହାସରେ ସବୁଠୁ ପ୍ରସିଦ୍ଧ ବଲ୍ ରିଚ୍‌ମଣ୍ଡର ବଲ୍‌ର ଆୟୋଜନ କରାଯାଇଥିଲା ।
୧୮୬୪- ଆମେରିକା କଂଗ୍ରେସ କଳା ସୈନିକଙ୍କ ପାଇଁ ବେତନକୁ ସମାନ କରିବା ସମ୍ବନ୍ଧିତ ଆଇନ ପ୍ରସ୍ତୁତ କଲା ।
୧୮୯୬- ଜାପାନରେ ଭୂମିକମ୍ପ ହେବା ପରେ ଆସିଥିବା ସୁନାମିରେ ପ୍ରାୟ ୯୦୦୦ ଘର ନଷ୍ଟ ହୋଇଥିଲା ଏବଂ ୨୨ ହଜାର ଲୋକ ମୃତ୍ୟୁବରଣ କରିଥିଲେ ।
୧୯୪୭- ଅଖିଳ ଭାରତୀୟ କଂଗ୍ରେସ ବ୍ରିଟିଶ ଯୋଜନା ଅନ୍ତର୍ଗତ ଭାରତ ବିଭାଜନ ପ୍ରସ୍ତାବକୁ ସ୍ୱୀକାର କଲା ।
୧୯୮୮- ନାସା ସ୍ପେଶ୍ ହ୍ୱିକିଲ୍ ଏସ୍-୨୧୩କୁ ଲଞ୍ଚ୍ କଲା ।
୨୦୧୦- ତମ୍ବାଖୁ ଉପରେ ପ୍ରତିବନ୍ଧକ ଲାଗୁ କରିବାରେ ଭୁଟାନ ବିଶ୍ୱର ପ୍ରଥମ ଦେଶ ହେଲା ।
୨୦୧୨- ଆପଲ୍ ଆଇ କମ୍ପ୍ୟୁଟର ୩୭୪.୫୦୦ ଡଲାରର ରେକର୍ଡ ବିକ୍ରି କଲା ।




ଓଡ଼ିଆ ଗଣପର୍ବ ରଜ ଉତ୍ସବର ଦ୍ୱିତୀୟ ତଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିବସ 'ରଜ ସଂକ୍ରାନ୍ତି' (ମିଥୁନ ସଂକ୍ରାନ୍ତି) ହୋଇଥାଏ । ସାରା ରାଜ୍ୟରେ ପାରମ୍ପରିକ ରୀତିନୀତି ଓ ଅଦ୍ଭୁତ ଉତ୍ସାହର ସହ ଏହାକୁ ପାଳନ କରାଯାଇଥାଏ । ଏହି ବିଶେଷ ଦିନରେ ବସୁଧା ମାତା ସମ୍ପୂର୍ଣ୍ଣ ରଜସ୍ୱଳା ହେଉଥିବା ବିଶ୍ୱାସ କରାଯାଉଥିବାରୁ ଧରିତ୍ରୀ ମାଙ୍କୁ ସମ୍ମାନ ଜଣାଇ ସମସ୍ତ ପ୍ରକାର କୃଷି କାର୍ଯ୍ୟ, ହଳ ଚାଷ ଓ ବସୁମତୀ ଖନନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି, ଯାହା ମାନବ ସମାଜ ସହ ପ୍ରକୃତିର ନିବିଡ଼ ସମ୍ପର୍କକୁ ଦର୍ଶାଇଥାଏ । ପହିଲି ରଜର ସଜବାଜ ପରେ ଆଜି ସଂକ୍ରାନ୍ତି ତିଥିରେ ଘରେ ଘରେ ପୋଡ଼ପିଠା, ମଣ୍ଡା, ଆରିସା ଏବଂ ଚକୁଳି ପିଠାର ମହକ ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି ପରିବେଶକୁ ଆମୋଦିତ କରୁଥିବା ବେଳେ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ମଧ୍ୟରେ ରଜପାନର ଆସର ଜମିଥାଏ । ବିଶେଷ କରି ନୂଆ ପୋଷାକ, ଅଳତା ଓ ମଥାରେ ଚନ୍ଦନ ଟିପା ଲଗାଇ କୁମାରୀ କନ୍ୟାମାନେ ରଜ ଦୋଳିର ଆନନ୍ଦ ନେବା ସହ ପାରମ୍ପରିକ ଗୀତର ତାଳେ ତାଳେ ନିଜର ବନ୍ଧୁତ୍ୱକୁ ଆହୁରି ମଜବୁତ କରିଥାଆନ୍ତି । ପୁଚି ଖେଳ ତଥା ତାସ, ବାଗୁଡ଼ି ଭଳି ଗ୍ରାମୀଣ ଖେଳର କୌତୁକିଆ ମାହୋଲ ସମଗ୍ର ଓଡ଼ିଶାକୁ ଉତ୍ସବମୁଖର କରି ଗଢ଼ିତୋଳିଥାଏ, ଯାହା ଆମ ସାଂସ୍କୃତିକ ଐତିହ୍ୟର ଅନନ୍ୟ ଝଲକ ପ୍ରଦାନ କରିଥାଏ ।




## ଜ୍ୟାକେଟ ପ୍ରସ୍ତୁତ କରୁଛି ପାନୀୟଜଳ

ବିଶ୍ୱବ୍ୟାପି ଦେଖାଦେଉଥିବା ଜଳ ସଙ୍କଟର ସମାଧାନ ଦିଗରେ ଏକ ବଡ଼ ସଫଳତା ହାସଲ କରିଛି ଆମେରିକାର 'ୟୁନିଭର୍ସିଟି ଅଫ୍ ଟେକ୍ସାସ ଏଟ୍ ଅଷ୍ଟିନ୍'ର ଗବେଷକମାନେ । ବାୟୁମଣ୍ଡଳର ଆଦ୍ରତା ବା ଜଳୀୟବାଷ୍ପରୁ ସିଧାସଳଖ ପିଇବା ପାଣି ପ୍ରସ୍ତୁତ କରିପାରୁଥିବା ଏକ ବିଶେଷ ପ୍ରକାରର ଜ୍ୟାକେଟ୍ ସେମାନେ ବିକଶିତ କରିଛନ୍ତି । ସମ୍ପୂର୍ଣ୍ଣ ନୂତନ ଜ୍ଞାନକୌଶଳରେ ନିର୍ମିତ ଏହି ପୋଷାକରେ ଏଭଳି ଏକ ସ୍ୱତନ୍ତ୍ର କପଡ଼ା ବ୍ୟବହାର କରାଯାଇଛି । ଯାହା ବାୟୁରୁ ଜଳୀୟବାଷ୍ପକୁ ସଂଗ୍ରହ କରି ଜ୍ୟାକେଟ୍‌ରେ ଲାଗିଥିବା ପୃଥକୀକରଣ ୟୁନିଟ୍‌କୁ ପଠାଇଥାଏ ଏବଂ ପରେ ତାହା ଗରମ ଓ ଘନୀଭୂତ ହୋଇ ପିଇବା ଉପଯୋଗୀ ପାଣିରେ ପରିଣତ ହୁଏ । ପ୍ରସିଦ୍ଧ ବିଜ୍ଞାନ ପତ୍ରିକା 'ନେଚର ୱାଟର'ରେ ପ୍ରକାଶିତ ଏହି ଗବେଷଣା ଅନୁଯାୟୀ, ବାୟୁମଣ୍ଡଳର ଆଦ୍ରତା ଆଧାରରେ ଏହି ଜ୍ୟାକେଟ୍ ଦୈନିକ ୪୦୦ ରୁ ୯୦୦ ମିଲିଲିଟର ପର୍ଯ୍ୟନ୍ତ ପାଣି ପ୍ରସ୍ତୁତ କରିପାରୁଛି । ଏହାର ସ୍ୱତନ୍ତ୍ର ଫାଇବର ପାରମ୍ପରିକ ସାମଗ୍ରୀ ତୁଳନାରେ ୩ ରୁ ୧୦ ଗୁଣ ଅଧିକ ଦକ୍ଷତାର ସହ କାମ କରିଥାଏ । ବୈଜ୍ଞାନିକମାନଙ୍କ ମତରେ, ପାନୀୟ ଜଳର ଅଭାବ ଥିବା ଦୁର୍ଗମ ଅଞ୍ଚଳରେ କାର୍ଯ୍ୟରତ ହାଇକର୍ସ, କ୍ୟାମ୍ପର୍ସ, ସେନା କର୍ମଚାରୀ, ଜରୁରୀକାଳୀନ ସେବା ପ୍ରଦାନକାରୀ ଏବଂ କୃଷି ଶ୍ରମିକମାନଙ୍କ ପାଇଁ ଏହି ପୋର୍ଟେବଲ୍ ଟେକ୍ନୋଲୋଜି ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବ । ଏହା ସହିତ ଗବେଷକ ଦଳ ଏକ ସୌରଶକ୍ତି ଚାଳିତ ଜଳ ସଂଗ୍ରହ ଉପକରଣର ମଧ୍ୟ ସଫଳ ପରୀକ୍ଷଣ କରିଛନ୍ତି । ଯାହା ମରୁଭୂମି ଓ ଶୁଷ୍କ ଅଞ୍ଚଳରେ ପ୍ରତି କିଲୋଗ୍ରାମ ସାମଗ୍ରୀରୁ ଦୈନିକ ରେକର୍ଡ ସଂଖ୍ୟକ ୪.୩ ଲିଟର ଏବଂ ସାମଗ୍ରିକ ଭାବେ ୧.୩ ଲିଟର ସ୍ୱଚ୍ଛ ପାଣି ବାହାର କରିପାରୁଛି ।

## ଓଡ଼ିଆ ରୁଚି

**ସାମଗ୍ରୀ-** ବିରି, ଅରୁଆ ଚାଉଳ, ନଡିଆ, ଗାଜର, ବିଟ, ପିଆଜ, କ୍ୟାପସିକମ, ପାନ ମଧୁରୀ, ଚିନି, ଘିଅ, ଲୁଣ ।

**ପ୍ରଣାଳୀ-** ବିରି ଓ ଚାଉଳକୁ ଅଲଗା ଅଲଗା ବାଟି ନିଅନ୍ତୁ । ନଡିଆକୁ ପାତି କରି ନିଅନ୍ତୁ । ଏହାପରେ ସବୁ ପରିବାକୁ ଛୋଟଛୋଟ ଖଣ୍ଡ କରି କାଟନ୍ତୁ । ପ୍ରଥମେ କରେଇରେ ଘିଅ ପକାଇ ଚିନି ପକାନ୍ତୁ । ଚିନି ତରଳିଲେ ଏଥିରେ ପାନ ମଧୁରୀ ପକାଇ ଭାଜନ୍ତୁ । ଏହାପରେ ଏଥିର ସମସ୍ତ ପରିବା ପକାଇ ଭାଜନ୍ତୁ । ଏହାପରେ ବିରି ଓ ଚାଉଳ ବଟାକୁ ଭଲକରି ମିଶାଇ ନିଅନ୍ତୁ । ଏଥିରେ ବର୍ତ୍ତମାନ ପରିବା ଭଜା, ନଡିଆ ପାତି ପକାଇ ଗୋଳାନ୍ତୁ । ଏହାପରେ ଏହି ଜନ୍ତଣୀରୁ ପ୍ରସ୍ତୁତ କରନ୍ତୁ ପରିବା ପୋଡପିଠା । ଏହାକୁ ପାରମ୍ପରିକ ଚୁଲିରେ କିମ୍ବା ପ୍ରେସର କୁକରରେ କରିପାରିବେ ।

## ପୋଡ଼ପିଠା





## ଏସି ହୋଇପାରେ କ୍ଷତିକାରକ

ଗ୍ରୀଷ୍ମ ଋତୁର ପ୍ରକୋପ ଓ ଗୁଲୁଗୁଲିରୁ ରକ୍ଷା ପାଇବା ପାଇଁ ଏସି ଆମକୁ ଆରାମ ଦେଇଥାଏ ସତ, କିନ୍ତୁ ଏହି ଶୀତଳ ପରିବେଶ ଅଜାଣତରେ ଶରୀରରେ ମାରାତ୍ମକ 'ଡିହାଇଡ୍ରେସନ୍' ବା ଜଳାଭାବର କାରଣ ସାଜିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି । ବିଶେଷଜ୍ଞଙ୍କ ଅନୁଯାୟୀ, ଏସି ରୁମର ଶୁଷ୍କ ପବନ ଯୋଗୁଁ ଆମ ଶରୀରର ଚର୍ମ ଏବଂ ଶ୍ୱାସକ୍ରିୟା ମାଧ୍ୟମରେ କ୍ରମାଗତ ଭାବେ ଜଳୀୟବାଷ୍ପ ବାହାରିଯାଏ, ଯାହାକୁ ଆଇନଗତ ଭାଷାରେ 'ଟ୍ରାନ୍ସଏପିଡର୍ମାଲ୍ ୱାଟର ଲସ୍' କୁହାଯାଏ । ଏସିର ଥଣ୍ଡା ମାହୋଲରେ ଶରୀରର ତାପମାତ୍ରା ବଢୁନଥିବାରୁ ମସ୍ତିଷ୍କକୁ ଶୋଷର ସଙ୍କେତ ମିଳେନାହିଁ ଏବଂ ଲୋକେ ପାଣି ପିଇବା ଭୁଲିଯାଆନ୍ତି । ଯେଉଁଥିପାଇଁ ବିନା ଝାଳ ବାହାରି ମଧ୍ୟ ଶରୀରରେ ପାଣିର ଅଭାବ ଦେଖାଦେଇଥାଏ । ଏହି ଜଳାଭାବ ଯୋଗୁଁ କିଡନୀ ପାଣି ବଞ୍ଚାଇବା ପାଇଁ ଆଣ୍ଟିଡାୟୁରେଟିକ୍ ହରମୋନ୍ ସାହାଯ୍ୟରେ ପରିସ୍ରାକୁ ଅଧିକ ଘନୀଭୂତ କରିଦିଏ । ଯାହାଦ୍ୱାରା ପରିସ୍ରାର ରଙ୍ଗ ଗାଢ଼ ହେବା ସହ ଏହାର ମାତ୍ରା କମିଯାଏ ଏବଂ ଦିନ ଶେଷ ବେଳକୁ ମୁଣ୍ଡବିନ୍ଧା, କ୍ଳାନ୍ତି ଓ ମାନ୍ଦାପଣ ଅନୁଭୂତ ହୁଏ । ବିଶେଷ କରି ଯେଉଁମାନେ ଏସିରେ ରହି ବାରମ୍ବାର ଚା' କିମ୍ବା କଫି ପିଅନ୍ତି, ସେଥିରେ ଥିବା କଫିନର 'ଡାୟୁରେଟିକ୍ ପ୍ରଭାବ' ଯୋଗୁଁ ଶରୀରର ଫ୍ଲୁଇଡ୍ ବାଲାନ୍ସ ବିଗିଡ଼ିଯାଏ ଏବଂ ଅନେକ ସମସ୍ୟା ଉପୁଜିଥାଏ । ଏହି ସମସ୍ୟାର ପ୍ରତିକାର ସ୍ୱରୂପ, ଏସିରେ ରହୁଥିବା ଜଣେ ବ୍ୟକ୍ତି ଶୋଷକୁ ଅପେକ୍ଷା ନକରି ଯୋଜନାବଦ୍ଧ ଭାବେ ଦୈନିକ ସାଧାରଣ ମାତ୍ରାଠାରୁ ୩୦୦-୫୦୦ ମିଲିଲିଟର ଅଧିକ ଅର୍ଥାତ୍ ପ୍ରାୟ ୨.୫ ରୁ ୩ ଲିଟର ପାଣି ଅଳ୍ପ ଅଳ୍ପ କରି ପିଇବା ଉଚିତ । ଏହାସହ ଶରୀରକୁ 'ଟେମ୍ପରେଚର ସକ୍'ରୁ ରକ୍ଷା କରିବା ପାଇଁ ହଠାତ୍ ଏସି ରୁମରୁ ଅତ୍ୟଧିକ ଗରମକୁ ନଯାଇ ଧୀରେ ଧୀରେ ବାହାର ପରିବେଶ ସହ ନିଜକୁ ଆଡଜଷ୍ଟ କରିବା ଆବଶ୍ୟକ ରହିଛି ।



## ପୋଲିସ୍ ଭୂମିକାରେ ସାଇ

ବଲିଉଡ୍ ତଥା ସାଉଥ୍ ସୁପରଷ୍ଟାର୍ ଧନୁଷଙ୍କ ଅଭିନୀତ ବହୁପ୍ରତୀକ୍ଷିତ ଆଗାମୀ ସ୍ୱାଏ ଆକ୍ସନ ଡ୍ରାମା ଚଳଚ୍ଚିତ୍ର 'ଡି ୫୫'କୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି । ତେବେ ଏଥିରେ ଅଭିନେତ୍ରୀ ସାଇ ପଲ୍ଲବୀ ଜଣେ ମହିଳା ପୋଲିସ ଅଧିକାରୀ ଭୂମିକାରେ ଦେଖିବାକୁ ମିଳିବବୋଲି ଜଣାପଡିବା ପରେ ଫିଲ୍ମକୁ ନେଇ ଖୁବ ଚର୍ଚ୍ଚା ଆରମ୍ଭ ହୋଇଛି । ରାଜକୁମାର ପେରିଆସାମୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ହାଇ-ପ୍ରୋଫାଇଲ୍ ପ୍ରୋଜେକ୍ଟରେ ସାଇ ପଲ୍ଲବୀ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଥିବା ନେଇ ଆଲୋଚନା ହେଉଛି । ହେଲେ ଏନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ । ଫିଲ୍ମର ସୁଟିଂ ଦ୍ରୁତ ଗତିରେ ଆଗେଇ ଚାଲିଥିବା ବେଳେ ଏହାର ଶୀର୍ଷକ ଧନୁଷଙ୍କ ଚରିତ୍ର ଆଧାରରେ 'ଚେଲିୟାନ୍' ରଖାଯାଇଛି । ମାଲାୟାଲମ୍ ସୁପରଷ୍ଟାର୍ ମାମୁଟି ଏବଂ ଅଭିନେତ୍ରୀ ଶ୍ରୀଲୀଲା ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ । ଏହି ଚଳଚ୍ଚିତ୍ରର ସୁଟିଂ ଜୁଲାଇ ୨୦୨୬ ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି । ଅପରପକ୍ଷରେ, ସାଇ ପଲ୍ଲବୀଙ୍କୁ ରଣବୀର କପୁର ଏବଂ ଯଶ୍‌ଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାମାୟଣ'ରେ ଦେଖିବାକୁ ମିଳିବ ।

## ମଜାକ ପଡ଼ିଲା ମହଙ୍ଗା

ସାଙ୍ଗମାନଙ୍କ ମଧ୍ୟରେ ହୋଇଥିବା ଅଭିମାନ ଓ ରାଗକୁ ନେଇ କରାଯାଇଥିବା ଏକ ମଜାକ ଶେଷରେ ଆଇନଗତ ଅସୁବିଧା ଡାକି ଆଣିଛି ଏବଂ ବନ୍ଧୁମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ସୂଚନା ଅନୁସାରେ, ଉତ୍ତରାଖଣ୍ଡର ଋଷିକେଶ ସହରରେ ଜଣେ ଯୁବକଙ୍କର ତାଙ୍କର ତିନିଜଣ ସାଙ୍ଗଙ୍କ ସହିତ କୌଣସି କାରଣରୁ କଥା କଟାକଟି ହୋଇଥିଲା, ଯାହାପରେ ସେ ସେମାନଙ୍କ ସହ କଥାବାର୍ତ୍ତା ବନ୍ଦ କରିଦେଇଥିଲେ । ବହୁଦିନ ଧରି ଯୋଗାଯୋଗ ନହେବାରୁ ଅଭିମାନୀ ବନ୍ଧୁଙ୍କୁ ମନାଇବା ପାଇଁ ଅନ୍ୟ ସାଙ୍ଗମାନେ ଏକ ଅଦ୍ଭୁତ ଉପାୟ ଆପଣାଇଥିଲେ । ସେମାନେ ଉକ୍ତ ଯୁବକଙ୍କ ଫଟୋ ଲଗାଇ 'ନିଖୋଜ ବିଜ୍ଞପ୍ତି'ର ପୋଷ୍ଟର ଛପାଇ ସହରର ବିଭିନ୍ନ କାନ୍ଥରେ ମାରିଦେଇଥିଲେ ଏବଂ ତାଙ୍କୁ ଖୋଜି ଆଣିଲେ ପୁରସ୍କାର ସ୍ୱରୂପ 'ସିଗାରେଟ୍ ପ୍ୟାକେଟ' ଦିଆଯିବ ବୋଲି ଘୋଷଣା କରିଥିଲେ । ଏହି ପୋଷ୍ଟରର ଭିଡିଓ କରି ସେମାନେ ସୋସିଆଲ ମିଡିଆରେ ଭାଇରାଲ୍ ମଧ୍ୟ କରିଦେଇଥିଲେ, ଯାହା ଶେଷରେ ସମ୍ପୃକ୍ତ ଯୁବକ ଏବଂ ତାଙ୍କ ପରିବାର ଲୋକଙ୍କ ନଜରକୁ ଆସିଥିଲା । ଯୁବକଙ୍କ ପରିବାର ଲୋକେ ଏହି ସଂବେଦନଶୀଳ ଘଟଣାକୁ ଗମ୍ଭୀରତାର ସହ ନେଇ ପୋଲିସରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଯୁବକମାନଙ୍କୁ ଥାନାକୁ ଡକାଇ ପଚରାଉଚରା କରିଥିଲା । ଯଦିଓ ସେମାନେ ସାଙ୍ଗକୁ ମନାଇବା ପାଇଁ କେବଳ ମଜାକରେ ଏଭଳି କରିଥିବା ସ୍ୱୀକାର କରିଛନ୍ତି । ତଥାପି ପୋଲିସ ସେମାନଙ୍କୁ କଡ଼ା ଚେତାବନୀ ଦେବା ସହ ଚାଲାଣ କାଟି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏଭଳି ଦାୟିତ୍ୱହୀନ ମଜାକରୁ ଦୂରେଇ ରହିବାକୁ ଅଧିକାରୀମାନେ ସେମାନଙ୍କ ପରାମର୍ଶ ଦେଇଛନ୍ତି ।

## ସୋସିଆଲ କୋଟ୍ସ



ସେ ଅନୁଭୂତି ସବୁବେଳେ ମୋ ପାଇଁ ମନେ ରହିବ । ଏଠାରେ କେବଳ ତୁମକୁ ଉକ୍ତ ପ୍ରୋସେସ ଉପରେ ଭରସା ରଖିବାକୁ ହେବ ଏବଂ ଫ୍ଲୋଫ୍ଲୋରେ ଯିବାକୁ ହେବ । ଠାକୁରଙ୍କୁ ଧ୍ୟାନ କରିବା ଭଲ ।
ବୈଭବି ମଲହୋତ୍ରା, ଅଭିନେତ୍ରୀ



ଏହା ମୋ ପାଇଁ ଖୁବ ଭାବବିହ୍ୱଳ ସମୟ । ମୋର ବାହାଘର ୯ ବର୍ଷ ପରେ ଭାଙ୍ଗିଛି । ମୁଁ ସୁଟିଂରେ ଥିବା ସମୟରେ ଏହି ଖବର ପାଇଛି ।
ହୁନାର ହଲି, ଅଭିନେତ୍ରୀ



ମା ହେବା ଖୁବ ଭଲ ଅନୁଭୂତି । ସେହିଭଳି ଏହାର ପ୍ରଭାବ କ୍ୟାରିଅର ଉପରେ ପଡିଥାଏ । ଏହାକୁ ଖୁବ ଚତୁରତାର ସହ ମ୍ୟାନେଜ କରିବାକୁ ହୋଇଥାଏ ।
ରୁବିନା ଦିଲେକ, ଅଭିନେତ୍ରୀ



**ମେଷ:** ପ୍ରୀତି ହାନି, ନୂତନ କାର୍ଯ୍ୟରେ ସମସ୍ୟା, ପାରିବାରିକ ଖୁସି, ବନ୍ଧୁ ଲାଭ, ସ୍ୱାଦିଷ୍ଟ ଭୋଜନ, ଉଚ୍ଚ କାର୍ଯ୍ୟ ପାଇଁ ଦୂରଯାତ୍ରା, ଭ୍ରମଣ ଖୁସି, ସମ୍ପତ୍ତି ବିବାଦ, କର୍ମକ୍ଷେତ୍ରରେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ସନ୍ତାନ ଲାଭ, ବିଦ୍ୟାରେ ସଫଳତା । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ ।

**ବୃଷ:** ଯାତ୍ରାରେ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସହଯୋଗ, ଅର୍ଥ କଷ୍ଟ, ଦ୍ରବ୍ୟ ପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ପାରିବାରିକ ସହଯୋଗ, ସମ୍ମାନ ଲାଭ, ପୁରାତନ ବିବାଦ, ସନ୍ତାନ ସମସ୍ୟା । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା- ଶଙ୍କର ଭଗବାନ ।

**ମିଥୁନ:** କାର୍ଯ୍ୟରେ ସଫଳ, ବ୍ୟବସାୟରେ ଲାଭ, ସମ୍ପତ୍ତି ଲାଭ, ଶୁଭ ଖବର, ପାରିବାରିକ ସହଯୋଗ, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଦେବ ଦର୍ଶନ, ଶାରୀରିକ ସୁସ୍ଥ, କର୍ମକ୍ଷେତ୍ରରେ ସଫଳ, ବନ୍ଧୁ ଦର୍ଶନ, ଗୃହେ ଉତ୍ସବ ପାଇଁ ଆଲୋଚନା । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ହନୁମାନ ।

**କର୍କଟ:** ଶୁଭ କାର୍ଯ୍ୟରେ ଧନ ଖର୍ଚ୍ଚ, ବ୍ୟବସାୟରେ ସନ୍ତୁଷ୍ଟ, ନୂତନ କର୍ମ ଆରମ୍ଭ, ପାରିବାରିକ ଖୁସି, ବନ୍ଧୁ ଗୃହକୁ ଯାତ୍ରା, ଅନୁଷ୍ଠାନରୁ ଲାଭ, ଶତ୍ରୁ ସମସ୍ୟା, ଦାମ୍ପତ୍ୟ ଖୁସି, ବ୍ୟକ୍ତି ସାହାଯ୍ୟ, ଦେବକାର୍ଯ୍ୟ ବିଳମ୍ବ, ମାନସିକ ଅବସାଦ । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା- ମା' ଭୁବନେଶ୍ୱରୀ ।

**ସିଂହ:** ସୁସମାଚାର, ମାନସିକ ଶାନ୍ତି, ସମ୍ମାନ ପ୍ରାପ୍ତି, ଲୋକସମ୍ପର୍କରେ ଉନ୍ନତି, ଦେବ ଦର୍ଶନ, ଶାରୀରିକ ସୁସ୍ଥ, କର୍ମକ୍ଷେତ୍ରରେ ସମ୍ମାନ, ପଦାଧିକାରିଙ୍କ ସହିତ ଶୁଭ ଆଲୋଚନା, ବିଦ୍ୟାରେ ସଫଳ, ଅନୁଷ୍ଠାନରୁ ଲାଭ, ଖୁସିର ଦିନ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**କନ୍ୟା:** ଅଯଥା ଖର୍ଚ୍ଚ, ଶତ୍ରୁ ସମସ୍ୟା, ଭ୍ରମଣ କଷ୍ଟ, ଭ୍ରାତୃ ସ୍ନେହ, ପାରିବାରିକ ସହଯୋଗ, ଲୋକସମ୍ପର୍କ ବୃଦ୍ଧି, ତୀର୍ଥ ଯାତ୍ରା, କିଛି କାର୍ଯ୍ୟରେ ବିବାଦ, କଚେରି ମାମଲା, ବ୍ୟବସାୟିକ କଷ୍ଟ, ଦାମ୍ପତ୍ୟ ଖୁସି, ଚୋରି ଯିବା ଭୟ । ଉତ୍ତରା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ତୁଳା:** ଭ୍ରମଣ ସୁଖ, ଖୁସିଖବର, ଦାମ୍ପତ୍ୟ ସୁଖ, ସମ୍ମାନ ଲାଭ, ସମ୍ପତ୍ତି ବିବାଦ, ପାରିବାରିକ ଖୁସି, ସ୍ୱାଦିଷ୍ଟ ଭୋଜନ, ଉଚ୍ଚ ଆଶା ସଫଳ, ଦେବଦର୍ଶନ, ଗୁରୁଜନଙ୍କ ସ୍ନେହ, ଅତିଥି ସତ୍କାର, ବିଦ୍ୟାରେ ସଫଳ, କର୍ମକ୍ଷେତ୍ରରେ ସହଯୋଗ, ପଡ଼ିଶା ଗଣ୍ଡଗୋଳ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା- ମା' ପାର୍ବତୀ ।

**ବିଛା:** ଖୁସି ଖବର, ବ୍ୟବସାୟରେ ଲାଭ, ବ୍ୟକ୍ତି ସାହାଯ୍ୟ, ଅର୍ଥ ପ୍ରାପ୍ତି, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ପରିବାର ସହ ମତାନ୍ତର, କର୍ମ କ୍ଷେତ୍ରରେ ଶୁଭ ଖବର, ସମ୍ମାନ ବୃଦ୍ଧି, ବନ୍ଧୁ ଖୁସି, ଶତ୍ରୁ ବୃଦ୍ଧି, ଦାମ୍ପତ୍ୟ ଖୁସି, ସନ୍ତାନ ଲାଭ, ଦ୍ରବ୍ୟ ଲାଭ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** କାର୍ଯ୍ୟରେ ବାଧା, ଦ୍ରବ୍ୟ ନଷ୍ଟ, ବନ୍ଧୁ ସହଯୋଗ, ଅର୍ଥ ସମସ୍ୟା, ଅନୁଷ୍ଠାନରୁ ଲାଭ, ସନ୍ତାନ ସମସ୍ୟା, ଦୂରଯାତ୍ରା ସଫଳ, ପାରିବାରିକ ବିରୋଧ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅପମାନ ଯୋଗ, ଶତ୍ରୁ ସମସ୍ୟା, ସମ୍ପତ୍ତି ଲାଭ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧବଳ, ସଂଖ୍ୟା-୭, ଆରାଧନା- ଗୁରୁଜନଙ୍କ ସେବା ।

**ମକର:** ଯାତ୍ରାରେ ସତର୍କ, ବ୍ୟବସାୟିକ କଷ୍ଟ, ତୀର୍ଥଯାତ୍ରା ସଫଳ, ବନ୍ଧୁ ଦର୍ଶନ, ଦେବକାର୍ଯ୍ୟ ପ୍ରତି ଆଲୋଚନା, ମନାନ୍ତର, ଶତ୍ରୁ ସମସ୍ୟା, ବ୍ୟୟ ବୃଦ୍ଧି, ମାନସିକ ଦ୍ୱନ୍ଦ୍ୱ, ଉଚ୍ଚ ଆଶାରେ ବାଧା, ନୂତନ କର୍ମ ପ୍ରତି ଆଗ୍ରହ, ଲୋକସମ୍ପର୍କରେ ଖୁସି । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୬, ଆରାଧନା- ଗ୍ରାମଦେବତୀ ।

**କୁମ୍ଭ:** ସମ୍ପର୍କରେ ଉନ୍ନତି, ବ୍ୟବସାୟିକ ଲାଭ, ଶୁଭ ଖବର, ଶାରୀରିକ ସୁସ୍ଥ, ସମ୍ପତ୍ତି ଲାଭ, ଦୂର ଯାତ୍ରା ସଫଳ, ଦାମ୍ପତ୍ୟ ଖୁସି, କର୍ମକ୍ଷେତ୍ରରେ ମନାନ୍ତର, ଉଚ୍ଚ ଆଶା ସଫଳ, ଅର୍ଥାଦି ଲାଭ, ବାନ୍ଧବୀ ଲାଭ, ସନ୍ତାନ ଖୁସି, ଗୃହେ ଶୁଭ ଆଲୋଚନା । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୯, ଆରାଧନା- ମା' ବଗଳାମୁଖୀ ।

**ମୀନ:** ଦ୍ରବ୍ୟ ଲାଭ, ଗୃହେ ସହଯୋଗ, ଶାରୀରିକ ସୁସ୍ଥ, ଦେବଦର୍ଶନ, ନୂତନ କାର୍ଯ୍ୟ ଆରମ୍ଭ, ସମ୍ମାନ ଲାଭ, ଦୂରଯାତ୍ରା ସଫଳ, ବିଦ୍ୱାନ ବ୍ୟକ୍ତିଙ୍କ ସାହାଯ୍ୟ, ଗୃହଜଞ୍ଜାଳ ବୃଦ୍ଧି, ଶୁଭ ଖବର, ଦାମ୍ପତ୍ୟ କଳହ । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମା' ବାଟମଙ୍ଗଳା ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ଅମାବାସ୍ୟା**
**୧୫.୬.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ରଜ ମହୋତ୍ସବ

# ସମ୍ବର୍ଦ୍ଧିତ ହେଲେ ସଫଳ ମହିଳା

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ,ରାଜ୍ୟ ସଂଗ୍ରହାଳୟ ଠାରେ ଏକ,ଭବ୍ୟ ଦିବ୍ୟ ରଜ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଯୋଗ ଦେଇଥିବାବେଳେ, ପ୍ରକୃତି ଓ ସଂସ୍କୃତି ସମନ୍ୱୟର ପର୍ବ ରଜ ,ସମ୍ପର୍କରେ ଉଦବୋଧନ ଦେଇଥିଲେ। ଗାଁରୁ ସହର ଦୂରତା କମି ଗଲାଣି ଓ ରଜ ସହରାଞ୍ଚଳ ରେ ମଧ୍ୟ ଧୁମ୍ ଧାମ ରେ ପାଳନ ହେଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍ ର ସଭାପତି ସମୀର ମହାନ୍ତି , ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିବା ବେଳେ ,ମଞ୍ଚ ପରିଚାଳନା ଡା.ପ୍ରୀତି ପ୍ରତିମା ଭୋଳ ଓ ମନୋରଞ୍ଜନ ଷଡ଼ଙ୍ଗୀ କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ପରିବାରର ଅଧକ୍ଷ ସର୍ଜନ



ଶର୍ମା ସଭାପତିତ୍ୱ କରିଥିଲେ । 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି, ଶିଳ୍ପପତି ସସ୍ମିତା ସୂତାର , ଶବ ଦାହାକ ରଞ୍ଜନା ଦେଇ, ପର୍ବତ ଆରୋହୀ ବିବରଣୀ ପତ୍ର ଓ କବୟତ୍ରୀ ବିଜୟାଲକ୍ଷ୍ମୀ ପଟ୍ଟନାୟକ, ରାଜ୍ୟ ସଂଗ୍ରାହଳୟ ଅଧାକ୍ଷକ ଭାରତୀ ପାଲ୍ ପ୍ରମୁଖ ସଫଳ ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ପରି ପ୍ରେକ୍ଷିରେ କୁନି କୁନି ଝିଅ ମାନଙ୍କ ଦ୍ୱାରା ରଜ ସଜବାଜ, କନ୍ୟା ପୂଜନ ଚିତ୍ରାଙ୍କନ ତଥା ମହିଳା ମାନଙ୍କୁ ନେଇ ଭବ୍ୟ ପୁଚି ଓ ହୁଳହୁଳିର ଆସର ଦେଖିବାକୁ ମିଳିଥିଲା। ଶେଷରେ କବି ସମ୍ମିଳନୀ ଓ ରଜ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କଣ୍ଠ ଶିଳ୍ପୀ ସୁସ୍ମିତା ଦାସ ଅତିଥି ଭାବେ ଯୋଗ ଦେଇ ପୁରାତନ ସଙ୍ଗୀତ ଗାନ କରି ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କବି ଉପସ୍ଥିତ ଥିଲେ । ଶେଷରେ ମନୋରଞ୍ଜନ ପାଣିଗ୍ରାହୀ ,ପ୍ରକୃତି ଓ ସଂସ୍କୃତି ସମନ୍ୱୟ ର ପର୍ବ ରଜ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ଏହି ଅବସରରେ ସମସ୍ତ କବି ଓ କବୟତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । କାଳନ୍ଦୀସାମଲ,ପ୍ରତାପ ପାଣି, ସଙ୍ଗୀତା ଦାଶ, ଅଞ୍ଜନ କୁମାର ଦେବତା, କୃପାସିନ୍ଧୁ ମହାନ୍ତି, କୁଳମଣି ରାଉତ, ଲକ୍ଷ୍ମଣ ପାଲ୍, ସାଧୁ ଚରଣ ବେହେରା, ରାକେଶ ପାଢୀ, ଅକ୍ଷୟ କୁମାର ବଳିୟାରସିଂହ, ସଂଗ୍ରାମ ସ୍ୱାଇଁ, ଗୀତା ରାଣୀ ବେହେରା,ସୁବ୍ରତ କିଶୋର ନାୟକ, ତ୍ରିଗୁଣ ଦାସ ମହାପାତ୍ର, ସୁଜିତ ଦାସ, ଭବାନୀ ମିଶ୍ର ,ରଜମିତ୍ରା ପ୍ରହରାଜ,ଆରତୀ ମିଶ୍ର ଓ ସୁରେଶ ସାହୁ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ ।

### ଏନ୍‌ପିସିସି ଦକ୍ଷିଣ-ପୂର୍ବ ଜୋନର

# ଜୋନାଲ ମ୍ୟାନେଜର ଦାୟିତ୍ୱ ଗ୍ରହଣ କଲେ ଜଗତ୍‌ଭିର୍ ଚୌଧାରୀ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅଧିନସ୍ଥ ରାଷ୍ଟ୍ରାୟତ ଉଦ୍ୟୋଗ ନ୍ୟାସନାଲ ପ୍ରୋଜେକ୍ଟ କନ୍‌ଷ୍ଟ୍ରକ୍ସନ୍ କର୍ପୋରେସନ୍ ଲିମିଟେଡ୍ (ଏନ୍‌ପିସିସି)ର ଦକ୍ଷିଣ-ପୂର୍ବ ଜୋନ୍‌ର ଜୋନାଲ ମ୍ୟାନେଜର ଭାବେ ଜଗତ୍‌ଭିର୍ ଚୌଧାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବିଦାୟୀ ଜେନେରାଲ ମ୍ୟାନେଜର ସୌମିତ୍ର ଦାସଙ୍କ ଠାରୁ ଦାୟିତ୍ୱ ନେଇଛନ୍ତି। ଏହି ଅବସରରେ ଏନ୍‌ପିସିସିର ଅଧିକାରୀ ଓ କର୍ମଚାରୀମାନଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉତ୍ତମ କାର୍ଯ୍ୟକାଳ କାମନା କରାଯାଇଥିଲା। ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକରେ ଯୋଜନା ଓ କାର୍ଯ୍ୟକାରିତା କ୍ଷେତ୍ରରେ ଶ୍ରୀ ଚୌଧାରୀଙ୍କର ବେଶ୍ ଦକ୍ଷତା ରହିଛି। ତାଙ୍କ ନେତୃତ୍ୱରେ ଏନ୍‌ପିସିସି ଅଧିକ ସୁଦୃଢ଼ ହେବା ସହିତ ଗୁଣାତ୍ମକ ପ୍ରକଳ୍ପ ଓ ସାଧାରଣ ସେବା କ୍ଷେତ୍ରରେ ସମୟପୋଯୋଗୀ ପଦକ୍ଷେପ ନେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ ଯେ, ସମଗ୍ର ଦେଶରେ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରିତା କ୍ଷେତ୍ରରେ



ଏନ୍‌ପିସିସିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଇଞ୍ଜିନିୟରିଂ ଓ ପ୍ରେଜେକ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଉତ୍କର୍ଷତା ଦ୍ୱାରା ଦେଶ ନିର୍ମାଣରେ ସହାୟକ ହୋଇଆସୁଛି।

# ପୂର୍ବ ଶତ୍ରୁତାରୁ ଗୁଳିମାଡ଼ : ଜଣେ ମୃତ

ଗଣିଆ ,(ସବ୍ୟୁ): ନୟାଗଡ଼ ଜିଲଲା ଗଣିଆ ଥାନା ଅର୍ନ୍ତର୍ଗତ ପାଣ୍ଡରାସିଂହା ଗ୍ରାମରେ ରବିବାର ସନ୍ଧ୍ୟାରେ ଗୁଳିମାଡ଼ ହୋଇଛି । ଏହି ଗୁଳିମାଡ଼ ଜଣେ ଯୁବକଙ୍କ ମୃତ ଘଟିଛି । ମୃତକ ଜଣକ ହେଲେ କିଶୋରପ୍ରସାଦ ପଞ୍ଚାୟତର ପତୁରିଆ ଗ୍ରାମର ରବୀନ୍ଦ୍ର ନାୟକ (୨୮) । ରବୀନ୍ଦ୍ର ପାଣ୍ଡରାସିଂହା ଛକରେ ବାଇକ ଗ୍ୟାରେଜ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ । ମିଳିଥିବା ସୁଚନା ଅନୁସାରେ ରବୀନ୍ଦ୍ର ନିଜ ଗ୍ୟାରେଜରେ ବସିଥିବାବେଳେ ହଠାତ ଏକ କାରରେ ୩ଜଣ ଦୁର୍ବୃତ ଆସି ଗ୍ୟାରେଜ ଭିତରକୁ ଯାଇ ସାମ୍ନାରୁ ରବୀନ୍ଦ୍ରକୁ ଗୁଳି କରି ଫେରାର ହୋଇଯାଇଥିଲେ । ରବୀନ୍ଦ୍ରଙ୍କ ଡାହାଣପାଖ ଛାତିରେ ଗୁଳି ବାଜିଥିବାବେଳେ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକମାନେ ରବୀନ୍ଦ୍ରଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ଘଟଣାସ୍ଥଳରେ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଏଏସଆଇ ସାହା ଆଲାମ ଖାଁ ପହଚି ଶବକୁ ଜବତ କରିବା ସହିତ ତଦନ୍ତ ଜାରି ରଖିଛନ୍ତି ।

# ଯୁବକଙ୍କୁ ଛୁରାମାଡ଼ କରି ଅଭିଯୁକ୍ତ ଫେରାର୍

ତିହିଡ଼ି,(ସବ୍ୟୁ): ଧୂଷୁରୀ ଥାନା ଅଧୀନ ବମକୁରା ପଞ୍ଚାୟତରେ ସରକାରୀ ରାସ୍ତା ମରାମତି କାମକୁ କେନ୍ଦ୍ର କରି ଏକ ଅଭାବନୀୟ ଘଟଣା ଘଟିଛି । ସୂଚନା ଅନୁସାରେ, ରାସ୍ତା ମରାମତି କାର୍ଯ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଗଙ୍ଗାଧର ତରାଇଙ୍କୁ ପ୍ରଫୁଲ୍ଲ କୁମାର ମହାନ୍ତି ଛୁରାମାଡ଼ କରିଥିବା ଅଭିଯୋଗ ହୋଇଛି । ଗୁରୁତର ଆହତ ଗଙ୍ଗାଧର ତରାଇଙ୍କୁ ପ୍ରଥମେ ଧୂଷୁରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ, ସେଠାରୁ କଟକ ସ୍ଥିତ ସରକାରୀ ମେଡିକାଲ ଏବଂ ପରବର୍ତ୍ତୀ ସମୟରେ ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି । ତାଙ୍କ ପେଟରେ ଗୁରୁତର ଛୁରା ଆଘାତ ଲାଗିଥିବାରୁ ସେ ଏବେ ମଧ୍ୟ ଚିକିତ୍ସାଧୀନ ଅଛନ୍ତି ।

### ରଜ ଆସିଲା, ଚାଷ ଆରମ୍ଭ ହେଲାନି

# ମୌସୁମୀ ବର୍ଷାକୁ ଚାହିଁ ବସିଛନ୍ତି ଚାଷୀ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଆ ପରମ୍ପରା ଅନୁସାରେ ମୌସୁମୀ ବାୟୁର ଆଗମନ ସହିତ ପ୍ରଥମ ବର୍ଷା ଜଳ ପାଇ ଜମିର ଶୁଖିଲା ମାଟି ଆର୍ଦ୍ର ହୋଇଥାଏ । ଯାହାକୁ ଧରିତ୍ରୀ ମାତାଙ୍କ ରଜସ୍ୱଳା ସମୟ ବୋଲି ବିଶ୍ୱାସ କରାଯାଏ । ଏହି ସମୟରେ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦିଆଯାଏ । ତିନି ଦିନ ଧରି ରଜ ପର୍ବ ପାଳନ ହୋଇଥାଏ । ଚତୁର୍ଥ ଦିନରେ ବସୁମତୀ ସ୍ନାନ ବା ମାଟି ମା'କୁ ହଳଦୀ-ପାଣିରେ ସ୍ନାନ କରାଇ ପୂଜା କରିବା ପରେ ଚାଷ କାର୍ଯ୍ୟର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ କରଥାନ୍ତି । ହେଲେ ବର୍ଷା ଅଭାବରୁ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନି ଖରିଫ ଚାଷ । ଯାହାକୁ ନେଇ ଚିନ୍ତାରେ ଚାଷୀ ।

ତିନି ଦିନ ତଳୁ ମୌସୁମୀ ଛୁଇଁଥିଲେ ବି ବର୍ଷାର ଦେଖା ନାହିଁ । ଆକାଶରେ ମେଘ ଦେଖାଯାଉଥିଲେ ବି ଠାଏ ଠାଏ ହେଉଛି । ସବୁଠି ବର୍ଷା ହେଉନି । ବିଶେଷକରି ଓଡ଼ିଶାର ଭାତ ହାଣ୍ଡି କୁହାଯାଉଥିବା ବରଗଡ଼, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ସମେତ ପଶ୍ଚିମ ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରୁ ଉଭାନ ହୋଯାଇଛି ବର୍ଷା । ଦକ୍ଷିଣ ଓଡ଼ିଶାରେ ବି ସମାନ ସ୍ଥିତି । ବର୍ଷା ଅଭାବରୁ ଶୁଖିଲା ପଡିଛି ବିଲଛ ପଡ଼ିଛି ପଡ଼ିଆ । ଏପର୍ଯ୍ୟନ୍ତ ଜମିରେ ଲଙ୍ଗଳ ମୁନ ବାଜିନି । ଚାଷର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇନି । ଏହାକୁ ଦେଖି ଚିନ୍ତାରେ ଚାଷୀ ।

ଚଳିତ ମାସରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଥିବାରୁ ଏବେ ମୌସୁମୀ ବର୍ଷାକୁ ସମସ୍ତଙ୍କ ଅପେକ୍ଷା । ବର୍ଷା ହେଲେ ଆରମ୍ଭ ହେବ ହଳ, ବିହନ ବୁଣା, ତଳି ପକା କାର୍ଯ୍ୟ । ଚାଲିବ ରୁଆ ବେଉଷା । ବର୍ଷା ନହେଲେ ବିହନ ବୁଣା ଓ ତଳି ପକା କାର୍ଯ୍ୟ ଆହୁରି ବିଳମ୍ବ ହେବ । ଯାହାର ସିଧା ପ୍ରଭାବ ଚାଷ ଉତ୍ପାଦନ ଉପରେ ପଡ଼ିବା ନେଇ ଆଶଙ୍କା କରାଯାଉଛି ।

ଅନ୍ୟପଟେ ସତର୍କ କରିଛନ୍ତି କୃଷି ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ । ସେ କହିଛନ୍ତି, ୭୫ ମିଲିମିଟରରୁ କମ୍ ବର୍ଷା ହେଲେ ବିହନ ବୁଣନ୍ତୁ ନାହିଁ । ଗଜା ମରୁଡ଼ି ହେବାର ଆଶଙ୍କା ରହିଛି । ପାଣିପାଗ ବିଭାଗର ଆକଳନ ଅନୁସାରେ ୨୦ରୁ ୨୨ ପରେ ସାରାରାଜ୍ୟରେ ମୌସୁମୀ ବର୍ଷା ହେବ । କିନ୍ତୁ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇପାରେ । ତେବେ ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଆସନ୍ତାକାଲି(ସୋମବାର) ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାରେ ବର୍ଷା ସଂଗକୁ ଘଡଘଡ଼ି ଓ ପବନ ବହିବ ।

# ବିବାହିତା ମହିଳାଙ୍କୁ ପ୍ରେମ କରି ଯୁବକ କଲା ଆତ୍ମହତ୍ୟା

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲା ସୋସୋ ଥାନା ବଣିଆପଙ୍କ ଗ୍ରାମ ନିକଟରେ ଶନିବାର ଜଣେ ଯୁବକ ଜଣେ ବିବାହିତା ମହିଳାଙ୍କୁ ପ୍ରେମ କରି ଧୋକା ଖାଇବାରୁ ଶେଷରେ ଆତ୍ମହତ୍ୟା କରିଛନ୍ତି । ଯୁବକ ଜଣକ ବାଲେଶ୍ୱର ଜିଲା ଖଇରା ଥାନା ଓସ୍ତପାଳ ଗ୍ରାମର ବାପି ସିଂ ପୁଅ ବବୁଲ (୨୦) ଅଟନ୍ତି । ଯୁବକଙ୍କ ମା' ଶାନ୍ତି ସିଂ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ନଂ ୯/୨୦୨୬ ପଞ୍ଜୀକରଣ କରି ମୃତଦେହ ଜବତ କରିଛି । ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଘଟଣାସ୍ଥଳରେ ଆନନ୍ଦପୁର ଏସଡ଼ିପିଓ କମଳ କୁମାର ପଣ୍ଡା ଏବଂ ସୋସୋ ଥାନାଧିକାରିଣୀ କାନନ ସାହୁ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ।ଏସିଁପିଓ ପଣ୍ଡା କହିଛନ୍ତି ଯେ, ଯୁବକ ଜଣକର ଜଣେ ବିବାହିତା ମହିଳାଙ୍କ ସହ ପ୍ରେମ ସମ୍ପର୍କ ଥିଲା । କିଛି ଦିନ ପୂର୍ବେ ଉଭୟ ଘର ଛାଡି ଫେରାର ହୋଇ ଯାଇଥିଲେ । ମହିଳାଙ୍କ ସ୍ୱାମୀ ନିଜ ସ୍ତ୍ରୀକୁ ଯୁବକଙ୍କ କବଳରୁ ଉଦ୍ଧାର କରିଥିଲେ । ଫଳରେ ଯୁବକ ଜଣକ ମାନସିକ ଚାପରେ ରହି ଏକ ଗଛରେ ଓଢ଼ଣୀ ଦ୍ୱାରା ଆତ୍ମହତ୍ୟା କରିଛନ୍ତି ।

# ବିଲରୁ ଅଚିହ୍ନା ମହିଳାଙ୍କ ମୃତଦେହ ଜବତ

ହାଟଡିହୀ/ଆନନ୍ଦପୁର,(ସବ୍ୟୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ତରତରା ଅଞ୍ଚଳରୁ ଜଣେ ପ୍ରାୟ ୪୫ ବର୍ଷ ବୟସ୍କା ମହିଳାଙ୍କ ମୃତଦେହ ଏକ ବିଲରୁ ଉଦ୍ଧାର ହୋଇଛି । ମୃତଦେହ ପଚି ଯାଇଥିବା ବେଳେ ପୋକ ସାଲୁବାଲୁ ହୋଇଥିବା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି । ମୃତ ଦେହର ପରିଚୟ ଜଣାପଡ଼ିନାହିଁ । ପୋଲିସ ମାମଲା ନଂ ୧୯/୨୦୨୬ ରୁଜୁ କରିଛି । ବିଧିବଦ୍ଧ ଭାବେ ଇନPଓ୍ୱାରୀ କାର୍ଯ୍ୟ ସମ୍ପନ୍ନ କରିବା ପରେ ମୃତଦେହକୁ ପୋଷ୍ଟମର୍ଟମ ପରୀକ୍ଷା ନିମନ୍ତେ ଫରେନ୍ସିକ ମେଡିସିନ ଓ ଟକ୍ସିକୋଲୋଜି ବିଭାଗର ଡାକ୍ତରଙ୍କ ନିକଟକୁ ପ୍ରେରଣ କରାଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ୪ରୁ ୫ ଦିନ ପୂର୍ବେ ମୃତ ମହିଳା ଜଣକ ଏ ଅଞ୍ଚଳରେ ବୁଲୁଥିଲେ ।

# ଗୁଣି ଗାରେଡି ସନ୍ଦେହ : ପନିକିରେ ମା କୁ ହତ୍ୟା କଲା ପୁଅ

ବନ୍ତ,(ସବ୍ୟୁ): ରବିବାର ଭଦ୍ରକ ଜିଲା ବନ୍ତ ଥାନା ଅଧିନ ଜିରିଣା ଗ୍ରାମରେ ଗୁଣି ଗାରେଡିରେ ମାଆ ସମ୍ପୃକ୍ତ ଥିବା ସନ୍ଦେହ କରି ମାଆକୁ କୁରାଢି ଓ ପନିକିରେ ପୁଅ ହତ୍ୟା କରିଥିବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ଜଣକ ଗଦାଧର ସାହୁଙ୍କ ପନୀ ପୁଷ୍ପାରାଣୀ ସାହୁ(୫୫) ହୋଇଥିବାବେଳେ ହତ୍ୟାକାରୀ ପୁଅ ପ୍ରୀତମ କୁମାର ସାହୁ(୨୬) ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି। ପୋଲିସ ସୂଚନା ଅନୁଯାୟୀ,ପୂର୍ବାହ୍ନ ପ୍ରାୟ ୧୧ଟା ୧୫ମି ବେଳେ ପ୍ରୀତମ ତାଙ୍କ ମାଆକୁ ପୂର୍ବ ଶତ୍ରୁତା ଯୋଗୁଁ କୁରାଢି ଓ ପନିକିରେ ଆକ୍ରମଣ କରିଥିଲେ। କାରଣ ତାଙ୍କ ମାଆ ଗୁଣି ଗାରେଡିରେ ସମ୍ପୃକ୍ତ ଥିବା ସନ୍ଦେହ କରିଥିଲେ। ଆକ୍ରମଣ ଫଳରେ ପୁଷ୍ପାରାଣୀଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀରକୁ ଜବତ କରିବା ସହ ସାକ୍ଷୀ ମାନଙ୍କ ଠାରୁ ବୟାନ ରେକର୍ଡ କରି ହତ୍ୟାରେ ବ୍ୟବହୃତ କୁରାଢି ଓ ପନିକିକୁ ଜବତ କରିଥିଲା। ସେହିପରି ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ କରିଥିଲା। ଏହି ଘଟଣାରେ ଗଦାଧର ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ୧୯୨/୨୬ ମୂଳେ ମାମଲା ରୁଜୁ କରି ପ୍ରୀତମକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ପୋଲିସ ଜବତ କରିଥିବା ଶବକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାଯାଇଛି ।

# ପହିଲି ରଜରେ ନନ୍ଦନକାନନ ବୁଲିଲେ ୨୯ ହଜାର ପର୍ଯ୍ୟଟକ

ବାରଙ୍ଗ ,(ସବ୍ୟୁ): ପହିଲି ରଜରେ ନନ୍ଦନକାନନ ପ୍ରାଣୀଉଦ୍ୟାନ ବୁଲିଲେ ୨୭ ହଜାର ୧୯୨ ପର୍ଯ୍ୟଟକ । ସେହିପରି ରାଜ୍ୟ ଉଦ୍ଭିଦ ଉଦ୍ୟାନ ବୁଲିଲେ ୨ହଜାର ୧୮୮ ପର୍ଯ୍ୟଟକ । ଉଭୟ ପାର୍କକୁ ସମୁଦାୟ ୨୯ହଜାର ୩୮୦ ଜଣ ପର୍ଯ୍ୟଟକ ଆସିଥିଲେ । ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବୃଦ୍ଧି ପାଇଛି ।୨୦୨୪ ମସିହା ରେ ପ୍ରଥମ ରଜରେ ୧୭ହଜାର ୪୪୬ ପର୍ଯ୍ୟଟକ ନନ୍ଦନକାନନ ବୁଲିଥିବା ବେଳେ ଗତବର୍ଷ ୨୩ହଜାର ୦୮୦ ଆସିଥିଲେ । ଗତବର୍ଷ ପହିଲି ରଜ ଠାରୁ ଚଳିତବର୍ଷ ୪ହଜାର ୧୧୨ ଜଣ ପର୍ଯ୍ୟଟକ ଅଧିକ ଆସିଛନ୍ତି । ସେହିପରି ଗତବର୍ଷ ପ୍ରଥମ ରଜ ରେ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୧ହଜାର ୭୭୬ ପର୍ଯ୍ୟଟକ ଆସିଥିବା ବେଳେ ଚଳିତ ବର୍ଷ ୪୧୨ ଜଣ ପର୍ଯ୍ୟଟକ ଅଧିକ ଆସିଛନ୍ତି । ରଜ ପାଇଁ ପୂର୍ବରୁ ନନ୍ଦନକାନନ ସଜେଇ ହୋଇରହିଥିଲା ।ଏହାକୁ ମନଭରି ଉପଭୋଗ କରିଥିଲେ ପର୍ଯ୍ୟଟକମାନେ ।ପ୍ରାଣୀଉଦ୍ୟାନ ଭିତରେ ଥିବା ବାଘ,ସିଂହ, ଭାଲୁ ,ଜିରାଫ,ସିମ୍ପାଜି,ପାଦଚଲା ବିହଙ୍ଗ ସରଣୀ ସହ ସଫାରୀର ମଜା ଉଠାଇଥିଲେ ।ମାଛଘର ଓ ବ୍ୟାଟେରିଚାଳିତ ଗାଡିରେ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ଭିଡ ଲାଗି ରହିଥିଲା ।ଶିଶୁ ଉଦ୍ୟାନରେ ବହୁ ପିଲାମାନେ ଦୋଳି,ଚକ୍ରି,ଖସଡା ଆଦି ଖେଳି ମଜା ଉଠାଇଥିଲେ । ବିଶେଷ କରି ପହିଲି ରଜ ପାଇଁ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ହେବାର ଆଶଙ୍କା କରି ନନ୍ଦନକାନନ କର୍ତ୍ତୃପକ୍ଷ ବିଶେଷ ସୁବିଧା କରିଥିଲେ । ପର୍ଯ୍ୟଟକ ଙ୍କ ସୁରକ୍ଷା କୁ ଓ ସେମାନଙ୍କ ସହାୟତା କରିବା ପାଇଁ ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ (କ୍ୱଔଗଏ) ଏବଂ ପୂର୍ବତନ ସେନା କର୍ମଚାରୀଙ୍କ ସମେତ ମୋଟ ୧୦୪ ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା ।ଗ୍ରୀଷ୍ମ ଋତୁରେ ପରିଦର୍ଶକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ, ୧୩ଟି ସ୍ଥାୟୀ ଏବଂ ୧୮ଟି ଅତିରିକ୍ତ ଅସ୍ଥାୟୀ ଷ୍ଟେସନ ସହିତ ୩୧ଟି ପାନୀୟ ଜଳ ପଏଣ୍ଟ ଯୋଗାଇ ଦିଆଯାଇଥିଲା ।ପାର୍କର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଚାଲୁଥିବା ରକ୍ଷଣାବେକ୍ଷଣ କାର୍ଯ୍ୟକୁ ବିଚାରକୁ ନେଇ ପରିଦର୍ଶକଙ୍କ ସୁଗମ ପରିବହନକୁ ସୁବିଧାଜନକ କରିବା ପାଇଁ କିଛି ପଥ ପୁନଃଗଠିତ କରାଯାଇଥିଲା ।ଏହା ବ୍ୟତୀତ, ଦିନସାରା ଭିଡ଼ ପରିଚାଳନା, ମାର୍ଗଦର୍ଶନ ଏବଂ ପରିଦର୍ଶକ ସହାୟତା ପ୍ରଦାନ କରିବାରେ ଚିଡ଼ିଆଖାନା ପରିଚାଳନାକୁ ସମର୍ଥନ କରିବା ପାଇଁ ୩୦ ଜଣ ଚିଡ଼ିଆଖାନା ସେଓ୍ୱଚ୍ଛାସେବୀ କାର୍ଯ୍ୟରେ ନିୟୋଜିତ ଥିଲେ । । ଅନ୍ୟପଟେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ସୋମବାର ଖୋଲା ରହିବା ସହିତ ମଙ୍ଗଳବାର ଦିନ ବନ୍ଦ ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।





ସମୟ



ବିଶ୍ୱ ଓଡ଼ିଆ ପରିବାରର ରଜ ମହୋତ୍ସବରେ ଦୋଳି ଖେଳୁଛନ୍ତି ବାଚସ୍ପତି ସୁରମା ପାଢ଼ୀ



କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ବୃନ୍ଦ

## ଜଳ ବିଭାଜିକା ପ୍ରକଳ୍ପ ଲୋକାର୍ପିତ

ଆଠଗଡ,(ସବ୍ୟୁ): କଟକ ଜିଲ୍ଲା ଆଠଗଡ଼ ବ୍ଲକ ତିନି ନମ୍ବର ଜୋନ ରେ ଏଗାର ଗୋଟି ପଞ୍ଚାୟତ ଭିତରୁ ଧୂରୁଷିଆ ଜଳ ବିଭାଜିକା କମିଟି ଦ୍ୱାରା ନିର୍ମିତ ୧୪ ଲକ୍ଷ ୭୧ ହଜାର ଓ ମେଘା ଜଳ ବିଭାଜିକା କମିଟି ଦ୍ୱାରା ନିର୍ମିତ ୧୫ ଲକ୍ଷ ୮୭ ହଜାର ଅଟକଳ ମୂଲ୍ୟରେ ଦୁଇ ଗୋଟି ଆଡିବନ୍ଧ କୁ ଆଠଗଡର ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ଶନିବାର ଦିନ କଟକିଆସାହି ଠାରେ ଆଠ ଗୋଟି ଜଳବିଭାଜିକା ଅଧୀନରେ ଉପକୃତ ହେଉଥିବା ଚାଷୀ ମାନଙ୍କୁ ନେଇ ଅନୁଷ୍ଠିତ ଏକ କୃଷି କର୍ମଶାଳାରେ ମେଘା ଜଳବିଭାଜିକା କମିଟି ସମ୍ପାଦକ ଦେବରାଜ ପ୍ରଧାନ ସଭାପତିତ୍ୱ କରିଥିଲେ । ଏଥିରେ ବିଧାୟକ ଶ୍ରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଥିବା ଚାଷୀ ଭାଇ ଭଉଣୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇ ଥିଲେ । ଏହି ଅବସରରେ ଜଳ ବିଭାଜିକା ବିଭାଗ ତରଫରୁ ଅଗ୍ରଣୀ ୧୩୪୨ ଜଣ ଚାଷୀଙ୍କୁ ଦଶ ହଜାର ଲେଖାଏଁ ଏବଂ ମହିଳାଙ୍କୁ କୃଷି କାର୍ଯ୍ୟରେ ସ୍ୱାବଲମ୍ବୀ ପାଇଁ ବିନା ସୁଧ ରେ ୪୧୨ ସ୍ୱୟଂ ସହାୟକ ଗୋଷ୍ଠି କୁ ୪୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ।

### ଏସ୍‌ଏସ୍‌ଡବ୍ଲ୍ୟୁଓର ୨ୟ ବାର୍ଷିକଉତ୍ସବ

## ମହିଳା ସଶକ୍ତିକରଣ ଓ ଶିଶୁ ବିକାଶ ଉପରେ ଗୁରୁତ୍ୱାରୋପ

କଟକ,(ସବ୍ୟୁ):ସମାଜର ସାମଗ୍ରିକ ବିକାଶ ପାଇଁ ମହିଳା ସଶକ୍ତିକରଣ ଓ ଶିଶୁ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ବୋଲି ଏସଏସଡବ୍ଲ୍ୟୁଓ ପକ୍ଷରୁ ସହିଦ ଭବନ ଠାରେ ଆୟୋଜିତ ଏହାର ଦ୍ୱିତୀୟ ବାର୍ଷିକୀ ଉତ୍ସବରେ ଅତିଥି ମାନେ ମତ ପ୍ରକାଶ କରିଛନ୍ତି। ମହିଳାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ସ୍ୱାବଲମ୍ବୀ ଏବଂ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଅଧିକ ସୁଯୋଗ ମିଳିଲେ ସମାଜ ଓ ଦେଶର ଉନ୍ନତି ତ୍ୱରାନ୍ୱିତ ହୋଇଥାଏ ବୋଲି ମୁଖ୍ୟ ଅତିଥି ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ବରିଷ୍ଠ ଆଇନଜିବୀ ମନୋଜ ମିଶ୍ର କହିଛନ୍ତି। ସେହିପରି ଉଦ୍ଘାଟକ ଭାବେ ମେୟର ସୁବାସ ସିଂହ ଯୋଗଦେଇ ଶିଶୁମାନଙ୍କର ପୁଷ୍ଟି, ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା ଓ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବା ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନର ମୂଳ ଆଧାର ବୋଲି କହିଥିଲେ। ମହିଳା ଓ ଶିଶୁମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଶ୍ରୀ ଶ୍ରୀ ୱେଲଫେଆର ଅର୍ଗାନାଇଜେସନ୍ ପକ୍ଷରୁ ନାରୀ ଓ ଶିଶୁ ମାନଙ୍କ ଉତ୍ଥାନ ପାଇଁ ଯେଉଁ ସଚେତନତା ବୃଦ୍ଧି ଉପରେ ପ୍ରୟାସ ଜାରି ରହିଛି ତାହା ପ୍ରଶଂସନୀୟ ବୋଲି ଉପସ୍ଥିତ ଅତିଥି ମାନେ କହିଥିଲେ। ବିଶେଷ କରି ମହିଳା ଅଧିକାର ସୁରକ୍ଷା, କନ୍ୟା ଶିକ୍ଷାର ପ୍ରୋତ୍ସାହନ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ଏବଂ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଗଲେ ଏକ ସମତାଭିତ୍ତିକ ଓ ପ୍ରଗତିଶୀଳ




ସମାଜ ଗଠନ ସମ୍ଭବ ହେବ ବୋଲି ଅତିଥି ମାନେ କହିଥିଲେ ।ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ଅନୁଷ୍ଠାନର ସଭାପତି ସରୋଜକାନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ମହିଳା ମାନଙ୍କ ଦ୍ୱାରା ଆୟୋଜିତ 'ରାମ୍ପ ସୋ' ର ବିଜେତା ମାନଙ୍କୁ ନଗଦ ଅର୍ଥରାଶି ସହ କ୍ରାଉନ୍ ପ୍ରଦାନ କରାଯାଇଥିଲା। ସେହିପରି ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଚିତ୍ରାଙ୍କନ, ହସ୍ତାକ୍ଷର ଓ ନାଚ ପ୍ରତିଯୋଗିତା ମାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିରେ ଅନ୍ୟତମ ଅତିଥି ଭାବେ ବାରବାଟି କଟକ ବିଧାୟୀକା ସୋଫିଆ ଫିର୍ଦୋଷ,କବି ଅନିରୁଦ୍ଧ କୁର୍କୁରିଆ,ଡାକ୍ତର ନିରଞ୍ଜନ ମହାନ୍ତି, ସ୍ତମ୍ଭକାର ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ଫିଲ୍ମ ଅଭିନେତ୍ରୀ ମେଘନା ମିଶ୍ର ପ୍ରମୁଖ ଯୋଗଦେଇ ନାରୀ ସଶକ୍ତିକରଣ ଓ ଶିଶୁ ମାନଙ୍କ ବିକାଶ ଉପରେ ମତ ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦିକା ମୋଲିନା ଦାସ ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ ସହ ଆଗାମୀ ଦିନରେ ମହିଳାମାନେ ଏହି ସଂସ୍ଥା ସହ ଅଧିକରୁ ଅଧିକ ଯୋଡ଼ି ହେବାପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ଅନୁଷ୍ଠାନର ସଭ୍ୟା ଚାରୁଲତା ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,(ସବ୍ୟୁ) :ଦମ୍ପତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଜଣକ ହେଲେ ରିଜଓ୍ୱାନ ଖାନ(୨୮) ବୋଲି ଜଣାପଡ଼ିଛି ।ସୂଚନାଯୋଗ୍ୟ ଯେ, ଗତ ୧୩ ତାରିଖ ସନ୍ଧ୍ୟାରେ ୭ ଟା ରେ ଅଭିଯୁକ୍ତ ରିଜଓ୍ୱାନ ଅଭିଯୋଗକାରୀ ନବୀନା ବାଦିତ୍ୟଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିଲେ । ଆକ୍ରମଣରେ ସେ ରକ୍ତାକ୍ତ ହୋଇ ଆହତ ହୋଇଥିଲେ । ଏଥିରେ ଅଭିଯୋଗକାରୀଙ୍କ ପନୀ ପ୍ରମିଳା ବାଦିତ୍ୟ ହସ୍ତକ୍ଷେପ କରିବା ସମୟରେ ଅଭିଯୁକ୍ତ ରିଜଓ୍ୱାନ ତାଙ୍କୁ ମଧ୍ୟ ଆକ୍ରମଣ କରି ବିଭିନ୍ନ ଧମକ ଦେଇଥିଲେ । ଏ ନେଇ ଟାଉନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ରିଜଓ୍ୱାନ ଙ୍କୁ ପୁଲିସ ଗିରଫ କରିଥିଲା । ଅଭିଯୁକ୍ତ ରିଜଓ୍ୱାନ ଖାନ ଜଣେ ଅଭ୍ୟାସଗତ ଅପରାଧୀ । ତାଙ୍କ ନାଁରେ ଏକାଧିକ ମାମଲା ରହିଥିବା ତଦନ୍ତଅଧିକାରୀ ରଞ୍ଜିତ କୁମାର ଦାଶ ସୂଚନା ଦେଇଛନ୍ତି ।

### ପରିଣିତା ବିଶାଳ ରଜ ପର୍ବ–୨୦୨୬

## ଓଡ଼ିଆ ସଂସ୍କୃତି, ପର୍ବ ଓ ପରମ୍ପରା ଚିର ସବୁଜ : ଅପରାଜିତା

ଭୁବନେଶ୍ୱର, (ସବ୍ୟୁ): ଆମ ଓଡ଼ିଶା ରେ ବାର ମାସରେ ତେର ପର୍ବ। ପ୍ରମୁଖ ପର୍ବ ମାନଙ୍କ ମଧ୍ୟରୁ ରଜ ପର୍ବ ଅନ୍ୟତମ। ଜ୍ୟେଷ୍ଠ ମାସର ଶେଷ ଦିନରୁ ପହିଲି ରଜ ଭାବରେ ଆରମ୍ଭ ହୋଇ,ଆଷାଢ ମାସର ପ୍ରଥମ ଦିନ ରଜ ସଂକ୍ରାନ୍ତି ଓ ପର୍ବର ତୃତୀୟ ଦିନ ତଥା ଆଷାଢ ମାସର ଦ୍ୱିତୀୟ ଦିନ ଭୂଇଁ ଦହନ, ଏବଂ ଚତୁର୍ଥ ଦିନରେ ବସୁମତୀ ସ୍ନାନ ସହିତ ଶେଷ ହୁଏ ରଜ ପର୍ବ। ଘରେ ଘରେ ପିଠା ପଣା ର ଆୟୋଜନ ସହିତ ଝିଅ ମାନେ ସଜ ହୋଇ ରଜ ପାନ,ଦୋଳି ଖେଳି ଏହି ପର୍ବ ପାଳିତ ହୋଇଥାଏ। ତେବେ ଉପକୂଳ ଓଡ଼ିଶା ରୁ ଆରମ୍ଭ ହୋଇଥିବା ଏହି ମହାନ୍ ପର୍ବ ,ବର୍ତ୍ତମାନ କେବଳ ଓଡ଼ିଶା ର ସମସ୍ତ ଅଞ୍ଚଳ ନୁହେଁ, ବରଂ ଦେଶର ବିଭିନ୍ନ ଅଞ୍ଚଳ ଓ ଭାଷାଭାଷୀ ଲୋକଙ୍କ ପାଇଁ ସାଜିଛି ଏକ ପ୍ରମୁଖ ଗଣପର୍ବ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଦେଖାଯାଇଛି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ପ୍ରୟାସ ଓ "ପରିଣିତା" ସଂଗଠନ ଦ୍ୱାରା ଆୟୋଜିତ 'ପରିଣିତା ରଜ ପର୍ବ–୨୦୨୬ ରେ। ଭୁବନେଶ୍ୱର ୟୁନିଟ୍–୮ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଭବ୍ୟ ଭାବେ ଅନୁଷ୍ଠିତ ହୋଇଥିବା ଏହି ରଜ ପର୍ବ, ଓଡ଼ିଶାର ଲୋକକଳା, ସଂସ୍କୃତି ଓ ରଜ ପରମ୍ପରାକୁ ଜୀବନ୍ତ ରଖିବା ଏବଂ



ନୂତନ ପିଢ଼ୀଙ୍କ ମଧ୍ୟରେ ଏହାର ମହତ୍ତ୍ୱକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଥିଲା ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଯେଉଁଥିରେ ସାମିଲ ହୋଇଥିଲେ ବହୁ ଭାଷାଭାଷୀର ତିନି ହଜାର ରୁ ଅଧିକ ମହିଳା ।ଯାହା ଏହି ରଜ ପର୍ବ ପାଳନକୁ କରିଥିଲା ଅଧିକ ଭବ୍ୟ।

ଏଥିସହିତ ଗ୍ରାମାଞ୍ଚଳର ରଜ ପର୍ବର ପରିବେଶକୁ ମନେ ପକାଇବା ପାଇଁ ଫୁଲରେ ସୁସଜ୍ଜିତ ଦୋଳି ସ୍ଥାପନ କରାଯାଇଥିଲା। ମହିଳାମାନେ ଉତ୍ସାହର ସହିତ ଦୋଳି ଖେଳିବା ସହ ରଜର ପାରମ୍ପରିକ ଆନନ୍ଦକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ପୋଡ଼ ପିଠା, ମଣ୍ଡା ପିଠା, ଆରିସା ପିଠା, ଛେନାପୋଡ଼, ଛେନା ଗଜା, ଦହିବରା-ଆଳୁଦମ, ପାନ, ପାପଡ଼ି ଚାଟ୍, ପୁରି-ଡାଲମା ଆଦି ପାରମ୍ପରିକ ଖାଦ୍ୟର ଆକର୍ଷଣୀୟ ଷ୍ଟଲ୍ ଲଗାଯାଇଥିଲା। ଏହାସହ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ, ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ ଷ୍ଟଲ୍ ମଧ୍ୟ ଆୟୋଜିତ ହୋଇଥିଲା। ତିନି ହଜାରରୁ ଅଧିକ ମହିଳା ଏହି ରଜ ଉତ୍ସବରେ ଯୋଗଦେଇ ଏହାକୁ ସଫଳ କରିଥିଲେ। ଉତ୍ସବରେ ରଜ ଗୀତ ପ୍ରତିଯୋଗିତା,ପିଠା ପ୍ରତିଯୋଗିତା, ଝୋଟି ପ୍ରତିଯୋଗିତା, ନୃତ୍ୟ ପ୍ରତିଯୋଗିତା,ଶଙ୍ଖ ପ୍ରତିଯୋଗିତା, ହୁଳହୁଳି ପ୍ରତିଯୋଗିତା, ରଜ ଦୋଳି ପ୍ରତିଯୋଗିତା, ଓଡ଼ିଶୀ ନୃତ୍ୟ ପରିବେଷଣ ଓ ରାମ୍ପ ଶୋ ଆଦି ଆୟୋଜିତ ହୋଇଥିଲା। ଯେଉଁଥିରେ ସିନିୟର୍ ଓ ଜୁନିଅର୍ ବିଭାଗ ରେ ରଜ କୁଇନ୍ ବିବେଚିତ ହୋଇଥିଲେ।ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ସମ୍ମାନିତ କରିଥିଲେ। ଏହି ଉତ୍ସବ ଓଡ଼ିଆ ପରମ୍ପରା, ନାରୀ ସଶକ୍ତିକରଣ ଓ ସାମାଜିକ ଏକତାର ଏକ ଅନନ୍ୟ ନିଦର୍ଶନ ହୋଇ ରହିବ ବୋଲି ସମସ୍ତେ ମତପୋଷଣ କରିଥିଲେ।

### ଅନ୍ଧବିଶ୍ୱାସର ପ୍ରାଚୀର ଭାଙ୍ଗିଲା ରଜ

## ଲେପ୍ରସି କଲୋନୀରେ ଜମିଲା ପୋଡ଼ ପିଠା ଓ ଦୋଳିର ଆସର

ଭୁବନେଶ୍ୱର, (ସବ୍ୟୁ): ଚିକିତ୍ସା ବିଜ୍ଞାନର ପ୍ରଗତି ସତ୍ତ୍ୱେ ଆଜି ବି ଲେପ୍ରୋସି ରୋଗୀଙ୍କୁ ସମାଜ ଅନ୍ଧବିଶ୍ୱାସ ଓ ନକରାତ୍ମକ ଦୃଷ୍ଟିରେ ଦେଖୁଥିବା ବେଳେ ଏହା ବିରୋଧରେ ଏକ ମହତ୍ ଉଦାହରଣ ସୃଷ୍ଟି ହୋଇଛି । ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ବିଶେଷ ପ୍ରୟାସ କ୍ରମେ ଚଳିତ ବର୍ଷ ପ୍ରଥମଥର ପାଇଁ ଯାଁଳା ସ୍ଥିତ ଗାନ୍ଧୀ ଶାନ୍ତି ନିବାସ ଲେପ୍ରୋସି କଲୋନୀର ଅନ୍ତେବାସୀମାନେ ଏକାଠି ହୋଇ ଓଡିଆ ଘରର ଗଣ ପର୍ବ ରଜ ପାଳନ କରିଛନ୍ତି । ସାମାଜିକ ଅନୁଷ୍ଠାନ ମାଇଣ୍ଡ୍ ଏମ୍‌ପାୱାରମେଣ୍ଟ୍ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଏହି ଅଭିନବ କାର୍ଯ୍ୟକ୍ରମର ଆୟାଜନ କରାଯାଇଥିଲା । ଏହି ଅବସରରେ କଲୋନୀର ଅନ୍ତେବାସୀମାନେ ନିଜେ ପୋଡ଼ ପିଠା, ସୁଜି କାକରା ଏବଂ ଚିଲି ଇଡ୍‌ଲି ଭଳି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରିବା ସହ ରଜ ପାନ ଏବଂ ଦୋଳି ଖେଳର ବେଶ୍ ଆନନ୍ଦ ନେଇଥିଲେ । ସମାଜରେ ବାସନ୍ଦ ଓ ଅପମାନିତ



ହୋଇ ଭିକ୍ଷାବୃତ୍ତିକୁ ଆପଣେଇଥିବା ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ଉତ୍ସବର ମାହୋଲ ଫେରାଇ ଆଣିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ବାଲୁକା ଶିଳ୍ପୀ ସୁବଳ ମହାରଣା ଏବଂ ପଣ୍ଡିତ ଶ୍ରୀପତି ଆ·ର୍ଯ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଏହି ମାନବୀୟ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । ଶେଷରେ ପ୍ରଦୀପ କୁମାର ନାୟକଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି ସମଗ୍ର କାର୍ଯ୍ୟକ୍ରମଟି ସଫଳତାର ସହ ପରିଚାଳିତ ହୋଇ ସମାଜ ପାଇଁ ଏକ ନୂଆ ଦିଗଦର୍ଶନ ସାଜିଥିଲା ।

## ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

ପାଣିକୋଇଲ,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ବଜାର ଅନତୀଦୂରରେ ଏକ ଟ୍ରକ ପଛରେ ବାଇକ ଦୁର୍ଘଟଣା ହେବାରୁ ଚାଳକ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତ ଖସାଗଡିଆ ଗ୍ରାମର କରୁଣାକର ମାଝୀଙ୍କ ପୁଅ ଆଶୁତୋଷ ମାଝୀ (୨୬)କଳିଂଗନଗର ଶିଳ୍ପାଚଳରୁ କର୍ମକ୍ଷେତ୍ରରୁ ଫେରୁଥିବା ବେଳେ ଏକ ଗାଡି ପଛରେ ଧକ୍କା ହୋଇଥିଲା। ସେ ତାଙ୍କର ଗ୍ଲାମର ବାଇକ ( ଓଡି୩୪ଏଚ ୦୮୪୯)ଯୋଗେ କାମସାରି ଘରକୁ ଫେରୁଥିଲେ। ଦୁର୍ଘଟଣା ପରେ ଗୁରୁତର ଆହତ ହୋଇ ରକ୍ତାକ୍ତ ଓ କ୍ଷତ୍ତାକ୍ତ ହୋଇ ରାସ୍ତାରେ ପଡିଥିଲେ। ଖବରପାଇ ପାଣିକୋଇଲି ଥାନା ସବଇନ୍ସପେକଟର ବିଶ୍ୱରଂଚନ ଦାସ, ଏଏସଆଇ ସୋମନାଥ ରାଉତ, ବ୍ରଜ କିଶୋର ସ୍ୱାଇଁ ଘଟଣାସ୍ଥଳେ ପହଂଚି ଆହତ ଆଶୁତୋଷକୁ ପୁଲିସ ଗାଡିରେ ନେଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ଆଶୁତୋଷଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟର ଆଇସିୟୁ ଭର୍ତି କରାଯାଇଛି। ଦୁର୍ଘଟଣା ପରେ ଟ୍ରକଟି ଫେରାର ହୋଇ ଯାଇଥିବା ବେଳେ ପୁଲିସ ବାଇକକୁ ଜବତ କରି ତଦନ୍ତ ଜାରି ରଖିଛି।

## ପଡ଼ୋଶୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,(ସବ୍ୟୁ) :ସାମାନ୍ୟ କଥାକୁ କେନ୍ଦ୍ର କରି ପଡ଼ୋଶୀଙ୍କୁ ବାଟରେ ଜବରଦସ୍ତ ଅଟକାଇ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ସୋମନାଥ ନଗର ୫ମ ଲାଇନ ସରକାରୀ ଆପାର୍ଟମେଣ୍ଟ (ଫ୍ଲାଟ ନଂ-୧୦୧, ଜେ-ବିଲଡିଂ) ର ରିଜଓ୍ୱାନ ଖାନ (୨୮) । ସୂଚନା ଅନୁଯାୟୀ, ୧୩ ତାରିଖ ରାତି ପ୍ରାୟ ୭.୩୦ ସମୟରେ ସୋମନାଥ ନଗର ୩ୟ ଲାଇନ ସରକାରୀ ଆପାର୍ଟମେଣ୍ଟ (ଫ୍ଲାଟ ନଂ-୧୦୬)ରେ ରହୁଥିବା ନବୀନ ବାଡ଼ାତ୍ୟା(୫୩) ନିଜ ମୋଟରସାଇକେଲରେ ଘରକୁ ଫେରୁଥିଲେ । ଏହି ସମୟରେ ଅଭିଯୁକ୍ତ ରିଜଓ୍ୱାନ ତାଙ୍କୁ ରାସ୍ତାରେ ବେଆଇନ ଭାବେ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା । ରିଜଓ୍ୱାନ ହଠାତ ନବୀନଙ୍କୁ ମୁଥ ପରେ ମୁଥ ମାରି ଲହୁଲୁହାଣ କରିଦେଇଥିଲା । ଏହା ଦେଖି ନବୀନଙ୍କ ପନୀ ପ୍ରମିଳା ବଞ୍ଚାଇବାକୁ ଆସିଥିବା ବେଳେ ଅଭିଯୁକ୍ତ ତାଙ୍କୁ ମଧ୍ୟ ନିର୍ଧୁମ ମାଡ଼ ମାରିଥିଲା ।

## ବଜ୍ରାଘାତରେ ଦୁଇ ମୃତ : ରାସ୍ତା ଅବରୋଧ

ଆଠଗଡ଼,(ସବ୍ୟୁ): ତିଗିରିଆ ଥାନା ଅନ୍ତର୍ଗତ ହାଟମାଳ ପଞ୍ଚାୟତ ସ୍ଥିତ ବିଷ୍ଣୁପୁର ଗ୍ରାମ ନିକଟରେ ଥିବା ଶିଳା ଗହୀରକୁ ନିଜ ଜମି କୁ ଯାଇଥିବା ବେଳେ ସେଠାରେ ବଜ୍ରାଘାତରେ ଦୁଇଜଣଙ୍କର ମୃତ୍ୟୁ ହୋଇଯାଇଛି । ତିଗିରିଆ ଥାନା ଅନ୍ତର୍ଗତ ବିଷ୍ଣୁପୁର ଗୁଡିଆ ସାହିର ବାସିନ୍ଦା ନବକିଶୋର ରାଉତ (୬୦),ମଝି ସାହିର ବାସିନ୍ଦା ମନ୍ଦର ଧର ପତି (୨୬) ଉଭୟ ଅପରାହ୍ନରେ ଗ୍ରାମ ନିକଟରେ ଥିବା ଶିଳା ଗହୀରରେ ଥିବା ଚାଷଜମି କୁ ଯାଇଥିଲେ ।ସେଠାରେ ଥିବା ସମୟରେ ଅପରାହ୍ନରେ ପ୍ରବଳ ଘଡଘଡି ସହ ବର୍ଷା ହୋଇଥିଲା ।ଏହି ସମୟରେ ଉଭୟ ଜମି ନିକଟରେ ଥିବା ଏକ ଚାଳ ଛପର କୁଡ଼ିଆ ମଧ୍ୟରେ ଆଶ୍ରୟ ନେବାକୁ ଯାଇଥିଲେ । କୁଡ଼ିଆ ମଧ୍ୟରେ ଆଶ୍ରୟ ନେଉଥିବା ସମୟରେ ଉଭୟ ଙ୍କୁ ବଜ୍ରାଘାତ ହୋଇଥିବା ସନ୍ଦେହ କରାଯାଉଛି । ଉକ୍ତ ବଜ୍ରାଘାତରେ ଉଭୟଙ୍କ ମୃତ୍ୟୁ ହୋଇଥିବା ବେଳେ ପରେ ଉକ୍ତ କୁଡ଼ିଆରେ ନିଆଁ ଲାଗିଯିବା କାରଣରୁ ଉଭୟ ମୃତକ ଏହି ନିଆଁରେ ପୋଡ଼ି ଯାଇଥିବା ଜଣାପଡିଛି ।ଏହି ଘଟଣା ରେ ଉଭୟ ମୃତକଙ୍କ ଶରୀରର ୯୦ ଭାଗରୁ ଅଧିକ ପୋଡିଯାଇଥିବା ଜଣାପଡିଛି ।ନିଆଁକୁ ଦେଖି ସ୍ଥାନୀୟ ଜନସାଧାରଣ ଘଟଣା ସ୍ଥଳରେ ପହଞ୍ଚି ଉଭୟ ମୃତକଙ୍କୁ ଉଦ୍ଧାର କରି ଗ୍ରାମ ନିକଟକୁ ଆଣିଥିଲେ ।ଏହି ଘଟଣା ରେ ସ୍ଥାନୀୟ ଜନସାଧାରଣ ସ୍ତବ୍ଧ ହୋଇଯାଇଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ଥାନୀୟ ଜନସାଧାରଣ ୧୦୮ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗକୁ ଉଭୟଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେବାପାଇଁ ଜଣାଇଥିଲେ ମଧ୍ୟ ୧୦୮ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଗାଡି ମୃତକଙ୍କୁ ନେବନି ବୋଲି କହି ଫେରିଯାଇଥିଲା ।ଫଳରେ ସ୍ଥାନୀୟ ଜନସାଧାରଣ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା ।ସ୍ଥାନୀୟ ଜନସାଧାରଣ ଙ୍କ ସମେତ ଶତାଧିକ ଅଞ୍ଚଳ ବାସିନ୍ଦା ଉଭୟ ମୃତକଙ୍କୁ କାନ୍ଧେଇ ନିଜ ଗ୍ରାମଠାରୁ ପ୍ରାୟ ୭ କିଲୋମିଟର ରାସ୍ତା ଚାଲି ଚାଲି ତିଗିରିଆକୁ ନେଇଥିଲେ ।ବାଟରେ ଅଞ୍ଚଳ ବାସିନ୍ଦା ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ କାର୍ଯ୍ୟକଳାପ କୁ ନିନ୍ଦା କରିବା ସହ ସରକାର ବିରୋଧୀ ନାରା,ପୋଲିସ ପ୍ରଶାସନ ବିରୁଦ୍ଧରେ ନାରା ଦେଇଥିଲେ ।ପରେ ଅଞ୍ଚଳ ବାସିନ୍ଦା ଉଭୟ ମୃତକଙ୍କ ଶବକୁ ନେଇ ତିଗିରିଆ ସ୍ଥିତ ମହାବୀର ବଜାର ଠାରେ ରଖି କଟକ- ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଥିବା ଜଣାପଡିଛି ।ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଜଣାପଡିଛି ।

### ଦୂର ପ୍ରବାସରେ ରଜ ଓ ଇଦ୍‌ର ଅନନ୍ୟ ମିଳନ

## ଦାମାମରେ ଝଲସିଲା ଓଡ଼ିଆ ସଂସ୍କୃତି ଓ ସଦ୍‌ଭାବନାର ଛବି

ଭୁବନେଶ୍ୱର (ସବ୍ୟୁ): ଦେଶଠାରୁ ହଜାର ହଜାର କିଲୋମିଟର ଦୂରରେ ଥିଲେ ମଧ୍ୟ ମାଟିର ମହକ, ପରମ୍ପରାର ଗୌରବ ଓ ଭାଇଚାରାର ମୂଲ୍ୟବୋଧକୁ ହୃଦୟରେ ସାଇତି ରଖିଛନ୍ତି ପ୍ରବାସୀ ଓଡ଼ିଆ। ସେହି ଭାବନାର ଏକ ଜୀବନ୍ତ ଉଦାହରଣ ଦେଖିବାକୁ ମିଳିଛି ସାଉଦି ଆରବର ଦାମାମ ସହରରେ, ଯେଉଁଠାରେ କଳିଙ୍ଗନ ସଂଘର ଆୟୋଜନରେ ଓଡ଼ିଶାର ଗଣପର୍ବ 'ରଜ' ଓ ମୁସଲିମ ସମ୍ପ୍ରଦାୟର ପବିତ୍ର ପର୍ବ 'ଇଦ୍-ଉଲ୍-ଆଧା' କୁ ଏକାଠି ଉତ୍ସାହ ଓ ଆନନ୍ଦର ସହିତ ପାଳନ କରାଯାଇଥିଲା। ଦାମାମର ଏକ ସୁସଜ୍ଜିତ ପ୍ରେକ୍ଷାଳୟରେ ଆୟୋଜିତ ଏହି ମିଳନ ଉତ୍ସବ କିଛି ସମୟ ପାଇଁ ସାଉଦି ଆରବର ମାଟିରେ ଏକ "ମିନି ଓଡ଼ିଶା"ର ପରିବେଶ ସୃଷ୍ଟି କରିଥିଲା। ରଜର ଉଲ୍ଲାସ, ଇଦ୍‌ର ଭାଇଚାରା, ସାଂସ୍କୃତିକ ସମନ୍ୱୟ ଓ ପ୍ରବାସୀ ଜୀବନର ଆବେଗ—ସବୁକିଛି ଏକାଠି ହୋଇ ଏହି ଉତ୍ସବକୁ ସ୍ମରଣୀୟ କରିଥିଲା।

ଗୋଟିଏ ପଟେ ଇଦ୍‌ର ତ୍ୟାଗ,




ଶାନ୍ତି ଓ ସମ୍ପ୍ରୀତିର ବାର୍ତ୍ତା, ଅନ୍ୟପଟେ ଓଡ଼ିଆ ଘରର ଆତ୍ମା କୁହାଯାଉଥିବା ରଜ ପର୍ବର ଉତ୍ସବମୁଖରତା—ଏହି ଦୁଇ ସଂସ୍କୃତିର ମିଳନ ଉପସ୍ଥିତ ସମସ୍ତଙ୍କ ମନକୁ ଛୁଇଁଯାଇଥିଲା। ଆୟୋଜକମାନଙ୍କ ମତରେ, ପ୍ରବାସରେ ରହି ମଧ୍ୟ ନିଜ ପରମ୍ପରାକୁ ଜୀବନ୍ତ ରଖିବା ସହ ସମସ୍ତ ଧର୍ମ ଓ ସଂସ୍କୃତି ପ୍ରତି ସମ୍ମାନ ପ୍ରଦର୍ଶନ କରିବା ହିଁ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। "ବସୁଧୈବ କୁଟୁମ୍ବକମ୍"ର ଚିରନ୍ତନ ଭାବନାକୁ ଆଧାର କରି ଏହି ମିଳନ ଉତ୍ସବ ଆୟୋଜିତ ହୋଇଥିଲା।

ରଜ ପର୍ବର ଆକର୍ଷଣୀୟ ଦୃଶ୍ୟ ଥିଲା ସୁନ୍ଦର ଭାବେ ସଜାଯାଇଥିବା ରଜ ଦୋଳି। ରଙ୍ଗବେରଙ୍ଗର ଶାଢ଼ୀ ଓ ପାରମ୍ପରିକ ପୋଷାକରେ ସଜିଥିବା ଓଡ଼ିଆ ଝିଅ ଓ ବୋହୂମାନେ ଦୋଳି ଖେଳିବା ସହିତ ରଜ ଗୀତ ଗାଇ ପରିବେଶକୁ ମୁଖରିତ କରିଥିଲେ। ସେହି ମୁହୂର୍ତ୍ତ ପ୍ରବାସୀ ଓଡ଼ିଆଙ୍କୁ ନିଜ ଗାଁ ଓ ଘରର ସଂସ୍କୃତି ସହ ଯୋଡ଼ି ଦେଇଥିଲା। ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା ବିଭିନ୍ନ ପାରମ୍ପରିକ ବ୍ୟଞ୍ଜନ। ଓଡ଼ିଶାର ପ୍ରସିଦ୍ଧ ପୋଡ଼ ପିଠା, ମଣ୍ଡା, ଆରିସା, ଖଜା ଓ ଚକୁଳି ପିଠା ସହ ଇଦ୍‌ର ସ୍ୱାଦିଷ୍ଟ ବିରିୟାନୀ ପରିବେଷଣ କରାଯାଇଥିଲା। ଏହି ଖାଦ୍ୟ ମେଳା ଉଭୟ ସଂସ୍କୃତିର ରନ୍ଧନ ପରମ୍ପରାକୁ ଏକ ମଞ୍ଚରେ ଆଣିଥିଲା। କାର୍ଯ୍ୟକ୍ରମର ଶେଷରେ ସମସ୍ତ ଅତିଥିଙ୍କୁ ପାରମ୍ପରିକ ରଜ ପାନ ପ୍ରଦାନ କରାଯାଇ ଶୁଭେଚ୍ଛା ଓ ବିଦାୟ ଜଣାଯାଇଥିଲା।

## ବଜ୍ରପାତରେ ଦୁଇ ମୂଲ୍ୟବାନ ଗାଈ ମୃତ

ବାଲିପାଟଣା (ସବ୍ୟୁ) : ରାଜଧାନି ଉପକଣ୍ଠ ବାଲିପାଟଣା ଅଞ୍ଚଳରେ ରାତି ପ୍ରାୟ ସାଢେ ୧୧ଟାରୁ ପ୍ରବଳ ବର୍ଷା ପବନ ପ୍ରଚଣ୍ଡ ବିଜୁଳି ଘଡଘଡି ହୋଇଥିଲା ଏକ ଗୁହାଳ ଉପରେ ଘଡଘଡି ମାଡ଼ ହୋଇ ଦୁଇ ଜାତୀୟାଙ୍କର ମୃତ୍ୟୁ ହୋଇଯାଇଛି । ମୃତ ଗାଈ ଦୁଇଟି ହେଉଛି ବାଲିପାଟଣା ଥାନା ଆମଣାକୁଦ ପଞ୍ଚାୟତ ବାଙ୍କୁଆ ଗ୍ରାମର ଦେବନ ମଲ୍ଲିକଙ୍କର । ଗାଈ ଖୁଣ୍ଟରେ ବନ୍ଧା ହୋଇଥିବା ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି ସୂଚନା ଅନୁସାରେ ଦେବନ ଧାର କରଜ କରି ଗାଈ କିଣି ପାଳନ କରୁଥିଲେ ସେଥିରୁ ଯାହା ରୋଜଗାର ହୁଏ ତାଙ୍କ ପରିବାର ଗୁଜୁରାଣ ମେଣ୍ଟି ଯାଉଥିଲା ଘର ପାଖ ଗୁହାଳରେ ଗାଈ ଖୁଣ୍ଟରେ ବନ୍ଧା ହୋଇଥିଲେ ହଠାତ ଗୁହାଳ ଉପରେ ବଜ୍ରପାତ ହେବାରୁ ଗାଈ ୨ ଟି ସେହିଠାରେ ଟଳି ପଡିଥିଲେ । କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ସରକାରୀ ସହାୟତା ପାଇଁ ବାଲିପାଟଣା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି ଦେବନ ।

## ପୁରୀ ପାନ୍ଥ ନିବାସରେ ରଜପର୍ବ ପାଳିତ

ପୁରୀ, (ସବ୍ୟୁ): ସ୍ଥାନୀୟ ସିଟି ରୋଡ ସ୍ଥିତ ପାନ୍ଥନିବାସରେ ରବିବାର ପୂର୍ବାହ୍ନରେ ରଜପର୍ବ ପାଳିତ ହୋଇ ଯାଇଛି ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ରଜ ପର୍ବକୁ ଶୁଭ ଉଦଘାଟନ କରିଥିଲେ। ଶ୍ରୀମନ୍ଦିର ନିତୀ ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ଉପ ପ୍ରଶାସକ ରଞ୍ଜନ କୁମାର ବେହେରା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ପାନ୍ଥନିବାସ ପରିଚାଳକ ଚନ୍ଦ୍ର କାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାର ଗଣପର୍ବ ରଜ ସମ୍ପର୍କରେ ପର୍ଯ୍ୟଟକ ମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ପୋଡପିଠା ସହ ଅନ୍ୟାନ୍ୟ ପିଠା ଓ ଖାଦ୍ୟ ପାନ ଇତ୍ୟାଦି ପ୍ରଦର୍ଶନ



ଓ ପ୍ରଦାନ କରାଯାଇଥିଲା। ଦୋଳିର ବ୍ୟବସ୍ଥା କରାଯାଇଥିଲା ପାହା ପିଲା ଓ ମହିଳା ମାନଙ୍କୁ ବିଶେଷ ଆକୃଷ୍ଟ କରିଥିଲା। ପାନ୍ଥନିବାସର କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତ୍ୟେକ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ବ୍ୟବସ୍ଥା ହୋଇଛି ବୋଲି ପରିଚାଳକ ଶ୍ରୀ ଦାସ ସୂଚନା ଦେଇଥିଲେ।

# ମଦ କାରବାର, ଜୁଆ ଆଡ୍ଡା ଉପରେ ଚଢ଼ାଉ: ୧୧ ଗିରଫ

ପାରଳାଖେମୁଣ୍ଡି, (ସବ୍ୟୁ): ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଜୁଆ ଖେଳ ଓ ଅବୈଧ ମଦ କାରବାର ସହ ଜଡ଼ିତ ମୋଟ ୧୧ ଜଣଙ୍କୁ ଗିରଫ କରାଯାଇଛି । ଏହି ଅଭିଯାନ ସମୟରେ ନଗଦ ଟଙ୍କା, ମୋବାଇଲ ଫୋନ, ଦେଶୀ ମଦ ଓ ବିୟର ଜବତ କରାଯାଇଛି ।

ପୋଲିସ ସୂଚନା ଅନୁଯାୟୀ, ସେରିସାହି ଅଞ୍ଚଳରେ ରାସ୍ତାକଡ଼ରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇ ୮ ଜଣଙ୍କୁ ଧରାଯାଇଥିଲା । ଘଟଣାସ୍ଥଳରୁ ୨,୩୩୫ ଟଙ୍କା ନଗଦ ଟଙ୍କା ସହ ୮ଟି ମୋବାଇଲ ଫୋନ ଜବତ କରାଯାଇଛି । ଏହି ସମସ୍ତଙ୍କ ବିରୋଧରେ ଜୁଆ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ସେହିପରି, ଯାନବାହନ ଯାଞ୍ଚ (ଏମ. ଭି. ଚେକିଂ) ବେଳେ ଏକ ମୋଟରସାଇକେଲରେ ୨୦ ଲିଟର ଦେଶୀ ମଦ ପରିବହନ କରାଯାଉଥିବା ସମୟରେ ଦୁଇ ଜଣଙ୍କୁ ଅଟକ ରଖାଯାଇଥିଲା । ପରେ ଜବତ ମଦ ଓ ମୋଟରସାଇକେଲ ସହ ଉଭୟଙ୍କୁ ଗିରଫ କରାଯାଇଛି । ଅନ୍ୟ ଏକ ଘଟଣାରେ ରେଲିସାହି ଅଞ୍ଚଳରେ ପୋଲିସ ଚଢ଼ାଉ କରି ୧୪ଟି ବିୟର ବୋତଲ ଜବତ କରିଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ବିରୋଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି । ଏହି ସମସ୍ତ ଘଟଣାକୁ ନେଇ ପାରଳାଖେମୁଣ୍ଡି ଥାନାରେ ପୃଥକ ପୃଥକ ମାମଲା ରୁଜୁ କରାଯାଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି । ଅବୈଧ ଜୁଆ ଓ ମଦ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଓ ସଓ୍ୱତନ୍ତ୍ର ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ଭଞ୍ଜସେନାର ମିଶ୍ରଣ ପର୍ବ



ବାରିପଦା, (ସବ୍ୟୁ) : ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା, ଜିଲ୍ଲାରେ ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ଚାଷ ଭଳି ମୌଳିକ ସମସ୍ୟାର ସମାଧାନ ସହିତ ବେକାରୀ ସମସ୍ୟାରେ ଜର୍ଜରିତ ମୟୂରଭଞ୍ଜ ଜିଲ୍ଲାବାସୀଙ୍କୁ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଏବଂ ପ୍ରାକୃତିକ ସମ୍ପଦର ଉପଯୋଗ ମାଧ୍ୟମରେ ବେରୋଜଗାର ମାନଙ୍କୁ ରୋଜଗାରକ୍ଷମ କରିବା ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କର ନେତୃତ୍ୱରେ ସଂଗଠନ ପକ୍ଷରୁ ଦୀର୍ଘ ଦିନଧରି ଚାଲିଆସୁଥିବା ଆନ୍ଦୋଳନ ସହିତ ଚଳିତ ଜୁନ ମାସ ୧୭ତାରିଖରୁ ଜିଲ୍ଲା ତମାମ ମଶାଲ ଶୋଭାଯାତ୍ରା ଡାକରା ଫଳସ୍ୱରୂପ ଆଜି ବାରିପଦା ଠାରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କର ତତ୍ତ୍ୱାବଧାନରେ ଏକ ବିଶାଳ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଅଛି ।

ବରିଷ୍ଠ ଯୁବ ସଂଗଠକ ମନୋଜ କୁମାର ଦାସ, ରାଜକିଶୋର ବୈଠା, ତପନ ଘଡେଇଙ୍କର ନେତୃତ୍ୱରେ ମୁର୍ଗାବାଡ଼ି ଜୁବୁଲି ମଣ୍ଡପ ଠାରେ ହୋଇଥିବା ମିଶ୍ରଣ ପର୍ବରେ ଆଜି ବାରିପଦା ସହର ଓ ବାରିପଦା ବ୍ଲକର ଶତାଧିକ ଯୁବଛାତ୍ର ମାନେ ସଂଗଠନ ତରଫରୁ ଚାଲିଥିବା ଆନ୍ଦୋଳନକୁ ସମର୍ଥନ ଜଣାଇ ସେଥିରେ ସାମିଲ ହେବା ନିମନ୍ତେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଜିଲ୍ଲାର ହଜାର ହଜାର ସଂଖ୍ୟାରେ ଯୁବଛାତ୍ର ସମେତ ବହୁ ସବୁ ବର୍ଗର ସାଧାରଣ ଜନତା ସାମିଲ ହେବେ ବୋଲି ସଂଗଠନ ପକ୍ଷରୁ ଜଣାଯାଇଅଛି। ତାସହିତ ସଂଗଠନ ପକ୍ଷରୁ ଜିଲ୍ଲାର ପ୍ରତ୍ୟେକ ସମସ୍ୟାକୁ ନେଇ ଆରମ୍ଭ ହୋଇଥିବା ମାସିକ ରିଲ୍ସ ପ୍ରତିଯୋଗୀତାର ଆଜି ପୂର୍ବ ମାସରେ ହୋଇଥିବା ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବରେ ସଂଗଠନ ଆବାହକ ରାକେଶ ବେହେରା ସଂଯୋଜନା କରିଥିଲେ ଏବଂ ସଂଗଠନର ବରିଷ୍ଠ କର୍ମକର୍ତ୍ତାଙ୍କ ଦ୍ୱାରା କୃତୀ ୫ଜଣ ପ୍ରତିଯୋଗୀ ଗ୍ରୁପ ମାନଙ୍କୁ ଆର୍ଥିକ ଆକାରରେ ସାନ୍ତ୍ୱନାମୂଳକ ପୁରସ୍କାର ରାଶି ବଣ୍ଟନ କରାଯାଇଥିଲା। କୃତି ପ୍ରତିଯୋଗୀ ମାନେ ହେଲେ ଏନ୍ଆର ଡ୍ୟାନ୍ସ ଷ୍ଟୁଡିଓ, ଦିସିଜ୍ ଚିଣ୍ଟୁ-୧୩, ମୟୂରଭଞ୍ଜ ସୋନାସିଂ, ଏମ୍‌ବିଜଜେ ଷ୍ଟୁଡିଓ, ବିନୋଦ୍ ଲୋହାର-୪।

ଆଗାମୀ ପ୍ରତ୍ୟେକ ମାସରେ ଏହି ମାସିକିଆ ରିଲ୍ସ ପ୍ରତିଯୋଗିତା ଜାରୀ ରହିବ ବୋଲି ସଂଗଠନ ପକ୍ଷରୁ ଏକ ପ୍ରେସ ବିବୃତିରେ ଜଣାଯାଇଅଛି। ଆଜିକାର ଏହି ଉଭୟ କାର୍ଯ୍ୟକ୍ରମରେ ଓଡ଼ିଆ କଳାକାର ତାପସ ପାତ୍ରଙ୍କ ସମେତ ସଂଗଠନ ପକ୍ଷରୁ ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଃ, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ବରିଷ୍ଠ ସଦସ୍ୟ ଏସ୍.କେ. ରାଜାଖାନ୍, ଜିଲ୍ଲା ସଂଗଠନ ସଂପାଦକ ଗଣେଶ ମହାନ୍ତି, ପବିତ୍ର ମୋହନ ପାତ୍ରୀ, ସଞ୍ଜୟ ମାହାନା, ସଞ୍ଜୟ ମହାନ୍ତ, ଦୀପକ କୁମାର, ଅଭିଷେକ ମହାପାତ୍ର, ଗୌରବ ମହାନ୍ତି, ମୁକ୍ତି ଦତ୍ତ, ଅମିତ କୁମାର, ଜିତୁ ସିଂ, ଗୌରାଙ୍ଗ ଘଡେଇ, ପ୍ରଦୀପ ପଣ୍ଡା, ବାପୁନ ରାଉଳ, ସତ୍ୟପୃଷ୍ଟି, ସମ୍ପଦ ପୃଷ୍ଟି, ଦିପେଶ ଅଗ୍ରୱାଲ, ପ୍ରଶାନ୍ତ ମହାକୁଡ଼, ସୁରଜ ମୁଖି, ବବଲୁ ନାୟିକ, ପ୍ରକାଶ ବୋଇଠା, ରୋହିତ ଘଡେଇ ଓ ବିକାଶ ବୈଠା ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ରାସ୍ତାକଡସ୍ଥ ଶୁଖିଲା ଗଛ, ସୃଷ୍ଟି କରିଛି ସମ୍ଭାବ୍ୟ ବିପଦ, ଜନ ଆଶଙ୍କାକୁ ସ୍ଥାନୀୟ ପ୍ରଶାସନର ଅଣଦେଖା, ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିଧାୟକ ଅନିଲ ଛୋଟ ଛୁଆଙ୍କ ସହ ରଜ ପର୍ବରେ ସାମିଲ



ବ୍ରହ୍ମପୁର (ସବ୍ୟୁ): ରବିବାର ହେଉଛି ପହିଲି ରଜ । ଏହି ପରିପ୍ରେକ୍ଷୀରେ ବିଧାୟକଙ୍କ କାର୍ଯ୍ୟାଳୟ ନିକଟସ୍ଥ ଛାୟା କଲ୍ୟାଣ ମଣ୍ଡପ ଠାରେ ବିଧାୟକ କେ ଅନିଲ କୁମାରଙ୍କ ତତ୍ତ୍ୱାବଧାନରେ ଧୁମଧାମରେ ପାଳନ କରାଗଲା । ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ବବିତା ପାତ୍ର ମୋହଦୟା ଏବଂ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶ୍ରୀ ସରୋଜ ସାବତ ,ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ଦୁଇ ଶହରୁ ଉର୍ଦ୍ଧ ମହିଳା ,କୋମଳମତି ଶିଶୁ ବାଳିକା ମାନଙ୍କ ଗହଣ ରେ ଧୂମ ଧାମ ରେ ପାଳିତ ହେଲା ରଜ ଉତ୍ସବ, ପିଠା, ମିଠା, ଦୋଳି, ପାନ, ପଣା, ନୃତ୍ୟ, ଗୀତ, ମେହେନ୍ଦୀ, ଅଳତା, ରେ ପହିଲି ରଜର ମହକ ବାରି ହୋଇ ପଡୁଥିଲା.ମାଟି ଏବଂ ଆକାଶର ମିଳନର ପର୍ବ, କୃଷି ଏବଂ କୃଷକର ଆଦ୍ୟ ପର୍ବ ତଥା ଓଡ଼ିଆ ସଂସ୍କୃତିର ଅନନ୍ୟ ଗଣପର୍ବ ରଜ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।

ନାରୀ ଜାତିକୁ ସମ୍ମାନ କରି ଏବଂ ମାଟି ମା'କୁ ପୂଜନ କରି ଆସନ୍ତୁ, ଆମ ରାଜ୍ୟର ଗୌରବମୟ ପରମ୍ପରାର ପ୍ରତୀକ ରଜ ପର୍ବକୁ ଆନନ୍ଦ, ଉତ୍ସାହ ଓ ଉଲ୍ଲାସର ସହ ପାଳନ କରିବା । ମାଟି ଏବଂ ଆକାଶର ମିଳନର ପର୍ବ, କୃଷି ଏବଂ କୃଷକର ଆଦ୍ୟ ପର୍ବ ତଥା ଓଡ଼ିଆ ସଂସ୍କୃତିର ଅନନ୍ୟ ଗଣପର୍ବ ରଜ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ନାରୀ ଜାତିକୁ ସମ୍ମାନ କରି ଏବଂ ମାଟି ମା'କୁ ପୂଜନ କରି ଆସନ୍ତୁ, ଆମ ରାଜ୍ୟର ଗୌରବମୟ ପରମ୍ପରାର ପ୍ରତୀକ ରଜ ପର୍ବକୁ ଆନନ୍ଦ, ଉତ୍ସାହ ଓ ଉଲ୍ଲାସର ସହ ପାଳନ କରିବା ।

# ବଜ୍ରାଘାତରେ ୧୨ ଛେଳି ମୃତ

ଭଞ୍ଜନଗର, (ସବ୍ୟୁ) : ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ବାରଦଣ୍ଡା ଗାଁ ନିକଟରେ ରବିବାର ଅପରାହ୍ନରେ ବଜ୍ରାଘାତ ଯୋଗୁଁ ୧୨ଟି ଛେଳିର ମୃତ୍ୟୁ ଘଟିଛି । ଏଥିରେ ଛେଳି ଜଗୁଆଳ ଜଟିଆ ଗୌଡ଼ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଜଟିଆ ଜଣେ ଗରୀବ ଛେଳି ଚାଷୀ ହୋଇଥିବା ବେଳେ ହଠାତ୍ ତାଙ୍କର ଏତେବଡ କ୍ଷତିକୁ ନେଇ, ସେ ଭାଙ୍ଗି ପଡିଛନ୍ତି । କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି ।

ଭାଜପା ନେତା ତଥା ପୂର୍ବତନ ସରପଞ୍ଚ ରାଜୁ ପ୍ରଧାନ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ନିୟମ ପ୍ରକାରେ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଘଟଣା ପ୍ରକାରେ, ବାରଦଣ୍ଡା ଗ୍ରାମର ଛେଳି ଜଗୁଆଳ ଜଣକ, ନିଜର ଛେଳିପଲ ନେଇ ଗାଁ ନିକଟରେ ଚରାଉ ଥିଲେ । ଏହି ସମୟରେ ବର୍ଷା ସହ ବଜ୍ରପାତ ହୋଇଥିଲା । ଫଳରେ ଘଟଣା ସ୍ଥଳରେ ୧୨ଟି ଛେଳିଙ୍କ ମୃତ୍ୟୁ ହୋଇଥିଲା ।

# ବନ ବିଭାଗର ଚଢ଼ାଉ , କରତ କଳ ଜବତ

ଭଞ୍ଜନଗର ,(ସବ୍ୟୁ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ଖଇରପଟି ଗାଁ ନିକଟରେ ବେଆଇନ ଭାବେ ଚାଲିଥିବା ଖବର ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଘଟଣା ସ୍ଥଳରୁ ଗୋଟିଏ ଟ୍ରାକଟରରେ ଲାଗିଥିବା କରତକଳ ଜବତ କରାଯାଇଥିଲା । ଏଥିସହ ୨ ସିଫଫି ଆକାଶିଆ କାଠ ଜବତ କରାଯାଇଛି । ବିଭାଗୀୟ ସୂଚନା ପ୍ରକାରେ, ଖଇରପୁଟି ଗାଁ ଶେଷରେ, ଏକ ଟ୍ରାକଟର ରେ କରତକଳ ମେସିନ ଥିବା ଅବସ୍ଥାରେ , କାଠ କଟା ଚାଲିଥିଲା । ଏନେଇ ଡିଏଫ ଓ ହିମାଂଶୁ ଶେଖର ମହାନ୍ତିଙ୍କ ପାଖରେ ଖବର ପହଞ୍ଚିଥିଲା । ଡିଏଫଓ ଙ୍କ ନିର୍ଦ୍ଦେଶ ପ୍ରକାରେ, ରେଞ୍ଜର ପୃଥ୍ୱୀରାଜ ପ୍ରଧାନଙ୍କ ଓ ତାଙ୍କ ଟିମ , ଦକ୍ଷିଣ ଘୁମୁସର ବନଖଣ୍ଡ କର୍ମଚାରୀ ଏବଂ ଗାଙ୍ଗପୁର ପୋଲିସ ମିଳିତ ଭାବେ ଅଚାନକ ଚଢ଼ାଉ କରିଥିଲେ ।ଏଥିସହ ବନ ବିଭାଗ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇଛି । ଘଟଣାର ଅଧିକ ତଦନ୍ତ ଚାଲିଥିବା ସଂକ୍ରାନ୍ତରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ରଜ ପର୍ବରେ ବୁଗୁଡ଼ା ଅଞ୍ଚଳ ଉତ୍ସବମୁଖର

ବୁଗୁଡ଼ା ,(ସବ୍ୟୁ): ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ତିନି ଦିନ ଧରି ପାଳନ କରାଯାଉଥିବା ରଜ ପର୍ବର ପହିଲି ରଜରେ ବୁଗୁଡ଼ା ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି । ଚଳିତ ବର୍ଷ ବୁଗୁଡ଼ାର ଗ୍ରାମାଞ୍ଚଳ ସାଙ୍ଗକୁ ସହରାଞ୍ଚଳ ମଧ୍ୟ ଉତ୍ସବ ମୁଖର ହୋଇ ଉଠିଛି । ଅଞ୍ଚଳର ଶିଶୁ ଠାରୁ ଆରମ୍ଭ କରି କୁଆଁରୀ ଓ ବିବାହିତ ଯୁବତୀମାନେ ନୂତନ ପୋଷାକ ପରିଧାନ କରି ସାଙ୍ଗସାଥି ମେଳରେ ଗୀତ ଗାଇ ଦୋଳି ଖେଳର ଆନନ୍ଦ ଉପଭୋଗ କରିବା ସହ ପରସ୍ପରକୁ ବିଭିନ୍ନ ପ୍ରକାର ପିଠାପଣାରେ ଆପ୍ୟାୟିତ କରି ମଜା ନେଉଛନ୍ତି । ଏଥିସହ ରଜ ମଉଜ କାଳରେ ମିଠା ପାନର ଚାହିଦା ବୃଦ୍ଧି ପାଇଥିବା ବେଳେ ବିଶେଷକରି ଗ୍ରାମାଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କ୍ରୀଡା କୌତୁକର ଆସର ମଧ୍ୟ ଦେଖିବାକୁ ମିଳିଛି ।

# ତୃତୀୟ ପର୍ଯ୍ୟାୟରେ ପହଞ୍ଚିଲା ୩୮,୮୫୦ ଖଣ୍ଡ ମାଗଣା ପାଠ୍ୟପୁସ୍ତକ

ବୁଗୁଡ଼ା ,(ସବ୍ୟୁ): ଚଳିତ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାଠ୍ୟପୁସ୍ତକ ମଧ୍ୟରୁ କେତେକ ଶ୍ରେଣୀର ପୁସ୍ତକ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି । ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ବହି ବଦଳି ଯାଇ ନୂତନ ସଂସ୍କରଣରେ ପ୍ରକାଶିତ ବହିକୁ ନେଇ ପାଠ ପଢ଼ାଯିବ ବୋଲି ଜଣାଯାଇଛି । ତେବେ ତୃତୀୟ ପର୍ଯ୍ୟାୟରେ ୩୮,୮୫୦ ଖଣ୍ଡ ବହି ପହଞ୍ଚିଥିବା ବେଳେ ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀର ଓଡିଆ(ଝୁଲଣ-୧) ୪୫୦ ଖଣ୍ଡ ଓ ଗଣିତ ଖେଳ ୪୫୦ ଖଣ୍ଡ , ଦ୍ୱିତୀୟ ଶ୍ରେଣୀର ଓଡ଼ିଆ (ଝୁଲଣ-୨) ୩୫୦ ଖଣ୍ଡ, ତୃତୀୟ ଶ୍ରେଣୀର ଇଂରାଜୀ ୧୮୦୦ ଖଣ୍ଡ ଓ ଗଣିତ ୩୦୦ ଖଣ୍ଡ , ଚତୁର୍ଥ ଶ୍ରେଣୀର ଆର୍ଟ ଏଜୁକେସନ ୩୫୦, ଓଡିଆ ୨୦୫୦, ଗଣିତ ୨୦୫୦, ଖେଳ ଓ ଯୋଗ ୨୦୫୦, ଇଂରାଜୀ ୩୫୦ ଓ ସାମାଜିକ ବିଜ୍ଞାନ ୩୫୦ ଖଣ୍ଡ , ପଞ୍ଚମ ଶ୍ରେଣୀର ଇଂରାଜୀ ୧୩୦୦, ସାମାଜିକ ବିଜ୍ଞାନ ୨୦୦୦, ଆର୍ଟ ଏଜୁକେସନ ୨୦୦୦, ଓଡିଆ ୩୦୦ ଓ ଗଣିତ ୩୦୦ ଖଣ୍ଡ , ଷଷ୍ଠ ଶ୍ରେଣୀର ଇଂରାଜୀ, ଗଣିତ, ବିଜ୍ଞାନ, ଖେଳ ଶିକ୍ଷା, ଆର୍ଟ ଏଜୁକେସନ ଆଦି ବିଷୟର ପ୍ରତ୍ୟେକରୁ ୧୯୫୦ ଖଣ୍ଡ ଲେଖାଏଁ, କୌଶଳ ଶିକ୍ଷା ୧୨୦୦, ସାମାଜିକ ବିଜ୍ଞାନ ୨୦୦, ହିନ୍ଦୀ ୨୦୦ ଖଣ୍ଡ , ସପ୍ତମ ଶ୍ରେଣୀର ସାହିତ୍ୟ ୧୯୫୦, ହିନ୍ଦୀ ୯୫୦, ଫିଜିକାଲ ଏଜୁକେସନ ୧୭୫୦, ଇଂରାଜୀ ୨୦୦, ବିଜ୍ଞାନ ୨୦୦, ହିନ୍ଦୀ ୧୦୦, ସଂସ୍କୃତ ୧୦୦, ଖେଳଶିକ୍ଷା ୨୦୦ ଓ ଆର୍ଟ ଏଜୁକେସନ ୨୦୦ ଖଣ୍ଡ, ଅଷ୍ଟମ ଶ୍ରେଣୀର ଇଂରାଜୀ ୨୧୫୦, ବିଜ୍ଞାନ ୬୫୦, ଫିଜିକାଲ ଏଜୁକେସନ ୨୦୦୦,ସାହିତ୍ୟ, ସାମାଜିକ ବିଜ୍ଞାନ, ଖେଳଶିକ୍ଷା ଓ ଆର୍ଟ ଏଜୁକେସନ ପ୍ରତ୍ୟେକ ବିଷୟର ୧୫୦ ଖଣ୍ଡ ଲେଖାଏଁ ବହି ରହିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ବହି ଆସିବାକୁଥିବା ବେଳେ ସ୍ଥାନୀୟ ଗୋଷ୍ଠୀଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ୧୧ଟି କ୍ଲଷ୍ଟର ମଧ୍ୟରେ ରହିଥିବା ୭୨ଟି ପ୍ରାଥମିକ, ୪୦ଟି ଉଚ୍ଚ ପ୍ରାଥମିକ ଓ ୧୮ଟି ଉଚ୍ଚ ବିଦ୍ୟାଳୟ ହିସାବରେ ମୋଟ ୧୩୦ଟି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପଢିବାକୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ ଏହି ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଇଓ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି ।

## ବରିଷ୍ଠ ନାଗରିକମାନଙ୍କ ସହ ରଜ ମହୋତ୍ସବ ପାଳିଲା

# ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ




ଛତ୍ରପୁର (ସବ୍ୟୁ): ରଜମାନେ ଆନନ୍ଦ, ଉଲ୍ଲାସ ଓ ଓଡ଼ିଆ ପରମ୍ପରାର ମହକ । ସାଧାରଣତଃ ଯୁବପିଢ଼ିଙ୍କ ମଧ୍ୟରେ ରଜର ଉତ୍ସାହ ଦେଖିବାକୁ ମିଳୁଥିବା ବେଳେ ଗଞ୍ଜାମ ଜିଲ୍ଲା ଛତ୍ରପୁର ରେ ବରିଷ୍ଠ ନାଗରିକମାନେ ମଧ୍ୟ ଉତ୍ସାହର ସହ ପାଳନ କରିଛନ୍ତି ରଜ ମହୋତ୍ସବ । ବୟସର ଅପରାହ୍ନରେ ମଧ୍ୟ ମନର ଯୌବନକୁ ସାଥୀ କରି ଗୀତ, ନାଚ, ଝୁଲା ଓ ପିଠାପଣାରେ ମସଗୁଲ ହୋଇଥିଲେ ସେମାନେ । ଛତ୍ରପୁରର ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଛତ୍ରପୁର ସ୍ଥିତ ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦେବାଶିଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଧୂମଧାମ ରେ ପାଳନ କରାଯାଇଛି । ପୁରୁଣା ଦିନର ରଜ ସ୍ମୃତିକୁ ମନେ ପକାଇ ପରସ୍ପର ସହ ଖୁସି ବାଣ୍ଟିଛନ୍ତି ବରିଷ୍ଠ ନାଗରିକ ମାନେ ୫ ପାରମ୍ପରିକ ପିଠାପଣାର ଆସର ସାଙ୍ଗକୁ ରଜ ପାନ, ଲଡୁ ଓ ମିଠା ର ସଓ୍ୱାଦ ନେବା ସହ ରଜର ପରମ୍ପରାକୁ ଜୀବନ୍ତ ରଖିବାର ବାର୍ତ୍ତା ଦେଇଥିଲେ ବରିଷ୍ଠ ନାଗରିକ । ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସହ ପାରମ୍ପରିକ ପୋଡ଼ପିଠା ଓ ରଜ ପାନ ଖୁଆଇବା ସହିତ ନିଜେ ଖାଇ ଉପଭୋଗ କରିଥିଲେ ।

ଏହାଦ୍ୱାରା ଆମ ସଂସ୍କୃତି, ପରମ୍ପରା ଓ ଗୁରୁଜନଙ୍କ ପ୍ରତି ସମ୍ମାନର ଏହି ସୁନ୍ଦର ମିଳନ ଉତ୍ସବ ସମାଜରେ ଆତ୍ମୀୟତା ଓ ସାମାଜିକ ସଦ୍ଭାବନାକୁ ଆହୁରି ସୁଦୃଢ଼ କରିବ ବୋଲି ବିଧାୟକ କହିଥିଲେ । ସମ୍ମାନିତ ଅତିଥି ଭାବେ ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ, ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ର ଛତ୍ରପୁର ଶାଖାର ସଭାପତି ସୁରେନ୍ଦ୍ର ନାଥ ପାଢ଼ୀ, ସମ୍ପାଦକ ସୋମନାଥ ସାହୁ, ଉପ ସଭାପତି ତଥା ସୃଜନ ସାହିତ୍ୟ ସଂସଦ ର ସଭାପତି ପ୍ରଶାନ୍ତ କୁମାର ଶତପଥି, ଶିକ୍ଷାବିତ ରିତା ରଥ, ଓଡିଶା ସାମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା ଉପ ସଭାପତି ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବଦଳୁଥିବା ସମୟରେ ରଜର ପାରମ୍ପରିକ ରୂପ ଧୀରେ ଧୀରେ ହଜିଯାଉଥିବା ବେଳେ, ବରିଷ୍ଠ ନାଗରିକଙ୍କ ଏଭଳି ଆୟୋଜନ ନୂଆ ପିଢ଼ି ପାଇଁ ପ୍ରେରଣା ସାଜିଛି ବୋଲି କହିବା ସହ ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରୁଟେବୁଲ ଟ୍ରଷ୍ଟ ଏଭଳି ନିଆରା କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସାଧୁବାଦ ଜଣାଇଥିଲେ । ଏହା ସହିତ ବରିଷ୍ଠ ନାଗରିକ ମାନଙ୍କୁ ପୋଡ଼ ପିଠା ବଣ୍ଟନ କରିଥିଲେ । ପରମ୍ପରାକୁ ବଞ୍ଚାଇ ରଖିବା ସହ ସମାଜରେ ସୌହାର୍ଦ୍ଦ ଓ ଭାତୃତ୍ୱର ବାର୍ତ୍ତା ପ୍ରଦାନ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ମାନେ ଯୋଗ ଦେଇ ରଜ ପିଠା ଓ ରଜ ପାନର ମଜା ନେଇଥିଲେ । ଏହି ଅବସରରେ ରଜ ଉତ୍ସବ କୁ ନେଇ କବିତା ଆସର ମଧ୍ୟ ଜମିଥିଲା । ସୃଜନ ସାହିତ୍ୟ ସଂସଦର ସଭାପତି ପ୍ରଶାନ୍ତ ଶତପଥୀ ସଓ୍ୱାଗତ ଭାସଣ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ପ୍ରଶାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟର ମୁଖ୍ୟ ଦେବାଶିଷ ମିଶ୍ର, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଛତ୍ରପୁର ପ୍ରେସ କ୍ଲବ ସଭାପତି ସରୋଜ କୁମାର ସାମଲ, ସନ୍ତୋଷ କୁମାର ସାହୁ, ସୁଜୟ ଧଳ, ଭଗବାନ ଦାଶ, ଜିତେନ୍ଦ୍ର ନାୟକ ପରିଚାଳନା ରେ ସହଯୋଗ କରିଥିଲେ ।

# ଚିତ୍ର କର୍ମଶାଳାରେ ଶତାଧିକ ବିଦ୍ୟାର୍ଥୀଙ୍କ ଅଂଶ ଗ୍ରହଣ

ବ୍ରହ୍ମପୁର (ସବ୍ୟୁ): ରବିବାରି ଅପରାହ୍ନ ୪'ଟା ସମୟେ ଖଲିକୋଟ କଲେଜ ଖେଳ ଖୋଲାମଞ୍ଚ ଗ୍ୟାଲେରୀ ରେ ଗୋଟିଏ ଚିତ୍ର କର୍ମଶାଳା ଶ୍ରାଦ୍ଧ ସମର୍ପଣ କଳା କ୍ଷେତ୍ର ଆନୁକୂଲ୍ୟରେ ଆୟାଜନ କରାଯାଇଥିଲା । ବ୍ରହ୍ମପୁର ସହରର ବିଭିନ୍ନ ବିଦ୍ୟାଳୟ ରୁ ୧୦୦ ରୁ ଉର୍ଦ୍ଧ ବିଦ୍ୟାର୍ଥୀ ଏହି ଚିତ୍ର ଶିବିର ତଥା କର୍ମଶାଳାରେ ଅଂଶ ଗ୍ରହଣ କରି ତାଙ୍କରି କମଳ ହାତରେ ବହୁ ଅତି ସୁନ୍ଦର ଚିତ୍ର ଅଙ୍କନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ର ସୁଦକ୍ଷ ଓ ବିଶିଷ୍ଟ କଳାକାର ଗୁରୁ ଉମା ଶଙ୍କର ଆଚାରୀ ଓ ଅନ୍ୟତମ ବରିଷ୍ଠ କଳାକାର ଓ ଶିକ୍ଷକ ପୃଥ୍ୱୀରାଜ ମହାପାତ୍ର (କେନ୍ଦ୍ରୀୟ ବିଦ୍ୟାଳୟ) ତି ସହିତ ବିଭିନ୍ନ ସୁନମ ଧନ୍ୟ କଳାକାର ଜୟରାମ ମହାରଣା , ଗୋପୀନାଥ ବେହେରା , କେଦାରନାଥ ମହାପାତ୍ର, ବାବୁ ମହାରଣା,ସୁରେଶ ମହାରଣା, ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା,ସୂରଜ ପାଳ ରାଜ କୁମାର ପାତ୍ର,ପି. ହେମସୁନ୍ଦର,ପଙ୍କଜ ନାୟକ,କେ.ଆକାଶ କୁମାର, ସୁରେଶ ସାହୁ, ମନୋଜ କୁମାର , ନିକିତା ପଣ୍ଡା ପ୍ରମୁଖ କଳାକାର ସହଯୋଗରେ କରିଥିଲେ ।

# ରାସ୍ତାରେ ବିପଦ ସୃଷ୍ଟି କରୁଛି ଶୁଖିଲା ଗଛ



ବୁଗୁଡ଼ା,(ସବ୍ୟୁ): ବୁଗୁଡ଼ା-ପୋଲସରା ମୁଖ୍ୟ ସଡକ ଅନ୍ତର୍ଗତ ଗୋଲିଆ ଗାଁ ନିକଟସ୍ଥ ବାଘୁଆ ସେତୁ ନିକଟରେ ବିରାଟ ଶୁଖିଲା ଥୁଣ୍ଟା କାକପୋଇ ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଜଣାଯାଇଛି । ଉକ୍ତ ଗଛଟି ପବନରେ କେତେବେଳେ ଯେ ଭାଙ୍ଗି ପଡି ବିପଦ ସୃଷ୍ଟି କରିବ ତାହା କହି ହେଉନି । ଉକ୍ତ ମୁଖ୍ୟ ସଡକ ଦେଇ ଶହ ଶହ ଯାନବାହାନ ଚଳାଚଳ ସାଙ୍ଗକୁ ଲୋକେ ଯାତାୟାତ କରନ୍ତି । ରାସ୍ତା କଡରେ ଏତାଦୃଶ ବିରାଟ ଶୁଖିଲା ଗଛଟି କୌଣସି କାରଣରୁ ଭାଙ୍ଗି ପଡିଲେ ଅଜାଣତରେ ଯିବା ଆସିବା କରୁଥିବା ଯାନବାହନ ଓ ଜନସାଧାରଣ ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ଦେଖା ଦେଇଛି ।

ପ୍ରକାଶ ଥାଉ କି , ଗତ ଏପ୍ରିଲ ମାସରେ ଶରଣକୁଳ ଅଞ୍ଚଳର ଏକ ଦମ୍ପତି ବାଇକରେ ପୋଲସରାରୁ ନିଜ ଗାଁକୁ ଫେରୁଥିବା ବେଳେ ଉକ୍ତ ଥୁଣ୍ଟା କାକପୋଇ ଗଛରୁ ଶୁଖିଲା ଛୋଟ ଡାଳଟିଏ ଖସି ସେମାନଙ୍କ ଉପରେ ପଡିଯିବାରୁ ଭାରସାମ୍ୟ ହରାଇ ରାସ୍ତାକଡକୁ ଚାଲିଯାଇ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ହେଁ ସେ ଦୁହେଁ ସାମାନ୍ୟ ଆହତ ହୋଇଥିଲେ ।

ଅନ୍ୟପକ୍ଷରେ ଏଇ କିଛି ମାସ ତଳେ ବାଘୁଆ ସେତୁ ନିକଟସ୍ଥ ସେହି ବିପଦଜନକ ଶୁଖିଲା କାକପୋଇ ଗଛ ତଳେ ଜମାଥିବା ଆବର୍ଜନାରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ହୁତୁହୁତୁ ହୋଇ ଜଳି ଉଠିଥିଲା ଏବଂ ଏନେଇ ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ସେବେଠାରୁ ସେହି ବକଳ ପୋଡା ଶୁଖିଲା ଗଛ ନିକଟ ଦେଇ ଯାତାୟାତ ବେଳେ ଲୋକେ ଆଶଙ୍କା ମଣୁଛନ୍ତି । ବିଶେଷକରି କାଳବୈଶାଖି ତାଣ୍ଡବ କାଳରେ ସେହି ଗଛ ଦ୍ୱୟକୁ ଅତିକ୍ରମ ବେଳେ ଲୋକଙ୍କ ମନରେ ଜୀବନହାନୀର ଭୟ ଘାରୁଛି । ଆଗାମୀ ସମୟେ ସମ୍ଭାବ୍ୟ ବିପଦକୁ ଏଡାଇବା ସକାଶେ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ହେଁ ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକରି ହାତବାନ୍ଧି ବସିରହିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଅନ୍ୟପକ୍ଷରେ, ଯଦି ଏହି ବିପଦ ଆହ୍ୱାନକାରୀ ଗଛଟି ଯୋଗୁଁ କେବେବି କୌଣସି ଦୁଃଖଦାୟକ ଘଟଣା ଘଟେ ତେବେ ସେଥିପାଇଁ ସ୍ଥାନୀୟ ପ୍ରଶାସନ ହିଁ ଦାୟୀ ରହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏଣୁ, ଲୋକଙ୍କ ମନରେ ରହିଥିବା ଜୀବନହାନୀର ଶଙ୍କା ଦୂରୀକରଣ ନିମନ୍ତେ ଏହି ଗଛଟିର ଉଚ୍ଛେଦ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ ଯଥାଶୀଘ୍ର କୌଣସି ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବଡସାହି ନିର୍ବାଚନମଣ୍ଡଳୀରେ ସଫଳ ବିଏଲ୍ଓଙ୍କୁ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ): : ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୨୦୨୬ ଅଧୀନରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ଏନ୍ୟୁମେରେସନ୍ ଫର୍ମ ଡିଜିଟାଇଜେସନ୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ବାରିପଦା ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ବଡ଼ସାହି ଦୁଃଖବନ୍ଧୁ ନାୟକ, ଓଏଏସ୍(ଏସ୍), ବେତନଟୀ ବ୍ଲକ ପରିଦର୍ଶନ କରିଥିଲେ ।

ପରିଦର୍ଶନ ସମୟରେ ଶ୍ରୀ ନାୟକ ଏସ୍ଆଇଆର-୨୦୨୬ ଅଧୀନରେ ଏନ୍ୟୁମେରେସନ୍ ଫର୍ମ ଡିଜିଟାଇଜେସନ୍ କାର୍ଯ୍ୟର ସାମଗ୍ରିକ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ବିଏଲ୍ଓମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟର ଗୁଣାତ୍ମକ ଦିଗ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ସଠିକ୍, ନିର୍ଭୁଲ ଏବଂ ସମୟୋପଯୋଗୀ ଭାବେ ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପାଦନ କରିବା ଦ୍ୱାରା ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ବିଶ୍ୱସନୀୟତା ଅଧିକ ସୁଦୃଢ଼ ହେବ ବୋଲି ସେ ମତ ପ୍ରକାଶ କରିଥିଲେ ।

ଏହି ଅବସରରେ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ଏନ୍ୟୁମେରେସନ୍ ଫର୍ମର ୧୦୦ ପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରିଥିବା ବୁଥ୍ ନମ୍ବର-୨୧୯ର ବିଏଲ୍ଓ ପ୍ରଫୁଲ୍ଲ କୁମାର ଦାସ ଏବଂ ବୁଥ୍ ନମ୍ବର୨୨୪ର ବିଏଲ୍ଓ ଅନ୍ନପୂର୍ଣ୍ଣା ଦାସବାବୁଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କର ନିଷ୍ଠା, କର୍ତ୍ତବ୍ୟପରାୟଣତା ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଅନ୍ୟ ବିଏଲ୍ଓମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ । ସେ ଆହୁରି କହିଥିଲେ ଯେ, ଭୋଟର ତାଲିକାର ସଠିକତା ଏବଂ ସର୍ବସମାବେଶୀକରଣ ସୁନିଶ୍ଚିତ କରିବାରେ ବିଏଲ୍ଓମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବା ଦ୍ୱାରା ନିର୍ବାଚନ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଅଧିକ ଦୃଢ଼ ହୋଇଥାଏ । ତେଣୁ ପ୍ରତ୍ୟେକ ବିଏଲ୍ଓ ନିଜ ଦାୟିତ୍ୱକୁ ଗୁରୁତ୍ୱର ସହ ନିର୍ବାହ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୩୨-ବଡସାହି (ଅନୁସୂଚିତ ଜାତି) ବିଧାନସଭା ନିର୍ବାଚନ ମଣ୍ଡଳୀର ତହସିଲଦାର ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଚନ୍ଦ୍ରଜିତ୍ ବେହେରା, ସହକାରୀ ଜିଲ୍ଲାପାଳ ମାନସୀ ତରାଇ ଏବଂ ଜିପିଡିଓ ମାଳତୀ ପ୍ରିୟା ମୁର୍ମୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅଧିକାରୀମାନେ ବିଏଲ୍ଓ ମାନଙ୍କ ଉତ୍ସର୍ଗୀକୃତ ସେବା ଓ ଦାୟିତ୍ୱବୋଧର ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ୍ୟ ଏଭଳି ନିଷ୍ଠାର ସହ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ ।



# ବିଏମଏସ ପକ୍ଷରୁ ଖଣି କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ତାଳଚେର,(ସବ୍ୟୁ) :ତାଳଚେର ବ୍ଲକ ଏମ୍ସିଏଲ ହିଙ୍ଗୁଳା କୋଇଲାଖଣିର ବୈଦ୍ୟୁତିକ ଓ ଯାନ୍ତ୍ରିକ ବିଭାଗର ବରିଷ୍ଠ ଫୋରମ୍ୟାନ ଇନଚାର୍ଜ ବିଭୂତି ଭୂଷଣ ସ୍ୱାଇଁ ଓ ଅଜୟ କୁମାର ସାହୁଙ୍କୁ ଭାରତୀୟ ମଜଦୁର୍ ସଂଘ, ହିଙ୍ଗୁଳା ଶାଖା ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ହିଙ୍ଗୁଳା ବିଏମଏସ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା । ଏଥିରେ ବିଏମଏସ ହିଙ୍ଗୁଳା ଶାଖା ସଭାପତି ବିନ୍ଦୁ ସାଗର ଦାଣ୍ଡିଆ ଅଧ୍ୟକ୍ଷତା କରିଥିଲେ । ତାଳଚେର କୋଇଲାଖଣି ମଜଦୁର ସଂଘର ପୂର୍ବତନ ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ପ୍ରଧାନ, ସମାଜସେବୀ ହା ପ୍ରଧାନ, ନିରାକର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂପାଦକ ଚନ୍ଦ୍ରଭାନୁ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ବରିଷ୍ଠ ଫୋରମ୍ୟାନ ଇନଚାର୍ଜ ବିଭୂତି ଭୂଷଣସ୍ୱାଇଁ ଓ ଅଜୟ କୁମାର ସାହୁ କୋଇଲା ଖଣି ଅଧିକାରୀ ଭାବରେ ପ୍ରମୋସନ ପାଇଥିବାରୁ ସଂଗଠନ ପକ୍ଷରୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଅତିଥିମାନେ ଦୁଇ ବରିଷ୍ଠ ଖଣି କର୍ମଚାରୀଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିବା ସହ ସେମାନଙ୍କର ଅମାୟିକ ବ୍ୟବହାର ତଥା କୁଶଳ କାର୍ଯ୍ୟଦକ୍ଷତା ଯୋଗୁଁ ସହକର୍ମୀମାନଙ୍କ ନିକଟରେ ପ୍ରିୟପାତ୍ର ହୋଇ ପାରିଥିଲେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅତିଥିମାନେ ତାଙ୍କର ଭବିଷ୍ୟତ ଜୀବନ ଦୀର୍ଘ, ନିରାମୟ ହେବା ସହ ତାଙ୍କର ଉତୋରତର ଉନ୍ନତି କାମନା କରିଥିଲେ । ଦୁଇ ବରିଷ୍ଠ ଖଣି କର୍ମଚାରୀ ବିଭୂତି ଭୂଷଣ ସ୍ୱାଇଁ ଓ ଅଜୟ ସାହୁଙ୍କୁ ସଂଗଠନ ପକ୍ଷରୁ ଉତରୀୟ, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଏମଏସ ହିଙ୍ଗୁଳା ଶାଖା ସଂପାଦକ ଚନ୍ଦ୍ରଭାନୁ ସାହୁ ପରିଚାଳନା କରିଥିବା ବେଳେ ସର୍ବେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ପ୍ରତାପ ଚନ୍ଦ୍ର ସାହୁ, ମଳୟ ମହାନ୍ତି, ଅନୀଲ ପ୍ରଧାନ, ସମୀର ପ୍ରଧାନ, ବିଭୂତି ସାମଲ, ନିରଞ୍ଜନ ବାରିହା, କାଶୀନାଥ ଦେବତା, ଅରୁଣ ବେହେରା, ଜଗନ ସାମଲ, ଦିଲ୍ଲୀପ ଦେହୁରୀ, ଚିନ୍ମୟ ଦେହୁରୀଙ୍କ ସମେତ ସମସ୍ତ ସଦସ୍ୟ, ସଦସ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବଇଣ୍ଡାରେ ବଢୁଛି ସରକାରୀ ଜମି ଜବରଦଖଲ

# ନିର୍ମାଣ ହୋଇ ପାରୁନାହି ସରକାରୀ କାର୍ଯ୍ୟାଳୟ

ଠାକୁରଗଡ,(ସବ୍ୟୁ) :ଆଠମଲିକ ଉପଖଣ୍ଡ ର ମୁଖ୍ୟ ବ୍ୟବସାୟୀ ପେଣ୍ଠସ୍ଥଳୀ ବଇଣ୍ଡା ଛକରେ ଏବେ ସରକାରୀ ଜମିର ଜବରଦଖଲ ବଢିବାରେ ଲାଗିଛି । ଏକର ଏକର ଜମିକୁ ଜବରଦଖଲ କରାଯାଇ ଘର ନିର୍ମାଣ କରାଯାଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦେକ୍ଷେପ ନିଆଯାଉନଥିବା ଯୋଗୁଁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି । କିଶୋରନଗର ବ୍ଲକ ର ୫୫ ନମ୍ବର ଜାତୀୟରାଜ ପଥ କଡରେ ଏହି ଛକ ପଡୁଥିବା ବେଳେ ଗମନାଗମନ ସୁବିଧା ଥିବା ସହ ରେଳ ଷ୍ଟେସନ ଯୋଗୁଁ ବଇଣ୍ଡାର ଗୁରୁତ୍ୱ ବଢିଥିବା ବେଳେ ଜମିମାଫିଆ ଙ୍କର ନଜର ସରକାରୀ ଜମି ଉପରେ ପଡିଥିବା ଜଣାପଡିଛି । ବିଭିନ ଅଞ୍ଚଳରୁ ଲୋକେ ବଇଣ୍ଡା ଅଞ୍ଚଳକୁ ଆସି ପାଠପଢା ପାଇଁ ଘର ଭଡାରେ ରହୁଥିବା ବେଳେ ବଜାର ଓ ବଇଣ୍ଡାର ଗହଳି ବୃଦ୍ଧି ପାଉଛି । ପରେ ସେମାନେ ବଇଣ୍ଡାରେ ଥିବା ଜମିମାଫିଆଙ୍କୁ ଧରି ସରକାରୀ ଜମିକୁ ଦଖଲ କରୁଛନ୍ତି । ଜମି ମାଫିଆମାନେ ପ୍ରତ୍ୟେକ ସରକାରୀ ଗୁଣ୍ଠେ ଜମିକୁ ଏକ ଲକ୍ଷ ଟଙ୍କା ଲେଖାଏ ବିକ୍ରି କରିଦେଉଛନ୍ତି । ପରେ ସେହି ଜମିରେ ବିଳାସପୂର୍ଣ୍ଣ ଆକାରର ରାତା ରାତି ଘର ନିର୍ମାଣ କରୁଛନ୍ତି । ବହୁ ସରକାରୀ ଚାକିରିଆ , ବଡ ବଡ ବ୍ୟବସାୟୀ , ସମସ୍ତେ ବହୁବ୍ୟକ୍ତି ସରକାରୀ ଜମିକୁ ଦଖଲ କରି ଘର ନିର୍ମାଣ କରୁଛନ୍ତି । ପୂର୍ବରୁ ଥିବା କିଛି ରାଜସ୍ୱ ବିଭାଗର ପଦାଧିକାରୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ ଏଭଳି ବେଆଇନ ଜମି ଦଖଲ କରିଥିବା ବଇଣ୍ଡା ଗ୍ରାମବାସୀମାନେ ତା ୧୦/୪/ ୨୦୧୬ ଓ ତା ୧୮/୮/୨୦୧୮ ରେ ଜିଲାପାଳ ଠାରୁ ଆରମ୍ଭ କରି ରାଜସ୍ୱ ସଚିବଙ୍କୁ ଅଭିଯୋଗ କରିଥିଲେ । ହେଲେ କୌଣସି ସୁଫଳ ମିଳିନଥିଲା । ନୁନୁକାପଶି ଅଞ୍ଚଳର ପ୍ଲଟ ନମ୍ବର ୧୦୪୭, ୫, ୧୧୧୪, ୩୬୫, ୧୧୬୯, ୧୧୭୦ , ୩୬୭, ୬୭୬, ୩୬୫, ୬୭୭, ୩୬୭, ୬୭୦. ୯୭୯. ଶହ ବହୁ ପ୍ଲଟ ରେ ଥିବା ସରକାରୀ ଜମିଗୁଡିକର ଜବର ଦଖଲକରାଯାଇଛି । ଏଥିସହ କଦଳୀମୁଣ୍ଡା , ଶରଧାମୁଣ୍ଡା , ବୈଷ୍ଣବସାହି , ବଇଣ୍ଡା ଛକ ର ମୌଜା ଗୁଡିକ ରେ କିଛି ବ୍ୟକ୍ତି ଏକର ଏକର ଜମି ଦଖଲ କରିଛନ୍ତି । ସେଗୁଡିକରେ ମଧ ଘର ନିର୍ମାଣ କରିଥିବା ଅଭିଯୋଗ ହୋଇଛି । ଯାହା ଫଳରେ ବଇଣ୍ଡାରେ ବସଷ୍ଟାଣ୍ଡ ନିର୍ମାଣ ହୋଇ ପାରୁନାହି । ସାପ୍ତାହିକ ହାଟ ପଡିଆ ଠାରେ ୭ ଏକର ସରକାରୀ ଜମି ଥିଲେ ମଧ ସେଥିରୁ ଅନେକ ଜମି କୁ କିଛି ବ୍ୟକ୍ତି ଜବରଦଖଲ କରିଛନ୍ତି । ବଇଣ୍ଡା ଠାରେ ଏକ ଆଧୁନିକ କରଣ ବସଷ୍ଟାଣ୍ଡ ନିର୍ମାଣ କରାଯିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୩ ଅଗଷ୍ଟ ୨୦୨୪ ରେ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ୨୯/୦୬/ ୨୦୨୪ ରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଥିବା ଜମି କୁ ବଇଣ୍ଡା ଗ୍ରାମବାସୀ ଙ୍କ ସହ ରାଜସ୍ୱ ବିଭାଗ ଅଧିକାରୀମାନେ ଚିହ୍ନଟ କରିଥିଲେ । ପରେ ତା ୫/୭/୨୦୨୪ ରେ ନୁନୁକାପଶି ମୌଜା ରେ ଥିବା ଖାତା ନମ୍ବର ୧୩୮ ପ୍ଲଟ ନମ୍ବର ୪୮୭, ୪୮୮ , ୪୮୯ , ୧୧୭୨ , ୧୧୭୩ , ୧୧୭୪ ରେ ଥିବା ୭ ଏକର ସରକାରୀ ଜମିରୁ ୩.୯୫ ଏକର ଜମି ଓଏସଆରଟିସି କୁ ଜମି ଯୋଗାଇ ଦିଆଯାଇଥିଲା । ହେଲେ ଉକ୍ତ ବସଷ୍ଟାଣ୍ଡ କାମ ବହୁ ବିଳମ୍ବ ହେଉଥିବା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏକର ଏକର ଜମି ଜବରଦଖଲ କରି ଥିବା ଯୋଗୁଁ ସମସ୍ତ ସରକାରୀ ଯୋଜନା ଗୁଡିକ କାର୍ଯ୍ୟକାରୀ ହୋଇ ପାରୁ ନାହି । ବଇଣ୍ଡା ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟ ଗୁଡିକ ୪ ଲେନ ରାସ୍ତା ପାଇଁ ୩ ବର୍ଷ ତଳେ ଭଙ୍ଗାଯାଇଥିବା ବେଳେ ତାହା ନିର୍ମାଣ ହେଇପାରୁନାହି । ଫାଣ୍ଡି , ପଶୁଡାକ୍ତର ଖାନା ନିର୍ମାଣପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ଜମି ଜବରଦଖଲ ଯୋଗୁଁ ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଜଣାପଡିଛି । ରାଜସ୍ୱ ବିଭାଗ ପକ୍ଷରୁ ସଠିକ ସମୟରେ ପଦେକ୍ଷେପ ନିଆ ଯାଉନଥିବା ଯୋଗୁଁ ଜବରଦଖଲ ସଂଖ୍ୟା ବଢୁଥିବା ବଇଣ୍ଡା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ୨୦୨୦ ମସିହାରେ ବଇଣ୍ଡା ରାଜସ୍ୱ ବିଭାଗ ପକ୍ଷରୁ ୨୫୨ ଜଣ ସରକାରୀ ଜମିରେ ଘର କରିଥିବା ଚିହ୍ନଟ କରାଯାଇ ସେମାନ ଙ୍କ ନାମରେ ବଇଣ୍ଡା ଆରଆଇ ଙ୍କ ପକ୍ଷରୁ ତହସିଲ କାର୍ଯ୍ୟାଳୟ ରେ ମାମଲା ରୁଜୁ କରି ଜରିମାନା ପାଇଁ ନୋଟିସ ଜାରି କରାଯାଇଥିଲା । ୨୦୨୫ ରେ ତାହା ବଢି ୨୮୦ ଜଣ ସରକାରୀ ଜମି ରେ ବେଇଆନ ଭାବରେ ଘର କରିଥିବା ଜଣା ପଡିଛି । ତୁରନ୍ତ ଏଥିପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେଇ ଏକର ଏକର ଜମି କୁ ଜବରଦଖଲ ଉଚ୍ଛେଦ କରି ସମସ୍ତ ସରକାରୀ କାର୍ଯାଳୟକୁ ନିର୍ମାଣ କରିବା ପାଇଁ ବଇଣ୍ଡା ଛକ ଗ୍ରାମବାସୀ ଦାବି କରିଛନ୍ତି ।

# ଏଚପିଏଲ ନାଇଟ କପ୍ ଟୁର୍ଣ୍ଣାମେଣ୍ଟ : ଏକେ ୱାରିୟସ ଚାମ୍ପିଅନ

ଠାକୁରଗଡ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ହାଇସ୍କୁଲ ଖେଳ ପଡିଆ ଠାରେ ଚାଲିଥିବା ଏଚପିଏଲ ନାଇଟ କପ ଟୁର୍ନାମେଣ୍ଟ ଶନିବାର ଦିନ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଏସଏ ୱାରିୟସକୁ ହରାଇ ଏକେ ୱାରିୟସ ଚମ୍ପିୟାନ ହୋଇଛି । ଏହି ଟୁର୍ନାମେଣ୍ଟକୁ ହଣ୍ଡପା ସମିତିସଭ୍ୟ ଆନୁକୁଲ୍ୟ ବେହେରା ଉଦଘାଟନ କରିଥିବା ବେଳେ ଏଥିରେ ୫ ଟିମ ଅଂଶ ଗ୍ରହଣ କରିଥିଲେ । ଉଦଯାପିନୀ ମ୍ୟାଚରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବ୍ଲକ ଅଧକ୍ଷ୍ୟ ସୁନୀଲ କୁମାର ପ୍ରଧାନ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ଅସିମ କୁମାର ଜେନା , ଗୁଲଜାର ଖାନ , ଅନିଲ ବେହେରା , ଲିପୁ ସାହୁ , ପ୍ରକାଶ ପ୍ରଧାନ ଯୋଗ ଦେଇଥିଲେ ।

# ଦୁଇ ବାଇକ୍ ମୁହାଁମୁହିଁ : ୩ ଗୁରୁତର



ନୀଳଗିରି,(ସବ୍ୟୁ): ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ ୧୯ନଂ ରାଜ୍ୟ ରାଜପଥ ସେରଗଡ ନୀଳଗିରି ଝରଣଘାଟି ଉଦଳା ରାସ୍ତାର ଘାଟଘରସାହି ଆର.କେ.ସି.ଟି ଇଂଜିନିୟରିଂ କଲେଜ ନିକଟରେ ଏହି ଦୁର୍ଘଟଣା ଘଟିଛି । ସନ୍ତରାଗଡିଆ ଗୋପ ଗ୍ରାମର କେଶବ ଚନ୍ଦ୍ର ମହାନ୍ତି ନିଜର ବାଇକରେ ନିଜର ନାତି ଓ ପୁଅର ବୋହୂଙ୍କୁ ନେଇ ନିଜର ଶଶୁର ଘର ଜାମୁଡିଆ କୁ ଜାଉଥିବା ବେଳେ ସଜନାଗଡ଼ ପଟୁ ଆସୁଥିବା ସନ୍ତରାଗଡ଼ିଆ ଗ୍ରାମର ପ୍ରତାପ ସିଂ ଓ ତାର ଦୁଇ ସାଙ୍ଗଙ୍କୁ ଧରି ବାଇକରେ ଆସି ମୁହାଁ ମୁହିଁ ଧକ୍କା ଦେବା ଫଳରେ ବାଇକ୍ ଦୁଇଟି ଭାଙ୍ଗି ଯିବାସହ କେଶବ ଚନ୍ଦ୍ର ମହାନ୍ତିଙ୍କର ଗୋଡ଼ ଭାଙ୍ଗି ଯାଇଛି। ସେହିପରି କେଶବଙ୍କର ନାତି ଜନ୍ମଜେୟ ପ୍ରଧାନ ମଧ ଗୁରୁତର ହୋଇଛନ୍ତି। ପ୍ରତାପ ସିଂର ମଧ ଗୋଡ଼ ଭାଙ୍ଗି ଯାଇଛି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ନୀଳଗିରି ମେଡିକାଲ ଆଣିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ୩ ଜଣଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଏପଟେ ନିଳଗିରି ପୋଲିସ ଦୁର୍ଘଟଣା ଗ୍ରସ୍ତ ବାଇକ୍‌କୁ ଜବତ କରିଛି।

# ନିଲୋକ ହାଇସ୍କୁଲର ୨୦୦୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ବନ୍ତ,ତା(ସବୁଯ):ବନ୍ତ ବ୍ଲକ ନିଲୋକ ହାଇସ୍କୁଲର ୨୦୦୩ ବଯାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି । ନିଲୋକ ହରିହର ନୋଡାଲ ଉପ୍ରା ବିଦ୍ୟାଳୟ ନିକଟସ୍ଥ ପଡିଆ ଠାରେ ଆୟୋଜିତ କାର୍ଯଯକ୍ରମରେ ରଞ୍ଜନ କୁମାର ପଣ୍ଡା, ରବିନ୍ଦ୍ର କୁମାର ବାରିକ, ସନ୍ତୋଷ କୁମାର ମିଶ୍ର, ବ୍ରହ୍ମାନନ୍ଦ ଲେଙ୍କା, ପ୍ରଶାନ୍ତ ସେଠୀ, ଅକ୍ଷୟ ଖିଲାର, ଭାଗିରଥି ନାୟକ, ପୂର୍ଣ୍ଣ ଚନ୍ଦ୍ର ବାରିକ, ମମତା ଲେଙ୍କା, କବିତା ସେଠୀ, ଅନିତା ଲେଙ୍କା, ଦୀଲିପ ନାୟକ, ରଞ୍ଜନ ମହାକୁଡଙ୍କ ସମେତ ଅନଯ ମାନେ ଯୋଗ ଦେଇ ପୁରୁଣା ସ୍ମୃତିକୁ ମନେ ପକାଇବା ସହ ବର୍ତ୍ତମାନର କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଦିବଂଗତ ସାଥୀ ମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

# କ୍ରୀଡା ଶିକ୍ଷକଙ୍କ ଘରୁ ଚୋରି

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ଥାନା ଅଧୀନ ଯୋରନ୍ଦା ଫାଣ୍ଡି ଅନ୍ତର୍ଗତ କରମୂଳ ଗ୍ରାମର କ୍ରୀଡା ଶିକ୍ଷକଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହେଉଛି.। କ୍ରୀଡା ଶିକ୍ଷକ ନରେଶ ଚନ୍ଦ୍ର ସାହୁ ତାଙ୍କ ଶଶୁର ଘରକୁ ଏକଶୁଦ୍ଧି କ୍ରିୟା ପାଇଁ ଭୁବନ ଯାଇଥିଲେ।ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଘରର ସାମନା କବାଟର ତାଲା ଭାଙ୍ଗି ଘରେ ପଶି ଆଲମିରା ଭାଙ୍ଗି ସେଥିରେ ପୂର୍ବରୁ ଗଚ୍ଛିତ ରହିଥିବା ସୁନା, ରୁପା ସବୁ ଚୋରି କରିବା ସହିତ ଶୋଇବା ଘରେ ଥିବା ବକ୍ସ ପ୍ଲାଟନ ଖଟର ଉପରେ ପଡ଼ିଥିବା ପ୍ଲାଇକୁ ଉଠେଇ ଖଟର ବକ୍ସ ଭିତରେ ଥିବା ସମସ୍ତ ଜିନିଷକୁଏଣେତେଣେ ଫୋପାଡ଼ି ଦେଇ ଫେରାର ହୋଇଥିଲେ।ଘଟଣାକୁ ନେଇ ନରେଶ କୁହନ୍ତି ଘରର ସମସ୍ତ ଗହଣା ସବୁ ଓ ମୋ ଝିଅ ବିଭାଘର ପାଇଁ କିଣିଥୁବା ସମସ୍ତ ଅଳଙ୍କାର ଚୋର ନେଇ ପଳେଇଛି।ଆନୁମାନିକ ସୁନା ପାଞ୍ଚ ସାତ ଭରି, ରୂପ ଅଳଙ୍କାର ଦଶ ଭରି ହେବ । ଆଜି ଭୋର ସମୟରେ ନରେଶ ସାହୁଙ୍କୁ ତାଙ୍କ ପଡୋଶୀ ଏ ବିଷୟରେ ଜଣାଇଥିଲେ। ତାପରେ ସେ ଭୁବନ ରୁ ଆସି ଦେଖନ୍ତି ଘରର ମୁଖ । ଦ୍ୱାରା ତାଲା ଭାଙ୍ଗିଛି।ଭିତରେ ତିନୋଟି ଘରର ତଲା ଭାଙ୍ଗି ସବୁ ଘରେ ପଶି ଘରେ ଥିବା ଲୁଗା ପଟା ଅନ୍ୟାନ୍ୟ ଜିନିଷ ପତ୍ର ଫୋପଡ଼ା ଫୋପାଡି ପଡିଛି। ଉକ୍ତ ଚୋରି ଘଟଣା ସମ୍ପର୍କରେ ତୁରନ୍ତ ଯୋରନ୍ଦା ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ ଆସି ଘଟଣା ସ୍ଥଳରେ ପହଁଚି ତଦନ୍ତ କରିଥିଲେ।ସେହିପରି ଖବର ପାଇ ଗଁଦିଆ ଥାନ ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିବା ସହିତ ସେପରି କୌଣସି ଠୋସ ସୁରାଚ଼ ମିଳି ନଥିବାରୁ ଏହି ଚୋରି ଘଟଣାର ପୁଙ୍ଖାନୁ ପୁଙ୍ଖ ତଦନ୍ତ ସହିତ ପରେ ସନ୍ଧାନି କୁକୁର ସହାୟରେ ଯାଞ୍ଚ କରିଥିଲେ। କିଛି ନମିଳିବାରୁ ଆସନ୍ତା କାଲି ସାଇଣ୍ଟିଫିକ ଦଳ ଆସିଲେ ତଦନ୍ତ ପକ୍ରିୟାକୁ ଜୋର ଦାର କରିବା ଶହ ଏହି ଚୋରି ଘଟଣାରେ ସମ୍ପୃକ୍ତ ମାନଙ୍କୁ ଧରିବା ନିମନ୍ତେ ପୋଲିସ ପକ୍ଷରୁ ତଦନ୍ତକୁ ଜୋରଦାର କରାଯିବ ବୋଲି ଗଁଦିଆ ଥାନା ଅଧିକାରୀ ପ୍ରକାଶ କରିଛନ୍ତି । ସେହିପରି ଦୁଇ ଦିନ ତଳେଉକ୍ତ ଫାଣ୍ଡି ଅନ୍ତର୍ଗତ ମକୁନ୍ଦପୁର ଗ୍ରାମରେ ମଧ ଏକ ବୁଲେଟ ଗାଡିକୁ ନେଇଯିବା ସମୟରେ ଗୃହ କର୍ତ୍ତା ଉଠୁଯିବାରୁ ଗାଡି ଛାଡି ଚୋର ପଳେଇଥିଲେ।ବର୍ତ୍ତମାନ କରମୂଳ ଗ୍ରାମ ପଂଚାୟତରେ ଚୋରୀର ପାଦୃଭାବ ବଢ଼ି ଥିବାରୁ ଲୋକମାନଙ୍କ ମଧ୍ୟରେ ଭୟରେ ବାତାବରଣ ସୃଷ୍ଟି ହେଉଛି।

# ଗୁରୁତର ମହିଳାଙ୍କ ମୃତ୍ୟୁ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ଆନନ୍ଦପୁର ଠାରେ ବାଇକ କାର ଦୁର୍ଘଟଣାରେ ବାଇକରେ ବସିଥିବା ଠାକୁରଗଡ ଅଞ୍ଚଳ ର ରିଙ୍କି ଭୋଇ ଗୁରୁତର ଆହାତ ହୋଇଥିଲେ । ସେ କଟକ ବଡ ମେଡିକାଲ ରେ ଚିକିସ୍ଚିତ ହୋଇଥିବା ବେଳେ ତାଙ୍କର ଶନିବାର ରାତିରେ ମୃତ ହୋଇଛି । ସେ ୯ ତାରିଖରେ ଏକ ବାଇକ ଯୋଗେ ବଇଣ୍ଡାରୁ ଠାକୁରଗଡ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ ।

# ସମାଜସେବୀ ବ୍ରହ୍ମାନନ୍ଦ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା



କାମାକ୍ଷାନଗର,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ନୂଆ ରାଙ୍କିଆ ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ବ୍ରହ୍ମାନନ୍ଦ ମହାନ୍ତିଙ୍କ ଏକାଦଶାହ ଅବସରରେ ଗୁନେଇବିଲି ଉଚ୍ଚ ବିଦ୍ୟାଳୟ ୧୯୯୦ ବ୍ୟାଚର ବନ୍ଧୁମାନଙ୍କ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ।ପ୍ରାରମ୍ଭରେ ସ୍ୱର୍ଗତଃ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ବିଜେଡ଼ି ନେତା ସଞ୍ଜୟ ଦାସବର୍ମାଙ୍କ ଧର୍ମପତ୍ନୀ ସମେତ ପରିବାରବର୍ଗ ଯୋଗ ଦେଇଥିଲେ । 'ସମୟ'ର ଜିଲ୍ଲା ପ୍ରତିନିଧି ସନ୍ତୋଷ ଶତପଥୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଛାୟାକାନ୍ତ ନାୟକ, ଅଧାପକ ବାଙ୍କନିଧି ରାଉତ, ଅବସରପ୍ରାପ୍ତ ଏଜି ଅଡିଟର ଯୁଧିଷ୍ଠିର ମହାନ୍ତି, ଶିକ୍ଷକ ନିର୍ମଳ ଚନ୍ଦ୍ର ନାୟକ, ପଦ୍ମଲୋଚନ ଲେଙ୍କା, କ୍ଷୀରୋଦ ବରାଳ, ସାଙ୍ଗମାନଙ୍କ ମଧ୍ୟରେ ସାରଙ୍ଗଧର ବେହେରା, ପ୍ରବୁଦ୍ଧ ରାଉଳ, ସୁଜିତ ବେହେରା, ପ୍ରହଲ୍ଲାଦ ରାଉତ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ପ୍ରଭାତ ବେହେରା, ଅଲେଖ ପ୍ରସାଦ ନାୟକ, ଗଦାଧର ନାୟକ, ଦିଲ୍ଲୀପ ଖୁଣ୍ଟିଆ, ପ୍ରଣତି ସ୍ୱାଇଁ, ଅନିତା ରାଉତ, ଶ୍ରୀମତୀ ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାକୁ ବିଭୂତି ଭୂଷଣ ବେହେରା ପରିଚାଳନା କରିଥିଲେ ।

# ରଜ ମହୋତ୍ସବରେ ଚମକୁଛି ତାଳଚେର ଅଞ୍ଚଳ

ତାଳଚେର,(ସବ୍ୟୁ) : ଆଜି ରଜମହୋତ୍ସବ ।ତାଳଚେରର ପୁରପଲ୍ଲୀ ଠାରୁ ଆରମ୍ଭ କରି ସହରାଚଂଳ ପର୍ଯ୍ୟନ୍ତ ବେଶ ଜାକଜମରେ ହେଉଥିବା ଦେଖିବାକୁ ମିଳିଛି । ଘରର ମହିଳା ମାନଙ୍କ ସହିତ କାଉଁରୀ କନ୍ୟାମାନେ ନୂତନ ପରିଧାନ କରି ପାଦରେ ଅଳତା ଓ ଝୁମୁକା ଲଗା ପାଉଁଜି, ଆମ୍ବତୋଟାର ଦୋଳି ସ୍ଥାନ ଓ ରଜଗୀତର ଆସରରେ ଚମକୁ ଥିବା ଦେଖାଯାଇଛି । ତାଳଚେର ବ୍ଲକର ବିଭିନ୍ନ ଗ୍ରାମ ଯଥା –କଙ୍କିଳି, ଧରମପୁର, ସଇନାଳୀ, ହରିହରପୁର, କାକୁ ସାତପାଟିଆ, ସ୍କଟଲାଣ୍ଡପୁର, ବିହାରୀପୁର, କିଶୋରରୀପାଳ, ଭେରୁବଣିଆ, ଗୁରୁଜାଙ୍ଗ, ସନ୍ଥପ ବହ୍ଲର, ଚାଇଁପାଳ, ଜଗନ୍ନାଥପୁର, ଦାସନାଳୀ, ଗୋ ଗୁରୁଜାଙ୍ଗୁଲି, କଣ୍ଡାଳ, ପଦ୍ମାବତୀପୁର, କଳମଛୁଇଁ, ଗୋପାଳପ୍ରସାଦ କୁମୁଣ୍ଡା, ରାକସବାହାଳ, ଘଂଟପ ଚାଳଗ ଏବଂ ତାଳଚେର ପୌରାଚଂଳର ୨୧ଗୋଟି ୱାର୍ କାଉଁରୀ କନ୍ୟାଙ୍କ ନିମନ୍ତେ ଦୋଳି କରାଯାଇଥିବା ଦେଖିବାକୁ ମିଳିଥିଲା । ବିଶେଷ କଥା ହେଉଛି ମହିଳାମାନେ ପ୍ରାତଃ କାଳରୁ ବିଛଣା ପରିତ୍ୟାଗ କରି ସ୍ନାନ ଓ ଠାକୁରଙ୍କୁ ପଜାର୍ଚ୍ଚନା କରିବା ସହ ଠାକୁରଙ୍କ ନିକଟରେ ନିଜର ପରିବାରର କୁଶଳମଙ୍ଗଳ ମନାସୀଥିଲେ । ପରେ ପରେ ବିରି, ଚାଉଳ ବତାରାଇ ପିଠାପଣା, ଖୀରି ଇତ୍ୟାଦି ପ୍ରସ୍ତୁତ କରି ସାହିରେ ଘରକୁ ଦିଆଯିବା, ଏହା ଓ ନିଆରା ପରମ୍ପରା ବୋଲି ମନାଯାଇଥାଏ । କିଛି କିଛି ସ୍ଥାନରେ ମିଠାପାନର ଆସର ମଧ ଦେଖିବାକୁ ମିଳିଥିଲା। ଶୁଣାଯାଏ କି, ଦୋଳି ଖେଳିବା ପୂର୍ବରୁ ମିଠାପାନକୁ ଅତି ଆନନ୍ଦର ସହିତ ଖିଆଯାଇଥାଏ, କାରଣ ରଜଦୋଳିର ଏହା ଆଉ ଏକ ଅନ୍ୟତମ ଆନନ୍ଦ । ପ୍ରାୟତଃ ଜାଗା ତଥା ଘରର କିଛିକାଂଶ ଦୂର ଆମ୍ବତୋଟା ଠାରେ ଦୋଳି କରାଯାଇଥିବା ଲକ୍ଷ୍ୟ କରାଯାଇଥିଲା। ତେବେ ଆଜି ଦିନଟି ଓ ଜାତି ପାଇଁ ଏକ ପବିତ୍ର ଦିନ ବୋଲି ମନାଯାଉଥିବାରୁ ଏହି ରଜମହେସ୍ତବକୁ ଅତି ଆନନ୍ଦ ସହକାରେ ପାଳନ କରାଯାଇଥିବା ଦେଖାଯାଇଥିଲା ।

# ପୂର୍ତ୍ତ ବିଭାଗ ରାସ୍ତା ଫାଟି ଆଁ, ନୂତନ ରାସ୍ତା ନିର୍ମାଣ ହେଉନାହି



ଠାକୁରଗଡ ,(ସବ୍ୟୁ) : ସବୁ ଗାଁ କୁ ସଂଯୋଗୀକରଣ ହେବ । ଏନେଇ ରାଜ୍ୟ ସରକାର ବହୁ ଯୋଜନା ପ୍ରଚଳନ କରିଛନ୍ତି । କୋଟି କୋଟି ଟଙ୍କା ବିନିଯୋଗ କରି ସରକାର ରାସ୍ତା ଆଉ ରାସ୍ତା ଉପରେ ବ୍ରିଜ ନିର୍ମାଣ କରୁଛନ୍ତି । ହେଲେ ଅଧିକାଂଶ ଅଞ୍ଚଳ ରେ ରାସ୍ତା ନିର୍ମାଣ ହୋଇଥିଲେ ମଧ ଠିକ ଭାବରେ ନିର୍ମାଣ ହେଉନଥିବା ଯୋଗୁଁ ରାସ୍ତା କିଛି ବର୍ଷ ପରେ ଫାଟି ଆଁ କରୁଛି । ଯାହା ଅନୁଗୋଳ ଜିଲା କିଶୋରନଗର ବ୍ଲକ ରେ ଦେଖିବାକୁ ମିଳିଛି । ଏହି ବ୍ଲକ ର ନୁନୁକାପଶି ପଞ୍ଚାୟତ ର ବୈଷ୍ଣବ ସାହି ଠାରୁ ଭାୟା ଅର୍ଜୁନଧରା ଦେଇ ବିଲେଇନାଳି ପଞ୍ଚାୟତ କୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଟି ଏବେ ଫାଟି ଆଁ କଲାଣି । ରାସ୍ତା ନିର୍ମାଣର ଶେଷର ୫ ବର୍ଷ ପରେ ରାସ୍ତା ଅବସ୍ଥା ପୁରା ଶୋଚନୀୟ ହୋଇ ପଡିଥିବା ବେଳେ ରାସ୍ତା ନୂତନ ନିର୍ମାଣ ହେଉନଥିବା ଯୋଗୁଁ ଅସନ୍ତୋଷ ଦେଖା ଦେଇଛି । ଏପରିକି ୫ ବର୍ଷ ବୀତିଯାଇଥିଲେ ମଧ ଉକ୍ତ ରାସ୍ତାର ବାଙ୍କଧରାନାଳ ଉପରେ ବ୍ରିଜ ନିର୍ମାଣ ହେଉନଥିବା ଯୋଗୁଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୫ ପଞ୍ଚାୟତ ର ୧୧ ଗ୍ରାମବାସୀ ବହୁ ହଇରାଣ ହେଉଛନ୍ତି । ବହୁବାର ପୂର୍ତ୍ତ ବିଭାଗ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି । ଫଳରେ ଉକ୍ତ ରାସ୍ତା ମରାମତି କରିବା ପାଇଁ ଶରଧାମୁଣ୍ଡା ଗ୍ରାମବାସୀମାନେ ଶନିବାର ଦିନ ମେଲ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଅଭିଯୋଗ କରିଛନ୍ତି । ଗ୍ରାମବାସୀ କହିବା ଅନୁଯାୟୀ ଯେ ବଇଣ୍ଡା ନିକଟସ୍ଥ ବୈଷ୍ଣବସାହି ଠାରୁ ବିଲେଇନାଳି ଗ୍ରାମ ପର୍ଯ୍ୟନ୍ତ ୧୦ . ୪୦୦ କିମି ପୂର୍ତ୍ତ ବିଭାଗ ଅଧୀନ ରେ ୬ କୋଟି ୯୫ ଲକ୍ଷ ଟଙ୍କା ବିନିଯୋଗ ରେ ପିଚୁ ରାସ୍ତା ନିର୍ମାଣ ହୋଇଛି । ୨୦୧୮ ଡିସେମ୍ବର ମାସରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୨୦୨୦ ଜାନୁଆରୀ ମାସରେ ରାସ୍ତା କାର୍ଯ୍ୟ ସମାପ୍ତ ହୋଇଥିଲା । ହେଲେ ସେହି ସମୟରେ ଉକ୍ତ ରାସ୍ତା ସଠିକ ଭାବରେ ହୋଇନଥିବା ବେଳେ ରାସ୍ତା କାମର ୨ ବର୍ଷ ପରେ ଫାଟି ଆଁ କଲାଣି । ବିଭାଗୀୟ ଅଧିକାରୀ ଙ୍କ ସହ ଠିକାସଂସ୍ଥା ସଲାସୁତରା ଯୋଗୁଁ ରାସ୍ତା କାମ ସେହି ସମୟ ରେ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ସେହିପରି ରାସ୍ତାରେ ପଡୁଥିବା ୩ ଟି ନାଳ ପଡୁଥିବା ବେଳେ ଅନ୍ୟ ଦୁଇଟି ନାଳ ଉପରେ ବ୍ରିଜ ନିର୍ମାଣ କରାଯାଉଛି । ହେଲେ ପ୍ରଥମେ ପଡୁଥିବା ବାଙ୍କଧରା ନାଳ ଉପରେ ବ୍ରିଜ ନିର୍ମାଣହୋଇ ପାରନାହି । ଫଳରେ ସାମାନ୍ୟ ବର୍ଷା ହେଲେ ନାଳ ଗୁଡିକ ରେ ପ୍ରଚୁର ପାଣି ଯାଉଥିବା ଯୋଗୁଁ ଯାତାୟତ ରେ ବ୍ୟାଘାତ ସୃଷ୍ଟି ହେଉଛି । ନୁନୁକାପଶି , ଲୁହାମୁଣ୍ଡା , ଗାଁ ବଇଣ୍ଡା , ବିଲେଇନାଳି , ଉରୁକୁଳା , ପଞ୍ଚାୟତ ର ଶରଧାମୁଣ୍ଡା , ସୋଲଣ୍ଡା , ଅର୍ଜୁନଧରା , ଭେଜିଗୋଠ , ବଡ ଗୋବିନ୍ଦପୁର , ଗରୁଡ , ଜାମ୍ବବଣିଆ , ସାତପେରେଡିଆ , ବଡବାହଳ , ବଣିନାଳୀ ଆଦି ୧୧ ଟି ଗ୍ରାମର ୧୫ ହଜାର ଲୋକ ଏହି ରାସ୍ତାରେ ଯାତାୟତ ପାଇଁ ନିର୍ଭର ଶୀଳ ହେଉଥିବା ବେଳେ ବର୍ଷା ଦିନେ ଯାତାୟତ ପାଇଁ ବହୁ ହଇରାଣ ହେଉଛନ୍ତି । ଏହି ରାସ୍ତା ଉପରେ ବାଙ୍କଧରା ନାଳ , ସୋଲଣ୍ଡା ନାଳ , ଅର୍ଜୁନଧରା ନାଳ ପଡୁଥିବା ବେଳେ ଏହି ୩ ଟି ନାଳ ଉପରେ ବ୍ରିଜ ଆବଶ୍ୟକତା ରହିଛି । ଫଳରେ ସାମାନ୍ୟ ବର୍ଷା ହେଲେ ୩ ଟି ନାଳ ଉପରେ ୪ ଫୁଟ ର ପାଣି ଯାତାୟତ କରୁଥିବା ବେଳେ ଲୋକେ ଯାତାୟତ କରିପାରୁନାହାନ୍ତି । କିଛି ବର୍ଷ ପୂର୍ବେ ଅନ୍ୟ ଦୁଇଟି ନାଳ ସହ ବାଙ୍କଧରା ନାଳ ଉପରେ ବ୍ରିଜ ନିର୍ମାଣପାଇଁ ଟେଣ୍ଡର କରାଯାଇଥିବା ସହ କାମ ଆରମ୍ଭ ହୋଇଥିଲା । ହେଲେ ବାଙ୍କଧରା ନାଳ ନିକଟରେ ହେବାକୁ ଥିବା ବ୍ରିଜ କୁ ନେଇ ବିବାଦ ଦେଖା ଦେଇଥିଲା । ଉକ୍ତ ବ୍ରିଜ ନିର୍ମାଣରେ ଜମି ପ୍ରତିବନ୍ଧକ ସୃଷ୍ଟି ହୋଇଥିବା ବେଳେ ନିର୍ମାଣ ହୋଇ ପାରି ନଥିଲା । ଫଳରେ ଉକ୍ତ ଟେଣ୍ଡର ବାତିଲ ହୋଇଥିବା ବେଳେ ଅନ୍ୟ ଦୁଇଟି ବ୍ରିଜ ନିର୍ମାଣ କରାଯାଇଥିଲା । ଏହି ବ୍ରିଜ ନିର୍ମାଣ ହେଉନଥିବା ଯୋଗୁଁ ଲୋକ ମାନେ ୭ କିମି ଦୂର ହଣ୍ଡପା , ନଚେତ ୧୦ କିମି ଦୂର ପଙ୍ଗାପଥର ଦେଇ ଯାତାୟତ କରୁଛନ୍ତି । ଯାହାକି ନୂତନ ନିର୍ମାଣ ହୋଇଥିବା ଏହି ରାସ୍ତା ବର୍ଷା ଦିନ ପାଇଁ ଅନୁପଯୋଗୀ ହୋଇପଡିଛି । ତୁରନ୍ତ ଉକ୍ତ ବ୍ରିଜ ନିର୍ମାଣ କରିବା ପାଇଁ ଦାବି ହୋଇଛି । ଏନେଇ ପୂର୍ତ୍ତ ବିଭାଗ ର କନିଷ୍ଠଯନ୍ତ୍ରୀ ହିମାଂଶୁ ମାହାଳିକ କୁହନ୍ତି ରାସ୍ତା ମରାମତି କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ । ଉକ୍ତ ନାଳ ଉପରେ ବ୍ରିଜ ନିର୍ମାଣ ପାଇଁ ପୂର୍ବରୁ ଟେଣ୍ଡର କରାଯାଇଥିଲା । ହେଲେ ଜମି ସମସଯା

# ଆଲୁତୁମା ରଜ ମହୋତ୍ସବ ଉଦ୍‌ଘାଟିତ



କାମାକ୍ଷାନଗର ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନ୍ ଏ ସି ଅନ୍ତର୍ଗତ ଆଳତୁମାରେ ରଜ ମହୋତ୍ସବ କମିଟି ସଭାପତି ବାଳକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଷୋଡ଼ଶ ରଜ ମହୋତ୍ସବ ଉଦଘାଟିତ ହୋଇଯାଇଛି। କାମାକ୍ଷାନଗର ଏନ୍ ଏ ସି ଅଧକ୍ଷ ଧର୍ମାନନ୍ଦ ପରିଡ଼ା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ରୂପେ ଆଳତୁମା ଗ୍ରାମସଭାର ସଭାପତି ବିଭୂତି ଭୂଷଣ ମହାନ୍ତି, ବଡବିଲା ଚଷାସାହି ସଭାପତି ଅକ୍ଷୟ କୁମାର ସେଣ୍ଠ , ଏନ୍ ଏ ସି କାଉନସିଲର ପ୍ରମୋଦ କୁମାର ସେଣ୍ଠ , ସଞ୍ଜୟ କୁମାର ପରିଡ଼ା , ଶୁକଦେବ ସାହୁ , ବନମାଳୀ ରାଉଳ , ରିତାଞ୍ଜଳି ନାୟକ , ଖୁଲଣା ବେହେରା , କମିଟି ଉପସଭାପତି ମକରଧ୍ୱଜ ପ୍ରଧାନ ଉପସ୍ଥିତ ଥିଲେ । ଷ୍ଟ ସଦସ୍ୟ ଛବି ନାରାୟଣ କବି ଓ ପ୍ରଦୀପ କୁମାର ମହାରଣା ମଞ୍ଚରେ ଉପସ୍ଥିତ ଥିଲେ । ସଂଯୋଜକ ନିରଞ୍ଜନ ସାହୁ ଅତିଥି ପରିଚୟ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦକ ରାଜେନ୍ଦ୍ର ସେଣ୍ଠ ଧନ୍ୟବାଦ ଅର୍ପଣ କରିଥିଲେ । ତିନି ଦିନବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଉପଦେଷ୍ଟା ମଧୁସୂଦନ ସେଣ୍ଠ ସୂଚନା ପ୍ରଦାନ କରିଛନ୍ତି । ଖାଦ୍ୟ ଷ୍ଟଲ୍ , ଆମ୍ବଗଛ ଗୁଡିକରେ ବିଭିନ୍ନ ଜୀବନ୍ତ ଚିତ୍ର ଓ ବିଭିନ୍ନ ଦୋଳି ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରୁଛି । ବିଭିନ୍ନ ପ୍ରକାର ଖେଳ କାର୍ଯ୍ୟକ୍ରମକୁ ମୁନା ତ୍ରିପାଠୀ ଓ ସହଯୋଗୀ ମାନେ ପରିଚାଳନା କରିଥିଲେ । ନୃତ୍ୟଗୁରୁ ଗୁରୁଚରଣ ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭ୍ୟ ରାଜେଶ ସେଣ୍ଠ , ରଶ୍ମିରଞ୍ଜନ ସାହୁ , ଶୁଭ୍ରାଂଶୁ ସାହୁ , ଶୁଭ୍ରାଂଶୁ ମହାନ୍ତି, ସଚ୍ଚିଦାନନ୍ଦ ମହାରଣା , କର୍ପୁରାରି ସାହୁ , ଦୀପକ ପରିଡ଼ା , ବିଶ୍ୱଜିତ୍ ପ୍ରଧାନ , ରଞ୍ଜନ ପ୍ରଧାନ , ଆଶିଷ ସେଣ୍ଠ , ସୌଭାଗଯ ବେହେରା , ମାନସ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜକ ଆଶିଷ ଓ ମୌସୁମୀ ସଂଯୋଜନା କରିଥିଲେ ।

# ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପରେ ଭାପୁର ବ୍ଲକକୁ ସାମିଲ ଦାବି

ଭାପୁର, (ସବ୍ୟୁ): ପ୍ରଶାସନିକ ଓ ରାଜନୈତିକ ସ୍ତରରେ ସବୁବେଳେ ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକ ଉପେକ୍ଷିତ ହୋଇ ଚର୍ଚ୍ଚାରେ ରହିଆସୁଛି ।ବଦଳୁଛନ୍ତି ନେତା,ମନ୍ତ୍ରୀ,ପ୍ରଶାସନିକ ଅଧିକାରୀ ହେଲେ ଭାପୁର ବ୍ଲକ ସବୁବେଳେ ଯେଉଁ ଅବହେଳିତ କୁ ସେହି ଅବହେଳିତ ଅବସ୍ଥାରେ ରହିଆସିଛି ।ଏହାର ସଦ୍ୟତମ ଉଦାହର ହେଲା ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଯୋଜନାରୁ ଭାପୁର ବ୍ଲକ ବାଦପଡିବା ଘଟଣା ।ଭାପୁର ବ୍ଲକର ଶତକଡା ୮୦ ଭାଗ ଜନସାଧାରଣ କୃଷି ଉପରେ ନିର୍ଭର କରି ଚଳନ୍ତି । ବ୍ଲକରେ ମୋଟ ୧୨୭୧୩ ହେକ୍ଟର ଚାଷଜମି ରହିଥିବା ବେଳେ ସେଥିରୁ ମାତ୍ର ୧୨୩୬ ହେକ୍ଟର ଜମି ଜଳସେଚିତ ଓ ବାକି ୧୧୪୭୭ ହେକ୍ଟର ଜମି ଅଣ ଜଳସେଚିତ ।

ମାତ୍ର, ସରକାରୀ ଭାବେ ଯେତିକି ହେକ୍ଟର ଜମି ଜଳସେଚିତ ବୋଲି ଦର୍ଶାଯାଇଛି ତାହା ବାସ୍ତବ ଠାରୁ ବହୁ ଦୂରରେ ।ମହାନଦୀ କୂଳରେ ଅବସ୍ଥିତ ଏହି ବ୍ଲକ ମହାନଦୀର ବନ୍ୟାଜଳରେ ଉବୁଟୁବୁ ହୋଇଥାଏ। ମାତ୍ର,ବନ୍ୟା ପରେ ଏହି ଜଳ ନିଷ୍କାସନ ହୋଇଯାଉଥିବାରୁ ଚାଷୀଙ୍କ ଜମିରେ ଜଳସେଚନ ହୋଇ ପାରେ ନାହିଁ । ଅତୀତରେ,ମଣିଭଦ୍ରା ପ୍ରକଳ୍ପ ହେବ,ବୃତ୍ତଙ୍ଗ ଯୋଜନା ହେବ, ପଦ୍ମାବତୀ ବ୍ୟାରେଜ ହେବ ସେମାନଙ୍କ ଜମିକୁ ପାଣି ଆସିବ ବୋଲି ଭାପୁର ବ୍ଲକର ହଜାର ହଜାର ଚାଷୀଙ୍କୁ ଦିବା ସ୍ୱପ୍ନ ଦେଖେଇ ଅନେକ ନେତା ଆରପାରିକୁ ଗଲେଣି ଆଉ ଯେଉଁମାନେ ବର୍ତ୍ତମାନ ଅଛନ୍ତି ସେମାନଙ୍କ ସ୍ୱପ୍ନ ଦିବାସ ସ୍ୱପ୍ନ ହେବାକୁ ବସିଛି।ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି।

ଏଥିପାଇଁ ୧୯୪-୦୭ କୋଟି ଟଙ୍କା ମଞ୍ଜୁର ହୋଇଛି।ଏହି ମେଗା ପ୍ରକଳ୍ପ ଦ୍ୱାରା ଦଶପଲ୍ଲା, ନୂଆଗାଁ, ନୟାଗଡ଼, ଓଡଗାଁ,ଖଣ୍ଡପଡା ବ୍ଲକର ହଜାର ହଜାର ଚାଷୀଙ୍କ ଜମି ଜଳସେଚିତ ହୋଇପାରିବ ମାତ୍ର ଭାପୁର ବ୍ଲକର କୌଣସି ଗାଁ ର ଚାଷୀ ଏହି ବୃହତ ପ୍ରକଳ୍ପର ସୁବିଧା ପାଇବେ ନାହିଁ।

## ବୈଦେଶ୍ୱର ଗୋପୀନାଥପୁର ଟି ବ୍ରିଜ ଉପରେ ମର୍ମନ୍ତୁଦ ଦୁର୍ଘଟଣା

# ଅଟୋରେ ପିଟି ହୋଇ ବାଇକ୍ ଆରୋହୀ ମୃତ, ୪ ଆହତ

ବାଙ୍କୀ/ଆଠଗଡ଼, (ସବ୍ୟୁ): କଟକ ଜିଲ୍ଲା ବାଙ୍କୀ ବୈଦେଶ୍ୱର ଓ ବଡ଼ମ୍ବା ଗୋପିନାଥପୁର ଟି ବ୍ରିଜ ଉପରେ ବାଇକ ସହ ଅଟୋର ମୁଁହାମୁହିଁ ଧକ୍କାଏପରି ହୋଇଥିଲାଯେ ଘଟଣା ସ୍ଥଳରେ ବାଇକ ଆରୋହୀଙ୍କ ମୁଣ୍ଡ ଶରୀରରୁ ଅଲଗା ହୋଇ ଯାଇଛି।

ମୃତକ ଯୁବକ ଜଣକ ବଡମ୍ବା ବୃନ୍ଦାବନ ପୁର ଗ୍ରାମର ସୁଶାନ୍ତ କୁମାର ଗୋଛି (୨୨) ବୋଲି ଜଣାଯାଇଛି ।ଯୁବକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ଶହ ବୃନ୍ଦାବନ ପୁର ଗ୍ରାମର ଶତାଧିକ ଯୁବକ ବ୍ରୀଜ ରାସ୍ତା ଉପରେ ଧାରଣା ଦେଇଛନ୍ତି। ଫଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ଅଟୋରେ ବସି ଯାଉଥିବା ଯାତ୍ରୀମାନଙ୍କ ମଧ୍ୟରୁ ୪ ଜଣ ଆହାତ ହୋଇ ବଡ଼ମ୍ବା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଉଭୟେ ବଡମ୍ବା ଓ ବୈଦେଶ୍ୱର୍ ପୋଲିସ ଘଟଣା ସ୍ଥଳରେ ଉପସ୍ଥିତ ଅଛନ୍ତି। ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସ୍ଥଳରେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ପହଞ୍ଚି



ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିବା ସହିତ ପ୍ରସାଶନ ପକ୍ଷରୁ ରେଡକ୍ରସ ତରଫରୁ ନଗଦ ୩୦ ହଜାର ଟଙ୍କା ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଛି।

## ସାକ୍ଷୀଗୋପାଳ ଓଭରବ୍ରିଜ ସର୍ଭିସ ରୋଡ ଦୁରବସ୍ଥା , ମରାମତି ଦାବି

ସାକ୍ଷୀଗୋପାଳ , (ସବ୍ୟୁ): ପୁରୀ –ଭୁବନେଶ୍ୱର ଜାତୀୟ ରାଜପଥର ସାକ୍ଷୀଗୋପାଳ ଓଭରବ୍ରିଜ ସଂଲଗ୍ନ ସର୍ଭିସ ରୋଡର ମରାମତି ନିମନ୍ତେ ପୂର୍ବରୁ ଖାଲଖମା ପୂର୍ଣ୍ଣ ଥିବା ପିଚୁ ରାସ୍ତାକୁ ଖୋଳି ଦିଆଯାଇ ଅଛି । ମାତ୍ର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଏହି ସର୍ଭିସ ରୋଡ଼ ଉପରେ ପିଚୁ ପକା ଯାଇ ପାରିନାହିଁ । ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଓ ଯାତାୟାତକାରୀମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଦୁଇଚକିଆ ଯାନ ଚାଳକମାନେ ଏହି ରାସ୍ତାରେ ଅଧିକ ଅସୁବିଧାରେ ପଡୁଛନ୍ତି। ବସ, ଟ୍ରକ ଭଳି ବଡ଼ ଗାଡ଼ିକୁ ଅତିକ୍ରମ କରିବା ସମୟରେ ଖୋଳାଯାଇଥିବା ଅସମାନ ରାସ୍ତା ଯୋଗୁଁ ଚକା ଦୋହଲି ଯାଉଥିବାରୁ ଯାନର ଭାରସାମ୍ୟ ରହୁନାହିଁ ଏବଂ ଦୁର୍ଘଟଣା ଘଟୁଛି। କାଞ୍ଚିଆଠାରୁ ନୂଆଗାଁ ଛକ ପର୍ଯ୍ୟନ୍ତ ପ୍ରାୟ ଏକ କିଲୋମିଟର ଲମ୍ବା ଏହି ସର୍ଭିସ ରୋଡର ଅବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ, ମରାମତି ନାମରେ ରାସ୍ତା ଖୋଳାଯାଇଥିଲେ ମଧ୍ୟ ଦୀର୍ଘ ସମୟ ଧରି କାମ ବନ୍ଦ ରହିଛି। ଏହା ଯୋଗୁଁ ଧୂଳିଧୂସର ପରିବେଶ ସୃଷ୍ଟି ହେବା ସହ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବାର ଅଭିଯୋଗ ହେଉଛି। ଏହି ପରିସ୍ଥିତିରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା ମରାମତି କାମ ଶେଷ କରି ଯାତାୟାତକୁ ସୁରକ୍ଷିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରିଅଲମି ପି୪ଆର ୫ଜିର ଶୁଭାରମ୍ଭ

ବାଲିପାଟଣା , (ସବ୍ୟୁ): ଅଗ୍ରଣୀ ସ୍ମାର୍ଟଫୋନ ବ୍ରାଣ୍ଡ, ରିଅଲ୍ମି ପକ୍ଷରୁ ଆଜି ରିଅଲ୍ମି ପି୪ଆର ୫ଜିର ଶୁଭାରମ୍ଭ କରାଯାଇଛି । ଯୁବ ଉପଭୋକ୍ତାଙ୍କ ପାଇଁ ଡିଜାଇନ କରାଯାଇଥିବା ରିଅଲମି ପି୪ଆର ୫ଜି ସେଗ୍ମେଂଟର ଏକମାତ୍ର ୫୩୦୦ଏମଏମ୨ ଏୟାରଫ୍ଲୋ ଭାପୋର ଚାମ୍ବର, ପ୍ରାକ୍ଟିକାଲ ଏଆଇ ଫିଚର ଓ ଏକ ମଜବୁତ ଡିଜାଇନ ସହ ସୁସଜ୍ଜିତ ରହିଛି । ଏଥିରେ ଉତାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରୁଥିବା ବାଏପାସ ଚାର୍ଜିଙ୍ଗ ଓ ୱାନ ଟ୍ୟାପ କୁଲିଙ୍ଗ ଫିଚର ରହିଛି ।

# କଚ୍ଛପ ଗତିରେ ମେଗା ପାନୀୟ ଜଳ ପ୍ରକଳ୍ପ

## ପଞ୍ଚାୟତ ରାଜ ମନ୍ତ୍ରୀଙ୍କ କ୍ଷୋଭ ପ୍ରକାଶ

ଗୋପ , (ସବ୍ୟୁ): ଗୋପ ବ୍ଲକରେ ପିଇବା ପାଣି ପାଇଁ ଏକ ପ୍ରକାର ହାହା କାର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଭିତି ପ୍ରସ୍ତ ସ୍ଥାପନର ଏକ ବର୍ଷ ଚାରି ମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୋପ ବ୍ଲକର ଅନେକ ପଂଚାୟତରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ।ଯାହାକୁ ନେଇ ଗତ ଜାନୁଆରୀ ମାସରୁ ଜନସାଧାରଣ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

 କଚ୍ଛପ ଗତିରେ ଅଟକି ରହିଛି ମେଗା ପାନୀୟ ଜଳ ପ୍ରକଳ୍ପ ଯାହାକୁ ନେଇ ପଞ୍ଚାୟତ ରାଜା ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ରବିବାର ଦିନ ସକାଳ ୧୦ ଟାରେ ଏକ ଜରୁରୀ କାର୍ଯ୍ୟକ୍ରମରେ ଯାଉଥିବା ବେଳେ ଅଚାନକ ଗୋପ ବ୍ଲକରେ ପହଞ୍ଚି ଅସନ୍ତୋଷ ପ୍ରକାଶ



କରିବା ସହିତ ପାନୀୟ ଜଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ ।ତେବେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ପ୍ରଶ୍ନରେ ମନ୍ତ୍ରୀ ହଡବଡେଇ ଯାଇଥିଲେ । ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀରେ ଯଦି ଏଭଳି କଚ୍ଛପ ଗତିରେ କାର୍ଯ୍ୟ ହେବ ତେବେ ଅନ୍ୟ ବ୍ଲକରେ କିଭଳି କାର୍ଯ୍ୟ ହେଉଥିବ ତାହା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି।ସୂଚନା ଥାଉକି ୨୦୨୫ ମସିହା ଫେବୃଆରୀ ମାସ ୨୮ ତାରିଖରେ ଗୋପ ବ୍ଲକ ନାଗପୁର ଠାରେ ଉପମୁଖ୍ୟ ମନ୍ତ୍ରୀ, ପଞ୍ଚାୟତ ରାଜ ମନ୍ତ୍ରୀ ରବିନାରାୟଣ ନାୟକ,ପୁରୀ ସାଂସଦ ସମ୍ବିତ ପାତ୍ର, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ,କାକଟପୁର ବିଧାୟକ ତୁଷାର କାନ୍ତି ବେହେରା ଓ ପୁରୀ ସଦର ବିଧାୟକ ସୁନିଲି କୁମାର ମହାନ୍ତି ପ୍ରମୁଖ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ୨୧୩ କୋଟି ୯୮ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଭିତିପ୍ରସ୍ତ ସ୍ଥାପନ କରିଥିଲେ।ଏକ ବର୍ଷ ମଧ୍ୟରେ କାର୍ଯ୍ୟ ସରିବ ବୋଲି ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପରିଡା ଘୋଷଣା କରିଥିଲେ।

ଯେଉଁ ଥିରେ ଗୋପ ବ୍ଲକର ୮୪ଟି ଗ୍ରାମ,ପୁରୀ ସଦର ବ୍ଲକର ୬୭ଟି ଗ୍ରାମ ଓ ନିମାପଡା ବ୍ଲକର ୬ଗ୍ରାମର ଜନସାଧାରଣ ମାନେ ଉପକୃତ ହେବା ସହିତ ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି କହିଥିଲେ।ତେବେ ଅଣ ଓଡିଆ ଠିକାଦାର ହାତରେ ବନ୍ଧା ପଡିଛି ପ୍ରକଳ୍ପ।ଯେଉଁ ପଂଚାୟତରେପାଇପ ଲାଇନ ବିଛା ଯାଇଛି ତାହା ନିମ୍ନମାନର କାର୍ଯ୍ୟ କରାଯାଉଥିବା ବେଳେ ପାଇପ ଲାଇନ ପୋତିବାରେ ମଧ୍ୟ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି।ତେବେ ମନ୍ତ୍ରୀ ରବିବାର ଦିନି ଅଚାନକ ଗସ୍ତରେ ଆସି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ହାଇକୋର୍ଟ ନିର୍ଦ୍ଦେଶ ମାନୁନି ପ୍ରଶାସନ

# ଜବରଦଖଲ ମୁକ୍ତ ହୋଇପାରୁନି ବଜାରରେ ଥିବା ଶ୍ମଶାନ ଜାଗା

ଗୋପ, (ସବ୍ୟୁ): ଗୋପ ବଜାର ଉପରେ ଥିବା ୧ଏକର ୩୨ଡ଼ିସିମିଲ ଶ୍ମଶାନ ଜମିକୁ ନେଇ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ସମାଧାନର ସୂତ୍ର ବାହାରି ନପାରିବାରୁ ଗୋପ ବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ନ୍ୟାୟାଳୟଙ୍କ ଆଦେଶ ପରେ ବି କୌଣସି ପଦକ୍ଷେପ ଜିଲ୍ଲା ପ୍ରଶାସନ ନେଉନଥିବାରୁ ଜନସାଧାରଣ ମାନନଙ୍କ ମଧ୍ୟରେ ସନ୍ଦେହ ଆହୁରି ଦୃଢ଼ୀଭୂତ ହେଉଛି। ସୂଚନା ଅନୁଯାୟୀ, ୧୯୮୮ମସିହାରେ କୁଶଭଦ୍ରା ବ୍ରିଜ ଆପ୍ରୋଚ ରୋଡ ନିର୍ମାଣ ପାଇଁ ଶ୍ମଶାନର ୧ ଏକର ୩୨ ଡିସିମିଲି ଜମି ମଧ୍ୟରୁ ୩୬ ଡିସିମିଲି ଜମି ପୂର୍ତ୍ତ ବିଭାଗ ଦ୍ୱାରା ଅଧିଗ୍ରହଣ କରାଯାଇଥିଲା । ପ୍ଲଟ ନଂ ୩୧୪୧ରୁ ସମାନ ପରିମାଣର ଜମି ଶ୍ମଶାନ ପାଇଁ ଦିଅଯାଇଥିଲା। କିନ୍ତୁ ବର୍ତ୍ତମାନ ସେହି ଜମିକୁ କେତେକ ଅସାଧୁ ବ୍ୟକ୍ତି ଦଖଲ କରି ବ୍ୟବସାୟିକ କାର୍ଯ୍ୟ ଶ୍ମଶାନ ଜମି ବିବାଦ କରିବା ସହିତ ବଡ଼ ବଡ଼ ଜୋଠା ନିର୍ମାଣ କରିଥିବା ଅଭିଯୋଗ ଆସିଛି। ଏହାସହିତ ୧୯୮୮ରେ ନିଆ ଯାଇଥିବା ଜମିକୁ ପୂର୍ତ୍ତ ବିଭାଗ ନିଜ ନାମରେ ଠିକ ଭାବେ ରେକର୍ଡ କରି ନଥିବାରୁ ପ୍ରଶାସନିକ ଅବ୍ୟବସ୍ଥା ଜଣାପଡ଼ିଛି। ଅପରପକ୍ଷରେ ୨୦୨୨ରେ ଗୋପର ତତ୍କାଳୀନ ତହସିଲଦାର ଏହି ଜମିକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ହସ୍ତାନ୍ତର କରିଥିବା କଥା ସାମ୍ନାକୁ ଆସିବା ପରେ ଏହି ଅସ୍ପଷ୍ଟତାକୁ ଆହୁରି ଗୁରୁତର କରିଦେଇଛି। ଗୋଟିଏ ଜମିକୁ ଦୁଇଟି ବିଭାଗ କିପରି ଦାବି କରୁଛନ୍ତି, ସେଥିରେ ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ସନ୍ଦେହ ସୃଷ୍ଟି ହୋଇଛି।

ଏହି ଅନ୍ୟାୟ ବିରୋଧରେ କେତେକ ସଚେତନ ନାଗରିକ ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ୨୦୨୩ ଫେବ୍ରୁଆରୀ ୧୦ରେ ଶ୍ମଶାନ ଜମି ଉପରେ ହୋଇଥିବା ଅବୈଧ ନିର୍ମାଣ ଭାଙ୍ଗି ଗ୍ରାମବାସୀଙ୍କୁ ଉକ୍ତ ଜମି ହସ୍ତାନ୍ତର କରାଯାଉ ବୋଲି ପୁରୀ ଜିଲ୍ଲାପାଳ ଓ ଗୋପ ତହସିଲଦାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ବର୍ତମାନ ଏହି ଜମି ଉପରୁ ଜବରଦଖଲ ଉଚ୍ଛେଦ କରାଯାଇ ଶ୍ମଶାନ ଖାତାକୁ ଫେରାଇ ଆଣିବା ପାଇଁ ଦାବି ହେଉଛି।

## ନୟାଗଡ଼ରୁ ସୋମନାଥ ସ୍ୱାଭିମାନ ଯାତ୍ରା ଆରମ୍ଭ




ନୟାଗଡ଼, (ସବ୍ୟୁ): ନୟାଗଡ଼ରୁ ସୋମନାଥ ସ୍ୱାଭିମାନ ଯାତ୍ରା ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ମଧୁମିତା ରଥ ସବୁଜ ପତାକା ଦେଖାଇ ସୋମନାଥ ସ୍ୱାଭିମାନ ଯାତ୍ରାର ଶୁଭାରମ୍ଭ କରିଥିଲେ। ରବିବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସୋମନାଥ ସ୍ୱାଭିମାନ ଯାତ୍ରା ରେ ଜିଲ୍ଲାର ୨୩ ଜଣ ଯାତ୍ରୀ ଏକ ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର ଯାତ୍ରା କରିଛନ୍ତି । କେନ୍ଦ୍ର ସରକାରଙ୍କ ସୋମନାଥ ସ୍ୱାଭିମାନ ଯାତ୍ରା ଅଭିଯାନରେ ନୟାଗଡ଼ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଯାତ୍ରୀ ସାମିଲ ରହିଛନ୍ତି । ସୋମବାର ଦିନ ସରକାରୀ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଯାତ୍ରୀ ଟ୍ରେନ୍ ଯୋଗ ଗୁଜୁରାଟ ପ୍ରଦେଶର ଶ୍ରୀସୋମନାଥ ଧାମ ଯାତ୍ରା କରିବେ। ଯାତ୍ରୀଙ୍କ ଯାତାୟତ, ଖାଦ୍ୟପେୟ ଏବଂ ରହଣି ଆଦି ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ସୋମନାଥ ମନ୍ଦିର ଦର୍ଶନ କରି ଯାତ୍ରୀମାନେ ଚଳିତ ମାସ ୨୨ ତାରିଖ ରେ ଭୁବନେଶ୍ୱର ପହଞ୍ଚି ସେଠାରୁ ନିଜ ନିଜ ଜିଲ୍ଲାକୁ ଫେରିବାର କାର୍ଯ୍ୟକ୍ରମ ରହିଛି। ସୋମନାଥ ସ୍ୱାଭିମାନ ଯାତ୍ରା ଶୁଭାରମ୍ଭ ସମୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁମିତ୍ରା ଭୂୟାଁ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସୁଜାତା କୁମାରୀ ସାହୁ ଏବଂ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ରଜ ମହୋତ୍ସବକୁ ନେଇ କଟକ ସଦରରେ ଅସନ୍ତୋଷର ଝଡ଼

ଫୁଲନଖରା ,(ସବ୍ୟୁ): :କଟକ ସଦରର ଅଗ୍ରଣୀ ସାମାଜିକ ସଂଗଠନ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ପକ୍ଷରୁ ଦ୍ୱିତୀୟ ବର୍ଷ ପାଇଁ ଆୟୋଜିତ ହେବାକୁ ଥିବା ବହୁ ପ୍ରତୀକ୍ଷିତ ରଜ ମହୋତ୍ସବ ଶେଷ ମୁହୂର୍ତ୍ତରେ ପ୍ରଶାସନିକ ଅନୁମତିରେ ବାତିଲ ହେବା ଘଟଣା ଏବେ ସମଗ୍ର କଟକ ସଦର ଅଞ୍ଚଳରେ ତୀବ୍ର ଚର୍ଚ୍ଚା ଓ ଅସନ୍ତୋଷର କାରଣ ପାଲଟିଛି। ଦୁଇ ମାସ ଧରି ପ୍ରସ୍ତୁତି, ଶହ ଶହ କର୍ମୀଙ୍କ ପରିଶ୍ରମ, ୧୨୦୦ରୁ ଅଧିକ ପ୍ରତିଯୋଗୀଙ୍କ ଉତ୍ସାହ ଓ ହଜାର ହଜାର ଅଞ୍ଚଳବାସୀଙ୍କ ଆଶା ଉପରେ ପାଣି ଫେରିଯାଇଥିବା ଅଭିଯୋଗ କରିଛି ସଂଗଠନ।

ସଂଗଠନ ପକ୍ଷରୁ କୁହାଯାଇଛି ଯେ, ରଜ ମହୋତ୍ସବ ଆୟୋଜନ ପାଇଁ ଦୁଇ ମାସ ପୂର୍ବରୁ ନିୟମ ଅନୁଯାୟୀ ପ୍ରଶାସନର ସମସ୍ତ ସ୍ତରରେ ଅନୁମତି ପାଇଁ ଆବେଦନ କରାଯାଇଥିଲା। ସମ୍ପୃକ୍ତ ବିଭାଗର ତଦନ୍ତ ଓ ରିପୋର୍ଟ ଆଧାରରେ ଗତକାଲି ଡିସିପି କାର୍ଯ୍ୟାଳୟରୁ ଆୟୋଜକଙ୍କୁ ଅନୁମତି ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଅନୁମତି ପତ୍ର ଦେବାର ମାତ୍ର ୩୦ ମିନିଟ ପରେ ସେହି ଅନୁମତିକୁ ପୁଣି ଫେରାଇ ନିଆଯାଇଥିଲା। ଏହି ଘଟଣାକୁ ନେଇ ସାଧାରଣ ଲୋକଙ୍କ ମନରେ ଏବେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଯଦି କାର୍ଯ୍ୟକ୍ରମ ସ୍ଥଳର ଜମିକୁ ନେଇ ବିବାଦ ଥିଲା, ତେବେ ସମ୍ପୃକ୍ତ ତଦନ୍ତ ରିପୋର୍ଟ ପରେ ଡିସିପି କାର୍ଯ୍ୟାଳୟ କେଉଁ ଆଧାରରେ ଅନୁମତି ଦେଇଥିଲା? ଆଉ ଅନୁମତି ପ୍ରଦାନ ପରେ ହଠାତ୍ ତହସିଲ ସ୍ତରରୁ ଜମି ବିବାଦ କଥା ଉଠିବା ପଛରେ ପ୍ରକୃତ କାରଣ କ'ଣ? ଏହା କି ପ୍ରଶାସନିକ ଅବହେଳା ନା ଏହା ପଛରେ ଅନ୍ୟ କୌଣସି ଚାପ କାର୍ଯ୍ୟ କରିଛି? ଏଭଳି ଅନେକ ପ୍ରଶ୍ନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ରଜ ଭଳି ଓଡ଼ିଆ ସଂସ୍କୃତିର ଏକ ମହାନ ପର୍ବକୁ କେନ୍ଦ୍ର କରି ବୟାଳିଶମୌଜା ତଥା କଟକ ସଦର ଅଞ୍ଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ବର୍ଗରେ ପ୍ରତିଯୋଗିତା ପାଇଁ ଶିଶୁ, ଯୁବକ, ମହିଳା ଓ ବୟସ୍କମାନେ ଦୀର୍ଘ ଦିନ ଧରି ପ୍ରସ୍ତୁତି କରିଥିଲେ।

ମହୋତ୍ସବ ସ୍ଥଳରେ ପହଞ୍ଚି ଶେଷ ମୁହୂର୍ତ୍ତରେ ଆୟୋଜନ ବନ୍ଦ ହେବା ଖବର ଶୁଣି ପ୍ରତିଯୋଗୀ ଓ ଅଭିଭାବକମାନେ ନିରାଶ ମନରେ ଫେରିଥିଲେ। ଏହି ଦୃଶ୍ୟ ସେଠାରେ ଏକ ଭାବପ୍ରବଣ ଓ ଦୁଃଖଦ ପରିବେଶ ସୃଷ୍ଟି କରିଥିଲା। କେବଳ ପ୍ରତିଯୋଗୀ ନୁହେଁ, ଏହି ମହୋତ୍ସବକୁ ଆଧାର କରି ଜୀବିକା ନିର୍ବାହ କରିବାକୁ ଆସିଥିବା କ୍ଷୁଦ୍ର ବ୍ୟବସାୟୀ, ଫେରିବାଲା ଏବଂ ଅନ୍ୟାନ୍ୟ ରୋଜଗାରୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ଗୋଟିଏ ସାମାଜିକ ଓ ସାଂସ୍କୃତିକ ଉତ୍ସବ ବନ୍ଦ ହେବା ଫଳରେ ହଜାର ହଜାର ଲୋକଙ୍କ ଭାବନା ସହିତ ଆର୍ଥିକ ଦିଗ ମଧ୍ୟ ପ୍ରଭାବିତ ହୋଇଛି । ସୁଦର୍ଶନ ଜେନା, ପ୍ରକାଶ ମାଝୀ, ବିଶାଳ ଆଚାର୍ଯ୍ୟ, ଆଶିଷ ମହାନ୍ତି ,ସରୋଜ ସସମଲ, ଜ୍ଞାନରଞ୍ଜନ ମହାନ୍ତି,କାମେନିକାନ୍ତ ଭୋଳ, ପ୍ରକାଶ ମାଝୀ, ସୁଶାନ୍ତ ପରିଡ଼ା,ଦିଲୀପ ନାୟକ,ଚନ୍ଦନ ପରିଡ଼ା,ପ୍ରିୟରଞ୍ଜନ ପରିଡ଼ା, ସୁନିଲ ପରିଡ଼ା, କୁନା ସାହୁ,ହୃଦାନନ୍ଦ ବେହେରା,ପ୍ରସନ୍ନ ବେହେରା,ଆନନ୍ଦ ବେହେରା, ଦେବାଶିଷ ପରିଡ଼ା, କୁନ୍ଦନ ପଣ୍ଡା, ପୂର୍ଣ୍ଣାନନ୍ଦ ସାହୁ, ବିଶ୍ୱଜିତ୍ ସୱାଇଁ,ସୌମ୍ୟ ରଂଜନ ଜେନା,ବିଶାଳ ଆଚାର୍ଯ୍ୟ,ଶୁଭମ ଆଚାର୍ଯ୍ୟ, ରତିକାନ୍ତ ପଟ୍ଟନାୟକ ପ୍ରମୁଖ କର୍ମକର୍ତ୍ତା ମାନେ ଉପରିସ୍ଥ ଅଧିକାରୀ ମାନଙ୍କ ହସ୍ତକ୍ଷେପ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଦାବି କରିଛନ୍ତି।

## ଟାଙ୍ଗୀ ବାଇପାସରେ ଯାଉଥିବା ଯାତ୍ରୀବାହୀ ବସ ବିରୋଧରେ ହେବ ଦୃଢ କାର୍ଯ୍ୟାନୁଷ୍ଠାନ

ଟାଙ୍ଗୀ,(ସବ୍ୟୁ) :ରାଜ୍ୟ ପରିବହନ କମିଶନର ଙ୍କ ଦ୍ୱାରା ଯାତ୍ରୀବାହୀ ବସ ଗୁଡିକୁ ପ୍ରଦାନ କରାଯାଇଥିବା ରୁଟ ପରମିଟ ରେ ଟାଙ୍ଗୀ ବସଷ୍ଟାଣ୍ଡ ଦେଇ ଯାତାୟତ ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ କୌଣସି ଯାତ୍ରୀବାହୀ ବସ ନିର୍ଦ୍ଦେଶକୁ ପାଳନ କରୁନଥିବା ସଂପର୍କରେ ଅଭିଯୋଗ ପରେ ଖୁବ ଶିଘ୍ର ଦୃଢ ପଦକ୍ଷେପ ନିଆଯାଉଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଘଟଣାରୁ ପ୍ରକାଶ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଏକ ପ୍ରମୁଖ ଅଞ୍ଚଳ ଓ ଏହା ଏବେ ଏନଏସି ଭାବେ ପରିଗଣିତ। କିନ୍ତୁ ଟାଙ୍ଗୀ ରୁ ଦୂରଦୂରାନ୍ତକୁ ଯାତାୟତ ନିମନ୍ତେ ଯାତ୍ରି ନାହିଁନଥିବା ହଇରାଣ ହେଉଛନ୍ତି। ବ୍ରହ୍ମପୁରରୁ ଭୁବନେଶ୍ୱର କଟକ ଅଭିମୂଖେ ଟାଙ୍ଗୀ ଚାନ୍ଦପୁର ଦେଇ ଦୈନିକ ଦୁଇ ଶହ ରୁ ଅଧିକ ଯାତ୍ରୀବାହୀ ବସ ଚଳାଚଳ କରେ ତେବେ ଏହି ଯାତ୍ରୀବାହୀ ବସ ଗୁଡିକ ମଧ୍ୟରୁ ପ୍ରାୟ ଦେଢ ଶହ ବସ ଟାଙ୍ଗୀ ବସଷ୍ଟାଣ୍ଡ ଦେଇ ଯିବାର ରାଜ୍ୟ ପରିବହନ ପ୍ରାଧିକାରୀ ଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ପରମିଟ ସମୟ ସାରଣୀରେ ଉଲ୍ଲେଖ ଥିଲେ ମଧ୍ୟ ଯାତ୍ରୀ ମାନଙ୍କୁ ଟାଙ୍ଗୀ ବାଇପାସ ରେ( ଯାହା ଟାଙ୍ଗୀ ବସଷ୍ଟାଣ୍ଡ ରୁ ଏକ କିଲୋମିଟର ଦୂର) ଓହ୍ଲାଇ ପଳାଉଛନ୍ତି ଏପରିକି ଭୁବନେଶ୍ୱରରୁ ଟାଙ୍ଗୀ ପର୍ଯ୍ୟନ୍ତ ୭୦ କିଲୋମିଟର ହୋଇଥିଲେ ମଧ୍ୟ ଟାଙ୍ଗୀ ଆସୁଥିବା ଯାତ୍ରିଙ୍କୁ ସିଟ ଦେବା ତ ଦୂରର କଥା ବାଇପାସ ଯିବୁ କହି ବସରେ ଯିବା ପାଇଁ ବାରଣ କରାଯାଉଥିବା ଅଭିଯୋଗ ହୋଇ ଆସୁଥିଲା। ଏଭଳି ରୌଦ୍ରତାପରେ ଟାଙ୍ଗୀ ବାଇପାସରେ ଓହ୍ଲାଇ ଚାଲି ଚାଲି ଯିବା ଆଇନକୁ ଆଖିଠାର ସଦୃଶ ସଂପର୍କରେ ଟାଙ୍ଗୀ କାର୍ଯ୍ୟ ନିର୍ବାହି ଅଧିକାରୀ ଙ୍କ ଦାୟିତ୍ୱ ରେ ଥିବା ବିଡିଓ ରୁମାନା ଜାଫ୍ରିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ସମ୍ବେଦନଶୀଳ ଘଟଣା ସଂପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଜାଫ୍ରି ଆସୁ ପଦକ୍ଷେପ ସ୍ୱରୁପ ଘଟଣା ସଂପର୍କରେ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ମାନସ ମିଶ୍ର ଓ ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ପ୍ରଦାନ କରିଛନ୍ତି। ତେବେ ଏ ସଂପର୍କରେ ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନାୟକଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଇଥିଲା ଖୋର୍ଦ୍ଧା ଜିଲ୍ଲାପାଳ ଓ ଟାଙ୍ଗୀ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସୂଚନା ମୁତାବକ ଦୂରଦୂରାନ୍ତରୁ ଯାତାୟତ କରୁଥିବା ବସ ଖୋର୍ଦ୍ଧା ବସଷ୍ଟାଣ୍ଡକୁ ଆସୁନଥିବା ଓ ଟାଙ୍ଗୀ ବସଷ୍ଟାଣ୍ଡ କୁ ଆସୁନଥିବା ସଂପର୍କରେ ତୁରନ୍ତ ପଦକ୍ଷେପ ନେବାକୁ ଭୁବନେଶ୍ୱର ଏନଫୋର୍ସମେଣ୍ଟ ଓ ଖୋର୍ଦ୍ଧା ଟ୍ରାଫିକ ସବଇନସପେକ୍ଟର ତୃପ୍ତିରେଖା ଜେନାଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ପ୍ରଦାନ କରିଛନ୍ତି।

## ବିଶିଷ୍ଟ ସାରସ୍ୱତ ସାଧକ ଡ. ଆର୍ତ୍ତତ୍ରାଣ ସାହୁ ସମ୍ବର୍ଦ୍ଧିତ

ନିରାକାରପୁର, (ସବ୍ୟୁ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ବରିଷ୍ଠ ନାଗରିକ ମଞ୍ଚ, କଣାସ, ପୁରୀଙ୍କ ମିଳିତ ଆନୁକୂଲ୍ୟରେ ଏକ ଭବ୍ୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ବିଭିନ୍ନ କ୍ଷେତ୍ରର ପ୍ରତିଭା ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

ଏହି ବିଶେଷ ଅବସରରେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଆଧ୍ୟାତ୍ମବାଦୀ, ବିଶିଷ୍ଟ ସାରସ୍ୱତ ସାଧକ ତଥା ଲଳିତକବି ଡକ୍ଟର ଆର୍ତ୍ତତ୍ରାଣ ସାହୁଙ୍କୁ ସାହିତ୍ୟ ଏବଂ ସମାଜସେବା କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ




ପାଇଁ ସଶ୍ରଦ୍ଧ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅତିଥିମାନଙ୍କ ଦ୍ୱାରା ତାଙ୍କୁ ଆନୁଷ୍ଠାନିକ ଭାବେ ଉପାୟନ ଓ ସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣାସ ଓ ନିରାକାରପୁର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାହିତ୍ୟିକ, ଗବେଷକ ଓ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ଉପସ୍ଥିତ ରହି ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ତଥା ପ୍ରସାର ସମ୍ପର୍କରେ ଆଲୋଚନା କରିଥିଲେ। ଡ. ସାହୁଙ୍କ ଏହି ସମ୍ବର୍ଦ୍ଧନା ପାଇଁ ନିରାକାରପୁର ଓ କଣାସ ଅଞ୍ଚଳର ସାହିତ୍ୟ ପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

# ମନ୍ଦାକିନୀ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର

ରଣପୁର, (ସବ୍ୟୁ): ରଣପୁର ବ୍ଲକ ମନ୍ଦାକିନୀ ସାହିତ୍ୟ ସଂସ୍କୃତି ସଂସଦ ତରଫରୁ ପବିତ୍ର ଗଣ ପର୍ବ ରଜ ପରିପ୍ରେକ୍ଷୀରେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୧୫ନମ୍ବର ୱାର୍ଡ଼ ପାମ୍ପଡ଼ା ସ୍ଥିତ ଶ୍ରୀ ଗୁରୁ ଆଶ୍ରମ ଠାରେ ରଜ ଉତ୍ସବ ଓ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତ ମେଟ୍ରିକ ପରୀକ୍ଷାରେ ଏ-୧ରେ ଉତୀର୍ଣ୍ଣ ହୋଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

ତେବେ ରବିବାର ପୂର୍ବାହ୍ନ ସାଢେ ୧୦ଟାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରୀୟ ସାହିତ୍ୟ ଉତ୍ସବ ତଥା କବିତା ଆସର ବହୁ ଆଡମ୍ବର ସହକାରେ ପାଳିତ ହୋଇ




ଯାଇଥିବା ବେଳେ ଅନୁଷ୍ଠାନର ସଭାପତି ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଦୟାନିଧି ରାଜଗୁରୁ , ମୁଖ୍ୟ ବକ୍ତା ଡ଼ ପ୍ରିୟମ୍ବଦା ଦାଶ, ସଂମ୍ମାନିତ ଅତିଥି କବି ଗୋଦାବରୀଶ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ରଥ ,ସମାଜସେବୀ ରାଜ କିଶୋର ପଟ୍ଟନାୟକ , ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ କୁମାର ସ୍ୱାଇଁ , ସାମ୍ବାଦିକ ବ୍ରଜ ରଣସିଂହ ପ୍ରମୁଖ ମଞ୍ଚାସିନ ଥିଲେ ।ସମ୍ପାଦକ ନବ କିଶୋର ସାମନ୍ତରାୟ ସଂପାଦକୀୟ ବିବରଣୀ ପାଠ କରିବା ସାଙ୍ଗକୁ ସ୍ୱାଗତ ଭାଷଣ ଦେଇଥିଲେ । ପରେ ସାହିତ୍ୟ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା ବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସି ଯୋଗ ଦେଇଥିବା କବି କବୟିତ୍ରୀ ମାନେ ନିଜ ନିଜର କବିତା ପାଠ କରିଥିଲେ । ସେହିପରି ସମଗ୍ର ବ୍ଲକରେ ଚଳିତ ମେଟ୍ରିକ ପରୀକ୍ଷାରେ ଏ-୧ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରି ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ । ଏହାକୁ ଅନୁଷ୍ଠାନ ସହ ସମ୍ପାଦକ ଜ୍ୟୋତି ରଞ୍ଜନ ଦାଶ ପରିଚାଳନା କରିଥିଲା ବେଳେ କବିତା ସଂଯୋଜନା କରିଥିଲେ କବି ପୂର୍ଣ୍ଣ ଚନ୍ଦ୍ର ବେହେରା ଓ କବି ଅଜୟ କୁମାର ପ୍ରଧାନ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଚିତ୍ତରଞ୍ଜନ ଦାଶ,ରବିନ୍ଦ୍ର ନାୟକ, ସତ୍ୟ ନାରାୟଣ ବାରିକ, ଶ୍ୟାମ ସୁନ୍ଦର ନାୟକ,ଭାସ୍କର ବାରିକଙ୍କ ସମେତ ବହୁ କର୍ମକର୍ତା ଉପସ୍ଥିତ ରହି ସହାୟତା କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ମନୋଜ କୁମାର ଗୁମାନସିଂହ ଧନ୍ୟବାଦ ଦେଇଥିଲେ ।

## କରାଣ୍ଡିଆ ମାଇନରରେ କଂକ୍ରିଟ ଲାଇନିଂ କାର୍ଯ୍ୟ

# ହାତ ମାରିଦେଲେ ଝଡ଼ିପଡୁଛି କଂକ୍ରିଟ୍ ଢଳେଇ

କେନ୍ଦ୍ରାପଡ଼ା, (ସବ୍ୟୁ) : ଡେରାବିଶ ବ୍ଲକ ଅନ୍ତର୍ଗତ କରାଣ୍ଡିଆ ମାଇନର କେନାଲ୍‌ରେ ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଖାନନଗର ଠାରୁ ହରିଅଙ୍କ ପଂଚାୟତର ପାଣିଓଳା-୨ ଯାଏ କଂକ୍ରିଟ୍ ଲାଇନିଂ କାର୍ଯ୍ୟଚାଲିଛି । ଦୀର୍ଘମାସ ହେବ ଏହି କାର୍ଯ୍ୟ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଂଚିଥିଲେ ମଧ୍ୟ ଅଦ୍ୟାବଧି ସରକାରଙ୍କ କେଉଁ ବିଭାଗ ଏହି ନିର୍ମାଣ କରୁଛି, କେଉଁ ଠିକାସଂସ୍ଥା ଦ୍ୱାରା ଏହା କରାଯାଉଛି, ଏହି ନିର୍ମାଣର ଡିଜାଇନ୍, ପ୍ରକଳ୍ପର ବ୍ୟୟ ଅଟକଳ, ଆବଶ୍ୟକ ସାମଗ୍ରୀ, ନିର୍ମାଣର ଆରମ୍ଭ ଓ ଶେଷ ତାରିଖ, ପରବର୍ତୀ ରକ୍ଷଣାବେକ୍ଷଣ ସମ୍ପର୍କରେ ସର୍ବସାଧାରଣଙ୍କ ପାଇଁ କୌଣସି ସୂଚନା ଫଳକ ଅଦ୍ୟାବଧି ମରାଯାଇ ନାହିଁ । ଏହି ନିର୍ମାଣ କାଯ୍ୟ ଆରମ୍ଭରୁ ଠିକାଦାର ଜଣକ ମନମୁଖି କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି । ନିର୍ମାଣ ସମୟରେ କୌଣସି ସରକାରୀ କର୍ମଚାରୀ ଉପସ୍ଥିତ ନରହିବା, କଂକ୍ରିଟ ଢ଼ଳେଇ ବ୍ୟବହାର ହେଉଥିବା ବାଲି, ଗୋଡ଼ି ଓ ସିମେଂଟର ଆନୁପାତିକ ଭାଗ ନିମ୍ନମାନର ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ଢଳେଇ ସମୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ଭାଇବ୍ରେଟର ବଦଳରେ ବାଉଁଶ ଖୋବା ବ୍ୟବହାର କରାଯାଉଥିବାରୁ ଢଳେଇର ଉଭୟ ପାର୍ଶ୍ୱରେ ବଡ଼ବଡ଼ ହନିକମ୍ବ ଦୃଶ୍ୟମାନ ହେଉଛି । ଏହାକୁ ଲୁଚାଇବା ପାଇଁ ଠିକାଦାର ଜଣକ ବନ୍ଧ ପଟରେ ସଙ୍ଗେ ସଙ୍ଗେ ମାଟି ଭରିଦେଇ ଲୁଚାଉଥିବାବେଳେ କେନାଲ୍‌ର ଭିତର ପଟରେ ଗାତ ଗୁଡ଼ିକୁ ପ୍ଲାଷ୍ଟର କରି ଲୁଚାଇ ଦେଉଛନ୍ତି । ପୂର୍ବରୁ କଂକ୍ରିଟ୍ କାନ୍ଥର ବହୁସ୍ଥାନରେ ସିମେଂଟ ଲାଗିନଥିବା ଗୋଡ଼ି କଂକ୍ରିଟ୍ ଭିତରେ ଦେଖିବାକୁ ମିଳିଥିବା ବେଳେ ଏବେ ଏହି କାର୍ଯ୍ୟରେ ଗୁରୁତ୍ତର ତ୍ରୁଟିକୁ ଗ୍ରାମବାସୀମାନେ ଧରିଛନ୍ତି । ବହୁ ସ୍ଥାନରେ ଶୁଖିଯାଇଥିବା କଂକ୍ରିଟ୍‌କୁ ହତ ମାରିଦେଲେ ଖଣ୍ଡଖଣ୍ଡ ହୋଇ ଛାଡ଼ିଯାଉଛି । ଏତେ ଅଭିଯୋଗ ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବା ଘଟଣାରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରାକୁ ସ୍ପଷ୍ଟ ଇଙ୍ଗିତ କରୁଛି । ସାଧାରଣ ଲୋକମାନେ ସରକାରୀ ମାଲ ଦରିଆମେ ଡାଲ ଘଟଣା ଘଟୁଥିବା ନେଇ ଆଲୋଚନା କରୁଛନ୍ତି । ତୁରନ୍ତ ଉଚ୍ଚକର୍ତୃପକ୍ଷ ଏହି ଗୁରୁତର ତ୍ରୁଟିପ୍ରତି ଦୃଷ୍ଟିଦେଇ ସଠିକ୍ ନିର୍ମାଣ କାର୍ଯ୍ୟ କରାଇବାକୁ ଅଂଚଳବାସୀ ଦାବି କରିଛନ୍ତି ।

## ସମ୍ପାଦକୀୟ

# ଅବିସ୍ମରଣୀୟ ଫକୀରମୋହନ



ଓଡ଼ିଶାର ଅନ୍ୟତମ ବରପୁତ୍ର, ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ତାଙ୍କର ଶ୍ରାଦ୍ଧ ବାର୍ଷିକରେ ଓଡ଼ିଆମାନେ ମନେ ପକାଇବା କଥା । ତାଙ୍କ ଲେଖା ସବୁ ଓଡ଼ିଆମାନେ ପଢ଼ି ଆନନ୍ଦ ଅନୁଭବ କରିବା କଥା । ସେ ଥିଲେ ସଂକ୍ରାନ୍ତି ପୁରୁଷ । ସେ ୧୮୪୩ ମସିହା ଜାନୁଆରୀ ୧୩ ତାରିଖରେ ବାଲେଶ୍ୱର ଅର୍ନ୍ତଗତ ମଲ୍ଲିକାଶପୁରଠାରେ ଭୂମିଷ୍ଠ ହୋଇଥିଲେ । ତାଙ୍କର ଦେହାନ୍ତ ହୋଇଥିଲା ସେହି ବାଲେଶ୍ୱରରେ ୧୯୧୮ ମସିହା ଜୁନ୍ ୧୪ ତାରିଖରେ । ତିଥି ଅନୁଯାୟୀ ସଂକ୍ରାନ୍ତି ହିସାବ କଲେ ଚଳିତ ବର୍ଷ ଜୁନ୍ ୧୫ (୨୦୨୬)ରେ ତାଙ୍କର ଶ୍ରାଦ୍ଧ ବାର୍ଷିକ । ରାଜ୍ୟ ସଂସ୍କୃତି ବିଭାଗ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସରକାରୀ ଭାବେ ତାଙ୍କର ଜୟନ୍ତୀ ଓ ଶ୍ରାଦ୍ଧ ବାର୍ଷିକ ପାଳନ କରି ଆସୁଥିଲେ ମଧ୍ୟ ସ୍ୱତଃ ପ୍ରବୃତ୍ତ ଭାବେ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଫକୀରମୋହନଙ୍କ ପାଇଁ ଯେପରି ଜୟନ୍ତୀ ଓ ଶ୍ରାଦ୍ଧ ଉତ୍ସବ ପାଳନ କରନ୍ତି ତାହାର ପଟ୍ଟାନ୍ତର ନାହିଁ । ଏପରି କୌଣସି ଓଡ଼ିଆ ନଥିବେ ଯିଏ ଫକୀରମୋହନଙ୍କୁ ଜାଣି ନାହାନ୍ତି । ମାତ୍ର ଦୁଃଖ ହୁଏ, ତାଙ୍କପରି ବରପୁତ୍ରଙ୍କୁ ସମ୍ମାନ ଜଣାଇବା କ୍ଷେତ୍ରରେ ଆମେମାନେ ସମସ୍ତେ ଯେପରି ଅବହେଳା କରି ଆସିଛୁଁ ।

**ସେଥିପାଇଁ ବିଶିଷ୍ଟ ସାହିତ୍ୟିକ ଓ ଓଡ଼ିଶାର ପୂର୍ବତନ ବାଚସ୍ପତି ସ୍ୱର୍ଗୀୟ ନୀଳକଣ୍ଠ ଦାସ ଏକଦା ଉଲ୍ଲେଖ କହିଥିଲେ, 'ଫକୀରମୋହନ ଇଂରେଜ ପ୍ରଭାବର ଫଳ ସତ- କିନ୍ତୁ ଆଜିକାଲି ବହୁ ଲେଖକଙ୍କ ପରି କୌଣସି ସ୍ପଷ୍ଟ ଅନୁକରଣର ଫଳ ନୁହନ୍ତି । ଫକୀରମୋହନ ଏଇ ଦେଶର, ଏଇ ସମାଜର, ଏଇ ଆଦର୍ଶର ଓ ଏଇ ଆକାଂକ୍ଷାର ଅତି ଅନ୍ତରଙ୍ଗ ପ୍ରତିରୂପ ।'... ଫକୀରମୋହନଙ୍କ ବୈଶିଷ୍ଟ୍ୟ ହେଉଛି ଯେ ତାଙ୍କର ଗଳ୍ପ ଓ ଉପନ୍ୟାସଗୁଡ଼ିକ ସେ ନାମକରଣ କରିଛନ୍ତି ଖାଣ୍ଟି ଓଡ଼ିଆ ଭାଷାରେ ।**

ଯେତେବେଳେ ଓଡ଼ିଆ ଭାଷା ଓ ସାହିତ୍ୟର ଦୟନୀୟ ଅବସ୍ଥା ଥିଲା, ସେତେବେଳେ ଅନେକ ପୁସ୍ତକ ଲେଖି ଫକୀରମୋହନ ସେ ଅବସ୍ଥାକୁ ଦୂର କରିଛନ୍ତି । ଏଥିପାଇଁ ସେ ବହୁ ସଂଗ୍ରାମ କରିଛନ୍ତି । ତାଙ୍କ 'ଆତ୍ମଚରିତ' ପାଠ କଲେ ଏ ସବୁ କଥା ଜଣା ପଡ଼ିଥାଏ ।

ଏବେ ଇଂରାଜୀ ଭାଷାର ପ୍ରଭାବରୁ ମୁକ୍ତ ହେବାକୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ୯୦ ବର୍ଷରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟର ବିଜେପି ସରକାର ୬୪ ସ୍ଥାନର ଇଂରାଜୀ ବନାନକୁ ସଂଶୋଧନ କରିବାକୁ ଗତ ତା। ୧୨/୦୬/୨୦୨୬ର ମନ୍ତ୍ରିମଣ୍ଡଳର ବୈଠକର ନିଷ୍ପତ୍ତି ନେଇଛନ୍ତି । ଇଂରେଜମାନଙ୍କ ପ୍ରଭାବରୁ ମୁକ୍ତ ହେବାକୁ ଆମମାନଙ୍କୁ ୯୦ ବର୍ଷ ଲାଗିଗଲା । ଦୁଃଖ ଲାଗେ ଫକୀରମୋହନ ହିଁ ଭାଷା ଓ ସାହିତ୍ୟ ଜରିଆରେ ଓଡ଼ିଶାକୁ ବଞ୍ଚାଇ ରଖିବାକୁ ଉଦ୍ୟମ ଆରମ୍ଭ କରିଥିଲେ ।

ସେଥିପାଇଁ ବିଶିଷ୍ଟ ସାହିତ୍ୟିକ ଓ ଓଡ଼ିଶାର ପୂର୍ବତନ ବାଚସ୍ପତି ସ୍ୱର୍ଗୀୟ ନୀଳକଣ୍ଠ ଦାସ ଏକଦା ଉଲ୍ଲେଖ କହିଥିଲେ, 'ଫକୀରମୋହନ ଇଂରେଜ ପ୍ରଭାବର ଫଳ ସତ- କିନ୍ତୁ ଆଜିକାଲି ବହୁ ଲେଖକଙ୍କ ପରି କୌଣସି ସ୍ପଷ୍ଟ ଅନୁକରଣର ଫଳ ନୁହନ୍ତି । ଫକୀରମୋହନ ଏଇ ଦେଶର, ଏଇ ସମାଜର, ଏଇ ଆଦର୍ଶର ଓ ଏଇ ଆକାଂକ୍ଷାର ଅତି ଅନ୍ତରଙ୍ଗ ପ୍ରତିରୂପ ।ତାଙ୍କର ସମାଜ ସଂସ୍କାର ତଥା ସାହିତ୍ୟ ସୃଷ୍ଟିରେ ଏଇ ପ୍ରାଚୀନ ଓ ନବୀନ ଭାବଧାରର ସମବାୟ ସ୍ଥାପିତ ହୋଇଛି । ସେ ହିନ୍ଦୁ ଧର୍ମର ମହତ୍ତ୍ୱ ସ୍ୱୀକାର କରିଛନ୍ତି ଅଥଚ ନଅଙ୍କ ଦୁର୍ଭିକ୍ଷର ଛତ୍ରଖିଆମାନଙ୍କୁ ହିନ୍ଦୁ ସମାଜ ବର୍ଜନ କରିଥିବା କଥା ଅନ୍ୟାୟ ବୋଲି ଘୋଷଣା କରିଛନ୍ତି ।' ...(ଫକୀରମୋହନ, ଦେଶ ଓ କାଳ, କୃଷ୍ଣଚରଣ ବେହେରା, (ପ୍ରଗତି ସାହିତ୍ୟ) ମୁଦ୍ରକ, ଗୌରଚନ୍ଦ୍ର ମହାପାତ୍ର, ଗୋପୀନାଥ ପ୍ରେସ, ଭଦ୍ରକ, ୧୯୫୮ ।)

ଫକୀରମୋହନଙ୍କ ବୈଶିଷ୍ଟ୍ୟ ହେଉଛି ଯେ ତାଙ୍କର ଗଳ୍ପ ଓ ଉପନ୍ୟାସଗୁଡ଼ିକ ସେ ନାମକରଣ କରିଛନ୍ତି ଖାଣ୍ଟି ଓଡ଼ିଆ ଭାଷାରେ ।

ଏବେ ତ ନାରୀ ଶିକ୍ଷା ଉପରେ ଉଭୟ ଭାରତ ଓ ଓଡ଼ିଶା ସରକାର ଗୁରୁତ୍ୱାରୋପ କରିଛନ୍ତି । କିନ୍ତୁ ଫକୀରମୋହନଙ୍କ 'ରେବତୀ' ଗଳ୍ପ ଯେ ନାରୀ ଶିକ୍ଷା ସମ୍ବନ୍ଧୀୟ ଏକ ଉଚ୍ଚକୋଟିର ଗଳ୍ପ, ଏଥିରେ ସନ୍ଦେହ ନାହିଁ ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,
ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ
ମୁଁ ଚୋରିକଲି ବୋଲି କହିବାକୁ ହେବ ।**
**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ସ୍ୱାଧୀନତା ସଂଗ୍ରାମରେ ଫକୀରମୋହନଙ୍କ ଦାୟାଦ



**ପ୍ରହଲାଦ କୁମାର ସିଂହ**

'ଓଳିତଳେ ଲୁଣ କୋଟିଏ ମହଣ ଆଉ ମୋହ କଥା ଶୁଣ // ବୋଇଲେ କି ହେବ ଖାଇବାକୁ ହେବ ଲିଭର୍‌ପୁଲ୍‌ରୁ ଲୁଣ ।। ମାଞ୍ଚେଷ୍ଟର ତନ୍ତୀ ଲୁଗା ବୁଣୁଛନ୍ତି ତୁମ୍ଭମାନଙ୍କ ସକାଶେ// ବୁଡୁ ତନ୍ତୀବଂଶ ହେଉ ସର୍ବନାଶ ଯାଆନ୍ତୁ ସେ ବନବାସେ...... ବାବୁମାନେ ହେଲେ ସବୁ ଇଂରେଜି ପଢୁଆ // ଓଡ଼ିଆ କହିଲେ ତାଙ୍କୁ ଲାଗିବ ଅଡୁଆ ।'

ମହାତ୍ମା ଗାନ୍ଧି ୧୯୩୦ରେ ଲବଣ ସତ୍ୟାଗ୍ରହ ଆରମ୍ଭ କରିବା ଏବଂ ତାହା ପୂର୍ବରୁ ଅସହଯୋଗ ଆନ୍ଦୋଳନ କାଳରେ ବିଦେଶୀ ବସ୍ତ୍ର ବର୍ଜନ କରି ଖଦୀ ପିନ୍ଧିବା ଓ ମାତୃଭାଷାର ଶିକ୍ଷା ଲାଗି ଆହ୍ୱାନ ଦେବାର ଢେର୍ ପୂର୍ବରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ କ୍ରାନ୍ତିକାରୀ ଲେଖନୀରୁ ଝରିଥିଲା ଏହି ଅମୃତ ଉକ୍ତି । ଓଡ଼ିଆ ଭାଷା ସାହିତ୍ୟର ସେନାପତି ଫକୀରମୋହନଙ୍କ ରଚନାର ବହୁସ୍ଥାନରେ ସଂସ୍କାରର ବାର୍ତ୍ତା ସଙ୍ଗେ ସଙ୍ଗେ ଏଭଳି ଜାତିପ୍ରାଣ କଥା ଭରି ରହିଥାଏ । ଉତ୍କଳ ସମ୍ମିଳନୀ ଓ ଉତ୍କଳ ସାହିତ୍ୟ ସମାଜର ଅନ୍ୟତମ ସ୍ରଷ୍ଟା ଫକୀରମୋହନ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ନଥିଲେ, ତେବେ ତାଙ୍କ ଉତ୍ତର ପିଢିର ଅନେକ ଏଥିରେ ଝାସ ଦେଇ କାରାବରଣ ମଧ୍ୟ କରିଥିଲେ ।

୧୯୩୦ ମାର୍ଚ୍ଚ ୧୨ ତାରିଖରେ ମହାତ୍ମା ଗାନ୍ଧି ବଛା ବଛା ୭୮ଜଣ ସତ୍ୟାଗ୍ରହୀଙ୍କୁ ସାଙ୍ଗରେ ଧରି ସାବରମତୀ ଆଶ୍ରମରୁ ପଦଯାତ୍ରାରେ ଦାଣ୍ଡି ଅଭିଯାନ କରିଥିଲେ ଲବଣ ସତ୍ୟାଗ୍ରହ ପାଇଁ । ଏପ୍ରିଲ ୬ ତାରିଖରେ ଗାନ୍ଧିଜୀ ଦାଣ୍ଡି ଉପକୂଳରେ ସମୁଦ୍ର ସ୍ନାନ କରିବା ସହ ମୁଠାଏ ଲୁଣରୁ ସୃଷ୍ଟି କରିଥିଲେ ଅନ୍ୟ ଏକ ମହାଭାରତ, ଯାହା ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଦୋହଲାଇ ଦେଇଥିଲା । ଓଡ଼ିଶାରେ ବି ଲବଣ ସତ୍ୟାଗ୍ରହ ବେଶ୍ ସଫଳ ହୋଇଥିଲା । ଏହାର ସ୍ମୃତିରେ ପ୍ରତିବର୍ଷ ସେତେବେଳେ ପାଳିତ ହେଉଥିଲା 'ଦାଣ୍ଡି ଦିବସ' । ୧୯୩୨ର ଦାଣ୍ଡି ଦିବସ ବେଳକୁ ଓଡ଼ିଶାର ପ୍ରାୟ ସବୁ ଆଗଧାଡିର ସତ୍ୟାଗ୍ରହୀ ନେତାମାନେ ଜେଲରେ ।

ସେତେବେଳେ ଭାଳେଣି ପଡିଥିଲା କଟକରେ କିପରି ୧୪୪ ଧାରା ଜାରି ସତ୍ତ୍ୱେ 'ଦାଣ୍ଡି ଦିବସ' ପାଳନ କରାଯିବ ବୋଲି । ଏଥିପାଇଁ ଆଗେଇ ଆସିଥିଲେ ଦୁଇଜଣ ତରୁଣୀ । ସେମାନେ ନିଷିଦ୍ଧ ଲୁଣ ପୁଡ଼ିଆ ବିକିବା ସହିତ ଗୀତ ବୋଲି ପ୍ରଚାରପତ୍ର ବାଣ୍ଟୁଥିଲେ । କଟକ ବାଖରାବାଦ ଅଞ୍ଚଳର ଏ ଦୁଇ ତରୁଣୀ ୪ପଇସିଆ ବେଆଇନ ଲୁଣ ପୁଡ଼ିଆ ବିକୁଥିବା ଦେଖି ଭାଷାକୋଷ ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ ଆବାକାବା ହୋଇ ଟଙ୍କାଟିଏ ଦେଇ ଶ୍ରଦ୍ଧାର ସହ ଲୁଣ ପୁଡ଼ିଆଟିଏ ନେଇ ମୁଣ୍ଡରେ ମାରି ରଖିଥିଲେ । ଏ ଦୁଇ ଝିଅଙ୍କୁ ପୋଲିସ ଗିରଫ କରି ଆଗେ ଥାନାକୁ ଓ ତା' ପରେ କୋର୍ଟ ଚାଲାଣ କରି ଜେଲ୍‌ରେ ରଖିଲା । ଦୁଇଜଣଙ୍କ ବିଚାର ପାଇଁ ଜେଲ୍ ଭିତରେ ବସିଲା ସ୍ୱତନ୍ତ୍ର କୋର୍ଟ । ବିଚାରବେଳେ ମାଜିଷ୍ଟ୍ରେଟ୍ ଆୟାର ସାହେବ ଖଣ୍ଡି ଓଡ଼ିଆରେ ଧମକେଇ ପଚାରିଥିଲେ, 'କଂଗ୍ରେସ ଯେ ବେଆଇନ ଘୋଷିତ ହୋଇଛି, ତମେ ଜାଣିଛ ? କାହିଁକି ବେଆଇନ ଘୋଷିତ ନିଷିଦ୍ଧ ଲୁଣ ବିକିଲ ?'

ସାହେବଙ୍କୁ ଜବାବ ଦେବା ଠାଣିରେ ୧୫-୧୭ବର୍ଷ ବୟସର ଏହି ଦୁଇ ଅବିବାହିତା ଝିଅ ବିଚାରପତିଙ୍କୁ କହିଥିଲେ 'ଯେଉଁ ବ୍ରିଟିଶ୍ ନିଜକୁ ଭାରତ ବର୍ଷର ସରକାର ବୋଲେଇ ଭାରତକୁ ଶାସନ କରୁଛି, ଆମେ ତାର ସେହି ଶାସନକୁ ବେଆଇନ ବୋଲି ଜାଣୁ । ଆମ ଦେଶ ଲୋକେ ମାରିଥିବା ଲୁଣ ବେଆଇନ୍ କିପରି ହେବ ? ବିଦେଶରୁ ଆସୁଥିବା ଲୁଣ ସିନା ଆମ ଦେଶରେ ବେଆଇନ୍ ! '

କଟକ ଜେଲ୍‌ରେ ଯେଉଁ ତରୁଣୀ ଦୁଇଜଣ ସେମାନଙ୍କ ପ୍ରଥମ ଜେଲ ଯାତ୍ରା ସମୟରେ ମାଜିଷ୍ଟ୍ରେଟଙ୍କ ପ୍ରଶ୍ନରେ ଏମିତି ଜବାବ ଦେଇଥିଲେ ସେମାନେ ହେଲେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ନାତୁଣୀ କରୁଣାମୟୀ ଏବଂ ମା' ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ସୁପୁତ୍ରୀ ଅନ୍ନପୂର୍ଣ୍ଣା । କ୍ଷମା ମାଗିଲେ ଖଲାସ କରି ଦିଆଯିବ ବୋଲି ମାଜିଷ୍ଟ୍ରେଟ୍ ପ୍ରସ୍ତାବ ଦେଇଥିବାବେଳେ ଦୁଇ ବହ୍ନିକନ୍ୟା ଏହାକୁ ଅଗ୍ରାହ୍ୟ କରିଥିଲେ । ଅନ୍ନପୂର୍ଣ୍ଣାଙ୍କୁ ବୟସ ହୋଇନଥିବାରୁ ଜରିମାନା ଦଣ୍ଡରେ ଦଣ୍ଡିତ କରି ଜେଲ୍‌ରୁ ଛାଡି ଦିଆଗଲେ ବି ସେ ଜରିମାନା ଦେଇନଥିଲେ । କରୁଣା କାରାବାସ ଭଳି ପବିତ୍ର ପ୍ରବାସକୁ ବରଣ କରି ନେଇଥିଲେ । ଏହା ହେଉଛି ଇତିହାସର କଥାବସ୍ତୁ । ଅନ୍ନପୂର୍ଣ୍ଣା ମହାରାଣାଙ୍କ 'ଅମୃତ ଅନୁଭବ' ପୁସ୍ତକରେ ଏହି ଘଟଣାର ଚମତ୍କାର ଉପସ୍ଥାପନା ରହିଛି ।

**ସ୍ୱାଧୀନତା ସଂଗ୍ରାମରେ ଚୌଧୁରୀ ପରିବାରର ସମର୍ପିତ ଯୋଗଦାନ ସମ୍ପର୍କରେ ଗାନ୍ଧୀ, ବିନୋବା, ଜୟପ୍ରକାଶ ଆଦି କହିଛନ୍ତି । କିନ୍ତୁ ଫକୀରମୋହନଙ୍କ ପରବର୍ତ୍ତୀ ପିଢ଼ିର ସ୍ୱାଧୀନତା ଆନ୍ଦୋଳନରେ ଥିବା ଅବଦାନ ସମ୍ପର୍କରେ ଓଡ଼ିଶାରେ ବିଶେଷ ଚର୍ଚ୍ଚା ହୁଏ ନାହିଁ ।** ଏକଥା ଜଣାଶୁଣା ଯେ ଇଂରେଜମାନଙ୍କ ବଶ୍ୟତା ସ୍ୱୀକାର କରି ଅନୁଗୃହୀତ ଥିବା ନୀଳଗିରି, ଡୋମପଡ଼ା, ଢେଙ୍କାନାଳ, ଦଶପଲ୍ଲା, ପାଲଲହଡ଼ା, କେଉଁଝର ଆଦିର ରାଜାମାନଙ୍କ ନିକଟରେ ବ୍ୟାସକବି ଫକୀରମୋହନ ଦେୱାନ, ମ୍ୟାନେଜର, ସହକାରୀ ମ୍ୟାନେଜର ଆଦି ପଦବୀରେ କାମ କରିଥିଲେ । ୧୮୪୩ ମସିହା ମକର ସଂକ୍ରାନ୍ତିରେ ଜନ୍ମିତ ଫକୀରମୋହନ ୧୯୧୮ ମସିହା ରଜ ସଂକ୍ରାନ୍ତିରେ ପ୍ରାୟ ୭୫ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ । ବାଲ୍ୟାବସ୍ଥାରୁ ଶେଷ ପର୍ଯ୍ୟନ୍ତ ଏହି ସଂକ୍ରାନ୍ତି ପୁରୁଷଙ୍କ ଜୀବନ ବହୁ ଘାତପ୍ରତିଘାତ ମଧ୍ୟରେ ଗତି କରିଛି । ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ପୂର୍ବରୁ ସେ ଇହଲୀଳା ସମ୍ବରଣ କରିଥିଲେ । ତେବେ ତାଙ୍କ ଅମର ଲେଖନୀରୁ ବେଳେବେଳେ ଦେଶପ୍ରେମର ଅଗ୍ନି ଉଦ୍‌ଗୀରଣ ହେଉଥିଲା ।

ଗାନ୍ଧିଜୀ କହୁଥିଲେ, ମଣିଷର ଭାଷା ହେଉଛି ଦୁଇ ପ୍ରକାରର । ଗୋଟିଏ କୃତଜ୍ଞତାର ଭାଷା ଓ ଅନ୍ୟଟି କୃତଘ୍ନତାର ଭାଷା । କୃତଘ୍ନମାନେ ଗାନ୍ଧି, ଗୋପବନ୍ଧୁ, ମଧୁବାବୁ ଆଦିଙ୍କ ସଂପର୍କରେ ଅନେକ କୁତ୍ସାରଟନା କରିଆସିଛନ୍ତି । ଓଡ଼ିଆ ଅସ୍ମିତାର ଅନ୍ୟତମ ପ୍ରତୀକ ତଥା ଓଡ଼ିଆ ଭାଷା ସାହିତ୍ୟ ସୁରକ୍ଷା ସଂଗ୍ରାମର ସଫଳ ସେନାପତି ବ୍ୟାସକବି ଫକୀରମୋହନଙ୍କ କୀର୍ତ୍ତି ଓ କୃତି ପ୍ରତି କୃତଜ୍ଞତାର ସହ ସମ୍ମାନ ପ୍ରଦର୍ଶନ କରିବା ପରିବର୍ତ୍ତେ ଏବେ ବି କିଛି କୃତଘ୍ନ ଏହି ମହାମନିଷୀଙ୍କ ସଂପର୍କରେ କୃତଘ୍ନତା ସହ କୁତ୍ସାରଟନା କରନ୍ତି ।

କିନ୍ତୁ ଜାତିସ୍ମରମାନେ ଅମର ଓ ସେମାନଙ୍କ କୀର୍ତ୍ତି କାଳ କାଳ ଲାଗି ବତିଘର ପରି ସମାଜକୁ ଦିଗଦର୍ଶନ ଦେଇ ଆସୁଥିବେ ।

ମହାମାନବ ମହାତ୍ମା ଗାନ୍ଧିଙ୍କ ୧୯୨୧ ମାର୍ଚ୍ଚ ମାସରେ ପ୍ରଥମ ଓଡ଼ିଶା ଗସ୍ତବେଳେ କଟକ ବିନୋଦ ବିହାରୀଠାରେ ଏକ ମହିଳା ସମ୍ମିଳନୀ ହୋଇଥିଲା । 'ସ୍ୱାଧୀନତା ଆନ୍ଦୋଳନରେ ଉତ୍କଳୀୟ ନାରୀ' ପୁସ୍ତକରେ ଉଲ୍ଲେଖ ଅଛି, ଏହି ମହିଳା ସଭାରେ ଚାଳିଶ ଜଣ ସରିକି ମହିଳା ଯୋଗ ଦେଇଥିଲେ ।

ସେମାନଙ୍କ ମଧ୍ୟରେ ଥିଲେ କୁଳମଣି ସାନ୍ତ୍ରାଙ୍କ ଭଉଣୀ ହୈମବତୀ ଦେବୀ, ଫକୀରମୋହନ ସେନାପତିଙ୍କ ଝିଅ ସରୋଜିନୀ ଚୌଧୁରୀ, ଭଗିରଥୀ ମହାପାତ୍ରଙ୍କ ସ୍ତ୍ରୀ ସରଳା ଦେବୀ, ଅଧ୍ୟାପକ ମୋହିନୀମୋହନ ସେନାପତିଙ୍କ ସ୍ତ୍ରୀ ହିରଣ୍ମୟୀ ଦେବୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ସ୍ତ୍ରୀ ରମା ଦେବୀ। ଏହି ସମ୍ମିଳନୀରେ ସଙ୍ଗୀତଗାନ ପାଇଁ ସରୋଜିନୀ ଘରୁ ହାରମୋନିୟମ୍ ଆଣିଥିଲେ ଏବଂ ହିରଣ୍ମୟୀ (ହିରଣ୍‌ପ୍ରଭା) ଅତି ଚମତ୍କାର ସ୍ୱରରେ ଗୀତ ବୋଲିଥିଲେ ।

ଫକୀରମୋହନଙ୍କ ସୁପୁତ୍ରୀ ସରୋଜିନୀଙ୍କର ଓଡ଼ିଆ, ବଙ୍ଗଳା, ଇଂରାଜୀ, ସଂସ୍କୃତ, ପାର୍ସୀ, ହିନ୍ଦୀ, ଗୁଜୁରାଟୀ ଓ ମରାଠୀ ଆଦି ଭାଷାରେ ଦଖଲ ଥିଲା । ସେ ଜଣେ ସୁବକ୍ତା, ସୁଲେଖିକା ଓ ଆଶୁକବି ଥିଲେ । ଗାନ୍ଧିଜୀ ଓ କବିଗୁରୁ ରବୀନ୍ଦ୍ରନାଥଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଥିଲା । ସାବରମତୀ ଆଶ୍ରମକୁ ସେ ବାରମ୍ବାର ଯାଇଥିଲେ । କଲିକତାରୁ କରାଚୀ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଗାନ୍ଧିଜୀଙ୍କ ପ୍ରସ୍ତାବକ୍ରମେ ଇନ୍ଦୋରରେ ଅନୁଷ୍ଠିତ ରାଷ୍ଟ୍ରଭାଷା ପ୍ରଚାର ଅଧିବେଶନରେ ମଧ୍ୟ ପୌରୋହିତ୍ୟ କରିଥିଲେ । ବିଭିନ୍ନ କଂଗ୍ରେସ ଅଧିବେଶନକୁ ସରୋଜିନୀଙ୍କ ସହ ତାଙ୍କ ପୁଅ ଶୈଳବିହାରୀ ଚୌଧୁରୀ ବି ଯାଉଥିଲେ । ଲବଣ ସତ୍ୟାଗ୍ରହ ଓ ଭାରତ ଛାଡ଼ ଆନ୍ଦୋଳନ ସମେତ ବାଲେଶ୍ୱରରେ ଉତ୍କଳଭାରତୀ କୁନ୍ତଳାକୁମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହିଳା ସମାବେଶରେ ବି ସେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଭଉଣୀ ଜାହ୍ନବୀ ଦେବୀ ଓ କୋକିଳା ଦେବୀଙ୍କୁ ସହଯୋଗ କରିଥିଲେ । ବୟସରେ ରମା ଦେବୀ ଓ ସରଳା ଦେବୀଙ୍କଠାରୁ ସରୋଜିନୀ ବଡ଼ ଥିଲେ ।

ସରୋଜିନୀଙ୍କ ସୁପୁତ୍ରୀ କରୁଣାମୟୀଙ୍କର ୧୯୩୯ରେ ମାତ୍ର ୨୪ବର୍ଷ ବୟସରେ ପରଲୋକ ଘଟିବା ବେଳକୁ ସ୍ୱାଧୀନତା ସଂଗ୍ରାମ ଓ ନାରୀ ଜାଗରଣ କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ପରିଚିତି ସୃଷ୍ଟି ହୋଇଥିଲା। କରୁଣା ଥିଲେ ବୟସରେ ଅନ୍ନପୂର୍ଣ୍ଣା ଚୌଧୁରୀ (ମହାରଣା)ଙ୍କ ଠାରୁ ୨ବର୍ଷ ବଡ଼ ।

ସରୋଜିନୀ ଚୌଧୁରୀ ଓ ରମା ଦେବୀ ଗାଁ ଗହଳିକୁ ଯାଇ ସ୍ୱାଧୀନତାର ବାର୍ତ୍ତା ପହଞ୍ଚାଇବା ସହିତ ମହିଳାମାନଙ୍କୁ କିପରି ଓଢଣା ଆଢୁଆଳରୁ ସଂଗ୍ରାମର ମଇଦାନ ଏମିତିକି ଜେଲଖାନାକୁ ଟାଣି ଆଣୁଥିଲେ ସେ ପ୍ରସଙ୍ଗ ମଧ୍ୟ 'ସ୍ୱାଧୀନତା ସଂଗ୍ରାମରେ ଉତ୍କଳୀୟ ନାରୀ' ପୁସ୍ତକରେ ଲିପିବଦ୍ଧ ହୋଇ ରହିଛି । ସରୋଜିନୀଙ୍କ ଝିଅ ସ୍ନେହମୟୀ ଓ ଜାମାତା ସୂର୍ଯ୍ୟମଣି ବି ମୁକ୍ତି ଆନ୍ଦୋଳନରେ କାରାବରଣ କରିଥିଲେ । ମୋଟାମୋଟି ଭାବେ ବ୍ୟାସକବି ଫକୀରମୋହନଙ୍କ ଉତ୍ତର ପିଢିର ଅନେକ ତାଙ୍କ ଅବର୍ତ୍ତମାନରେ ସ୍ୱାଧୀନତା ଆନ୍ଦୋଳନରେ ସଂଶ୍ଳିଷ୍ଟ ହୋଇଥିଲେ । ସରୋଜିନୀଙ୍କ ନାତୁଣୀ ନିବେଦିତା ଜ୍ଞାପପୀଠ ପୁରସ୍କାରପ୍ରାପ୍ତ ଦରଦୀ ସାହିତ୍ୟ ସାଧକ ଗୋପୀନାଥ ମହାନ୍ତିଙ୍କ ପୁତ୍ରବଧୂ ଏବଂ ପୂର୍ବତନ କୁଳପତି ଓମ୍‌କାର ନାଥ ମହାନ୍ତିଙ୍କ ସହଧର୍ମିଣୀ । ତାଙ୍କ ରଚିତ 'ଦି ଏଲୋକ୍ୱେ ସାଇଲେନ୍ସ' ସମେତ ବିଭିନ୍ନ ପୁସ୍ତକରେ ଫକୀରମୋହନଙ୍କ ଦାୟାଦମାନଙ୍କ ସମ୍ପର୍କରେ ଅନେକ ଅନାଲୋଚିତ ତଥ୍ୟ ରହିଛି ।

**ମୋଟାମୋଟି ଭାବେ ବ୍ୟାସକବି ଫକୀରମୋହନଙ୍କ ଉତ୍ତର ପିଢିର ଅନେକ ତାଙ୍କ ଅବର୍ତ୍ତମାନରେ ସ୍ୱାଧୀନତା ଆନ୍ଦୋଳନରେ ସଂଶ୍ଳିଷ୍ଟ ହୋଇଥିଲେ । ସରୋଜିନୀଙ୍କ ନାତୁଣୀ ନିବେଦିତା ଜ୍ଞାପପୀଠ ପୁରସ୍କାରପ୍ରାପ୍ତ ଦରଦୀ ସାହିତ୍ୟ ସାଧକ ଗୋପୀନାଥ ମହାନ୍ତିଙ୍କ ପୁତ୍ରବଧୂ ଏବଂ ପୂର୍ବତନ କୁଳପତି ଓମ୍‌କାର ନାଥ ମହାନ୍ତିଙ୍କ ସହଧର୍ମିଣୀ । ତାଙ୍କ ରଚିତ 'ଦି ଏଲୋକ୍ୱେ ସାଇଲେନ୍ସ' ସମେତ ବିଭିନ୍ନ ପୁସ୍ତକରେ ଫକୀରମୋହନଙ୍କ ଦାୟାଦମାନଙ୍କ ସମ୍ପର୍କରେ ଅନେକ ଅନାଲୋଚିତ ତଥ୍ୟ ରହିଛି ।**

ଫକୀରମୋହନଙ୍କ ଆତ୍ମଜୀବନ ଚରିତରେ ଉଲ୍ଲେଖ ରହିଛି ଯେ ତାଙ୍କ ପୂର୍ବଜ ଅବିଭକ୍ତ କଟକ ଜିଲ୍ଲାର କେନ୍ଦ୍ରାପଡ଼ା ଅନ୍ତର୍ଗତ କୁସିନ୍ଦା ଗାଁରେ ଅବସ୍ଥାନ କରୁଥିଲେ । ସେମାନେ ଖଣ୍ଡାୟତ ବଂଶଜ ଥିଲେ । ତାଙ୍କ ପୂର୍ବଜଙ୍କୁ ୪୫ବାଟି ନିଷ୍କର ଜମି ଦିଆଯାଇଥିଲା। ଫକୀରମୋହନଙ୍କ ପୂର୍ବଜ ହନୁ ମଲ୍ଲଙ୍କୁ ମରାଠା ଶାସନବେଳେ ସେନାପତି ପଦବୀ ମିଳିଥିଲା ଏବଂ ପରବର୍ତ୍ତୀ ସମୟରେ ଉତ୍ତରାଧିକାରୀମାନଙ୍କ ସାଙ୍ଗିଆ ମଲ୍ଲରୁ ସେନାପତିକୁ ବଦଳି ଯାଇଥିଲା । ଜନ୍ମର ଦେଢବର୍ଷ ନପୁରୁଣୁ ଫକୀରମୋହନଙ୍କ ପିତା ଲକ୍ଷ୍ମଣ ସେନାପତିଙ୍କ ପରଲୋକ ଘଟିଥିଲା ଏବଂ ଏହାର ୧୪ମାସ ପରେ ତାଙ୍କ ମାତା ତୁଳସୀ ଦେଇ ସ୍ୱର୍ଗବାସୀ ହୋଇଥିଲେ ।

ବସ୍ତୁତଃ ପିତାମହୀ କୁଚିଳା ଦେଈଙ୍କ ତତ୍ତ୍ୱାବଧାନରେ ସେ ବଢିଥିଲେ । ଜନ୍ମବେଳେ ତାଙ୍କର ନାମ ବ୍ରଜମୋହନ ଥିବାବେଳେ ପିତାମହୀ ତାଙ୍କୁ ରୋଗବ୍ୟାଧିରୁ ରକ୍ଷା କରିବା ପାଇଁ ଫକୀରଙ୍କ ନିକଟରେ ସମର୍ପଣ କରିଦେବାରୁ ତାଙ୍କ ନାମ ଫକୀରମୋହନକୁ ବଦଳି ଥିଲା । ୯ବର୍ଷ ବୟସରେ ଫକୀରମୋହନଙ୍କ ବିଦ୍ୟାରମ୍ଭ ହୋଇଥିଲା ଏବଂ ୧୩ବର୍ଷ ବୟସରେ ତାଙ୍କର ପ୍ରଥମ ବିବାହ ହୋଇଥିଲା । ପ୍ରଥମ ପତ୍ନୀ ଲୀଳାବତି ଦେବୀ ଗୋଟିଏ କନ୍ୟାସନ୍ତାନ ଜନ୍ମ ଦେବାପରେ ମୃତ୍ୟୁବରଣ କରିଥିଲେ । ତେଣୁ ୧୮୭୧ରେ ତାଙ୍କୁ କୃଷ୍ଣକୁମାରୀଙ୍କ ସହ ଦ୍ୱିତୀୟ ବିବାହ କରିବାକୁ ପଡିଥିଲା । କୃଷ୍ଣକୁମାରୀଙ୍କ ପ୍ରଥମ ସନ୍ତାନ ମନମୋହନଙ୍କ ଶୈଶବରେ ମୃତ୍ୟୁ ଘଟିବା ପରେ ୧୮୮୧ରେ ଦ୍ୱିତୀୟ ସନ୍ତାନ ମୋହିନୀମୋହନ ଓ ୧୮୮୩ରେ କନିଷ୍ଠା କନ୍ୟା ସରୋଜିନୀଙ୍କ ଜନ୍ମ ହୋଇଥିଲା । ପ୍ରଥମ ପତ୍ନୀଙ୍କ କନ୍ୟା ମହିଳାମଣି ରଘୁନାଥ ଚୌଧୁରୀଙ୍କୁ ବିବାହ କରିଥିବାବେଳେ ତାଙ୍କ ସାନଭାଇ ଗଗନ ବିହାରୀଙ୍କୁ ବିବାହ କରିଥିଲେ ସରୋଜିନୀ ମାତ୍ର ୧୫ ବର୍ଷ ବୟସରେ ।

ବିଭିନ୍ନ ରାଜାଙ୍କ ପାଖରେ ଚାକିରି କରିବା ପରେ ଫକୀରମୋହନ ୧୮୯୬ରୁ ୧୯୦୫ ପର୍ଯ୍ୟନ୍ତ କଟକରେ ଏବଂ ୧୯୦୫ରୁ ୧୯୧୮ ପର୍ଯ୍ୟନ୍ତ ବାଲେଶ୍ୱରରେ ଅବସ୍ଥାନ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ପାଇଁ ଚାଲିଥିବା ସଂଗ୍ରାମର ଅନ୍ୟତମ ସେନାପତି ଥିଲେ ଫକୀରମୋହନ ।

**ତାଙ୍କ ଦାୟାଦମାନେ ପରବର୍ତ୍ତୀ ସମୟରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସହ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଅକ୍ଷୟ କୀର୍ତ୍ତି ଅର୍ଜନ କରିଯାଇଛନ୍ତି, ଯାହାର ପ୍ରମାଣ ହେଉଛନ୍ତି ତାଙ୍କ କନ୍ୟା ସରୋଜିନୀ ଏବଂ ନାତୁଣୀ କରୁଣାମୟୀ ଓ ସ୍ନେହମୟୀ । ଏହି ପରିବାର ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ସହ ଦେଶର ସ୍ୱାଧୀନତା ପାଇଁ ଯେଉଁଳି ତ୍ୟାଗ ସ୍ୱୀକାର କରିଯାଇଛନ୍ତି ତାହାକୁ ବାଦ୍ ଦେଇ ଜାତି ଇତିହାସ ଲେଖାଯାଇ ପାରିବ ନାହିଁ । ଅନ୍ୟ ସଂଗ୍ରାମୀମାନଙ୍କ ଭଳି ଏମାନେ ବି ଜାତିସ୍ମର । ଆମେ ସ୍ୱାଧୀନତା ପ୍ରାପ୍ତିର ଅମୃତ କାଳ ପାଳନ କରୁଥିବାବେଳେ ସେନାପତି ପରିବାରର ଯୋଦ୍ଧାମାନଙ୍କୁ ଅନ୍ୟମାନଙ୍କ ସଙ୍ଗେ କୃତଜ୍ଞତାର ସହିତ ସ୍ମରଣ କରିବା ଉଚିତ ହେବ ।**

E-mail: prahalladsinha@gmail.com
ମୋ-୯୪୩୭୦୧୭୩୯୫
(ଶ୍ରୀ ସିଂହ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)

# ବ୍ରତୋପନୟନ



**ଦିଲୀପ ରାଜ ବେହେରା**

ହିନ୍ଦୁ ଧର୍ମର ଷୋଡଶ ସଂସ୍କାର ମଧ୍ୟରେ ବ୍ରତୋପନୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସଂସ୍କାର । ଏହି ସଂସ୍କାର ଶିଶୁ ଅବସ୍ଥାରୁ କିଶୋର ଅବସ୍ଥାକୁ ଅତିକ୍ରମଣ କରିବା ବେଳେ କରାଯାଏ । ଏହା ଜୀବନକୁ ଜ୍ଞାନ, ଶୃଙ୍ଖଳା ଏବଂ ଆଧ୍ୟାତ୍ମିକ ସାଧନା ପଥରେ ଅଗ୍ରସର କରେ । ବୈଦିକ ଏବଂ ପାରମ୍ପରିକ ରୀତିରେ ବ୍ରାହ୍ମଣ ପରିବାରରେ ବ୍ରତୋପନୟନ ସଂସ୍କାର ଅନୁଷ୍ଠିତ ହୋଇଥାଏ ।

ବ୍ରତୋପନୟନ ହିନ୍ଦୁ ସଂସ୍କୃତିର ଏକ ପ୍ରାଚୀନ ଏବଂ ପବିତ୍ର ସଂସ୍କାର । ଏହା କେବଳ ବ୍ରାହ୍ମଣ ନୁହେଁ, ଜ୍ଞାନ ପିପାସୁ ସମସ୍ତ ହିନ୍ଦୁ ସମାଜ ପାଇଁ ପ୍ରଯୁଜ୍ୟ । ପ୍ରାୟ ୯ ରୁ ୧୧ ବର୍ଷ କିଶୋର ଅବସ୍ଥା ପ୍ରାପ୍ତ ହେବା ପରେ ଚେତନ ମନ ଜାଗ୍ରତ ହୁଏ ଏବଂ ସେହି ସମୟରୁ ଜ୍ଞାନ ଅର୍ଜନ ପାଇଁ ପ୍ରସ୍ତୁତି ପର୍ବ ଉପନୟନ ସଂସ୍କାର ଠାରୁ ଆରମ୍ଭ ହୁଏ ।

ଉପନୟନ ସଂସ୍କାର ଆଧ୍ୟାତ୍ମିକ ମାର୍ଗରେ ଜୀବନର ପ୍ରବେଶ ପାଇଁ ପ୍ରଥମ ସୋପାନ । ଏହି ସଂସ୍କାର ମାଧ୍ୟମରେ ଶିଶୁର ଶିକ୍ଷା, ଶୃଙ୍ଖଳା ଏବଂ ଆଧ୍ୟାତ୍ମିକ ଜୀବନର ଔପଚାରିକତା ଆରମ୍ଭ ହୁଏ । ବ୍ରତୋପନୟନ କେବଳ ଯଜ୍ଞୋପବିତ ଧାରଣ କରିବା କୌଳିକ ଅନୁଷ୍ଠାନ ନୁହେଁ ଏହା ଜୀବନରେ ଜ୍ଞାନ, ସଦାଚାର ଏବଂ କର୍ତ୍ତବ୍ୟବୋଧ ପ୍ରତି ଏକ ଗମ୍ଭୀର ପ୍ରତିଜ୍ଞା ।

ଏହି ବ୍ରତୋପନୟନ ଦିନ ଠାରୁ କିଶୋର ବ୍ରହ୍ମଚାରୀ ଶୃଙ୍ଖଳିତ ବ୍ରତ ଆଚରଣ କରି ଗୁରୁଙ୍କ ନିକଟରୁ ଗାୟତ୍ରୀ ମନ୍ତ୍ର ଦୀକ୍ଷା ଗ୍ରହଣ କରେ । ଗାୟତ୍ରୀ ମନ୍ତ୍ରର ନିୟମିତ ସନ୍ଧ୍ୟା ବନ୍ଦନ ଦ୍ୱାରା ମେଧା, ପ୍ରଜ୍ଞା ସ୍ମୃତି, ଧୀ ଏବଂ ଧୃତି-ଆତ୍ମିକ ଶକ୍ତିର ଅଧିକାରୀ ହେବା ପାଇଁ ସଙ୍କଳ୍ପିତ ପ୍ରଯତ୍ନ କରିଥାଏ । ବ୍ରତୋପନୟନକୁ ଦ୍ୱିତୀୟ ଆଧ୍ୟାତ୍ମିକ ଜନ୍ମ ରୂପରେ ଆଖ୍ୟାୟିତ କରାଯାଏ ।

ପ୍ରଥମ ଜନ୍ମ ମାତାଙ୍କ ଗର୍ଭରୁ ଶରୀର ନିର୍ମାଣ ହୁଏ । ଦ୍ୱିତୀୟ ଜନ୍ମ ଗୁରୁଙ୍କ ଦ୍ୱାରା ଜ୍ଞାନର ବିକାଶ ସାଧିତ ହୁଏ । ଏହି କାରଣରୁ ଉପନୟନ ବ୍ରତୀକୁ ଦ୍ୱିଜ ବୋଲି ସମ୍ବୋଧନ କରାଯାଏ । ଯଜ୍ଞୋପବୀତର ତିନୋଟି ଖିଅ ଦେବରଣ, ଋଷିରଣ ଏବଂ ପିତୃରଣ ପାଇଁ ଉଦ୍ଦିଷ୍ଟ । ଏଥିରେ ଥିବା ତିନି ସୂତ୍ର ମନ, ବାକ୍ୟ ଏବଂ କର୍ମର ପବିତ୍ରତାକୁ ମଧ୍ୟ ସୂଚିତ କରେ ।

ଯଜ୍ଞୋପବିତରେ ରହିଥିବା ତିନି ଗଣ୍ଠି ବ୍ରହ୍ମଗଣ୍ଠି, ବିଷ୍ଣୁ ଗଣ୍ଠି ଏବଂ ରୁଦ୍ର ଗଣ୍ଠିର ସମନ୍ୱୟ ବ୍ରହ୍ମ ଚେତନାର ସଙ୍କଳ୍ପର ପ୍ରତୀକ ହୋଇ ଥାଏ । ବ୍ରତୋପନୟନ ଶିଶୁକୁ କେବଳ ଧାର୍ମିକ ଜୀବନରେ ପ୍ରବେଶ କରାଏ ନାହିଁ, ଏହା ଦାୟିତ୍ୱବାନ, ଶୃଙ୍ଖଳିତ ଏବଂ ଆଦର୍ଶ ମନୁଷ୍ୟ ହେବା ପାଇଁ ପ୍ରେରିତ କରେ । ଜ୍ଞାନ, ସଂଯମ, ସେବା ଏବଂ ଆତ୍ମୋନ୍ନତି ପଥରେ ଅଗ୍ରସର ହେବାର ଏକ ପବିତ୍ର ସଙ୍କଳ୍ପର ଉତ୍ସବ ।

ବ୍ରତୋପନୟନ ସଂସ୍କାର ଜୀବନର ବାସ୍ତବ ଆଧ୍ୟାତ୍ମିକ ଉଦ୍ଦେଶ୍ୟକୁ ଚେତାଇ ଦେଇଥାଏ । ଜୀବନ କେବଳ ମାତ୍ର ଭୌତିକ ସଫଳତା ପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ଜ୍ଞାନ, ଚରିତ୍ର ଗଠନ ଏବଂ ଆତ୍ମିକ ବିକାଶ ମାଧ୍ୟମରେ ଉଚ୍ଚତର ଚେତନାର ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ । ବ୍ରତୋପନୟନରେ ପ୍ରଥମେ ମଙ୍ଗଳାଚରଣ ଏବଂ ଗଣେଶ ପୂଜା କରାଯାଏ । କଳସ ସ୍ଥାପନା ଓ ପୁଣ୍ୟାହ ବାଚନ ସ୍ଥାନ, ପରିବାର ପବିତ୍ରୀକରଣ ପାଇଁ ଉଦ୍ଦିଷ୍ଟ ହୁଏ ।

ନାନ୍ଦୀ ଶ୍ରାଦ୍ଧରେ ପିତୃପୁରୁଷଙ୍କ ଆଶୀର୍ବାଦ ପାଇଁ ପ୍ରାର୍ଥନା କରାଯାଇ ଥାଏ । ମୁଣ୍ଡନ, ଜୀବନର ନୂଆ ସଂସ୍କାର ଆରମ୍ଭ ଏବଂ ଅତୀତ ବାଲ୍ୟ କାଳର ମଳିନତାର ପରିଶୋଧନ ପାଇଁ ହୋଇଥାଏ । ସ୍ନାନ ଓ ଶୁଦ୍ଧୀକରଣ ଶାରୀରିକ ଏବଂ ମାନସିକ ପବିତ୍ରତାର ପ୍ରତୀକ ଭାବେ ଗ୍ରହଣ କରାଯାଏ । ନୂତନ ବସ୍ତ୍ର ଧାରଣ ନୂତନ ଜୀବନର ଆରମ୍ଭର ସୂଚକ ଭାବେ ଗ୍ରହଣ କରାଯାଏ ।

ଯଜ୍ଞୋପବୀତ ସଂସ୍କାରରେ ବ୍ରହ୍ମ ଚେତନ ସମ୍ଭୂତ ପଇତା ଧାରଣ ମୁଖ୍ୟ ଅଂଶ । ଏହି ଉପନୟନ କ୍ରିୟା ଦୀକ୍ଷା ଗୁରୁଙ୍କଠାରୁ ପ୍ରଶିକ୍ଷଣ ଏବଂ ଆଧ୍ୟାତ୍ମିକ ଜୀବନରେ ପ୍ରବେଶ ପାଇଁ ଉଦ୍ଦିଷ୍ଟ । ଦୀକ୍ଷା ଗୁରୁ ଶିଷ୍ୟଙ୍କୁ ଗାୟତ୍ରୀ ମନ୍ତ୍ରରେ ଦୀକ୍ଷିତ କରି ଶକ୍ତିପାତ କରନ୍ତି । ଏହି ସଙ୍କଳ୍ପ ହୋମ ଓ ଯଜ୍ଞ ସହିତ ଅଗ୍ନିକୁ ସାକ୍ଷୀ ରଖି ସଂକଳ୍ପ କରାଯାଏ ।

ଭିକ୍ଷାଟନ ଅହଂକାରର ବିଲୋପନ ହୋଇ ଥାଏ । ଏହା ବିନୟ, ନମ୍ରତା ଓ ଗୁରୁକୁଳ ଜୀବନର ପ୍ରତୀକ । ବ୍ରହ୍ମଚର୍ଯ୍ୟ ବ୍ରତ ଗ୍ରହଣ ସଂଯମ, ଅଧ୍ୟୟନ ଏବଂ ସଦାଚାର ପାଳନ ପାଇଁ ଏକ ସଂକଳ୍ପ । ନୂଆ ବ୍ରହ୍ମଚାରୀ ଦୀକ୍ଷା ଗୁରୁ, ମାତା ପିତା ଏବଂ ବୟୋଜ୍ୟେଷ୍ଠଙ୍କ ଆଶୀର୍ବାଦ ପ୍ରାପ୍ତ କରନ୍ତି । ବ୍ରତୋପନୟନ ପରେ ତାଙ୍କୁ ବ୍ରହ୍ମଚାରୀ ଭାବେ ଗଣା ଯାଏ । ସନ୍ଧ୍ୟାବନ୍ଦନ, ଗାୟତ୍ରୀ ଜପ ଏବଂ ସ୍ୱାଧ୍ୟାୟ ତାଙ୍କ ଜୀବନର ଧ୍ୟେୟ ହୁଏ ।

ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର
ମୋ-୭୭୩୫୩୪୮୬୬୦

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନୀଳକଣ୍ଠେଶ୍ୱର ପୀଠରେ ରଜ ମହୋତ୍ସବ



ବାଲିପାଟଣା ,(ସବ୍ୟୁ):ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ମୌଜାର ନୀଳକଣ୍ଠେଶ୍ୱର ପୀଠରେ ପ୍ରଥମ ରଜ ମହୋତ୍ସବ ଏବଂ ପାଇକ ସଙ୍ଘ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଶ୍ରୀ ନୀଳକଣ୍ଠେଶ୍ୱର ସାଂସ୍କୃତିକ ପରିଷଦ ଏବଂ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ରବିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ୩ ଦିନ ଧରି ମହୋଉତ୍ସବ ପାଳନ ହେବ । ଉକ୍ତ ଉତ୍ସବ ର ମୁଖ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା ଯୋଗ ଦେଇ ରଜ ଦୋଳି ଉଦଘାଟନ କରିଥିଲେ ।ରଜ ଦୋଳି , ପାଇକ ଖେଳ , ତାସ ଖେଳ ଜମିଥିଲା । ସନ୍ଧ୍ୟାରେ ଆୟୋଜିତ ସାଧାରଣ ସଭା ରେ ବରିଷ୍ଠ ଠିକାଦାର ରମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୁବ ନେତା ରାକେଶ ସାମଲ , ଅଭିନେତ୍ରୀ ଜୀନା ସାମଲ , ବିଦୁସ୍ମିତା ମନ୍ତ୍ରୀ, ମି.ଗୁଲୁଆ ଏବଂ ଆନ୍ତର୍ଜାତୀୟ ବଂଶୀ ବାଦକ ଗୁରୁ ରାଜ କିଶୋର ଦଳ ବେହେରା ପ୍ରମୁଖ ଯୋଗଦେଇଥିଲେ ।ଏହି ଅସର ରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷ , ବରିଷ୍ଠ ନାଗରିକ , କୃତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଅ ।କ୍ଷୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ନୀଳକେ=ଶର ଙ୍କ ପୀଠ ରେ ପ୍ରଥମ ରଜ ମହୋତ୍ସବ ପାଳନ ହେଉଥିବାରୁ ସ୍ଥାନୀୟ ଲୋକଙ୍କୁ ମଧ୍ୟରେ ବେଶ ଆଗ୍ରହ ପ୍ରକାଶ ପାଇଛି ।

# ଜୈବସାର ଉପରେ ଚାଷୀ ଉତ୍ପାଦକ କମ୍ପାନୀର ତାଲିମ ଶିବିର



ପିପିଲି ,(ସବ୍ୟୁ): ଜୈସପାଟଣା ଠାରେ ରାଜ୍ୟ ସରକାରଙ୍କ ପାଣ୍ଠିରେ ଧାନ ଆଧାରିତ ଫସଲ ଏବଂ କୃଷି ପ୍ରଣାଳୀରେ ଗୁଣାତ୍ମକ ବାୟୋଇନୋକୁଲାଣ୍ଟର ଉତ୍ପାଦନ, ଲୋକପ୍ରିୟତା ଏବଂ ଯୋଗାଣ (ଜୟ ପୋଷାକ) ପ୍ରକଳ୍ପ ଅନ୍ତର୍ଗତ ଅଭିନବ ପ୍ରକଳ୍ପ ଅନୁଷ୍ଠିତ ହୋଇଯାଇଛି.ଏହି କାର୍ଯ୍ୟକ୍ରମ ନୂଆଦିଲ୍ଲୀର ମେରା ଗାଁ ମେରା ଗୌରବ କାର୍ଯ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଂଶ. ଯାହାର ବିଷୟବସ୍ତୁ ଥିଲା ସାରର ସନ୍ତୁଳିତ ବ୍ୟବହାର ଏବଂ ଖେ ବଚାଓ ଅଭିଯାନ । ଏହି କାର୍ଯ୍ୟକ୍ରମ ପିପିଲି ଫୋର ଏସ ଫୋର ଆର ଫାର୍ମର ପ୍ରଡୁସର କମ୍ପାନୀ ଲିମିଟେଡ୍ ସହିତ ମିଳିତ ଭାବରେ ଆୟୋଜିତ ହୋଇଥିଲା, ଏହି କାର୍ଯ୍ୟକ୍ରମର ସମନ୍ୱୟ ପ୍ରମୁଖ ବୈଜ୍ଞାନିକ ଡକଫର ଆନି ପୁନମ କରିଥିଲେ । ସେ ସମନ୍ୱିତ କୃଷି ପ୍ରଣାଳୀ (ଆଇ ଏଫ ଏସ ) ଅଭ୍ୟାସ ଉପରେ ସାରର ସନ୍ତୁଳିତ ବ୍ୟବହାର, ଜୈବ ସାର ବ୍ୟବହାରର ଲାଭ ଏବଂ ରାଜସଓ୍ୱ ବୃଦ୍ଧି ଉପରେ ଆଲୋକପାତ କରିଥିଲେ । ଡକଫର ଲୋଟନ ବୋସ, ପ୍ରମୁଖ ବୈଜ୍ଞାନିକ ଲୋକପ୍ରିୟ ଜଳବାୟୁ ପ୍ରତିରୋଧୀ ସି ଆର ଆର ଆଇ ଧାନ କିସମ ଏବଂ ରାସାୟନିକ ସାରକୁ ୨୫% ପ୍ରୟୋଗ ବିଷୟରେ ବ୍ୟାଖ୍ୟା କରିଥିଲେ । ଡକଫର ଶ୍ରୀକାନ୍ତ ଲେଙ୍କା, ପ୍ରମୁଖ ବୈଜ୍ଞାନିକ ପରିବର୍ତ୍ତିତ ଜଳବାୟୁ ପରିସ୍ଥିତିରେ ଉଦ୍ଭିଦ ରୋଗଜୀବାଣୁର ପ୍ରାଦୁର୍ଭାବ ଏବଂ ନ୍ୟାୟିକ ଭାବରେ ରାସାୟନିକ ସାର ବ୍ୟବହାର କରିବାର ଆବଶ୍ୟକତା ଏବଂ ପରିବର୍ତ୍ତନ କରିବାର ଆବଶ୍ୟକତା ବିଷୟରେ ବ୍ୟାଖ୍ୟା କରିଥିଲେ । ଜୈବ ସାର ଏବଂ ଆଜୋଲାକୁ ଏକ ଭଲ ଜୈବ ସାର ଭାବରେ ସୁପାରିଶ କରାଯାଇଛି । ପ୍ରମୁଖ ବୈଜ୍ଞାନିକ ଡକଫର ମାନସ ବାଗ ଉଦ୍ଭିଦ ପୁଷ୍ଟିକର ପରିପୂରକ ପାଇଁ ଟ୍ରାଇକୋଡର୍ମାର ଜୈବଉଦୀପକ ଭାବରେ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି । ବୈଜ୍ଞାନିକ ଡକଫର ଅନିଲ କୁମାର ଲୋକପ୍ରିୟ ଧାନ କିସମ ଏବଂ ଜୈବ ସାରର ଗୁରୁତ୍ୱ ବିଷୟରେ ବ୍ୟାଖ୍ୟା କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସଞ୍ଜିତ କୁମାର ମହାନ୍ତି ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୧ ଜଣ ମହିଳା ଏବଂ ୨୮ ଜଣ ପୁରୁଷଙ୍କ ସମେତ ପ୍ରାୟ ୪୯ ଜଣ ଚାଷୀ ଉପକୃତ ହୋଇଥିଲେ । ଜୈବ ପୋଷାକ ପ୍ରକଳ୍ପର ଗବେଷଣା ସହଯୋଗୀ ଡକଫର ସାଇ କୃଷ୍ଣ ରେପାଲି ଜୈବ ସାର ପ୍ରୟୋଗ ପଦ୍ଧତି ପ୍ରଦର୍ଶନ କରିଥିଲେ ।ଧାନ ଏବଂ ପନିପରିବା ଫସଲରେ ଜୈବ ସାରର ପ୍ରଭାବଶାଳୀ ପ୍ରୟୋଗ ଉପରେ ଚାଷୀ ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ପାରସ୍ପରିକ କ୍ରିୟା ହୋଇଥିଲା ଏବଂ ପ୍ରକଳ୍ପ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟକ୍ରମକୁ ସହଜ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପହିଲି ରଜରେ...

ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଆଦି ଜିଲ୍ଲାରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଅଛି । ଏହି ସବୁ ଜିଲ୍ଲା ଗୁଡିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଗରମ ଓ ଗୁଳୁଗୁଳି ଲାଗି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଆଦି ଜିଲ୍ଲାକୁ ସତର୍କ ସୂଚନା ଦିଆଯାଇଛି । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବାର ସମ୍ଭାବନା ଅଛି ।

### ବିପୁଳ ପରିମାଣର...

ତାର, ଦୁଇଟି ମାଓବାଦୀ ପୁସ୍ତକ ସହ ଚପଲ, ଛତା, କମ୍ବଳ, କେଶ ତେଲ, ଛୁରୀ, ଲୁଣ, ଚିନି, ଟି-ସାର୍ଟ, ପାନିଆ, ସାବୁନ ଓ ଡେଟଲ ବୋତଲ ଆଦି ରହିଛି । ଉଦ୍ଧାର ହୋଇଥିବା ସମସ୍ତ ସାମଗ୍ରୀ ମାଓବାଦୀଙ୍କର ବୋଲି ଏସପି କହିଛନ୍ତି । ଏସପି ରାଜ ପ୍ରସାଦ କହିଛନ୍ତି ଯେ ବର୍ତ୍ତମାନ ଜିଲ୍ଲାରେ ମାଓ ଗତିବିଧି ପୂର୍ବ ତୁଳନାରେ ଯଥେଷ୍ଟ କମିଛି । ତଥାପି ସୁରକ୍ଷାକୁ ଦୃଢ଼ କରିବା ପାଇଁ କମ୍ବିଂ ଓ ସର୍ଚ୍ଚ ଅପରେସନ ନିୟମିତ ଭାବେ ଜାରି ରହିଛି । ସେ ଆହୁରି ସୂଚନା ଦେଇଛନ୍ତି ଯେ ଜାନୁଆରୀ ୨୦୨୫ ରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ମାଓ ସଂଗଠନର ରାଜ୍ୟ କମିଟି ସଦସ୍ୟ ନିଖିଲ ଓ ଇନ୍ଦୁଙ୍କ ସମେତ ମୋଟ ୧୫ ଜଣ ମାଓବାଦୀ ରାୟଗଡ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ଭବିଷ୍ୟତରେ ଜିଲ୍ଲାରେ ମାଓ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ଦମନ କରିବା ପାଇଁ ଏସଓଜି, ଡିଭିଏଫ ଓ ସିଆରପିଏଫ ପକ୍ଷରୁ ଜଙ୍ଗଲ ଅଞ୍ଚଳରେ ନିୟମିତ ଭାବେ କମ୍ବିଂ ଏବଂ ସର୍ଚ୍ଚ ଅପରେସନ ଚାଲିଥିବା ସେ କହିଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଗୌରହରୀ ସାହୁ, ଡିଆଇଓସି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲକ୍ଷ୍ମୀ ନାରାୟଣ ମାଝୀ, ଏସଆଇ ଦିନେଶ କହଁର, ଇନ୍ସପେକ୍ଟର ଅବିନାଶ ରେଡ୍ଡୀ, ଆରଆଇ କବିବର ଦେହୁରୀଙ୍କ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

### ବୁଡ଼ି ଯାଉଥିବା...

ଅନୁରୋଧ କରାଯାଇଥିଲା ଓ ଏହା ବର୍ତ୍ତମାନ ଧଉ ନିକଟବର୍ତ୍ତୀ ଅଞ୍ଚଳରେ ଅଛି । ଓମାନରେ ଥିବା ଭାରତୀୟ ଦୂତାବାସ କହିଛି ଯେ, ଏହା ଓମାନ ଉପକୂଳରେ ଭାରତୀୟ ପତାକାଯୁକ୍ତ ଯାନ୍ତ୍ରିକ ନୌଜାହାଜ ସହିତ ଜଡିତ ଏକ ଘଟଣା ବିଷୟରେ ଜାଣିବାକୁ ପାଇଛି ଓ ଓମାନ କର୍ତ୍ତୃପକ୍ଷଙ୍କ ସହ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ସମନ୍ୱୟ କରାଯାଉଛି ।ଏକ ପୃଥକ ପୋଷ୍ଟରେ, ଦୂତାବାସ କହିଛି ଯେ, ଜାହାଜଟିର ଇଞ୍ଜିନ ଫେଲ୍ ହୋଇଥିଲା । ଫଳରେ ନାବିକମାନଙ୍କୁ ସୁରକ୍ଷିତ ଭାବରେ ଏକ ଲାଇଫ ରାଫ୍ଟକୁ ସ୍ଥାନାନ୍ତରିତ କରାଯାଇଥିଲା । ଓମାନି କର୍ତ୍ତୃପକ୍ଷଙ୍କ ସମନ୍ୱୟରେ ନିକଟରେ ଥିବା ଜାହାଜ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

### ଆମେରିକା-ଇରାନ...

ପୂର୍ବରୁ ଘୋଷଣା କରିଥିଲେ ଯେ ରବିବାର ଦିନ ଏହି ଐତିହାସିକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବ । ଅପରପକ୍ଷରେ, ଚୁକ୍ତିନାମାର ଜଟିଳତାକୁ ଦୃଷ୍ଟିରେ ରଖି ପ୍ରକୃତ ସ୍ୱାକ୍ଷର ପ୍ରକ୍ରିୟା ଶେଷ ହେବାକୁ କିଛି ଅଧିକ ସମୟ ଲାଗିପାରେ ବୋଲି ଇରାନ ପକ୍ଷରୁ ସଂକେତ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ଆମେରିକା ଆଗୁଆ ରଣନୀତି ପ୍ରସ୍ତୁତ କରି ଏହି ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବା ବେଳେ, ବର୍ତ୍ତମାନ ଚିଠା ଚୁକ୍ତି ପ୍ରସ୍ତୁତ ହେବା ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ପରିବହନ ସହ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ନେଇ ନୂତନ ଆଶା ସଞ୍ଚାର ହୋଇଛି ।

### ୧୦୦୦ ଡଲାରର...

ମାତ୍ର ୨୫ଡଲାର (ପ୍ରାୟ ୨,୩୭୭) ରେ ମଗାଇବାରେ ସଫଳ ହୋଇଛନ୍ତି ।ବୀମା କମ୍ପାନୀ ଔଷଧ ଖର୍ଚ୍ଚ ବହନ ନକରିବାରୁ ଭିକ୍ଟୋରିଆ ତାଙ୍କ ଡାକ୍ତରଙ୍କ ପରାମର୍ଶ କ୍ରମେ ଏକ କାନାଡିଆନ୍ ଫାର୍ମାସି ଜରିଆରେ ସିଧାସଳଖ ଭାରତୀୟ ସଂସ୍ଥାରୁ ଏହି ଆନ୍ତର୍ଜାତୀୟ ଅର୍ଡର କରିଥିଲେ। ସେ ସ୍ପଷ୍ଟ କରିଛନ୍ତି ଯେ ଏହି ମୋଟ ୨୫ଡଲାର ମଧ୍ୟରୁ ପ୍ରକୃତ ଔଷଧର ମୂଲ୍ୟ ମାତ୍ର ୧୦ଡଲାର (୯୫୦ଟଙ୍କା) ଥିବା ବେଳେ ବାକି ୧୫ଡଲାର ପରିବହନ ବା ସିପିଂ ଖର୍ଚ୍ଚ ବାବଦରେ ଯାଇଥିଲା, ଯାହା ଆମେରିକାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଏକ ବଡ଼ "ଠକାମି" ବୋଲି ପ୍ରମାଣିତ କରୁଛି ।ଏହି ଭିଡିଓ ପ୍ରସାରିତ ହେବା ପରେ ବିଶ୍ୱବ୍ୟାପୀ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଆମେରିକୀୟ ଫାର୍ମାସ୍ୟୁଟିକାଲ୍ସ ସିଷ୍ଟମକୁ କଡ଼ା ସମାଲୋଚନା କରିବା ସହ ଭାରତର ଶସ୍ତା ଓ ଗୁଣାତ୍ମକ ଔଷଧ ଉତ୍ପାଦନ ଶୈଳୀକୁ ଭୂୟସୀ ପ୍ରଶଂସା କରିଛନ୍ତି । ଜଣେ ଇଣ୍ଟରନେଟ୍ ବ୍ୟବହାରକାରୀ ଭାରତରେ ଏହି ଔଷଧର ମୂଲ୍ୟ ମାତ୍ର ୧୦୦ ଟଙ୍କା (ପାଖାପାଖି ୧ଡଲାର) ବୋଲି ଦାବି କରିଥିବା ବେଳେ, ଅନ୍ୟ ଜଣେ ବ୍ୟଙ୍ଗ କରି ଲେଖିଛନ୍ତି, "ଭାରତ ଆସି ଏକ ସପ୍ତାହ ଛୁଟି କାଟି ଔଷଧ କିଣି ଆମେରିକା ଫେରିଗଲେ ମଧ୍ୟ ସମୁଦାୟ ଖର୍ଚ୍ଚ ୧,୦୦୦ଡଲାର ରୁ କମ୍ ହେବ ।" ଏହି ଘଟଣା ବିଶ୍ୱ ବଜାରରେ ଭାରତୀୟ ଜେନେରିକ୍ ଔଷଧର ଗୁରୁତ୍ୱ ଏବଂ ଆମେରିକାର ସାଧାରଣ ନାଗରିକଙ୍କ ଉପରେ ଥିବା ମେଡିକାଲ୍ ମାଫିଆଙ୍କ ଆର୍ଥିକ ବୋଝକୁ ସମ୍ପୂର୍ଣ୍ଣ ରୂପେ ପଦାରେ ପକାଇ ଦେଇଛି ।

### ଲଦ ସିକକାଙ୍କ...

ଅନ୍ତର୍ଗତ ଅପରାଧ କରିଥିବାର ଅଭିଯୋଗ ରହିଛି । ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଲାଖପଦର ଗ୍ରାମର ବାସିନ୍ଦା ଲଦ ସିକକା ଡଙ୍ଗରିଆ କନ୍ଧ ଜନଜାତିର ଜଣେ ପ୍ରମୁଖ ନେତା । ସେ ନିୟମଗିରି ସୁରକ୍ଷା ସମିତିର ଆବାହକ ଭାବେ କାର୍ଯ୍ୟ କରୁଥିବାବେଳେ ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ସହିତ ନିୟମଗିରି ପର୍ବତ ଅଞ୍ଚଳର ସଂରକ୍ଷଣ ପାଇଁ ଦୀର୍ଘଦିନ ଧରି ଆନ୍ଦୋଳନ କରିଆସୁଛନ୍ତି । ଅନ୍ୟପକ୍ଷରେ କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ନେଇ ରାଜ୍ୟର ବିଭିନ୍ନ ସାମାଜିକ କର୍ମୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେମାନେ ଏହି ମାମଲାରେ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ଯାଉଥିବା ସୂଚନା ଦେଇଛନ୍ତି । ସାମାଜିକ କର୍ମୀ ନରେନ୍ଦ୍ର ମହାନ୍ତି କହିଛନ୍ତି ଯେ ଲଦ ସିକକା ନିଜେ ଏହି ଅପରାଧିକ ମାମଲା ସମ୍ପର୍କରେ ଅବଗତ ନଥିଲେ ଏବଂ ଏହା ସମ୍ବନ୍ଧୀୟ କୌଣସି କୋର୍ଟ ପରଓ୍ୱାନା ମଧ୍ୟ ସେ ଗ୍ରହଣ କରିନାହାନ୍ତି । ତାଙ୍କ ମତରେ ବିକାଶ ପ୍ରକ୍ରିୟାରେ ଦୀର୍ଘଦିନ ଧରି ଜନଜାତି ସମୁଦାୟକୁ ସେମାନଙ୍କ ଜୀବନ ଓ ଜୀବିକାରୁ ବିଚ୍ଛିନ୍ନ କରାଯାଉଥିବା ବେଳେ ନିୟମଗିରି ଆନ୍ଦୋଳନର ନେତା ଲଦ ସିକକାଙ୍କ ସମ୍ପତ୍ତି ଜବତ ନିର୍ଦ୍ଦେଶ ବ୍ୟବସ୍ଥାଗତ ଅନ୍ୟାୟର ଏକ ଅଂଶ ବୋଲି ପ୍ରତୀତ ହେଉଛି । ପରିବେଶବିତ ତଥା ଲୋକଶକ୍ତି ଅଭିଯାନର ନେତା ପ୍ରଫୁଲ୍ଲ ସାମନ୍ତରା ଏବଂ ନରେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ସାମାଜିକ କର୍ମୀ ଲଦ ସିକକାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି । ସେମାନେ କୋର୍ଟଙ୍କ ଏହି ନିର୍ଦ୍ଦେଶକୁ ଅନ୍ୟାୟ ଓ ଅଯଥାର୍ଥ ବୋଲି ଦର୍ଶାଇ ରାଜ୍ୟର ଓକିଲ, ମାନବାଧିକାର ସଂଗଠନ, ନାଗରିକ ସମାଜର ପ୍ରତିନିଧି ଓ ବିଭିନ୍ନ ରାଜନୈତିକ ଗୋଷ୍ଠୀର ସଦସ୍ୟମାନଙ୍କ ସହ ଏହାର ପ୍ରତିବାଦ କରିଛନ୍ତି । ଏହା ସହିତ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ହସ୍ତକ୍ଷେପ ଦାବି କରାଯାଇଛି । ପ୍ରକାଶଥାଉକି ଗତ ୨୦୨୦ ମସିହାରେ ଲଦ ସିକକାଙ୍କୁ ବିଶ୍ୱ ମାନବାଧିକାର ଦିବସ ଉପଲକ୍ଷେ ମାନବ ମର୍ଯ୍ୟାଦା ସମ୍ମାନ -୨୦୨୦ରେ ସମ୍ମାନିତ ହୋଇଥିଲେ ।

# ବଡକୁଳ ପାନ୍ଥନିବାସରେ ରଜ ଉତ୍ସବ



ବାଲୁଗାଁ,(ସବ୍ୟୁ): ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବଡ଼କୁଳ ପାନ୍ଥନିବାସରେ ରଜଉତ୍ସବ ମହା ଆଡମ୍ବର ସହକାରେ ପାଳିତ ହୋଇଛି । ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନାରାଣୀ ବେହେରା, ଉପାଧକ୍ଷ ଅରୁଣ ପଟ୍ଟନାୟକ, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ ପ୍ରମୁଖ ଯୋଗ ଦେଇ ଉତ୍ସବକୁ ଅନୁଷ୍ଠାନିକ ଉଦଘାଟନ କରିଥିଲେ । । ପାନ୍ଥ ନିବାସ ପରିଚାଳକ ସବ୍ୟସାଚୀ କରଙ୍କ ତତ୍ୱାବଧାନରେ ପୋଡ଼ପିଠା ,ଛେନାପୋଡ଼ ,ଆରିସା ,କାକରା , ମଣ୍ଡା, ଦହିବରା ଆଦି ଅନେକ ପ୍ରକାରର ପିଠା ପରିବେଷଣ କରାଯାଇଥିଲା । ଚିଲିକା ପରିଭ୍ରମଣରେ ଆସିଥିବା ପର୍ଯ୍ୟଟକ ମାନେ ଏହାକୁ ଖାଇ ଆତ୍ମସନ୍ତୋଷ ଲାଭ କରିଥିଲେ । ପର୍ଯ୍ୟଟକ ଙ୍କୁ ଆକୃଷ୍ଟ ନିମନ୍ତେ ସୁସଜ୍ଜିତ ଦୋଳିର ବ୍ୟବସ୍ଥା କରାଯାଇଥିଲା । ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ଦୋଳି ଖେଳି ବେଶ ମଜା ଉଠାଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପାନ୍ଥନିବାସର କର୍ମଚାରୀ ମାନେ ପରିଚାଳନା କରିଥିଲେ । ୧୬ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ ବୋଲି ପରିଚାଳକ କର କହିଛନ୍ତି । ସେହିପରି ବାଲୁଗାଁ ଉତ୍ତରାୟଣୀ ମନ୍ଦିର ଓ ମାମୁଁ ଭଣଜା ପାହାଡ଼ ପାଦ ଦେଶରେ ରଜଯାତ୍ରା ଖୁବ ଆଡ଼ମ୍ବରରେ ପାଳନ କରାଯାଉଛି ।

## ଜଟିଳ ରୋଗରେ ପୀଡ଼ିତ ମମତା ରାଉତଙ୍କୁ ଭେଟିଲେ ସାଂସଦ

ନୀଳଗିରି,(ସ.ବ୍ୟୁ)-ନୀଳଗିରିଏନ୍.ଏ.ସି(ଘଇଉ) ଅନ୍ତର୍ଗତ ୨ ନମ୍ବର ଓ୍ୱାର୍ଡ ଘାଟଘର ସାହିର ବାସିନ୍ଦା ଶ୍ରୀମତୀ ମମତା ରାଉତ ଦୀର୍ଘ ଦିନ ଧରି ଓଷ୍ଟିପରୋସିସ ଭଳି ଏକ ଜଟିଳ ରୋଗରେ ପୀଡ଼ିତ ହୋଇ ଅତଯନ୍ତ କଷ୍ଟଦାୟକ ଜୀବନ ବିତାଉଛନ୍ତି । ଏହି ରୋଗର ପ୍ରଭାବରେ ତାଙ୍କର ଶାରୀରିକ ଉଚ୍ଚତା କ୍ରମଶଃ ହ୍ରାସ ପାଇଛି । ଏକ ସମୟରେ ପ୍ରାୟ ସାଢ଼େ ୫ ଫୁଟ୍ ଉଚ୍ଚତା ଥିବା ମମତା ରାଉତ ବର୍ତ୍ତମାନ ପ୍ରାୟ ଦୁଇ ଫୁଟ୍ ଉଚ୍ଚତାରେ ପହଁଚି ଯାଇଛନ୍ତି । କିଛି ଦିନ ପୂର୍ବରୁ ଏହି ଘଟଣା ସଂସଦଙ୍କ ଦୃଷ୍ଟିଗୋଚର ହୋଇଥିଲା । ସାଂସଦ ତତକ୍ଷଣାତ୍ ମେଡିକାଲ ଟିମ୍ ସହ ଯୋଗାଯୋଗ କରି ତାଙ୍କ ଘରେ ସ୍ୱାସ୍ଥ୍ୟ ପରୀକ୍ଷାର ବଯବସ୍ଥା କରାଇଥିଲେ । ପରୀକ୍ଷା ପରେ ତାଙ୍କୁ ୮୦ ପ୍ରତିଶତ ଭିନ୍ନକ୍ଷମତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସୋମବାର ସଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ତାଙ୍କ ଘରକୁ ଯାଇ ସରକାର ଙ୍କ ତରଫରୁ ମାସିକ ୩୫୦୦ ଟଙ୍କା ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଇଛନ୍ତି । ଅନଯ ମାନଙ୍କ ମଧ୍ୟରେ ନୀଳଗିରି ଏନ୍.ଏ.ସି ର କାର୍ଯଯନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ସାଂସଦ ଙ୍କ ବଯକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ମହେନ୍ଦ୍ର ବେହେରା, ମନୋରଞ୍ଜନ ବେହେରା, ସୂର୍ଯ୍ୟକାନ୍ତ ବିଶ୍ୱାଳ, ରାକେଶ ପରିଛା, ଦୀପକ ଦାସ, ରମାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କର ଚିକିତ୍ସା ପାଇଁ ମଧ୍ୟ ଯଥା ସମ୍ଭବ ସମସ୍ତ ପ୍ରକାର ସହଯୋଗ କରିବାକୁ ସାଂସଦ ଏବଂ ସରକାର ପ୍ରତିଶୃତି ବଦ୍ଧ ବୋଲି ମତ ପ୍ରକାଶ କରିଛନ୍ତି । ଏହି ଘଟଣା ଆମକୁ ସ୍ମରଣ କରାଏ ଯେ, ସମାଜରେ ଅନେକ ଅସହାୟ ଓ ବଂଚିତ ବଯକ୍ତିଙ୍କ ସମସଯା ଦୀର୍ଘ ସମୟ ଧରି ଅଣଦେଖା ହୋଇ ରହିଯାଏ । ସାଂସଦ ଶ୍ରୀ ଷଡ଼ଙ୍ଗୀ ଆନ୍ତରିକ ଧନଯବାଦ ଜ୍ଞାପନ କରିଛନ୍ତି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-286

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳ ଅଧୀନରେ 20Kରୁ ଅଧିକ TVU ଥିବା 02ଟି ଲେଭେଲ୍ କ୍ରସିଂ ଗେଟ୍ (RV-21 ଓ RV-169)ର ଇଣ୍ଟରଲକିଂ ସମ୍ବନ୍ଧିତ ବୈଦ୍ୟୁତିକ ସାଧାରଣ କାର୍ଯ୍ୟ । ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 8,98,333.48, EMD : ₹ 18,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 6 (ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.03.07.2026 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟରଯୋଗେ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (Elect.-G) / ସମ୍ବଲପୁର

PR-236/R/26-27


## ନାହାନ୍ତି ସବ୍‌ରେଜିଷ୍ଟ୍ରାର

## ସପ୍ତାହରେ ମାତ୍ର ୩ ଦିନ ଜମି କିଣାବିକା

ବାଲେଶ୍ୱର,(ସ.ବ୍ୟୁ)- ବାହାନଗା ବ୍ଲକ୍ ଗୋପାଳପୁର ପଞ୍ଚାୟତ ପରିସରରେ ଚାଲୁ ରହିଛି ସବ୍‌ରେଜିଷ୍ଟ୍ରାର ଅଫିସ । ହେଲେ ଜମି କିଣାବିକା ପାଇଁ ବିଭିନ୍ନ ସମସଯା ହେଉଛି । ପୂର୍ବରୁ ଜମି କିଣାବିକା ପାଇଁ କିଛି ପ୍ରାବନ୍ଧ ନଥିବା ବେଳେ ଆଜିର ଦିନରେ ଜମି କିଣାବିକା ପାଇଁ ପ୍ରଥମେ ସ୍ଲଟ ବୁକିଂ କରିବାକୁ ପଡ଼ିବ । ପରେ ସମୟ ଧାର୍ଯ୍ୟ ହେଲେ ଜମି କିଣାବିକା ହେବ ଏସବୁ ବଯବସ୍ଥା ଭିତରେ ଗୋପାଳପୁରସ୍ଥିତ ସବରେଜିଷ୍ଟାର ଅଫିସ୍‌ରେ ସବ୍ ରେଜିଷ୍ଟାର ନଥିବାରୁ ସମସଯା ଦ୍ୱିଗୁଣିତ ହେଉଛି । ତାଙ୍କ କାମ ତୁଲାଉଛନ୍ତି ତହସିଲଦାର । ତେବେ ତହସିଲରେ ଅନଯ କାମରେ ବଯସ୍ତ ରହୁଥିବାରୁ ଜମି କିଣାବିକା ପାଇଁ ସପ୍ତାହରେ ମାତ୍ର ୩ ଦିନ, ସୋମବାର, ଶୁକ୍ରବାର ଓ ଶନିବାର ସମୟ ଦେଇ ପାରୁଛନ୍ତି । ସେଥିରୁ ବି ଯଦି କୌଣସି ଦିନ ଛୁଟି ପଡ଼ିଲା, ତାହେଲେ ମାତ୍ର ୨ ଦିନ ଏହି ସୁବିଧା ଉପଲବ୍ଧ ହେଉଛି ।


9001/75/2627

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ତା.୧୫.୦୬.୨୦୨୬ ରିଖ ଦିନ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0033


## ମନ୍ଦିର ଛକରେ ପାନୀୟ ଜଳକେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର,(ସ.ବ୍ୟୁ)- ରେମୁଣା ଏନ୍‌ଏସି ଅନ୍ତର୍ଗତ ରେମୁଣା ମନ୍ଦିର ଛକରେ ଏକ ପାନୀୟଜଳ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ରୋଟାରୀ କ୍ଲବ୍ ଆନୁକୂଲଯରେ ଅମିତ ବେହେରା ଫାଉଣ୍ଡେସନ୍ ଓ ଷ୍ଟେଟ୍ ବଯାଙ୍କ ଅଫ୍ ଇଣ୍ଡିଆ ଆରବିଓ, ବାଲେଶ୍ୱରର ମିଳିତ ସହଯୋଗରେ ଏହା ଉଦଘାଟନ ହୋଇଥିଲା । ଉଦଘାଟନ ଉତ୍ସବରେ ରୋଟାରୀ କ୍ଲବ୍‌ର ଡିଜି ମନୋଜ କୁମାର ତ୍ରିପାଠୀ, ସଭାପତି ଦେବାଶିଷ ଦାସ, ସମ୍ପାଦକ କମଳାକାନ୍ତ ମୁଦୁଲି, ପ୍ରକଳ୍ପ ଅଧକ୍ଷ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ ଅମିତ ବେହେରା ଫାଉଣ୍ଡେସନ୍‌ର ଅଧକ୍ଷ ଆଦିତଯ ବେହେରା, ଆକାଂକ୍ଷା ବେହେରା, ଦିନେଶ ଜୈସ୍ୱାଲ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯଯକ୍ରମରେ କମଳାକାନ୍ତ ଦାସ, ବିଦ୍ୟାଧର ଜେନା, ଗିରୀଶ କୁମାର ଷଡ଼ଙ୍ଗୀ, ଜୟନ୍ତ ବେହେରା, ବୀରକିଶୋର ଧିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ ।


**GOPINATH DEV HIGHER SECONDARY SCHOOL**
**PRATAP PURUSOTTAMPUR,**
**PURI, PIN: 752012**

**NOTICE**

Wanted Guest Lectures in History and Economics. Candidates having 55% marks in M.A. level may apply to the undersigned on or before 25.06.2026 by post or in person.

**Sd/- Principal**



**SHASTRI SMRUTI H.S. SCHOOL**
**BALIPUT, PURI**

**ADVERTISEMENT**

Applications are invited for engagement of Guest Lecturer in Odia, Political Science & Logic for Session 2026-27. Candidates having 55% marks in Post Gradute Level may apply to the undersigned within seven days from publication of advertisement by Post or in person.

**Sd/- Principal**



ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି
OFFICE OF THE MUNICIPAL COUNCIL PARALAKHEMUNDI, GAJAPATI
Ph No: 06815-222052, e-Mail: parala.mply@gmail.com

13001/873/2627

**'e'-Procurement Notice**

Bid Identification No. **01/ PKDM-2026-27**

**Letter No. 2264** **Date. 11.06.2026**

| | | |
|---|---|---|
| 1 | Nature of the work | 15 (Fifteen) Nos Civil construction Works |
| 2 | Estimated Cost | Varies from Rs. 2.42 Lakhs to Rs. 15.25 Lakhs |
| 3 | Period of completion | Two to Three calendar months. |
| 4 | Date and time of availability of bid documents in the portal | From 12.06.2026 at 10.00 A.M. to 23.06.2026 at 5.00 P.M. |
| 5 | Last date / Time for receipt of bids in the portal | 23.06.2026 at 5.00 P.M. |
| 6 | Date and time of opening of bid | 24.06.2026 at 11.00 A.M. |
| 7 | Name and address of the officer Inviting Bid | Executive Officer, Paralakhemundi Municipality. |

Further details can be seen from the e-procurement portal "https://tendersorissa.gov.in"

**Sd/- Executive Officer**
**Paralakhemundi**
**Municipality**

OIPR : 13001/13145/1/26-27/0002



**OFFICE OF THE DIVISIONAL FOREST OFFICER**
**NAYAGARH DIVISION**
O/O No. 154 IF- Date - 12.06.2026

8001/145/2627

**SHORT TENDER NOTICE FOR SELECTION OF SERVICE PROVIDER**

Sealed Tenders are invited from Individuals / Organization / Firm, etc for providing manpower services of various categories of Trained experience person to work under Nayagarh Forest Division, Nayagarh for implementation of different scheme or work as per the terms and conditions mentioned in the standard bidding document.

The Tender Document form can be obtained in person from the Divisional Office on any working day between **10.00 A.M. to 5.00 P.M.** from **17.06.2026 to 24.06.2026**. The Bidder will deposit **Rs 10,000 (Rupee Ten Thousand only)** (non-refundable). The sale of Tender paper will be commenced from **17.06.2026 to 24.06.2026.** The tenders will be opened on **dt. 30.06.2026 at 3.30 P.M.** The sealed tender should reach in the O/o the DFO. Nayagarh Division, At/PO/PS/Dist - Nayagarh PIN - 752069 on or before **29.06.2026 up to 5.00 P.M.** through Registered/ Speed Post/ Courier service and can also be dropped in Tender box placed in office of the DFO, Nayagarh Division. Tender inviting authority reserves the right of accepting or rejecting one or more tender offer(s) or cancelling the tender without assigning any reason thereof.

**Sd/- Divisional Forest Officer,**
**Nayagarh**

OIPR : 8001/8026/1/26-27/0002



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୮ ।

### ପହିଲି ରଜରେ ମସଗୁଲ୍ ସାରାରାଜ୍ୟ

# ଜମୁଛି ପୋଡ଼ପିଠା, ଖିଲିପାନ ଖିଆ

ଭୁବନେଶ୍ୱର(ସବ୍ୟୁ): ଗାଁଠୁ ସହର ସୁବୁଠି ଦୋଳି ଖେଳ ଆସର । ପୋଡ଼ପିଠାର ବାସ୍ନା, ପାନର ମିଠା ସ୍ୱାଦ । ଗାଁଠୁ ସହର, ସବୁଠି ରଜର ମହକ ଓ ମଉଜ । ପହିଲି ରଜରେ କିଛି ଏମିତି ଥିଲା ରାଜ୍ୟର ଦୃଶ୍ୟ । ସକାଳୁ ସକାଳୁ ନୂଆ ପୋଷାକ, ଅଳତା, କୁଙ୍କୁମ, ମେହେନ୍ଦୀ ଲଗାଇ ସଜେଇ ହୋଇଥିଲେ ଝିଅ ବୋହୂ । ଆଉ ଦିନ ବଢ଼ିବା ସହ ଦୋଳି ଖେଳରେ ମସଗୁଲ ହୋଇଥିଲେ ସମସ୍ତେ । କେଉଁଠି ଗଛରେ ବନ୍ଧା ଦୋଳି ତ ଆଉ କେଉଁଠି ବାଉଁଶରେ । ପୁଣି ଗାଁ ମୁଣ୍ଡରେ ଯୁବତୀଙ୍କ ରଜ ମଉଜ । ଗାଁରେ ଆଧୁନିକତା ଭିତରେ ଲୋକେ ଭୁଲି ନାହାନ୍ତି ପୁରୁଣା ପରମ୍ପରା । ବଡ଼ ବଡ଼ ଗଛରେ ଦୋଳି ବାନ୍ଧି ଖେଳୁଛନ୍ତି ଯୁବତୀ ।

ଖାଲି ଗାଁ କାହିଁକି ସହରରେ ବି ରଜ ମଉଜ ଜମିଛି । ଭୁବନେଶ୍ୱରରୁ ରାଉରକେଲା, ପୁଣି ବାଲେଶ୍ୱରରୁ ଭଦ୍ରକ । ଭୁବନେଶ୍ୱର ପାତ୍ରପଡ଼ାରେ ରଜ



ମହୋତ୍ସବରେ ଲାଗିଛି ଶହ ଶହ ଦୋଳି । ପୂରା ପରିବେଶ ଏକ ମୀନାବଜାର ଭଳି ଭ୍ରମ ସୃଷ୍ଟି କରୁଛି । ଭୁବନେଶ୍ୱର କଲ୍ୟାଣପୁର, ରାଜ୍ୟ ସଂଗ୍ରହାଳୟ ଓ ପାନ୍ଥନିବାସରେ ବି ରଜ ଉତ୍ସବର ଭବ୍ୟ ଆୟୋଜନ ହୋଇଛି । ସବୁଠି ଦୋଳି ଖେଳ, ପୋଡ଼ ପିଠା ସାଙ୍ଗକୁ ଆରିସା, କାକରାର ମହକ । ଆଉ ତାସାଙ୍ଗକୁ ପାନ ଖଣ୍ଡେ ଖାଇଦେଲେ ରଜ ପର୍ବର ପୂରା ସ୍ୱାଦ ମିଳିଯାଉଛି । ଏଥିପାଇଁ ପାନ ଦୋକାନରେ ବି ଲାଗିଛି ଭିଡ଼ ।

ଓଡ଼ିଶାର ଏହି ଗଣପର୍ବ ଆମ ନେତାଙ୍କୁ ଦେଇଛି ସୁବର୍ଣ୍ଣ ସୁଯୋଗ । ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ରଜ ମହୋତ୍ସବରେ ରାଜନୈତିକ ଉଷ୍ମତା ବଢ଼ିଛି । ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀରେ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଲୋକଙ୍କ ଗହଣରେ ପାଳିଛନ୍ତି ରଜ । ସେପଟେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ବିଭିନ୍ନ ଗାଁ ବୁଲି ଦୋଳି ଖେଳିବା ସହ ଲୋକଙ୍କ ସୁଖଦୁଃଖ ପଚାରି ବୁଝିଛନ୍ତି । ଭୁବନେଶ୍ୱର ପାତ୍ରପଡ଼ାଠାରେ କଂଗ୍ରେସର ବରିଷ୍ଠ ନେତା ସୁର ରାଉତରାୟ ପିଲାଙ୍କ ସହ ମିଶି ଦୋଳି ଖେଳିବା ସହ ରଜର ମଜା ନେଇଛନ୍ତି । ତିନି ଦିନର ଏହି ଗଣପର୍ବ କେବଳ ଉତ୍ସବ ନୁହେଁ, ବରଂ ଏହା ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ସାମାଜିକ ବନ୍ଧନର ଏକ ସୁନ୍ଦର ପ୍ରତୀକ ।

### ସାରୁଅ ବଜାରରେ ରଜପାନ ଭିଡ

# ବନାରସୀ ଓ ଫାଏର ପାନର ରହିଛି ଚାହିଦା

ଖୋର୍ଦ୍ଧା, (ସବ୍ୟୁ) : ଉତ୍କଳୀୟ ସଂସ୍କୃତିର ଗଣପର୍ବ ରଜ। ସବୁଠି ରହିଛି ଉତ୍ସାହର ମାହୋଲ। ରଜରେ ରଜପାନର ରହିଛି ଭିନ୍ନ ଏକ ସ୍ୱତନ୍ତ୍ରତା। ଏଣୁ ରଜରେ ରଜପାନର ଚାହିଦା ବଢିଥାଏ। ସହର ଠୁ ଗାଁ ସବୁଠି ରଜପାନ ପସରା ମେଳିଥାଏ। ଖୋର୍ଦ୍ଧା ନୟାଗଡ ୫୭ ନଂ ଜାତୀୟ ରାଜପଥ ସାରୁଅ ବଜାର ରଜପାନ ଲାଗି ବେଶ ଜଣାଶୁଣା। ରଜପାନ ପାଇଁ ସାରୁଅ ବଜାର ପ୍ରସିଦ୍ଧି ରହିଛି। ରଜ ଆସିଲେ ସାରୁଅ ବଜାର ଚଳଚଂଚଳ ହୋଇ ଉଠିଥାଏ। ରଜ ଆସିଲେ ଏଠାରେ ତିନି ଦିନ ବ୍ୟାପୀ ଗ୍ରାହକଙ୍କ ଭିଡ ଜମିଥାଏ। ଏହି ରାସ୍ତା ଦେଇ ଯାଉଥିବା ବ୍ୟକ୍ତିଟିଏ ଅଟକି ପାନଖଣ୍ଡେ ଖାଇଥାଏ। ଲୋକେ ସାରୁଅରେ ଅଟକି ଏଠାରୁ ପରିବାର ଲୋକଙ୍କ ପାଇଁ ରଜପାନ ନେଇଥାନ୍ତି। ଖୋର୍ଦ୍ଧା ସମେତ ଆଖପାଖ ଅଂଚଳରୁ ମଧ୍ୟ ଏଠାରେ ଗ୍ରାହକଙ୍କ ଭିଡ ଜମିଥାଏ। ଏହାକୁ ଦୃଷ୍ଟିରେ ରଖି ପାନ ବ୍ୟବସାୟୀଙ୍କ ପକ୍ଷରୁ ବିଭିନ୍ନ ପାନର ବ୍ୟବସ୍ଥା



କରାଯାଇଛି। ଚଳିତ ବର୍ଷ ସାରୁଅ ବଜାରରେ ୨୦ରୁ ଊର୍ଦ୍ଧ୍ୱର୍ ଦୋକାନରେ ରଜ ପାନର ଷ୍ଟଲ ଲାଗିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ବ୍ୟବସାୟୀ ମାନେ ଦୋକାନକୁ ସୁସଜ୍ଜିତ କରିଛନ୍ତି। ୧୦ଟଙ୍କା ଠାରୁ ୫୦ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ମିଠା ପାନ ଏଠାରେ ମିଳିଥାଏ। ଗ୍ରାହକଙ୍କ ଚାହିଦା ଅନୁସାରେ ୧୫ପ୍ରକାର ପାନ ଭଙ୍ଗାଯାଇଥାଏ। ବନରସୀ ମିଠାପତ୍ର ପାନ, ପ୍ରଜାପତି, ସିଙ୍ଗଡା, କୋନ୍, କୁଲଫି, କାକରା, ଗ୍ଲାସ ଏବଂ ଫାଏର ପାନର ବେଶ ଚାହିଦା ରହିଛି। ବିଶେଷତଃ ବନାରସୀ ଓ ଫାଏର ପାନ ଗ୍ରାହକଙ୍କ ବେଶ ପସନ୍ଦ।

ଚଳିତବର୍ଷ ଚଳଚଂଚଳ ହୋଇ ଉଠିଛି ବଜାର। ପହିଲି ରଜରେ ଗ୍ରାହକଙ୍କ ପ୍ରବଳ ଭିଡ ରହିଥିଲା। ବେପାରୀ ସରୋଜ ଗିରି କୁହନ୍ତି ସାରୁଅ ରଜପାନର ଚାହିଦା ରହିଛି। ଚଳିତବର୍ଷ ବେପାର ଭଲ ହେବ ଆଶା କରିଛି। ଏହି ୩ଦିନ ସକାଳ ଠାରୁ ରାତି ପର୍ଯ୍ୟନ୍ତ ବେପାର ଜମିଥାଏ। ବିଶେଷତଃ ଚକଲେଟ, ଫାଏର ପାନର ଚାହିଦା ରହିଛି। ୧୦ପ୍ରକାରର ପାନ ଭେରାଇଟି ରହିଛି। ଗ୍ରାହକଙ୍କ ଆଗ୍ରହ ଅନୁସାରେ ପାନ ପ୍ରସ୍ତୁତ କରାଯାଉଛି। ଯୁବ ବ୍ୟବସାୟୀ ଜ୍ୟୋତିରଞ୍ଜନ ସାହୁ କୁହନ୍ତି ୧୦ରୁ ୫୦ଟଙ୍କା ପର୍ଯ୍ୟନ୍ତ ପାନବିକ୍ରି ହେଉଛି। ବିଶେଷତଃ ବନାରସୀ ପାନ ଚାହିଦା ରହିଛି। ସେହିପରି ଗତ ୧୦ବର୍ଷ ଧରି ରଜପାନ ବିକ୍ରି କରି ଆସୁଥିବା ପ୍ରକାଶ କୁମାର ଦାଶ କୁହନ୍ତି ପ୍ରାୟ ୧୫ପ୍ରକାର ପାନ ଏଠାରେ ବିକ୍ରି କରାଯାଏ। କଲିକତା , ବନାରସୀ, ଫାଏର ପାନକୁ ଗ୍ରାହକ ବେଶ ପସନ୍ଦ କରୁଛନ୍ତି।

## ବଜ୍ରପାତରେ ନବମ ଶ୍ରେଣୀ ଛାତ୍ର ମୃତ

ରାଜନଗର,(ସବ୍ୟୁ) : ରାଜନଗର ବ୍ଲକ ଘଡ଼ିଆମାଳ ଗାଁ ର ଦୈତାରୀ ସେଠିଙ୍କ ୧୫ ବର୍ଷର ଏକମାତ୍ର ପୁତ୍ର ମନୋରଞ୍ଜନ ସେଠିଙ୍କର ବଜ୍ରପାତ ଯୋଗୁଁ ମୃତ୍ୟୁ ଘଟିଛି । ଗତ ଶୁକ୍ରବାର ଦିନ ଦାଦନ ଖଟିବାକୁ ଦୈତାରୀ କେରଳ ରାଜ୍ୟକୁ ଯାଇଛନ୍ତି ।ଆଜି ହେଉଛି ପ୍ରଥମ ରଜ ,ମନୋରଞ୍ଜନ ଗାଁରେ ସାଙ୍ଗମାନଙ୍କ ସହ ଖେଳିବାକୁ ଯାଇଥିଲା । ଖେଳି ସାରି ଘରକୁ ଆସି ଘରେ ସାଢେ ଗୋଟିଏ ବେଳେ ପହଞ୍ଚିଥିଲା ।ବୋଉକୁ ଭାତ ବାଢିବାକୁ କହି ପରିସ୍ରା ଯାଇଥିଲା । ଘର ନିକଟ ଗଛ ନିକଟରେ ପରିସ୍ରା କରୁଥିବା ବେଳେ ହଟାତ ବଜ୍ରପାତ ହୋଇଥିଲା ।ବଜ୍ରପାତ ସିଧା ମନୋରଞ୍ଜନଙ୍କ ମୁଣ୍ଡ ଉପରେ ପଡିଥିଲା ।ମନୋରଞ୍ଜନଙ୍କ ମୁଣ୍ଡ ପୋଡି ଯାଇଥିବା ବେଳେ ନିକଟରେ ଥିବା ଦୁଇଟି ଗଛ ବଜ୍ରପାତ ଯୋଗୁ ଫାଟି ଯାଇଛି ।ବୋଉ ଭାତ ବାଢି ପୁଅକୁ ଡାକ ମାରିଥିଲା । ମାତ୍ର ପୁଅ ମନୋରଞ୍ଜନ ବଜ୍ରପାତ ଯୋଗୁ ଟଳିପଡିଥିଲା । ମନୋରଞ୍ଜନଙ୍କ ବୋଉ ଚିତ୍କାର କରି ଡାକିବା ପରେ ପଡୋଶୀ ପହଞ୍ଚିଥିଲେ ।ମନୋରଞ୍ଜନଙ୍କୁ ସଂଗେ ସଂଗେ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ଡାକ୍ତର ମନୋରଞ୍ଜନକୁ ମୃତ ଘୋଷଣା କରିଥିଲେ ।ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଏକମାତ୍ର ପୁଅ କୁ ହରାଇ ମାଆ ଭାଙ୍ଗିପଡିଛନ୍ତି ।

## ଡାକ୍ତରଖାନା ପାଇଖାନାରେ ନବଜାତ ଶିଶୁକନ୍ୟାର ମୃତଦେହ

ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ମହିଳା ଓ୍ୱାର୍ଡ ପାଇଖାନା ଭିତରୁ ଏକ ସଦ୍ୟ ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର ହୋଇଛି । ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ରବିବାର ସକାଳ ପ୍ରାୟ ୯ଟା ବେଳେ ଜଣେ ମହିଳା ପାଇଖାନାକୁ ଯାଇଥିବା ସମୟରେ ପ୍ୟାନ ଭିତରେ ଶିଶୁକନ୍ୟାର ମୃତଦେହ ପଡ଼ିଥିବା ଦେଖିଥିଲେ । ଏନେଇ ତୁରନ୍ତ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ପରେ ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା ।ଘଟଣାକୁ ନେଇ ଘସିପୁରା ଥାନାରେ ଅପମୃତ୍ୟୁ ମାମଲା ନଂ ୨୮/୨୦୨୬ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ମୃତ ନବଜାତ ଶିଶୁକନ୍ୟାର ରକ୍ତ ନମୁନା ଓ ଅନ୍ୟାନ୍ୟ ଆବଶ୍ୟକ ଜୈବିକ ନମୁନା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସଂଗ୍ରହ କରାଯାଇ ଡିଏନଏ ପରୀକ୍ଷା ପାଇଁ ସଂରକ୍ଷିତ ରଖାଯାଇଛି ।ଡାକ୍ତରଖାନା ଅଧୀକ୍ଷକ ଡାକ୍ତର କୃଷ୍ଣଚନ୍ଦ୍ର ଦାଶ କହିଛନ୍ତି ଯେ, ଘଟଣା ସମ୍ପର୍କରେ ପାଲିସକୁ ସୂଚନା ଦିଆଯାଇଛି ଏବଂ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି । ମହିଳା ଓ୍ୱାର୍ଡରେ ଥିବା କିଛି ରୋଗୀଙ୍କ ସମ୍ପର୍କୀୟଙ୍କ କହିବା ଅନୁସାରେ, ଭୋର୍ ପ୍ରାୟ ୫ଟାରେ ଜଣେ ଅଜଣା ମହିଳା ସେହି ଅଞ୍ଚଳକୁ ଆସିଥିଲେ ଓ କିଛି ସମୟ ପରେ ତରବରିଆ ଭାବେ ସେଠାରୁ ଚାଲିଯାଇଥିଲେ ।ସିସିଟିଭି ଫୁଟେଜ, ଡିଏନଏ ପରୀକ୍ଷା ଓ ଅନ୍ୟାନ୍ୟ ବୈଜ୍ଞାନିକ ତଦନ୍ତ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଏସିଡିପିଓ କମଳ ଲୋଚନ ପଣ୍ଡା କହିଛନ୍ତି ତଦନ୍ତ ମଧ୍ୟ ଜାରି ରହିଛି ।

## ଗତିରାଉତପାଟଣାରେ ବହୁମୁଖୀ ଷ୍ଟାଡିୟମର ଶିଳାନ୍ୟାସ

କଟକ, (ସ୍ୱ.ପ୍ର) : ସ୍ଥାନୀୟ ଗତିରାଉତପାଟଣା ପଞ୍ଚାୟତ ସ୍ଥିତ କ୍ରିକେଟ ପଡିଆରେ ଏକ ବହୁମୁଖୀ ଷ୍ଟାଡିୟମ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରାଯାଇଛି। ରବିବାର ଅପରାହ୍ନରେ ଗ୍ରାମ୍ୟ ନିର୍ମାଣ, ପଞ୍ଚାୟତରାଜ ଓ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ଏହାର ଶିଳାନ୍ୟାସ କରିଥିଲେ। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ନିର୍ମିତ ହେବାକୁ ଥିବା ଏହି ବହୁ ମୁଖୀ ଷ୍ଟାଡିୟମରେ ୧୩. ୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ଉଭୟ ଇଣ୍ଡୋର ଓ ଆଉଡୋର ଖେଳ ଖେଳିବା ପାଇଁ ସମସ୍ତ ପ୍ରକାର ସୁବିଧା ରହିବ। ଗ୍ରାମାଞ୍ଚଳ ପିଲାମାନେ ଏଠାରେ ବିଭିନ୍ନ କ୍ରୀଡାରେ ଅଭ୍ୟାସ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥାନ ସୃଷ୍ଟି କରି ପାରିବେ ବୋଲି ମନ୍ତ୍ରୀ ଶ୍ରୀ ନାୟକ ପ୍ରକାଶ କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇଂ ପ୍ରକାଶ



ଚନ୍ଦ୍ର ସେଠୀ ଯୋଗ ଦେଇ କହିଲେ କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପ ବାସ୍ତବିକ ଅଭିନନ୍ଦନିୟ। ଏହି ଷ୍ଟାଡିୟମ ମାତ୍ର ୧୫ ମାସ ମଧ୍ୟରେ ଶେଷ ହେବ। ଫଳରେ ସ୍ଥାନୀୟ ଅଞ୍ଚଳର ପିଲା ମାନେ ଘର ପାଖରେ ଖେଳିବାର ସୁଯୋଗ ପାଇବେ। କାର୍ଯ୍ୟକ୍ରମରେ କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଯୋଗ ଦେଇ ନିଜର ଖୁସି ବ୍ୟକ୍ତ କରିବା ସହିତ ନିଜ ଗାଁ, ପଞ୍ଚାୟତରେ ଏପରି ଏକ ବହୁମୁଖୀ ଷ୍ଟାଡିୟମ ନିର୍ମାଣ ନିଷ୍ପତି ହୋଇଥିବାରୁ ମନ୍ତ୍ରୀ, ବିଧାୟକ ଓ ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ।

# ଶେଷ ହେଲା ଆଇଏନ୍‌ଡବ୍ଲୁଇସି ରଜ ମଉଜ ୨୦୨୬

ଭୁବନେଶ୍ୱର (ସବ୍ୟୁ): ବ୍ୟଞ୍ଜନ, ସାହିତ୍ୟ, ଫ୍ୟାସନ୍, ସିନେମା, ହାସ୍ୟରସ ଓ ସଂଗୀତ ଜରିଆରେ ଓଡ଼ିଶାର ସଂସ୍କୃତିକ ସମୃଦ୍ଧି




ପାଳନ ସହିତ ମହା ଆଡ଼ମ୍ବର ସହକାରେ ତ୍ରି-ଦିବସୀୟ ଆଇଏନ୍‌ଡବ୍ଲୁଇସି ରଜ ମଉଜ ୨୦୨୬ ଶେଷ ହୋଇଛି । ଏଥିରେ ଉଦ୍ୟମିତା, ଗୋଷ୍ଠୀଗତ ଅଂଶଗ୍ରହଣ ଏବଂ ଭୋକାଲ୍ ଫର୍ ଲୋକାଲ୍ ଉତ୍ସାହ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଓଡ଼ିଶା ସରକାରଙ୍କ ଗୃହ, ଶିଳ୍ପ, ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ତଥା ଇପିକଲ୍‌ର ଅଧ୍ୟକ୍ଷ ହେମନ୍ତ ଶର୍ମା। ଉଦ୍ୟମିତା, ସ୍ଥାନୀୟ ଉଦ୍ୟୋଗ ଓ ଗୋଷ୍ଠୀଗତ ଅଂଶଗ୍ରହଣକାରୀଙ୍କ ଅଭିବୃଦ୍ଧି କରିବା ସହିତ ଓଡ଼ିଶାର ଐତିହ୍ୟ ପ୍ରଚାର ପ୍ରସାର ପାଇଁ କରାଯାଉଥିବା ଏତାଦୃଶ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ତାଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଆଇସିସି ଓଡ଼ିଶାର ଅଧ୍ୟକ୍ଷ ରାଜୀବ ସାହୁ, ଆଇଏନ୍‌ଡବ୍ଲୁସିର ଆବାହକ ସ୍ୱାତୀ କେଜ୍ରିୱାଲ୍, ଓ ଆଇଏନ୍‌ଡବ୍ଲୁସିର ସହ-ଆବାହକ ସୁମା ଦେବୀ ଦାଶ । ଆଇଏନ୍‌ଡବ୍ଲୁସିର ଆବାହକ ସ୍ୱାତୀ କେଜ୍ରିୱାଲ୍ କହିଲେ ଯେ ରଜ ମଉଜ ଅନ୍ତରାଳରେ ଥିବା ଦୂରଦୃଷ୍ଟି ସଦାସର୍ବଦା ମହିଳା ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା, ସ୍ଥାନୀୟ କାରିଗରଙ୍କୁ ସହାୟତା ଦେବା ଓ ସଂସ୍କୃତି ଜରିଆରେ ବିଭିନ୍ନ ସମ୍ପ୍ରଦାୟଙ୍କୁ ଏକତ୍ର କରିବା। ଏହି ଉତ୍ସବରେ ଭାଷା, ସାହିତ୍ୟ ଓ ସାଂସ୍କୃତିକ ପରିଚୟ ଉପରେ ଗୁରୁତ୍ୱାରୋପ କରି ବିଶେଷ ଅଭିଭାଷଣ ପ୍ରଦାନ କରିଥିଲେ ବିଶିଷ୍ଟ ଲେଖିକା ଡକ୍ଟର ପ୍ରତିଭା ରାୟ। ଭବିଷ୍ୟତ ପିଢ଼ି ପାଇଁ ଓଡ଼ିଆ ଐତିହ୍ୟ ବଳିଷ୍ଠ ଓ ସଂରକ୍ଷିତ କରି ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଶେଷଦିନରେ 'ପିଠା ଓ ମିଠା- ଓଡ଼ିଆ ରଜ ବ୍ୟଞ୍ଜନ' ଓ 'ରଜ ସଜ ବାଜ' ଉପରେ କର୍ମଶାଳା ଆୟୋଜିତ ହୋଇଥିଲା ।

## ମୋରେପେନ୍ ଲ୍ୟାବ୍ ଚତୁର୍ଥ ତ୍ରୈମାସିକରେ ନିଟ୍ ଲାଭ ୬୯ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ): ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ଆର୍ଥିକ ବର୍ଷ ୨୬ର ଚତୁର୍ଥ ତ୍ରୈମାସିକରେ ନିଟ୍ ଲାଭ ୬୯% ବୃଦ୍ଧି ପାଇ ୨୦ କୋଟି ଟଙ୍କାରେ ପହଂଚିଛି ଏବଂ ମୋଟ ରାଜସ୍ୱ ୨୨% ବାର୍ଷିକ ବୃଦ୍ଧି ପାଇ ୪୭୨ କୋଟି ଟଙ୍କାରେ ପହଂଚିଛି। ତ୍ରୈମାସିକରେ ରାଜସ୍ୱ ଅଭିବୃଦ୍ଧି ରପ୍ତାନି ଗତି ଏବଂ ଚିକିତ୍ସା ଉପକରଣ ବ୍ୟବସାୟରେ ବିସ୍ତାର ଦ୍ୱାରା ସମର୍ଥିତ ହୋଇଥିଲା, ଯେତେବେଳେ କି ଆର୍ଥିକ ବର୍ଷ ୨୬ ର ଶେଷ ଭାଗରେ କାର୍ଯ୍ୟକ୍ଷମ ଗତି ଶକ୍ତିଶାଳୀ ହୋଇଥିଲା । କମ୍ପାନୀର ରଣନୀତିକ ଦିଗ ଉପରେ ମନ୍ତବ୍ୟ ଦେଇ ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍‌ର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶୀଲ ସୁରୀ କହିଛନ୍ତି ଯେ"ବର୍ଷ ବର୍ଷ ଧରି, ମୋରେପେନ୍ ଦୃଢ ଉତ୍ପାଦନ କ୍ଷମତା, ନିୟାମକ ବିଶ୍ୱସନୀୟତା ଏବଂ ବିଶ୍ୱ ଗ୍ରାହକ ସମ୍ପର୍କ ଗଠନ କରିଛି । ଆମେ ବର୍ତ୍ତମାନ ଦୀର୍ଘକାଳୀନ ଉତ୍ପାଦନ ଭାଗିଦାରୀ, ସ୍କେଲ୍ ବିସ୍ତାର ଏବଂ ଉନ୍ନତ ଅପରେଟିଂ ଲିଭରେଜ୍ ଉପରେ ଧ୍ୟାନ ଦେଇ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରୁଛୁ ।"

## ଦୁର୍ଘଟଣାଗ୍ରସ୍ତ ଟାଟାଏସିରୁ ବୋହିନେଲେ ବିଅର ବୋତଲ

ବାଲେଶ୍ୱର,(ସବ୍ୟୁ): ଜଳେଶ୍ୱର ଥାନା ଅଧୀନସ୍ଥ ୧୬ ନମ୍ବର ଜାତୀୟ ରାଜପଥର ଜମାଲପୁର ବାଇପାସ୍ ନିକଟରେ ଏକ ବିଅବୋଝେଇ ଟାଟା ଏସିଇ ଗାଡ଼ିକୁ ପଛରୁ ଏକ କାର୍ ଧକା ଦେଇଥିଲା । ଗାଡ଼ିଦ୍ୱୟର ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଦୁର୍ଘଟଣା ଯୋଗୁ ଏସିଇ ଗାଡ଼ିଟି ଭାରସାମ୍ୟ ହରାଇବାରୁ ବିଅର୍ ପେଟି ସବୁ ରାସ୍ତା ଉପରେ ପଡ଼ି ଯାଇଥିଲା । ଆଉ ପଥଚାରୀମାନେ ସେହି ବିଅରକୁ ସେଠାରେ ଯେତିକି ପିଇଲେ ତା ଠାରୁ ବେଶି ବୋହି ନେଇଯିବା ଭଳି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି । ବିବରଣୀରୁ ପ୍ରକାଶ ଯେ, ରବିବାରି ପୂର୍ବାହ୍ନ ପାଖାପାଖି ସାଢ଼େ ୯ଟା ସମୟରେ ଓଡି ୦୧ ବିଇ ୦୨୬୬ ନମ୍ବରର ଏକ ଟାଟା ଏସିଇ ଗାଡ଼ି ବାଲେଶ୍ୱରରୁ ମଦନେଇ ଜଳେଶ୍ୱର ଆଡ଼କୁ ଆସୁଥିଲା । ଏହି ସମୟରେ ପଛରୁ ଦ୍ରୁତଗତିରେ ଆସୁଥିବା ଓଡି ୦୨ ସିଏ୦୨୫୯ ନମ୍ବରର ଏକ କାର୍ ଜମାଲପୁର ବାଇପାସ୍ ନିକଟରେ ଉକ୍ତ ଏସିଇ ଗାଡ଼ି ପଛରେ ପିଟିହୋଇ ଯାଇଥିଲା । ଫଳରେ ବିୟର ବୋଝେଇ ଗାଡ଼ିଟି ଭାରସାମ୍ୟ ହରାଇ ଦୋହଲିଯିବାରୁ ରାସ୍ତା ଉପରେ ବିଅର୍ ପେଟି ସବୁ ବିକ୍ଷିପ୍ତହୋଇ ଏଣେତେଣେ ପଡ଼ିଥିଲା । ଏହି ସମୟରେ ରାସ୍ତାରେ ଯାଉଥିବା ପଥଚାରୀମାନେ ବିଅର୍ ବୋତଲ ଗୋଟେଇ କିଏ ସେଠାରେ ହିଁ ଖୋଲି ପିଇଯାଉଛି ତ ଆଉ କିଏ ବୋହି ନେଇଯାଉଥିବା ଦେଖିବାକୁ ମିଳିଥିଲା । ସେହିପରି ଅନେକ ବୋତଲ ଭାଙ୍ଗି ମଧ୍ୟ ଯାଇଥିଲା । ଚାଳକଦ୍ୱୟଙ୍କ ପରିଚୟ ଜଣା ପଡ଼ିନାହିଁ । ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଜବତ କରିବା ସହ ଏସିଇ ଚାଳକଙ୍କୁ ଅଟକ ରଖିଛି । ଏହି ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଏହି ଦୁର୍ଘଟଣା ହୋଇଥିବା ସ୍ଥାନୀୟଲୋକେ କହିଛନ୍ତି । ଏ ନେଇ ଜଳେଶ୍ୱର ଥାନାରେ ୩୪୨ ନମ୍ବର ମାମଲା ରୁଜୁ ହୋଇଛି ।

## ଆଇଏଚ୍‌ସିଏଲ୍ ସିଲେକ୍ସନ ପକ୍ଷରୁ ରଜ ବେଲେ ସୋଇରି ୨୦୨୬

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ଗଣ ପର୍ବ ରଜ ଦ୍ୱାରା ଅନୁପ୍ରାଣିତ ହୋଇ, ରଜ ବେଲେ ସୋଇରି ୨୦୨୬ ସ୍ଥାନିୟ ଦି କ୍ରାଉନରେ ଆୟୋଜିତ ଏକ ସ୍ମରଣୀୟ ସନ୍ଧ୍ୟାରେ ସଂସ୍କୃତି, ସମ୍ପ୍ରଦାୟ ଏବଂ ଖାଦ୍ୟ ଐତିହ୍ୟକୁ ଏକାଠି କରିଥିଲା ଆଇଏଚସିଏଲ୍ ସିଲେକ୍ସନ । ଏହି କାର୍ଯ୍ୟକ୍ରମ ପାରମ୍ପରିକ ଅଭିଜ୍ଞତା, କଳାତ୍ମକ ପ୍ରଦର୍ଶନ ଏବଂ ଅର୍ଥପୂର୍ଣ୍ଣ ସାମାଜିକ ପଦକ୍ଷେପର ମାଧ୍ୟମରେ ରଜର ଆତ୍ମାକୁ ପୁନଃକଳ୍ପନା କରିଥିଲା । ସନ୍ଧ୍ୟାର ଏକ ପ୍ରମୁଖ ଆକର୍ଷଣ ଥିଲା ମାଷ୍ଟରସେଫ୍ ଇଣ୍ଡିଆ ସିଜନ୍ ୬ର ବିଜେତା ଏବଂ ପ୍ରସିଦ୍ଧ ଖାଦ୍ୟ ଇତିହାସବିଦ ଅବିନାସ ନାୟକଙ୍କ ନେତୃତ୍ୱରେ ଏକ ଅନନ୍ୟ ଖାଦ୍ୟ ଅଭିଜ୍ଞତା, ଯିଏ ଏକ ସ୍ୱତନ୍ତ୍ର ପୋଡ଼ା ପିଠା ଆଦି ଅଧିବେଶନ ପରିଚାଳନା କରିଥିଲେ ।



ମହିଳା ଅଂଶଗ୍ରହଣକାରୀମାନେ ପ୍ରସିଦ୍ଧ ରୋଷେୟାଙ୍କ ସହିତ ଓଡ଼ିଶାର ପ୍ରତୀକାତ୍ମକ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିବାରେ, ପୁରୁଣା ରେସିପିଗୁଡ଼ିକୁ ପୁନର୍ଜୀବିତ କରିବାରେ ଏବଂ ରାଜ୍ୟର ସମୃଦ୍ଧ ଐତିହ୍ୟକୁ ପାଳନ କରିବାରେ ଯୋଗ ଦେଇଥିଲେ । ଉତ୍ସବ ବ୍ୟତୀତ, ରାଜା ବେଲେ ସୋଇରି ୨୦୨୬ ଏକ ବୃହତ ସାମାଜିକ ଉଦ୍ଦେଶ୍ୟ ମଧ୍ୟ ବହନ କରିଥିଲା । ଏହି ପଦକ୍ଷେପର ଏକ ଅଂଶ ଭାବରେ, ଟାଟା ଷ୍ଟିଲ୍ ଫାଉଣ୍ଡେସନର କାର୍ଯ୍ୟକ୍ରମଗୁଡ଼ିକୁ ଅୟୋଜନ କରିଥିଲା, ଯାହା ଅବହେଳିତ କନ୍ୟା ସନ୍ତାନମାନଙ୍କ କଲ୍ୟାଣ ଏବଂ ବିକାଶରେ ଯୋଗଦାନ ଦେଇଥିଲା । ଏହି ଅବସରରେ, ଦି କ୍ରାଉନ୍, ଭୁବନେଶ୍ୱର - ଆଇଏଚସିଏଲ୍ ସିଲେକ୍ସନର ମହାପ୍ରବନ୍ଧକ ରଞ୍ଜନ କୁମାର ଦାସ କହିଛନ୍ତି: "ରଜ କେବଳ ଏକ ଉତ୍ସବ ନୁହେଁ; ଏହା ନାରୀତ୍ୱ, ଏକତା ଏବଂ ଓଡ଼ିଶାର ସାଂସ୍କୃତିକ ପରିଚୟର ଏକ ଉତ୍ସବ ।

## ଚେଇଁ ଶୋଇଛି ଜଙ୍ଗଲ ବିଭାଗ

# କୁଶୁନପୁର ପିଆର୍‌ଏଫ୍ ଜଙ୍ଗଲରୁ ଚାଲିଛି ଆଖିବୁଜା କଳାପଥର ଚୋରି : ଶହଶହ ଏକର ଜଙ୍ଗଲ ଧ୍ୱଂସ

ଚଣ୍ଡିଖୋଲ(ସବ୍ୟୁ) କଟକ ବନଖଣ୍ଡ ଅଧିନରେ ଥିବା ଯାଜପୁର ଜିଲ୍ଲାର ଡାଳିଯୋଡା ବନାଞ୍ଚଳ ତଥା ଜେନାପୁର ଥାନା ଅନ୍ତର୍ଗତ ବଳରାମପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ କୁଶୁନପୁର ମୌଜାର ନିଷିଦ୍ଧ ପାହାଡରୁ ଚାଲିଛି ଆଖିବୁଜା କଳାପଥର ଚୋରି। ପଥର ମାଫିଆଙ୍କ ଉତ୍ପାତରେ ଶହଶହ ଏକର ସଂରକ୍ଷିତ ଜଙ୍ଗଲ ଧ୍ୱସ୍କ ବିଧ୍ୱସ୍ତ ହୋଇଗଲାଣି । ଜଙ୍ଗଲରେ ବର୍ଷ ବର୍ଷ ଧରି ରହି ଆସୁଥିବା ଜୀବଜନ୍ତୁଙ୍କ ଜୀବନ ଅସୁରକ୍ଷିତ ହୋଇପଡିଛି । ଜଙ୍ଗଲ ବିଭାଗ ଅଧିକାରୀ ମାନେ ସବୁ ଜାଣି ସବୁ ଦେଖୀ ଚେଇଁ ଶୋଇଛି । ଜଙ୍ଗଲ ବିଭାଗର ସ୍ଥାନୀୟ ଅଧିକାରୀ, ଜେନାପୁର ଥାନା ପୋଲିସ ଓ ସ୍ଥାନୀୟ ରାଜନୈତିକ ବ୍ୟକ୍ତିଙ୍କ ମିଳିଭଗତରେ ଏହି ପଥର ଚୋରି ଚାଲିଥିବା ଅଭିଯୋଗ ହୋଇଛି । ମାଫିଆଙ୍କ ଦ୍ୱାରା ପଥର ଚୋରି ପାଇଁ ଏହି ସଂରକ୍ଷିତ ଜଙ୍ଗଲ ଓ ପାହାଡରେ ବେଆଇନ ଭାବେ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ ହେଉଥିବାରୁ ସମଗ୍ର ଅଞ୍ଚଳରେ ଦୈନିକ ଏକାଧିକ ମନୁଷ୍ୟ କୃତ ଭୂକମ୍ପ ସୃଷ୍ଟି ହେଉଛି। ଫଳରେ ସ୍ଥାନୀୟ ଲୋକ ଓ ଜଙ୍ଗଲୀ ଜୀବଜନ୍ତୁଙ୍କ ଜୀବନ ବିପନ୍ନ ହେଉଛି ।ଏହି ପଥର ଚୋରିକୁ ବନ୍ଦକରି ଜଙ୍ଗଲକୁ ସୁରକ୍ଷା ଦେବାକୁ ସ୍ଥାନୀୟ ଲୋକେ ଯେତେ ଅଭିଯୋଗ କଲେବି ଜିଲ୍ଲା ପ୍ରଶାସନ ଓ ଜଙ୍ଗଲ ବିଭାଗ ଜାଣିସୁଣି ନିରବ ଲହୁଥିବା ଅଭିଯୋଗ ହୋଇଛି। ଏହି ଜଙ୍ଗଲରେ ବେଆଇନ ଡେନାମାଇଟ ବିସ୍ଫୋରଣ ଓ ପଥର ଚୋରି ନେଇ ବାରମ୍ବାର ଅଭିଯୋଗ ହେବାପରେ ଚଳିତ ବର୍ଷ ଫେବୃୟାରୀ ୧୮ ତାରିଖରେ ସ୍ୱତନ୍ତ୍ର ଭିଜିଲାନ୍ସ ଟିମ ଚଢାଉ କରିଥିଲା । ହେଲେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନକୁ ଖାତିର ନକରି ଏବେ ମାଫିଆମାନେ ପୁଣି ଜଙ୍ଗଲ ଧ୍ୱଂସ କରି ଏଠାରୁ ଦୈନିକ ଶହଶହ ଟ୍ରିପ ପଥର ଚୋରି କରୁଛନ୍ତି। ସଂରକ୍ଷିତ ଜଙ୍ଗଲ କିଶମ ଏହି ପାହାଡରୁ ଇତିମଧ୍ୟରେ ଦୁଇଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କଳାପଥର ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି । ତଥାପି ଜଙ୍ଗଲ ବିଭାଗ ଅଧିକାରୀ ଓ ସ୍ଥାନୀୟ ଜେନାପୁର ଥାନା ପୋଲିସ ଏହି ବେଆଇନ କାର୍ଯ୍ୟକୁ ରୋକିବାକୁ ସାମାନ୍ୟ ଚେଷ୍ଟା କରୁନାହାଁ। ଚଡେଇଧରା ଓ ଚଣ୍ଡିଖୋଲ ସେକସନର ଜଙ୍ଗଲ ଅଧିକାରୀ ଓ ଜେନାପୁର ଥାନା ପୋଲିସ ଆଖି ଆଗରେ ଏହି ଜଙ୍ଗଲ ଧ୍ୱଂସ ଓ ପଥର ଚୋରି ଚାଲୁଥିଲେ ମଧ୍ୟ ଉଭୟ ବିଭାଗର ଅଧିକାରୀ



ଚୁପହୋଇ ବସିଛନ୍ତି। କେତେକ ରାଜନୈତିକ ବ୍ୟକ୍ତି ଏହି ବେଆଇନ କାର୍ଯ୍ୟ ସହିତ ସିଧାସଳଖ ସଂପୃକ୍ତ ରହି ମାଫିଆମାନଙ୍କ ଦ୍ୱାରା ଉକ୍ତ ସଂରକ୍ଷିତ ଜଙ୍ଗଲ ଧ୍ୱଂସକରି ପଥର ଚୋରି କରିବା ସହିତ ପାଖରେ ଥିବା ଷ୍ଟୋନ କ୍ରସର ଗୁଡିକୁ ଏହାର ଚୋରାଚାଲାଣ କରୁଛନ୍ତି ।

ଜଙ୍ଗଲ ଅଧିକାରୀ,ଜେନାପୁର ପୋଲିସ,ସ୍ଥାନୀୟ ଷ୍ଟୋନକ୍ରସର ମାଲିକ ଓ ପଥର ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଏତେବଡ ଲୁଟପାଟ ଓ ଜଙ୍ଗଲ ଧ୍ୱଂସ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଆଲୋଚନା ହେଉଛି । ବିଶେଷକରି କୁଶୁନପୁର ସଂରକ୍ଷିତ ଜଙ୍ଗଲ ଓ ପାହାଡ ପାଦ ଦେଶରେ ଥିବା ୨୦ରୁ ଉର୍ଦ୍ଧ୍ୱ ଷ୍ଟୋନକ୍ରସର ମାଲିକ ସିଧାସଳଖ ପଥର ଚୋରଙ୍କ ସହିତ ସାମିଲ ହୋଇ ଏପରି ବେଆଇନ କାରବାରକୁ ପ୍ରୋତ୍ସାହିତ କରିବା ସହ ନିଜ ନିଜ କ୍ରସରରେ ଏଠାରୁ ଚୋରି ହେଉଥିବା ପଥରକୁ କଞ୍ଚାମାଲ ଭାବେ ବ୍ୟବହାର କରୁଛନ୍ତି। ପଥର ଚୋରିରୁ ମିଳୁଥିବା କୋଟିକୋଟି ଟଙ୍କାକୁ ସିଣ୍ଡିକେଟ ମାଧ୍ୟମରେ ଭାଗବଣ୍ଟା କରାଯାଇ ଚୋରିକୁ ସୁରକ୍ଷା ଦିଆଯାଉଥିବା ଏବେ ଦୋକାନ ବଜାରରେ ଆଲୋଚନା ଚାଲିଛି। ପଥର ଚୋରଙ୍କ ଉତ୍ପାତରେ ବଳରାମପୁର ଓ କୁଶୁନପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ(ପିଆରଏଫ)ର ଶତାଧିକ ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ଓ ନିଷିଦ୍ଧ ପାହାଡ ନଷ୍ଟଭ୍ରଷ୍ଟ ହୋଇଗଲାଣି । ପଥର ଚୋରି ଯୋଗୁଁ ସରକାର ଏବାଦରେ ମଧ୍ୟ ଶତାଧିକ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଉକ୍ତ ସଂରକ୍ଷିତ ଜଙ୍ଗଲରେ କାହିଁ କେଉଁ କାଳରୁ ବହୁ ଜଙ୍ଗଲି ଜୀବଯନ୍ତୁ ରହି ଆସୁଛନ୍ତି। ପଥର ମାଫିଆମାନେ ଜଙ୍ଗଲ ଓ ପାହାଡରେ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ କରିବା ଯୋଗୁଁ ଏବେ ବ୍ୟାପକ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି। ଯେଉଁଥି ପାଇଁ ଏଠାରେ ରହୁଥିବା ଜଙ୍ଗଲି ଜୀବଯନ୍ତୁ ଓ ସ୍ଥାନୀୟ ଗ୍ରାମବାସୀଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ପଥର ମାଫିଆଙ୍କ ଉତ୍ପାତ ଯୋଗୁଁ ଏବେ ଉକ୍ତ ଜଙ୍ଗଲରୁ ବହୁ ଦୁର୍ଲଭ ଜୀବଯନ୍ତୁ ବିଲୁପ୍ତ ହୋଇ ଯାଉଥିଲା ବେଳେ ଅନ୍ୟକିଛି ଜୀବଯନ୍ତୁ ରାହା ନପାଇ ଜନ ବସତି ମୁହାଁ ହୋଇଛନ୍ତି। ତେବେ ଜଙ୍ଗଲ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ବିଭାଗୀୟ ଭିଜିଲାନ୍ସ ଅଧିକାରୀ ମାନେ ଏଠାରୁ କୋଟିକୋଟି ଟଙ୍କାର କଳାପଥର ଚୋରି ଓ ଜଙ୍ଗଲ ଧ୍ୱଂସ ହେବା ନେଇ ଅବଗତ ଥିଲେ ମଧ୍ୟ ତାହାକୁ ରୋକିବା ପାଇଁ କୌଣସି ସ୍ଥାୟୀ ପ୍ରତିକାର କରୁନାହାନ୍ତି । କେବଳ ଧର୍ମକୁ ଆଖିଠାର ମାରିବା ନିତିରେ ବର୍ଷେ ଛମାସରେ ଥରେ ଚଢାଉକରି ନିଜ ଦାୟିତ୍ୱ ସାରିବା ଘଟଣାକୁ ବୁଦ୍ଧିଜୀବୀ ଓ ପରିବେଶ ପ୍ରେମୀ ମାନେ ନାପସନ୍ଦ କରିଛନ୍ତି। ଏଠାରୁ ବ୍ୟାପକ ପଥର ଚୋରି ଓ ଜଙ୍ଗଲ ଧ୍ୱଂସ ହେବା ନେଇ ଓଡିଶା ହାଇକୋର୍ଟ ଉଦବେଗ ପ୍ରକାଶକରି ଏଠାରୁ ପଥର ଚୋରିକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଗତ ୨୦୨୫ ମେ ମାସରେ ଯାଜପୁର ଜିଲ୍ଲାପାଳ,କଟକ ଡିଏଫଓ ଏବଂ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଦ୍ୟାବଧି କୋର୍ଟଙ୍କ ଏହି ଆଦେଶ ଅନୁପାଳନ ହୋଇନଥିବା ଦେଖାଯାଇଛି। ସରକାର ଏହି କୋଟିକୋଟି ଟଙ୍କାର ପଥର ଚୋରିକୁ ରୋକିବା ସହିତ ଜଙ୍ଗଲରେ ରହୁଥିବା ଦୁର୍ଲଭ ଜଙ୍ଗଲି ଜୀବଯନ୍ତୁ ଓ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅନଲାଇନରେ ମିଳିବ ନିଟ୍ ସାନି ପରୀକ୍ଷାର ଆଡମିଟ୍ କାର୍ଡ

ନୂଆଦିଲ୍ଲୀ: ନିଟ୍ ସାନି ପରୀକ୍ଷା ଦେବାକୁ ଯାଉଥିବା ଲକ୍ଷାଧିକ ପରୀକ୍ଷାର୍ଥୀଙ୍କ ପାଇଁ ଭଲ ଖବର ଆସିଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ନିଟ୍ ସାନି ପରୀକ୍ଷାର ପ୍ରସ୍ତୁତି ପାଖାପାଖି ପୁରା କରିଦେଇଛି। ଏହାରି ମଧ୍ୟରେ ନିଟ୍ର ଆଡ୍ମିଟ୍ କାର୍ଡ ଜାରି ହୋଇଯାଇଛି। ଯେଉଁ ଛାତ୍ରଛାତ୍ରୀମାନେ ଆସନ୍ତା ୨୧ ତାରିଖ ଦିନ ନିଟ୍ ପରୀକ୍ଷା-୨୦୨୬ରେ ଦ୍ୱିତୀୟ ଥର ବସିବାକୁ ଯାଉଛନ୍ତି, ସେମାନେ ନିଜର ଆବେଦନ ନମ୍ବର ଏବଂ ଜନ୍ମତାରିଖ ସହାୟତାରେ ଆଡ୍ମିଟ୍ କାର୍ଡ ଦେଖିବା ସହିତ ଡାଉନ୍ଲୋଡ କରିପାରିବେ। ୨୨.୦୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ପେପର ଲିକ୍ ଏବଂ ପରୀକ୍ଷାରେ ଅନିୟମିତତା ପରେ ପରୀକ୍ଷା ରଦ୍ଦ କରାଯାଇଥିଲା। ସରକାର ଏବଂ ପ୍ରଶାସନ ପ୍ରସ୍ତୁତି ଜାରି ରଖିଛନ୍ତି।

ଏନ୍ଟିଏ ଦ୍ୱାରା ନିଟ୍ ସାନି ପରୀକ୍ଷାର ଆଡମିଟ୍ କାର୍ଡ କରିବାକୁ ଡାଇରେକ୍ଟ




ସରକାରୀ ତଥ୍ୟ ଅନୁସାରେ NEET UG 2026 ପାଇଁ ପାଖାପାଖି ୨୨.୭୫ ଲକ୍ଷ ପ୍ରାର୍ଥୀ ପୁଣି ଥରେ ପଂଜୀକରଣ କରିଛନ୍ତି। କିନ୍ତୁ ଗତମାସ ୩ ତାରିଖରେ ଆୟୋଜିତ ଏହି ପରୀକ୍ଷାରେ ଏହି ପରୀକ୍ଷା ଏବେ ଆସନ୍ତା ୨୧ ତାରିଖରେ ପୁଣି ଥରେ ଆୟୋଜିତ ହେବ। ଆଶା କରାଯାଉଛି ଯେ, ପୁନଃ ପରୀକ୍ଷା ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଦେବେ। ଏଥର ଭଲ ସୁରକ୍ଷା ବ୍ୟବସ୍ଥା ଏବଂ ନିଷ୍ପକ୍ଷ ପରୀକ୍ଷା ପାଇଁ ଲିଙ୍କ ସରକାରୀ ୱେବ୍ସାଇଟ୍ neet.nta.nic.in ଲିଙ୍କରେ ଉପଲବ୍ଧ ହେବ। ଆସନ୍ତା ୨୧ ତାରିଖରେ ହେବାକୁ ଥିବା ଦ୍ୱିତୀୟ ପରୀକ୍ଷାରେ ସାମିଲ ହେବାକୁ ଥିବା ପ୍ରାର୍ଥୀମାନେ ଲିଙ୍କ ସକ୍ରିୟ ହେଲା ପରେ NTA NEETର ସରକାରୀ ୱେବ୍ସାଇଟ୍ରେ ନିଜର ପ୍ରବେଶ ପତ୍ର ଡାଉନ୍ଲୋଡ କରିପାରିବେ। ଗତବର୍ଷ ପ୍ରାର୍ଥୀମାନଙ୍କ ଠାରୁ ମିଳିଥିବା ଫିଡ୍ବ୍ୟାକ୍ ଆଧାରରେ ଏନ୍ଟିଏ NEET UG 2026 ଦ୍ୱିତୀୟ ପରୀକ୍ଷା ସମୟ ୧୯୫ ମିନିଟ ନିର୍ଦ୍ଧାରିତ କରିଛି। ଏହି ପରୀକ୍ଷା ଜୁନ ୨୧ ତାରିଖ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୫ଟା ୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିବ।

### ପ୍ରବେଶ ପତ୍ର ଡାଉନଲୋଡ୍ କରିବାର ଉପାୟ

- ନିଟ୍ ୟୁଜି ଆଡମିଟ୍ କାର୍ଡ ପାଇଁ ସରକାରୀ ୱେବ୍ସାଇଟ୍ neet.nta.nic.inକୁ ଯିବେ
- ୱିଣ୍ଡୋ ଖୋଲିବା ପରେ NEET UG Admit Card 2026 Link ଉପରେ କ୍ଲିକ୍ କରିବେ
- ଆବେଦନ ନମ୍ବର, ଜନ୍ମତାରିଖ ଏବଂ ସିକ୍ୟୁରିଟି ପିନ୍ ବ୍ୟବହାର କରି ଲଗ୍ଇନ୍ କରିବେ
- ନିଟ୍ ଆଡମିଟ୍ କାର୍ଡ ସ୍କ୍ରିନ୍ ଉପରେ ଖୋଲିଯିବ। ଏହାକୁ ଯାଞ୍ଚ କରି ଡାଉନ୍ଲୋଡ କରିପାରିବେ
- ଆଡମିଟ୍ କାର୍ଡର ପ୍ରିଣ୍ଟଆଉଟ୍ କରି ନିଜ ପାଖରେ ରଖିପାରିବେ
- ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଦେବା ସମୟରେ ପାଖରେ ପରିଚୟ ପତ୍ର ରଖିବାକୁ ହେବ

# ନ୍ୟାସନାଲିଷ୍ଟ ସିଟିଜେନସ୍ ପାର୍ଟିରେ ବିଲୟ ହେବେ ବିଦ୍ରୋହୀ ଟିଏମ୍ସି ସାଂସଦ

ନୂଆଦିଲ୍ଲୀ: ତୃଣ ମୂଳ କଂଗ୍ରେସ (ଟିଏମସି) ସାଂସଦ କାକୋଲୀ ଘୋଷ ଦସ୍ତିଦାର ରବିବାର କହିଛନ୍ତି ଯେ ୨୦ ଜଣିଆ ବିଦ୍ରୋହୀ ସାଂସଦଙ୍କ ଗୋଷ୍ଠୀ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି (ଏନସିପିଆଇ) ରେ ବିଲୟ ହେବେ। ଏଣୁ ସେମାନେ ଲୋକସଭା ବାଚସ୍ପତି ଓମ ବିରଳାଙ୍କୁ ଭେଟି ସଦନରେ ସେମାନଙ୍କ ବସିବା ଲାଗି ଭିନ୍ନ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। କାକୋଲୀ କହିଛନ୍ତି ଯେ ଅଲ ଇଣ୍ଡିଆ ତୃଣ ମୂଳ କଂଗ୍ରେସ (ଏଆଇଟିସି)ରୁ ନିର୍ବାଚିତ ୨୦ ଜଣ ସାଂସଦ ମୋଟ ନିର୍ବାଚିତ ସାଂସଦଙ୍କ ଦୁଇ ତୃତିୟାଂଶରୁ ଅଧିକ। ଆମେ ଆଗକୁ ଦେଶ ଲାଗି କାମ କରିବୁ ଓ ସଂସଦରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏନଡିଏକୁ ସମର୍ଥନ ଦେବୁ ବୋଲି କହିଛନ୍ତି। ଏଆଇଟିଏମସିରୁ ବିଦ୍ରୋହୀ ହୋଇଥିବା ସାଂସଦଙ୍କ ମଧ୍ୟରେ ସୁଦୀପ ବନ୍ଦୋପାଧ୍ୟାୟ, କାକୋଲୀ ଘୋଷ ଦସ୍ତିଦାର ଓ ଶତାବ୍ଦୀ ରାୟଙ୍କ ଭଳି ବଡ଼ ନାମ ଅଛନ୍ତି। ସେମାନେ ଏନସିପିଆଇ ନାମକ ଏକ ଛୋଟ ଆଞ୍ଚଳିକ ପାର୍ଟିରେ ବିଲୟ କରିବେ। ଅନ୍ୟପଟେ ତୃଣମୂଳ ନେତା ଅଭିଷେକ ବାନାର୍ଜୀ ଲୋକସଭା ବାଚସ୍ପତିଙ୍କୁ ପତ୍ର ଲେଖି ଏହି ବିଦ୍ରୋହୀ ଗୋଷ୍ଠୀଙ୍କୁ କୌଣସି ମାନ୍ୟତା ନ ଦେବାକୁ ଅନୁରୋଧ କରିଛନ୍ତି।



ତୃଣମୂଳ କଂଗ୍ରେସ ପଶ୍ଚିମବଙ୍ଗର ସବୁ ବଡ଼ ରାଜନୈତିକ ଦଳ । ମମତା ବାନାର୍ଜୀ ଏହାର ମୁଖ୍ୟ ଓ ପଶ୍ଚିମବଙ୍ଗରେ ତାଙ୍କର ୧୫ ବର୍ଷର ସରକାର ଥିଲା।

ପାର୍ଟିରେ କିଛି ନେତା ଅନେକ ସମୟରୁ ଅସନ୍ତୁଷ୍ଟ ଥିଲେ। ଏହି ନେତାମାନେ ପାର୍ଟିର ଚାଲିଚଳନ ଓ ନିଷ୍ପତ୍ତିରେ ଖୁସି ନଥିଲେ। ଏପର୍ଯ୍ୟନ୍ତ ସେମାନଙ୍କ ଅସନ୍ତୋଷ ଭିତରେ ଭିତରେ କୁହୁଳୁଥିଲା। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ଦଳର ପରାଜୟ ପରେ ଏହି ଅସନ୍ତୁଷ୍ଟ ନେତାମାନେ ଖୋଲାଖୋଲି ସାମ୍ନାକୁ ଆସିବା ସହ ଅନ୍ୟ ଦଳକୁ ସମର୍ଥନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏଥି ପାଇଁ ରବିବାର ଲୋକସଭା ବାଚସ୍ପତିଙ୍କୁ ଭେଟି ସଂସଦରେ ସେମାନଙ୍କ ବସିବା ଲାଗି ଅନ୍ୟ ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି।

# ଖାନ୍ ସାରଙ୍କ କୋଚିଂ ସେଣ୍ଟର ଭଙ୍ଗାରୁଜା ଘଟଣା: ଅଭିଯୁକ୍ତ ପ୍ରିନ୍ସ ନେପାଳରେ ମୃତ୍ୟୁ

ପାଟନା: ପାଟନାର ଦୁଇଟି କୋଚିଂ ପ୍ରତିଷ୍ଠାନ ମଧ୍ୟରେ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ଏବେ ଭୟଙ୍କର ରୂପଧାରଣ କରିଛି। ଜୁନ୍ ୨ ତାରିଖରେ ଶିକ୍ଷକ ଖାନସାର୍ଙ୍କ କୋଚିଂ ପ୍ରତିଷ୍ଠାନ ସହିତ ଜଡ଼ିତ ହାଇ ପ୍ରୋଫାଇଲ୍ ଭଙ୍ଗାରୁଜା ମାମଲାରେ ଅଭିଯୁକ୍ତ ଥିବା କୋଚିଂ ଶିକ୍ଷକ ରୋଶନ ଆନନ୍ଦଙ୍କ ଭାଇ ପ୍ରିନ୍ସ ଯାଦବ (୪୧)ଙ୍କର ନେପାଳର ବିରାଟନଗରର ଏକ ହୋଟେଲରେ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଜଣାପଡ଼ି ନଥିବାବେଳେ ନେପାଳ କର୍ତ୍ତୃପକ୍ଷ ଏହି ଘଟଣାର ତଦନ୍ତ କରୁଛନ୍ତି। ପାଟନାର କଦମକୁଆଁ ଅଞ୍ଚଳରେ ଖାନ୍ ଗ୍ଲୋବାଲ ଷ୍ଟଡିଜ୍ ଉପରେ ଆକ୍ରମଣ ଘଟଣାରେ ମୃତକ ପ୍ରିନ୍ସ ଯାଦବଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସେବେଠାରୁ ପ୍ରିନ୍ସ ଯାଦବ ଫେରାର ଥିଲେ। ନେପାଳରେ ପ୍ରିନ୍ସଙ୍କର କିପରି ମୃତ୍ୟୁ ଘଟିଲା ତାହା ଅସ୍ପଷ୍ଟ ରହିଛି। ତାଙ୍କ ମୃତ୍ୟୁ ବିହାରର ଦୁଇଟି ପ୍ରଭାବଶାଳୀ କୋଚିଂ ବ୍ରାଣ୍ଡ - ଲୋକପ୍ରିୟ ଶିକ୍ଷକ ଫୈଜଲ ଖାନ (ଖାନ ସାର୍)ଙ୍କ ନେତୃତ୍ୱରେ ଖାନ ଗ୍ଲୋବାଲ ଷ୍ଟଡିଜ୍




ଓ ରୋଶନ ଆନନ୍ଦଙ୍କ ନେତୃତ୍ୱରେ ଜ୍ଞାନ ବିନ୍ଦୁ ଜିଏସ ଏକାଡେମୀ ମଧ୍ୟରେ ଥିବା ତିକ୍ତ ବିବାଦକୁ ପଦାରେ ପକାଇଛି।

ଖାନ୍ ସାର୍ଙ୍କ କୋଚିଂ ସେଣ୍ଟର ବାହାରେ ଭଙ୍ଗାରୁଜା ପରେ ସେଠାରେ ମୁତୟନ ହୋଇଥିବା ସୁରକ୍ଷାକର୍ମୀ ଫାଙ୍କା ଗୁଳିଚାଳନା କରିଥିଲେ। ଏହି ଘଟଣାରେ ସୁରକ୍ଷାକର୍ମୀଙ୍କୁ ଗିରଫ କରାଯାଇଥିଲା। ପରେ ପୁଲିସ ଭାରତୀୟ ନ୍ୟାୟ ସଂହିତା ଓ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ଖାନ ସାର୍ଙ୍କୁ ମାମଲାରେ ଅଭିଯୁକ୍ତ କରିଥିଲା। ଏହି ମାମଲାରେ ଜ୍ଞାନ ବିନ୍ଦୁ କୋଚିଂ ସହିତ ଜଡ଼ିତ କିଛି ଲୋକଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଜ୍ଞାନ ବିନ୍ଦୁ କୋଚିଂ ନିର୍ଦ୍ଦେଶକ ରୋଶନ ଆନନ୍ଦ ବର୍ତ୍ତମାନ ଜେଲରେ ଅଛନ୍ତି। ତାଙ୍କର ଜାମିନ ଶୁଣାଣି ସୋମବାର ହେବ।

ଖାନ ସାର୍ଙ୍କ ଦୁଇଜଣ ଗାର୍ଡ ମଧ୍ୟ ବର୍ତ୍ତମାନ ଜେଲରେ ଅଛନ୍ତି। ସେମାନଙ୍କର ଜାମିନ ଆବେଦନ ଖାରଜ ହୋଇଛି। ପାଟନା ସିଭିଲ୍ କୋର୍ଟ ବର୍ତ୍ତମାନ ଖାନ୍ ସାର୍ଙ୍କ ଗିରଫଦାରୀ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ପୂର୍ଣ୍ଣିଆ ସାଂସଦ ପପ୍ପୁ ଯାଦବ ନେପାଳରେ ସନ୍ଦେହଜନକ ପରିସ୍ଥିତିରେ ପ୍ରିନ୍ସ ଯାଦବଙ୍କ ମୃତ୍ୟୁକୁ ହତ୍ୟା ବୋଲି ବର୍ଣ୍ଣନା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ପପ୍ପୁ ବିହାର ସରକାରଙ୍କୁ ନେପାଳ ପ୍ରଶାସନ ସହିତ ଯୋଗାଯୋଗ କରିବା ଉଚିତ ଓ ପୀଡ଼ିତ ପରିବାରକୁ ନ୍ୟାୟ ସୁନିଶ୍ଚିତ କରିବା ଉଚିତ ବୋଲି କହିଛନ୍ତି।

# କୂଅରେ ଖସିପଡ଼ିଲା ତୀର୍ଥଯାତ୍ରୀ ଗାଡ଼ି; ଚାଲିଗଲା ୮ ଜୀବନ

ମୁମ୍ବାଇ: ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାର ମାଲାଶିରସ ଅଞ୍ଚଳର ମହସୱାଡ-ପଣ୍ଡରପୁର ରାସ୍ତାରେ ଥିବା ତଣ୍ଡୁୱାଡି ଗାଁ ନିକଟରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ରବିବାର ଦିନ ଏକ ପିକଅପ୍ ଗାଡ଼ି କୂଅ ଭିତରକୁ ଖସି ପଡ଼ିବାରୁ ଆଠ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାର ଶିକାର ହୋଇଥିବା ତୀର୍ଥଯାତ୍ରୀମାନେ ପଣ୍ଡରପୁର ତାଲୁକାର ରଞ୍ଜନି ଗାଁର ବୋଲି ଜଣାପଡିଛି। ସେମାନେ ଏକ ପିକଅପ୍ ଗାଡ଼ିରେ ତୀର୍ଥଯାତ୍ରାରେ ଯାଇଥିଲେ। ମହସୱାଡ଼ରେ ଏକ ମନ୍ଦିର ଦର୍ଶନ କରି ଫେରୁଥିବା ସମୟରେ ତାଣ୍ଡୁଲୱାଡ଼ି ନିକଟରେ ଦୁର୍ଘଟଣା ଘଟିଥିଲା। ରାଜ୍ୟ ସରକାର ମୃତକଙ୍କ ପରିବାରକୁ ପାଞ୍ଚ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ପୋଲିସ କହିଛି ଯେ ରବିବାର ଦିନ, ସୋଲାପୁର ଜିଲ୍ଲାର ମାଲଶିରାସ ତହସିଲରେ ଏକ ପିକଅପ୍ ଗାଡ଼ି ରାସ୍ତା କଡ଼ରେ ଥିବା କୂଅରେ ଖସି ପଡ଼ିଥିଲା।

# ମୌସୁମୀକୁ ବଞ୍ଚାଇ ପାରିବ ଦ୍ୱିଧ୍ରୁବ

ନୂଆଦିଲ୍ଲୀ: ସମଗ୍ର ଭାରତରେ ଦୁର୍ବଳ ମୌସୁମୀ ବର୍ଷା ଓ ସ୍ୱାଭାବିକଠାରୁ ଅଧିକ ଉତ୍ତପ୍ତ ଅବସ୍ଥାର ଆଶଙ୍କାକୁ ପୁନର୍ଜୀବିତ କରି ଏଲ୍ନିନୋ ଆନୁଷ୍ଠାନିକ ଭାବେ ପହଞ୍ଚିଯାଇଛି। ଏଲ୍ନିନୋ ଆସିବ ବୋଲି ଅନେକ ପାଣିପାଗ ଏଜେନ୍ସି ଦ୍ୱାରା ପୂର୍ବାନୁମାନ କରାଯାଇଥିଲା, ଯାହାର ପ୍ରଭାବ ଆସନ୍ତା ବର୍ଷ ପର୍ଯ୍ୟନ୍ତ ରହିବ। ଏଲ୍ନିନୋ ଐତିହାସିକ ଭାବରେ ମରୁଡ଼ି ଓ ନିଅଣ୍ଟିଆ ବୃଷ୍ଟିପାତ ସହ ଜଡ଼ିତ, ଯାହା ଦେଶ ପାଇଁ ଚିନ୍ତାର ବିଷୟ। କିନ୍ତୁ ପାଣିପାଗ ବିଜ୍ଞାନୀମାନେ ଅନ୍ୟ ଏକ ସମୁଦ୍ର ଘଟଣା ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖିଛନ୍ତି ଯାହା ଜିନିଷକୁ ସନ୍ତୁଳିତ କରିବାରେ ସାହାଯ୍ୟ କରିପାରେ। ତାହାକୁ ଡାଇପୋଲ୍ ବା ଦ୍ୱିଧ୍ରୁବ କୁହାଯାଉଛି। ଇଣ୍ଡିଆନ ଓସେନ ଡାଇପୋଲ୍ (ଆଇଓଡି) ଭାବରେ ଜଣାଶୁଣା, ଜଳବାୟୁ ଢାଞ୍ଚା ଅତୀତରେ ଏଲ୍ନିନୋର ପ୍ରତିକୂଳ ପ୍ରଭାବକୁ ପ୍ରତିହତ କରିଛି ଏବଂ ଭାରତକୁ ଗୁରୁତର ମୌସୁମୀ ଅଭାବକୁ ଏଡାଇବାରେ ସାହାଯ୍ୟ କରିଛି।

ଭାରତ ମହାସାଗରୀୟ ଦ୍ୱିଧ୍ରୁବ ବା ଆଇଓଡି ପଶ୍ଚିମ ଓ ପୂର୍ବ ଭାରତ ମହାସାଗର ମଧ୍ୟରେ ସମୁଦ୍ର ପୃଷ୍ଠର ତାପମାତ୍ରାର ପାର୍ଥକ୍ୟକୁ ବୁଝାଏ। ବୈଜ୍ଞାନିକମାନେ ଏହି ଘଟଣାକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି; ସକାରାତ୍ମକ, ନକାରାତ୍ମକ ଓ ନିରପେକ୍ଷ। ପ୍ରଶାନ୍ତ ମହାସାଗରରେ ବିକଶିତ ହୋଇଥିବା ଏଲ୍ନିନୋ ପରି, ଆଇଓଡି ଭାରତ ମହାସାଗରରେ ସୃଷ୍ଟି ହୁଏ ଏବଂ ଏହାର ଆଖପାଖ ଦେଶଗୁଡ଼ିକରେ ପାଣିପାଗକୁ ସିଧାସଳଖ ପ୍ରଭାବିତ କରିଥାଏ। ଏକ ସକାରାତ୍ମକ ଆଇଓଡି ଘଟଣା ସମୟରେ, ଆଫ୍ରିକୀୟ ଉପକୂଳ ନିକଟରେ ଜଳ ସ୍ୱାଭାବିକ ଅପେକ୍ଷା ଗରମ ହୋଇଯାଏ, ଯେତେବେଳେ ଇଣ୍ଡୋନେସିଆର ଜଳ ଅପେକ୍ଷାକୃତ ଥଣ୍ଡା ହୋଇଯାଏ। ଏହା ବିପରୀତ ପବନର ଢାଞ୍ଚାକୁ ପରିବର୍ତ୍ତନ କରିଥାଏ



ଏବଂ ଭାରତ ଆଡକୁ ଅଧିକ ଆର୍ଦ୍ରତା ଆଣିଥାଏ, ଯାହା ପ୍ରାୟତଃ ବୃଷ୍ଟିପାତକୁ ବୃଦ୍ଧି କରିଥାଏ। ବର୍ତ୍ତମାନ, ଆଇଓଡି ଏକ ନିରପେକ୍ଷ ପର୍ଯ୍ୟାୟରେ ରହିଛି, ଯଦିଓ ଜାପାନର ପାଣିପାଗ ଏଜେନ୍ସି (ଜେଏମ୍ଏ) କହିଛି ଯେ ଚଳିତ ବର୍ଷ ଶେଷରେ ଏକ ସକାରାତ୍ମକ ଆଇଓଡି ବିକଶିତ ହେବ ବୋଲି ଆଶା କରାଯାଉଛି। ଜେଏମ୍ଏ ମଧ୍ୟ ବିଶ୍ୱର ପ୍ରଥମ ପ୍ରମୁଖ ପାଣିପାଗ ଏଜେନ୍ସି ଯିଏକି ଏଲ୍ନିନୋର ଆଗମନ ଘୋଷଣା କରିଥିଲା।

# ଟ୍ରେନରୁ ଡେଇଁପଡିଥିବା ୪ ଯାତ୍ରୀଙ୍କୁ ଦଳିଦେଲା ଏକ୍ସପ୍ରେସ

ନୂଆଦିଲ୍ଲୀ: ମଧ୍ୟପ୍ରଦେଶର ମୋରେନା ଜିଲ୍ଲାରେ ରବିବାର ଅପରାହ୍ନ ପ୍ରାୟ ୪:୧୫ ସମୟରେ ଏକ ହୃଦୟବିଦାରକ ରେଳ ଦୁର୍ଘଟଣା ଘଟିଯାଇଛି। ମୋବାଇଲ୍ ଫୋନରୁ ବାହାରିଥିବା ସାମାନ୍ୟ ଧୂଆଁ ଓ ଗରମକୁ ନେଇ ଟ୍ରେନରେ ନିଆଁ ଲାଗିଯାଇଛି ବୋଲି ଏକ ମିଥ୍ୟା ଗୁଜବ ପ୍ରଚାର ପରେ ଆତଙ୍କିତ ଯାତ୍ରୀମାନେ ଚଳନ୍ତା ଟ୍ରେନରୁ ଡେଇଁପଡିଥିଲେ। ଦୁର୍ଭାଗ୍ୟବଶତଃ, ସେହି ସମୟରେ ବିପରୀତ ଟ୍ରାକ୍ରେ ଆସୁଥିବା ଅନ୍ୟ ଏକ ଦ୍ରୁତଗାମୀ ଟ୍ରେନ ଧକ୍କାରେ ଜଣେ ୪ ବର୍ଷର ଶିଶୁ ସମେତ ୩ ଜଣ ମହିଳା ଯାତ୍ରୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଖଜୁରାହୋ-ଉଦୟପୁର ଇଣ୍ଟରସିଟି ଏକ୍ସପ୍ରେସ (ଟ୍ରେନ ନମ୍ବର ୧୯୬୬୫) ହେତମପୁର-ଧୋଲପୁର ରେଳ ସେକ୍ସନ ଦେଇ ଗତି କରୁଥିବା ସମୟରେ ଜଣେ ଯାତ୍ରୀଙ୍କ ମୋବାଇଲ୍ ଫୋନରୁ ହଠାତ୍ ସାମାନ୍ୟ ଧୂଆଁ ବାହାରିଥିଲା। ଏହାକୁ ଦେଖି କିଛି ଲୋକ ଟ୍ରେନରେ ନିଆଁ ଲାଗିଯାଇଛି ବୋଲି ଚିତ୍କାର କରିବାକୁ ଲାଗିଥିଲେ। ଆତଙ୍କ ଏପରି ବଢ଼ିଯାଇଥିଲା ଯେ ଯାତ୍ରୀମାନେ ତୁରନ୍ତ ଜରୁରୀକାଳୀନ ଚେନ୍ ଟାଣି ଗାଡ଼ିକୁ ଅଟକାଇ ଦେଇଥିଲେ ଏବଂ ଜୀବନ ବଞ୍ଚାଇବା ପାଇଁ ବିକଳରେ ତଳକୁ ଡେଇଁବାକୁ ଲାଗିଥିଲେ।ଯାତ୍ରୀମାନେ ଇଣ୍ଟରସିଟି ଏକ୍ସପ୍ରେସରୁ ଓହ୍ଲାଇ ଟ୍ରାକ୍ ଉପରେ ଦୌଡୁଥିବା ବେଳେ ଠିକ୍ ସେହି ସମୟରେ ପାର୍ଶ୍ୱବର୍ତ୍ତୀ ରେଳ ଧାରଣାରେ ବିପରୀତ ଦିଗରୁ ପାତାଲକୋଟ୍ ଏକ୍ସପ୍ରେସ ସେହି ସ୍ଥାନ ଦେଇ ଅତିକ୍ରମ କରୁଥିଲା। ଏହି ଏକ୍ସପ୍ରେସ ଟ୍ରେନ ଧକ୍କାରେ ୪ ଜଣଙ୍କର ପ୍ରାଣହାନି ଘଟିଛି। ରେଳବାଇ ଅଧିକାରୀ, ଆରପିଏଫ, ଜିଆରପି ଏବଂ ସ୍ଥାନୀୟ ପୁଲିସ ପ୍ରଶାସନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ସହ ଅନ୍ୟ ଯାତ୍ରୀମାନଙ୍କୁ ସହାୟତା ଯୋଗାଇ ଦେଇଛନ୍ତି। ରେଳ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ, ଟ୍ରେନରେ କୌଣସି ପ୍ରକାର ନିଆଁ ଲାଗିନଥିଲା, ଏହା କେବଳ ଏକ ମିଥ୍ୟା ଗୁଜବ ଥିଲା।

# ଆଜ୍ଞାକାରୀ ଭୃତ୍ୟ ପରି ଶୁଣନ୍ତି ଟ୍ରମ୍ପଙ୍କ କଥା: ରାହୁଲ

ନୂଆଦିଲ୍ଲୀ: ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ତାଙ୍କ ଏକ୍ସ ହ୍ୟାଣ୍ଡଲରେ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ କୂଟନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେରିକାର 'ଆଜ୍ଞାକାରୀ ଭୃତ୍ୟ'ବୋଲି ମଧ୍ୟ କହିଛନ୍ତି। ରାହୁଲ ଗାନ୍ଧୀ କହିଛନ୍ତି, ଆମେରିକା ଖୋଲାଖୋଲି ଭାବରେ ଲୋକଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଉଛି, ସେତେବେଳେ ଏହି ଘଟଣା ସହିତ ଆପୋଷବୁଝାମଣା କରିଥିବା ଭଳି ଆମର ପ୍ରଧାନମନ୍ତ୍ରୀ ନୀରବ ରହିଛନ୍ତି। ସୋସିଆଲ ମିଡିଆ ଏକ୍ସ ହ୍ୟାଣ୍ଡେଲରେ ରାହୁଲ ଲେଖିଛନ୍ତି, ଆମେରିକା ଆକ୍ରମଣରେ ତିନି ଜଣ ଭାରତୀୟ ନାବିକଙ୍କ ହତ୍ୟାର କିଛି ଦିନ ପରେ, କୌଣସି ଅନୁତାପ ନାହିଁ, କୌଣସି କ୍ଷମା ପ୍ରାର୍ଥନା ନାହିଁ।



ବିପରୀତରେ, ଆମେରିକା ନିର୍ଦ୍ଦେଶ ଜାରି କରିଚାଲିଛି। ଆମେରିକା ସେନାର ନିର୍ଦ୍ଦେଶ ତୁରନ୍ତ ପାଳନ କରନ୍ତୁ। କୌଣସି ଉଲ୍ଲଂଘନକୁ ବରଦାସ୍ତ କରାଯିବ ନାହିଁ। ଏକ ସ୍ୱାଧୀନ ଦେଶ କେବେବି ଏପରି ଭାଷାକୁ ସହ୍ୟ କରିବ ନାହିଁ। କିନ୍ତୁ ଆମର ପ୍ରଧାନମନ୍ତ୍ରୀ ନୀରବରେ ବସି ଜଣେ ଆଜ୍ଞାକାରୀ ଭୃତ୍ୟ ପରି ଟ୍ରମ୍ପଙ୍କ କଥା ଶୁଣୁଛନ୍ତି ଏବଂ ନିର୍ଦ୍ଦେଶ ପାଳନ କରୁଛନ୍ତି। ଏଭଳି ଜଣେ ଆପୋଷବୁଝାମଣା କରିଥିବା ପ୍ରଧାନମନ୍ତ୍ରୀ ଦେଶର ସମ୍ମାନ ରକ୍ଷା କରି ପାରିବେ ନାହିଁ। କାରଣ ଯେଉଁମାନେ ଦେଶକୁ ଅସମ୍ମାନ କରୁଛନ୍ତି ପ୍ରଧାନମନ୍ତ୍ରୀ ସେମାନଙ୍କ ନିୟନ୍ତ୍ରଣରେ ଅଛନ୍ତି। ରାହୁଲ ଗାନ୍ଧୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଅନ୍ୟ ଏକ ପୋଷ୍ଟରେ କହିଛନ୍ତି, ଜଣେ ଆପୋଷବୁଝାମଣା କରିଥିବା ଭଳି ପ୍ରଧାନମନ୍ତ୍ରୀଙ୍କ ଶାସନରେ ଭାରତୀୟ ହେବା ଦୁଃଖର ବିଷୟ। ବିଦେଶୀ ଶକ୍ତି ଆମ ନାଗରିକଙ୍କୁ ହତ୍ୟା କରୁଛନ୍ତି। ଆମର ସରକାର, ଏକ ଆଜ୍ଞାକାରୀ ଭୃତ୍ୟ ସାଜିଛନ୍ତି। ଆମ ନାଗରିକମାନଙ୍କୁ ପଚିସଡ଼ିବାକୁ ଛାଡ଼ି ଦିଆଯାଏ। ଏହି ଭାରତୀୟଙ୍କୁ ଏବେ ଦେଶକୁ ଆଣନ୍ତୁ। ଆମେରିକା ନୌସେନା ଏବଂ କେନ୍ଦ୍ରୀୟ କମାଣ୍ଡ ଓମାନ ଉପକୂଳରେ ଲଗାତାର ତିନି ଦିନ ଧରି ତିନୋଟି ପୃଥକ ଆକ୍ରମଣ କରିଥିଲେ, ଯାହା ଫଳରେ ତିନି ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ଦେଶର ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଟାର୍ଗେଟ କରିଛନ୍ତି।ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏହି ଆକ୍ରମଣଗୁଡ଼ିକୁ ଦୃଢ଼ ନିନ୍ଦା କରିଛି। ବାଣିଜ୍ୟକ ଜାହାଜ ଏବଂ ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବା ନିନ୍ଦନୀୟ ବୋଲି ଦର୍ଶାଇ, ଭାରତ ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସର ଚାର୍ଜ ଡି'ଆଫେୟର୍ସ ଜେସନ ମିକ୍ସଙ୍କୁ ଡକାଇ ଏହାର ଦୃଢ଼ ପ୍ରତିବାଦ କରିଛି।

# ଦକ୍ଷିଣ ବେରୁତ ଉପରେ ଇସ୍ରାଏଲ ଆକ୍ରମଣରେ ୩ ମୃତ



ବେରୁତ୍ : ଆମେରିକା-ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ପାଇଁ ଜୋରଦାର ପ୍ରୟାସ ଚାଲିଥିବାବେଳେ ଇସ୍ରାଏଲ ପୁଣିଥରେ ଲେବାନନ୍ ଉପରେ ବଡ଼ଧରଣର ଆକ୍ରମଣ କରିଛି। ରବିବାର ଇସ୍ରାଏଲର ଆକ୍ରମଣରେ ଦକ୍ଷିଣ ବେରୁତ୍ରେ ୩ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ଲେବାନନ୍ କର୍ତ୍ତୃପକ୍ଷ କହିଛନ୍ତି। ଇସ୍ରାଏଲ ଆକ୍ରମଣ ଯୋଗୁ ଆମେରିକା-ଇସ୍ରାଏଲ ଶାନ୍ତି ଆଲୋଚନା ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ଲେବାନନ୍ ନାଗରିକ ପ୍ରତିରକ୍ଷା ସଂସ୍ଥା ରବିବାର କହିଛି ଯେ, ଲେବାନନ୍ ରାଜଧାନୀର ଦାହିୟେହ ଅଞ୍ଚଳରେ ଇସ୍ରାଏଲର ଆକ୍ରମଣରେ ଅତି କମରେ ତିନି ଜଣଙ୍କର ମୃତ୍ୟୁ ଓ ଛଅ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଏକ ବିବୃତିରେ କହିଛି ଯେ ଇସ୍ରାଏଲୀ ସେନା ଦାହିୟେହରେ ହିଜବୁଲ୍ଲାର ଟାର୍ଗେଟ ଉପରେ ଆକ୍ରମଣ କରିଛି। ଇସ୍ରାଏଲୀ ସେନା କହିଛି ଯେ, ଅସ୍ତ୍ରବିରତି ଉଲ୍ଲଂଘନ କରି ହିଜବୁଲ୍ଲା ଉତ୍ତର ଇସ୍ରାଏଲ ଆଡ଼କୁ ତିନୋଟି ପ୍ରୋଜେକ୍ଟେଲ ନିକ୍ଷେପ କରିଥିଲା, ଯାହାର ଜବାବରେ ଇସ୍ରାଏଲ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

### ବଞ୍ଜି ଜମ୍ପିଂ ବେଳେ ଅଘଟଣ

# ୪୦ ମିଟର ଉପରୁ ପଡ଼ି ଯୁବତୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ: ବ୍ରାଜିଲର ଲିମେଇରା ସହରରେ ଏକ ଦୁଃଖଦ ଅଘଟଣ ଘଟିଛି । ପ୍ରାୟ ୪୦ ମିଟର ଉଚ୍ଚତାରୁ ତଳେ ପଡ଼ି ଯୁବତୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି । ବଞ୍ଜି ଜମ୍ପିଂ କରିବା ସମୟରେ ଆୟୋଜକମାନେ ଜଣେ ୨୧ ବର୍ଷୀୟା ଯୁବତୀଙ୍କ ଶରୀରରେ ସୁରକ୍ଷା ଦଉଡ଼ି ବାନ୍ଧିବାକୁ ଭୁଲିଯାଇଥିଲେ । ମୃତ ଯୁବତୀଙ୍କ ନାମ ମାରିଆ ଏଡୁଆର୍ଡା ରୋଡ୍ରିଗ୍ରେଜ୍ ବୋଲି ଜଣାପଡ଼ିଛି । ସେ ଶାରୀରିକ ଶିକ୍ଷା ଏବଂ ସ୍ପୋର୍ଟସ ମ୍ୟାନେଜମେଣ୍ଟରେ ସ୍ନାତକ ହାସଲ କରିଥିଲେ । ସାଓ ପାଉଲୋ ରାଜ୍ୟରେ ଥିବା "ପୋଣ୍ଟେ ଦୋ ଏସ୍କେଲେଟୋ" ନାମକ ଏକ ସ୍ଥାନରେ ଏହି ଦୁର୍ଘଟଣା ଘଟିଛି । ଏହି ଅଞ୍ଚଳଟି ଦୁଃସାହସିକ ଖେଳ ପାଇଁ ବେଶ୍ ଜଣାଶୁଣା । ସୂଚନା ଅନୁଯାୟୀ, ଶନିବାର ସକାଳେ ଏହି ଘଟଣା ଘଟିଥିଲା । ଉପସ୍ଥିତ ଲୋକଙ୍କ କହିବା ଅନୁସାରେ, ଯୁବତୀ ଜଣକ ଡେଇଁବା ପୂର୍ବରୁ ତାଙ୍କ ସୁରକ୍ଷା ଉପକରଣକୁ ଠିକ୍ ଭାବେ ବନ୍ଧାଯାଇନଥିଲା । ସେ ପ୍ଲାଟଫର୍ମରୁ ଡେଇଁବା ମାତ୍ରେ ପ୍ରାୟ ୪୦ ମିଟର ତଳକୁ ଖସି ପଡ଼ିଥିଲେ ଏବଂ ତାଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା । ପାରାମେଡିକ୍ସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ସମ୍ପୂର୍ଣ୍ଣ ଦୁର୍ଘଟଣାର ଭିଡିଓ ରେକର୍ଡ ହୋଇଛି । ଭିଡିଓରେ ଦେଖିବାକୁ ମିଳୁଛି ଯେ ଆୟୋଜକ ଦଳର ସଦସ୍ୟମାନେ ଯୁବତୀଙ୍କୁ ପ୍ଲାଟଫର୍ମ ପର୍ଯ୍ୟନ୍ତ ନେଉଛନ୍ତି । ସେଠାରୁ ତାଙ୍କୁ ତଳକୁ ପକାଇବା ବେଳେ, ଉପସ୍ଥିତି ଲୋକମାନେ ଚିତ୍କାର କରି ଦଉଡି ନଥିବା କହିଥିଲେ । ମାରିଆଙ୍କ ସହ ଆସିଥିବା ତାଙ୍କ ଭାବି ସ୍ୱାମୀ ଏହି ଦୃଶ୍ୟ ଦେଖି ସେଠାରେ ଅସୁସ୍ଥ ହୋଇପଡ଼ିଥିଲେ, ଯାହାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଛି । ଦୁର୍ଘଟଣା ପରେ ଦାୟୀ ଥିବା ଦୁଇଜଣ ବ୍ୟକ୍ତି ଜଙ୍ଗଲ ଆଡ଼କୁ ଫେରାର ହୋଇଯାଇଥିଲେ, କିନ୍ତୁ ପୋଲିସ ସେମାନଙ୍କୁ ଖୋଜି ବାହାର କରିଥିଲା । ଏହି ଘଟଣାରେ ମୋଟ ୬ ଜଣଙ୍କୁ ଗିରଫ କରାଯାଇଛି । ବର୍ତ୍ତମାନ ପୋଲିସ ଏହି ମାମଲାର ଅଧିକ ତଦନ୍ତ କରୁଛି ।

# ଉଠିଲା ସାବରିମାଳାରେ ମହିଳାଙ୍କ ପ୍ରବେଶ ପ୍ରସଙ୍ଗ

ତିରୁଅନନ୍ତପୁରମ : କେରଳରେ ରାଜନୈତିକ ରୂପେ ସମ୍ବେଦନଶୀଳ ସବରିମାଲା ମହିଳାଙ୍କ ପ୍ରବେଶ ପ୍ରସଙ୍ଗ ରବିବାର ପୁଣି ଚର୍ଚ୍ଚାକୁ ଆସିଛି। ମିଡିଆ ରିପୋର୍ଟରେ ଦାବି କରାଯାଇଛି ଯେ ତ୍ରାଭାଣକୋର ଦେବସୋମ ବୋର୍ଡ (ଟିଡିବି)ର ତତ୍କାଳୀନ ଅଧ୍ୟକ୍ଷ ଏ.ପଦ୍ମ କୁମାର ତାଙ୍କ ନିକଟତମ ସହଯୋଗୀଙ୍କୁ କହିଛନ୍ତି ଯେ ତାଙ୍କୁ ଓ ବରିଷ୍ଠ ପୋଲିସ ଅଧିକାରୀ ଶ୍ରୀଜିଥଙ୍କୁ ଜାଣିଶୁଣି ସେଦିନ ସନ୍ନିଧାନମରୁ ଦୂରରେ ରଖା ଗଲା ଯେଉଁଦିନ ଦୁଇ ମହିଳା ସୁପ୍ରିମକୋର୍ଟଙ୍କ ରାୟ ପରେ ସାବରିମାଲା ମନ୍ଦିରରେ ପ୍ରବେଶ କରିଥିଲେ। ସିପିଆଇ(ଏମ) ଏବେ ଏହି ରିପୋର୍ଟ ଉପରେ ପ୍ରତିକ୍ରିୟା ଦେବାକୁ ଆଗପଛ ହେଉଛି। ଏଥିରେ କେରଳ ରାଜ୍ୟ ଶାସନ ସଚିବ ଏମ.ଭି ଗୋବିନ୍ଦନ କହିଛନ୍ତି ଯେ ମାମଲାରେ କୌଣସି ସ୍ପଷ୍ଟିକରଣ କେବଳ ପଦ୍ମକୁମାରଙ୍କଠାରୁ ଆସିବା



ଆବଶ୍ୟକ। ତେବେ ପୂର୍ବତନ ସିପିଆଇ(ଏମ) ବିଧାୟକ ତଥା ସାବରିମାଲା ସ୍ୱର୍ଣ୍ଣ ଚୋରି ମାମଲାରେ ଅଭିଯୁକ୍ତ ପଦ୍ମ କୁମାର ଅଭିଯୋଗ କରିଛନ୍ତି ଯେ ଏହି ଷଡ଼ଯନ୍ତ୍ର ଜନୈକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ରଚା ଯାଇଥିଲା, ଯାହାଙ୍କର ସେ ସମୟରେ ପାର୍ଟି ଓ ବାମପନ୍ଥୀ ସରକାରରେ ଅତୁଟ ପ୍ରଭାବ ଥିଲା। ପଦ୍ମ କୁମାରକହିଛନ୍ତି ଯେ ତାଙ୍କୁ ସେଦିନ ସାବରିମାଲା ନ ଯିବାକୁ ପରାମର୍ଶ ଦିଆଯାଇଥିଲା ଓ ତାଙ୍କୁ ତିରୁଅନନ୍ତପୁରମ ପଠାଯାଇଥିଲା। ପଦ୍ମ କୁମାର ସାବରିମାଲାରୁ ସ୍ୱର୍ଣ୍ଣ ଚୋରି ମାମଲାରେ ଅଭିଯୁକ୍ତ ହେବା ପରଠାରୁ ପାର୍ଟିରୁ ଦୂରେଇ ଯାଇଛନ୍ତି ଓ ଜେଲରୁ ଜାମିନରେ ଫେରିବା ପରେ ଗଣମାଧ୍ୟମ ସହ କୌଣସି କଥା ହୋଇ ନାହାନ୍ତି। ଏହି ସୂଚନା ସେତେବେଳେ ଆସିଛି ଯେତେବେଳେ ସିପିଆଇ(ଏମ) ନେତୃତ୍ୱ ସାବରିମାଲା ସୁନା ଚୋରି ମାମଲାରେ ପଦ୍ମ କୁମାରଙ୍କ ବିରୋଧରେ ସଙ୍ଗଠନାତ୍ମକ କାର୍ଯ୍ୟାନୁଷ୍ଠାନର ସଂକେତ ଦେଇଛନ୍ତି। ତେବେ ଗଣମାଧ୍ୟମ ଯେତେବେଳେ ପାର୍ଟିର ପ୍ରତିକ୍ରିୟା ଦାବି କଲା ଗୋବିନ୍ଦନ କହିଛନ୍ତି ଯେ ମାମଲାକୁ ପଦ୍ମ କୁମାର ନିଜେ ସ୍ପଷ୍ଟ କରିବା ଆବଶ୍ୟକ। ଗୋବିନ୍ଦନ କହିଛନ୍ତି ଯେ ପଦ୍ମକୁମାର ଯେତେବେଳେ ସୁନା ଚୋରି ମାମଲାରେ ଜେଲରୁ ମୁକୁଳିଲେ ତାଙ୍କୁ ପାର୍ଟିର ସବୁ ଦାୟିତ୍ୱରୁ ହଟାଇ ଦିଆଯାଇଥିଲା। ଗୋବିନ୍ଦନ କହିଛନ୍ତି ଯେ ପଦ୍ମ କୁମାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ସିପିଆଇ(ଏମ)ର ପଥନମଥିଟ୍ଟା ଜିଲ୍ଲା କମିଟି ଦ୍ୱାରା ନିଆଯିବ। କାରଣ ଜିଲ୍ଲା କମିଟି ସଙ୍ଗଠନାତ୍ମକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସକ୍ଷମ ପ୍ରାଧିକରଣ ଅଟନ୍ତି। ସାବରିମାଲାରେ ମହିଳାଙ୍କ ପ୍ରବେଶ ଗତ ବର୍ଷମାନଙ୍କରେ କେରଳରେ ସବୁଠୁ ବିବାଦସ୍ପଦ ରାଜନୈତିକ ଓ ସାମାଜିକ ବିବାଦ ମଧ୍ୟରେ ଏକ ହୋଇ ରହିଛି।

ଫିଫା ବିଶ୍ୱକପ୍

# ମ୍ୟାଚ ଡ୍ର
# ୮୮ ବର୍ଷର ରେକର୍ଡ ବଜାୟ ରଖିଲା ବ୍ରାଜିଲ୍

ନୂଆଦିଲ୍ଲୀ, ୧୪।୬(ଏଜେନ୍ସି) : ରଦରଫୋର୍ଡରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ୨୦୨୬ ଗ୍ରୁପ୍ ସି ମୁକାବିଲାରେ ବ୍ରାଜିଲ୍ ଓ ମରକୋ ପରସ୍ପରକୁ ଭେଟିଥିଲେ। ଦୁଇ ଦଳ ମଧ୍ୟରେ ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ନ୍ୟୁୟର୍କ ନ୍ୟୁ ଜର୍ସି ଷ୍ଟାଡିୟମରେ ଖେଳାଯାଇଥିବା ଏହି ରୋମାଞ୍ଚକର ମ୍ୟାଚରେ ବ୍ରାଜିଲ୍ ନିଜର ୮୮ ବର୍ଷର ପୁରୁଣା ରେକର୍ଡ ବଞ୍ଚାଇବାରେ ସଫଳ ହୋଇଛି। ବିଶ୍ୱକପ୍ ଇତିହାସରେ ବ୍ରାଜିଲ୍ ଦଳ ଗତ ୮୮ ବର୍ଷ ହେବ ନିଜର ପ୍ରଥମ ମ୍ୟାଚ ହାରି ନାହିଁ। ମରକୋ ବିପକ୍ଷରେ ମ୍ୟାଚ ଡ୍ର କରି ଦଳ ସେହି ରେକର୍ଡକୁ ବଜାୟ ରଖିଛି। ବ୍ରାଜିଲ ଶେଷ ଥର ପାଇଁ ୧୯୩୪ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ ସ୍ପେନ ଠାରୁ ୧-୩ ଗୋଲରେ ହାରିଯାଇଥିଲା। କିନ୍ତୁ ତା'ପରଠାରୁ ଅର୍ଥାତ୍ ୧୯୩୮ -୨୦୨୬ ମଧ୍ୟରେ ଖେଳିଥିବା ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ ଅପରାଜିତ ରହିଛି। ବ୍ରାଜିଲ ତାରକା ଖେଳାଳି ନେମାର ଆହତ କାରଣରୁ ଏହି ମ୍ୟାଚରୁ



ବାଦ୍ ପଡିଥିଲେ। ତାଙ୍କ ଅନୁପସ୍ଥିତର ପ୍ରଭାବ ଖେଳ ଉପରେ ସ୍ପଷ୍ଟ ଦେଖିବାକୁ ମିଳିଥିଲା। ମ୍ୟାଚର ପ୍ରଥମ ହାଫ୍‌ରେ ମରକୋ ଦଳ ବ୍ରାଜିଲ ଉପରେ ସମ୍ପୂର୍ଣ୍ଣ ଚାପ ପକାଇଥିଲା। ମ୍ୟାଚର ୨୧ ମିନିଟରେ ମରକୋର ଇସସ୍ମାଇଲ ସାଇବେରୀ ଏକ ଚମତ୍କାର ଗୋଲ ଦେଇ ଦଳକୁ ୧-୦ ଗୋଲରେ ଆଗୁଆ କରିଥିଲେ। ଏହି ଗୋଲ ପରେ ବ୍ରାଜିଲ ଦଳ ପ୍ରତ୍ୟାବର୍ତ୍ତନ ପାଇଁ କ୍ରମାଗତ ଭାବେ ଆକ୍ରମଣ ଜାରି ରଖିଥିଲା। ୩୨ ତମ ମିନିଟ୍‌ରେ ବ୍ରାଜିଲର ତାରକା ଫରୱାର୍ଡ ଭିନିସିୟସ୍ ଜୁନିୟର ଏକ ଚମତ୍କାର ଗୋଲ ସ୍କୋର କରି ମ୍ୟାଚକୁ ୧-୧ ସମାନ ସ୍ଥିତିକୁ ଆଣିଥିଲେ। ମ୍ୟାଚର ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ବ୍ୟବଧାନ ୧-୧ରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଗୋଲ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସଫଳତା ମିଳିନଥିଲା। ଶେଷରେ ମ୍ୟାଚ ଡ୍ର ରହି ପଏଣ୍ଟ ଭାଗ ହୋଇଛି। ମ୍ୟାଚ ଡ୍ର ହେବାରୁ ଗ୍ରୁପ୍ ସି ର ସମୀକରଣ ବେଶ୍ ରୋମାଞ୍ଚକର ହୋଇଛି। ବ୍ରାଜିଲ୍ ଓ ମରକୋ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏଁ ମିଳିଛି। ଏଭଳି ସ୍ଥିତିରେ ଉଭୟ ମ୍ୟାଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ପରବର୍ତ୍ତୀ ରାଉଣ୍ଡକୁ ଯିବାକୁ ହେଲେ ଅବଶିଷ୍ଟ ମ୍ୟାଚ ଗୁଡିକରେ ବଡ ଗୋଲ ବ୍ୟବଧାନରେ ଜିତିବାକୁ ହେବ।

## ବିଶ୍ୱକପ୍ ଖେଳୁଛନ୍ତି ୪ ଭାରତୀୟ ବଂଶୋଦ୍ଭବ

ଫିଫା ବିଶ୍ୱକପର ରୋମାଞ୍ଚ ବଢିବାରେ ଲାଗିଛି। ଭାରତରେ ମଧ୍ୟ ଏହାର ଲୋକପ୍ରିୟତା ରହିଛି। ଏହି ମେଗା ଇଭେଣ୍ଟରେ ଭାରତ ଖେଳୁନଥିଲେ ମଧ୍ୟ କେତେ ଜଣ ଭାରତୀୟ ବଂଶୋଦ୍ଭବ ସାମିଲ ଅଛନ୍ତି। ସେମାନଙ୍କ ସମ୍ପର୍କରେ ଜାଣିବା। ସରପ୍ରିତ ସିଂ : ନ୍ୟୁଜିଲାଣ୍ଡ ପକ୍ଷରୁ ସରପ୍ରିତ ସିଂ ଫିଫା ବିଶ୍ୱକପ୍ ଖେଳୁଛନ୍ତି। ପଞ୍ଜାବର ଜଳନ୍ଧରରୁ ତାଙ୍କ ପରିବାର ଅକଲାଣ୍ଡରେ ରହୁଛନ୍ତି। ସେଠାରେ ସେମାନଙ୍କର ଏକ ଗ୍ରୋସରୀ ଷ୍ଟୋର ରହିଛି। ତହସିନ ଅହମ୍ମଦ : ୧୯ ବର୍ଷୀୟ ତହସିନ ଫିଫା ବିଶ୍ୱକପ୍‌ରେ କାତାର ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ବାପା କେରଳର ହୋଇଥିବା ବେଳେ ମା' କନ୍ନୁର ବାସିନ୍ଦା। ତହସିନଙ୍କ ବାପା ମଧ୍ୟ ଜଣେ ଭଲ ଫୁଟବଲ ଖେଳାଳି। ସାମୁଏଲ ମୁଥୁସ୍ୱାମୀ : ଫ୍ରାନ୍ସ ଟିମର ଅଂଶବିଶେଷ ସାମୁଏଲ ଜଣେ ମିଡ ଫିଲ୍ଡର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ତାଙ୍କ ବାପା ତାମିଲର ଇଣ୍ଡୋ ଗ୍ୱାଇଲୋ ପିୟନ ସମୁଦାୟ ସହ ଜଡିତ। ନିଶାନ ଭେଲୁ ପିଲାଇ : ନିଶାନ ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଛନ୍ତି। ତାଙ୍କ ବାପା ଶ୍ରୀଲଙ୍କାରେ ହୋଇଥିବା ବେଳେ ମା ଆଙ୍ଗ୍ଲୋ ଇଣ୍ଡିଆନ। ସେମାନେ ନ୍ୟୁଜଲାଣ୍ଡରେ ରହୁଥିଲେ। ନିଶାନ କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରି ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି।

ଧର୍ମଶାଳା ଡିଫା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ୟଙ୍ଗ ଉତ୍କଳ କ୍ଲବ ଚାମ୍ପିଅନ

ଧର୍ମଶାଳା,(ସବ୍ୟୁ):ଧର୍ମଶାଳା ଫୁଟବଲ ଆସୋସିଏସନ ପକ୍ଷରୁ ବାଣୀପୀଠ ପଡିଆରେ ଚଳିତ ମାସ ୬ ତାରିଖରୁ ଚାଲିଥିବା ୨୮ ତମ ଓ ଅଷ୍ଟମ ରଂଜିତ ସ୍ୱାଇଁ ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟର ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଫାଇନାଲ ମ୍ୟାଚୟଙ୍ଗ ଉତ୍କଳ କ୍ଲବ କଟକ ଓ ପ୍ରତାପ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେୟଙ୍ଗ ଉତ୍କଳ କ୍ଲବ କଟକ ୪-୨ ଗୋଲରେ ପ୍ରତାପ କ୍ଲବ କଟକକୁ ପରାସ୍ତ କରି ଚଳିତ ବର୍ଷ ପାଇଁ ଚମ୍ପିୟାନ ହୋଇଛି। ଖେଳର ପ୍ରର୍ଥମାର୍ଦ୍ଧରେ ପ୍ରତାପ କ୍ଲବ କଟକର ରାକେଶ ଜେନା ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତିୟାର୍ଦ୍ଧରେୟଙ୍ଗ ଉତ୍କଳ କ୍ଲବର ବାବୁନି ଦାସ ଗୋଟିଏ ଗୋଲଦେଇ ଖେଳକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। ଫଳରେ ଆଜିର ଖେଳ ଅମିମାଂଶିତ ଭାବେ ସମାପ୍ତ ହୋଇଥିବା ବେଳେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଟାଇବ୍ରେକରରେୟଙ୍ଗ ଉତ୍କଳ କ୍ଲବ କଟକ ପ୍ରତାପ କ୍ଲବକୁ ୪-୨ ଗୋଲ କରି ଚଳିତ ବର୍ଷ ଚମ୍ପିୟାନ ହୋଇଛି ଆଜିର ମ୍ୟାଚରେ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ସାହୁ ଉଭୟ କ୍ଲବର ଖେଳାଳିଙ୍କ ସହିତ ହାତ ମିଳାଇ ଥିଲେ। ଡିଫା କ୍ଲବର ସଭାପତି ପ୍ରମୋଦ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଅତିଥି ଭାବେ ଚହଟା ସରପଞ୍ଚ ସୁମିତ୍ରା ସ୍ୱାଇଁ, ସମିତିସଭ୍ୟା ସସ୍ମିତା ନାୟକ ଯୋଗଦେଇଥିଲେ। ଆଜିର ଖେଳରେ ଚମ୍ପିୟାନ ହୋଇଥିବାୟଙ୍ଗ ଉତ୍କଳ କ୍ଲବକୁ ଚମ୍ପିୟାନ ଟ୍ରଫି ଓ ପ୍ରତାପ କ୍ଲବକୁ ରନର୍ସ ଅଫ ଟ୍ରଫି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେୟଙ୍ଗ



ଉତ୍କଳ କ୍ଲବର ତୁଷାର କୁମାର ସାହୁ ଓ ମ୍ୟାନ ଅଫ ଦି ସିରିଜ ଭାବେୟଙ୍ଗ ଉତ୍କଳ କ୍ଲବର ଗଣେଶ୍ୱର ସେଠୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। କ୍ଲବର ସମ୍ପାଦକ ପ୍ରବୋଧ କୁମାର ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଚନ୍ଦ୍ରମଣି ପଣ୍ଡିତ ଧନ୍ୟବାଦ ଦେଇଥିଲେ। ଆଜିର ମ୍ୟାଚକୁ ଜ୍ୟୋତି ରଞ୍ଜନ ସ୍ୱାଇଁରେଫରି ଭାବେ ପରିଚାଳନା କରିଥିବା ବେଳେ ସେକ ସଲିମ ଅହମ୍ମଦ ଓ ଚିତ୍ତରଞ୍ଜନ ଓଝା ଲାଇନମ୍ୟାନ ଭାବେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ଶୈଳେଶ ପାଣି ଦାୟିତ୍ୱ ତୁଲାଇଥିଲେ।

# ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଓଡିଶା ରାଜ୍ୟ କରାଟେ ଡୋ ସଂଘର ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୪।୬(ସବ୍ୟୁ) : ଡେରାଡୁନରେ ଅନୁଷ୍ଠିତ ଜାତୀୟ ଉପକନିଷ୍ଠ ଓ କନିଷ୍ଠ ତଥା କ୍ୟାଡେଟ୍ କରାଟେ ପ୍ରତିଯୋଗିତାରେ ଓଡିଶା ପ୍ରତିଯୋଗୀ ୧୨ ଟି ସ୍ୱର୍ଣ୍ଣ, ୪ ଟି ରୌପ୍ୟ ଓ ୧୬ ଟି ବ୍ରୋଞ୍ଜ ସହ ମୋଟ ୩୨ ପଦକ ହାସଲ କରି ସର୍ବଭାରତୀୟ ପଦକ ତାଲିକାରେ ଓଡିଶା ୨ୟ ସ୍ଥାନରେ ରହିଛି। ଏହି ଐତିହାସିକ ସଫଳତା ପାଇଁ ଓଡିଶା ରାଜ୍ୟ କରାଟେ ଡୋ ସଂଘ ତରଫରୁ ୪୨ ଜଣ ପ୍ରତିଯୋଗୀ ଓ ଦଳର କୋଚ୍ ତଥା ମ୍ୟାନେଜରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ହେଲେ : ଆଲିସା ଶୁଦ୍ଧି, ମହିଳା ଟିମ କାଟା ( ଆଲିସା ଶୁଦ୍ଧି, ସୁପ୍ରିୟା ମହାନ୍ତି, ଶ୍ୱେତାଞ୍ଜନା ସାହୁ, ସରଣ୍ୟା ସାହୁ ) ଟିମ କାଟା ପୁରୁଷ ସବ ଜୁନିଅର ( ବଦ୍ରି ନାରାୟଣ ସାହୁ, ବିଶ୍ୱଦୀପ ବେହେରା, ଶ୍ରେୟାନଶୁ ସିହାଲ, ପ୍ରତ୍ୟାସୁଁ ପରିଡା ) ଚିତ୍ରାକ୍ଷ ଦାସ, ଲଇଲେଶ ବିଶ୍ୱାଳ, ସୋମ୍ୟ ରଞ୍ଜନ ପାତ୍ର, ଆଦିତ୍ୟ ରାଜ ପ୍ରଧାନ, ଆକାଂକ୍ଷା ମହାନ୍ତି, ବୈଶାଳୀ ପାତ୍ର, ଶ୍ରେୟା କାନୁନଗୋ, ରାଜେଶ୍ୱରୀ ସିଂ, ଟିମ କାଟା ସବ ଜୁନିଅର ମହିଳା (କଲ୍ପିତା ଦାସ, ଜଶ୍ୱୋସୀ ପ୍ରିୟଦର୍ଶିନୀ ମିଶ୍ର, ଦିତିକ୍ଷା ପ୍ରିୟଦର୍ଶିନୀ ସାମନ୍ତ, ଏମ ଶ୍ରୀୟାଂସୀ ) ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ନୀତିକ ମହନ୍ତ, ଅସଲେଶ ପଣ୍ଡା, ଶ୍ରେୟା ଶୁଭଦର୍ଶିନୀ, ଏବଂ ସୌମିତ ପାତ୍ର, ରୋପ୍ୟ ପଦକ ପାଇଥିଲେ। ସେହିପରି ଜୁନିଅର ପୁରୁଷ ଟିମ କାଟା ରେ (ଦୋଳ ଗୋବିନ୍ଦ ବେହେରା, ଅପ୍ରିତ କୁମାର ଦାସ, ଆୟୁଷ୍ମାନ ମିଶ୍ର, ଶିବକୃପା ମିଶ୍ର) ଅର୍ଚିତା ପ୍ରିୟଦର୍ଶିନୀ, ଅଂଶୁମାନ ଆଚାର୍ଯ୍ୟ, ଆଦିକ ଅଶେଷ ସାହୁ, ସୂର୍ଯ୍ୟ ନାରାୟଣ ମାର୍ଥା, ସୋହମ ସ୍ୱାଇଁ, ବିଶ୍ୱଦୀପ ବେହେରା, ଦକ୍ଷିତା ନହର, ଦିଶାନ୍ତିକା ପଣ୍ଡା, ସାଇରା




ଜେନା, ଦିବ୍ୟାନ୍ସି ଘଡେଇ, ସମୀକ୍ଷା ମହନ୍ତ, ଈଶାନୀ ପଣ୍ଡା, ତନିଷ୍କା ରାଉତ, ସରଣ୍ୟା ପାଢୀ। ଟିମମ୍ୟାନେଜର ଓ କୋଚ ମାନେ ହେଲେ ଖାରବେଳ ମଲିକ, ସନ୍ତୋଷ ମହାରଣା, ଦୀପକ ସାମନ୍ତରା, ରାଜୀବ ସିଂ, ସୁଶାନ୍ତ ପଣ୍ଡା, ରାଜେନ୍ଦ୍ର କେଶରୀ ସାମଲ, କେ. ଜି. କେ ପ୍ରତିହାରୀ, ଅବିନାଶ ପୁହିର ଏହି ସମ୍ବର୍ଦ୍ଧନା ଉତ୍ସବରେ ଓଡିଶା ରାଜ୍ୟ କରାଟେ – ଡୋ ସଂଘର ସମ୍ପାଦକ ଡ. ଗୌରି ମହାନ୍ତି, ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଆଡଭୋକେଟ କାଳି ପ୍ରସାଦ ନନ୍ଦ, ସନତ ନାୟକ, ପ୍ରଦୀପ ସରକାର ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

ସିଦ୍ଧାନ୍ତ ମେମୋରିଆଲ ପାରାମାଉଣ୍ଟ କପ୍ କ୍ରିକେଟ୍

# କ୍ୱାର୍ଟରରେ ପାରାମାଉଣ୍ଟ ସ୍ପୋର୍ଟ୍ସ

ଭୁବନେଶ୍ୱର, ୧୪।୬(ସବ୍ୟୁ) : ପାରାମାଉଣ୍ଟ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଆୟୋଜିତ ୧୬ ବର୍ଷରୁ କମ୍ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶେଷ ପ୍ରି-କ୍ୱାଟର ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟ୍ସ ବିଜୟୀ ହୋଇଛି। ଏହି ମ୍ୟାଚରେ ଯଦୁପୁର କ୍ରିକେଟ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୮ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ପାରାମାଉଣ୍ଟ ସ୍ପୋର୍ଟ୍ସ ୧୫.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୧୨ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା।




ପାରାମାଉଣ୍ଟ ପକ୍ଷରୁ ସାଇଦିତ୍ୟ ମହାନ୍ତି ସର୍ବାଧିକ ୫୮ ରନର ଅପରାଜିତ ଇନିଂସ ଖେଳିଥିଲେ। ପାରାମାଉଣ୍ଟର ଆୟୁଷ ତ୍ରିପାଠୀ ସର୍ବାଧିକ ୩ ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚରେ ପୂର୍ବତନ ଉତ୍କଳ ବିଶ୍ୱ ବିଦ୍ୟାଳୟ କ୍ୟାପଟେନ୍ ସମ୍ପଦ ପଟ୍ଟନାୟକ ପୁରସ୍କାର ପ୍ରଦାନ କରିଥିଲେ।

# ଜାତୀୟ ସିନିୟର ଆରବିଟର ପରୀକ୍ଷା ଫଳ ପ୍ରକାଶିତ
## ଭବାନୀ ପ୍ରଥମ, ରୀତିକ ଦ୍ୱିତୀୟ

ଭୁବନେଶ୍ୱର, ୧୪।୬(ସବ୍ୟୁ) : ଭୁବନେଶ୍ୱର ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ସର୍ବଭାରତୀୟ ଚେସ୍ ସଂଘ ତରଫରୁ ଗତମାସ ୨୫ ଓ ୨୬ ତାରିଖ ଦୁଇଦିନ ଧରି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ସିନିୟର ଆରବିଟର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ବଲାଙ୍ଗିରର ଭବାନୀ ମେହେର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ କଟକ ଏସ୍ଆର ଚେସ୍ ସେଣ୍ଟର ପ୍ରଶିକ୍ଷକ ରୀତିକ ସାହୁ ଦ୍ୱିତୀୟ ଓ କଳାହାଣ୍ଡିର ମନୋଜ କୁମାର ହୋତା ସର୍ବୋଭାରତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏସଆର ଚେସ୍ ସେଣ୍ଟରର ପ୍ରଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଓ ଶ୍ରେଷ୍ଠ ମହିଳା ପରୀକ୍ଷାର୍ଥୀ ନିରୂପମା ପୃଷ୍ଟି (କେନ୍ଦୁଝର), ଅନିକେତ ଡାନି -(ବୌଦ୍ଧ) ଓ ଗୌରହରି ମହାପାତ୍ର (କିଟ୍) ସର୍ବୋଚ୍ଚ ନମ୍ବର ରଖି ଏ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବରିଷ୍ଠ ଚେସ୍ ପ୍ରଶାସକ ଓ ସଂଗଠକ ସୁବାଶିଷ ପଟ୍ଟନାୟକ, ମନୋଜ କୁମାର ପରିଡା, ଶରତ କୁମାର ଦାସ, ନାରାୟଣ ଦାସ, ଲଲାଟକେଶରୀ ସାମଲ, ବିକ୍ରମ କେଶରୀ ବିଶ୍ୱାଳ ଓ ଶୁକଦେବ ଗୁରୁ ବି ଗ୍ରେଡ ପାଇ ସଫଳତା ହାସଲ କରିଛନ୍ତି।

ଏସଆର ଚେସ୍ ସେଣ୍ଟରର ପ୍ରଶିକ୍ଷକ ଅଭିଶେକ ପଟ୍ଟନାୟକ, ପ୍ରଣବ କୁମାର ମହାନ୍ତି, ସମୀର କୁମାର ପଟ୍ଟନାୟକଙ୍କ ସହ ବିସ୍ମିତା ସାହୁ, ସଂଘମିତ୍ରା ଷଡଙ୍ଗୀ,




ଚନ୍ଦ୍ରଶେଖର ମିଶ୍ର ଓ ଡକ୍ଟର ଅମରେଶ ସାହୁ ମଧ୍ୟ ବି ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇ ସିନିୟର ଚେସ୍ ଆରବିଟର ଲାଇସେନ୍ସ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମସ୍ତ କୃତି ପ୍ରତିଯୋଗୀଙ୍କୁ ନିଖିଳ ଓଡିଶା ଚେସ୍ ସଂଘର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, କୋଷାଧ୍ୟକ୍ଷ ବିବି ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ ମହାନ୍ତି ଓ ପଦ୍ମିନି ସିଂ ଅଭିନନ୍ଦନ ଜଣାଇଛନ୍ତି। ପରୀକ୍ଷାକୁ ବିଶିଷ୍ଟ ଅନ୍ତର୍ଜାତୀୟ ଆରବିଟର ଅନନ୍ତ ନାରାୟଣ ପରିଚାଳନା କରିଥିଲେ।

ଓଡିଶା ମହିଳା ଲିଗ୍ ଫୁଟବଲ

# ନିତା ଏକାଡେମୀ ଚାମ୍ପିଅନ

ଭୁବନେଶ୍ୱର, ୧୪।୬(ସବ୍ୟୁ) : ଫୁଟବଲ ଆସୋସିଏସନ୍ ଅଫ ଓଡିଶା (ଫାଓ) ଆନୁକୂଲ୍ୟରେ ଆୟୋଜିତ ଓଡିଶା ମହିଳା ଲିଗ୍‌ରେ ନିତା ଫୁଟବଲ ଏକାଡେମୀ ଚାମ୍ପିଅନ ହୋଇଛି। ଓଡିଶା ପୋଲିସ ରନର୍ସ ଅପ୍ ହୋଇଥିବା ବେଳେ ଆଉଲ୍ ମହିଳା ଏଫସି ତୃତୀୟ ସ୍ଥାନ ଅଧିକାର କରିଛି। ଅନୁଷ୍ଠିତ ଫାଇନାଲରେ ନିତା ଫୁଟବଲ ଏକାଡେମୀ ୨-୦ ଗୋଲରେ ଆଉଲ୍ ମହିଳା ଫୁଟବଲ କ୍ଲବକୁ ଧରାସାୟୀ କରିଥିଲା। ମ୍ୟାଚର ୫୧ ତମ ମିନିଟରେ ସୁଲେଖା କଅଁର ଏବଂ ୮୬ ତମ ମିନିଟରେ ରିତୁ ବଡାଇକ ଗୋଲ କରି ଦଳକୁ ଚାମ୍ପିଅନ କରାଇଥିଲେ। ଭୁବନେଶ୍ୱରର କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଡେପୁଟି ସେକ୍ରେଟାରୀ ଅମିତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋନାଲି ଚାନ୍ଦ, ସହୀଦ ଜବାର, ଓଡିଶା ଅଲମ୍ପିକ ସଂଘ ସାଧାରଣ ସମ୍ପାଦକ ଅଭିଜିତ ପାଲ, ବିଶ୍ୱରଞ୍ଜନ ଘଡେଇ, ସୌର୍ଯ୍ୟ ରଞ୍ଜନ ପରିଜା, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରଞ୍ଜିତାମହାନ୍ତି, ସୁଜିତା ଦାସ, ଗୀତାଞ୍ଜଳି ଖୁଣ୍ଟିଆ, ସୁପ୍ରଭା ସାମଲ, ସୁବ୍ରତ କୁମାର ଦାସ, ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ ୩ ଗ୍ରାଣ୍ଡ ଫାଇନାଲ

# ଢୋଲମରାକୁ ହରାଇ ସାଗର ଇଲେଭେନ ଚାମ୍ପିଅନ

ଗଣିଆ ,(ସବ୍ୟୁ): ନୟାଗଡ଼ଜଲ୍ଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଠିଆ ସାହି ଠାରେ ସମାଜ ସେବୀ ଗଣେଶ୍ୱର ସାମଲ ଓ ସାତକୋଶିଆ ସ୍ୟାଣ୍ଡସ ରିସୋର୍ଟ ଦ୍ୱାରା ପ୍ରାୟୋଜିତ ଫ୍ରେଣ୍ଡସିପ କ୍ରିକେଟ କ୍ଲବ ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ ୩ ବେଠିଆସାହି ଜଗନ୍ନାଥ ମନ୍ଦିର ପଛ ଖେଳ ପଡିଆ ଠାରେ ଜୁନ ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଶେଷ ହୋଇଛି। ଫାଇନାଲ ମ୍ୟାଚରେ ଢୋଲମରାକୁ ହରାଇ ସାଗର ଇଲେଭେନ ଚାମ୍ପିୟନ ହୋଇଛି। ଢୋଲମରା ଟସ ଜିତି ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭର ରେ ସମସ୍ତ ଓ୍ୱିକେଟ ହରାଇ ୧୬୦ ରନ କରିବାରେ ସକ୍ଷମ ହୋଇଥିଲା। ଜବାବରେ ସାଗର ଇଲେଭେନ ନିର୍ଦ୍ଧାରିତ ୧୫ଓଭର ରୁ ୮ଓ୍ୱିକେଟ ହରାଇ ୧୨.୪ ଓଭରରେ ୧୬୬ କରି ୨ଓ୍ୱିକେଟ ରେ ବିଜୟୀ ହେବା ସହିତ ଚଳିତ ବର୍ଷ ସିଜିନ ୩ ର ଚାମ୍ପିୟନ ହୋଇଛି



। ସାଗର ଇଲେଭେନ ଟିମର ମନୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ମ୍ୟାନ ଅଫ ଦି ସିରିଜ ଚିନୁ, ଶ୍ରେଷ୍ଠ ବୋଲର ଭାବେ ନମି ଙ୍କୁ ଟ୍ରଫି ପ୍ରଧାନ କରା ଯାଇଥିଲା। ଚାମ୍ପିୟନ ଟ୍ରଫି ସହିତ ଅର୍ଥ ରାଶି ୧୦ହଜାର ରନସ ଅପ ଟ୍ରଫି ସହିତ ୭ହଜାର ଅର୍ଥ ରାଶି ପ୍ରଦାନ କରା ଯାଇଥିଲା ଡ଼ାନ୍ସି ଅମ୍ପିୟାର ବବୁଲ ଓ ସରୋଜ କୁମାର ରଣା ଖେଳ ପରିଚାଳନା କରିଥିଲେ। ଚାରି ହଜାରରୁ ଅଧିକ ଦର୍ଶକ ଖେଳ ଉପଭୋଗ କରୁଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ସମାଜ ସେବୀ ପ୍ରଦୀପ୍ତ କୁମାର ରାଉତ ଯୋଗ ଦେଇଥିଲେ, ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ଗଣିଆ ବ୍ଲକ ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର ଯୋଗ ଦେଇଥିବା ବେଳେ, ସନ୍ତୋଷ କୁମାର ସାହୁ, ଉଲ୍ଲାସ ନାୟକ, ବିଶ୍ୱନାଥ ତରେଇ, ସୁବାସ ଚନ୍ଦ୍ର ରଣା ଓ ସମ୍ମାନିତ ଅତିଥି ଭାବେ ଗଣିଆ ସାମ୍ବାଦିକ ସଂଘର ବିଶ୍ୱରଞ୍ଜନ ସେଠୀ, ସମୀର କୁମାର ବେହେରା, ସନ୍ତୋଷ ପ୍ରଧାନ, ପ୍ରତାପ କୁମାର ରାଉତ, ସୁରେଶ କୁମାର ସାହୁ ଓ ଖେଳ ପ୍ରେମୀ ଅଜୟ ମହାଖୁଡ ପ୍ରମୁଖ ଯୋଗ ଦେଇଥିଲେ। ସମାଜ ସେବୀ ଗଣେଶ୍ୱର ସାମଲ ଦୁଇ ହଜାର ଦର୍ଶକମାନଙ୍କ ପାଇଁ ଖାଇବା ବ୍ୟବସ୍ଥା କରାଇଥିଲେ। ଟୁର୍ଣ୍ଣାମେଣ୍ଟର ଆୟୋଜକ ସମାଜ ସେବୀ ଗଣେଶ୍ୱର ସାମଲ, ଫ୍ରେଣ୍ଡସିପ କ୍ରିକେଟ କ୍ଲବ ର ଅଧ୍ୟକ୍ଷ ବିଜୟାନନ୍ଦ ତରେଇ, ସଭାପତି ପ୍ରଶାନ୍ତ ବେହେରା, କୋଷାଧ୍ୟକ୍ଷ ମଧୁ ସୁଦନ ନାୟକ ଉପସ୍ଥିତ ରହିଥିଲେ।

ମହିଳା ଟି -୨୦ ବିଶ୍ୱକପ୍

# ପାକିସ୍ତାନ ଧରାଶାୟୀ

ବର୍ମିହାମ୍ ୧୪।୬(ଏଜେନ୍ସି) : ଦିପ୍ତୀ ଶର୍ମାଙ୍କ ୫ ୱିକେଟ୍ ସାଙ୍ଗକୁ ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକ ଆଗରେ ପାକିସ୍ତାନ ମହିଳା ଦଳ ଆତ୍ମସମର୍ପଣ କରିଛି। ରବିବାର ମହିଳା ଟି -୨୦ ବିଶ୍ୱକପ୍‌ର ହାଇଭୋଲଟେଜ୍ ମ୍ୟାଚରେ ଭାରତ ୬୪ ରନ ବ୍ୟବଧାନରେ ପାକିସ୍ତାନକୁ ଧରାସାୟୀ କରିଛି। ଏହି ମ୍ୟାଚରେ ଭାରତ ୨୦ ଓଭରରେ ୬ ୱିକେଟ ହରାଇ ୧୭୦ ରନ କରିଥିଲା। ଜବାବରେ ପାକିସ୍ତାନ ୧୭ ଓଭରରେ ୧୦୬ ରନ କରି ଅଲଆଉଟ୍ ହୋଇଥିଲା। ୧୨ ରନ ସାଙ୍ଗକୁ ୫ ୱିକେଟ୍ ଅକ୍ତିଆର କରିଥିବା ଦିପ୍ତୀ ଶର୍ମାଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

# ରାଜ୍ୟ ଜୁନିୟର, ସବ୍‌ଜୁନିୟର ପେଞ୍ଚାକ ସିଲାକ୍ ଚାମ୍ପିଅନସିପ୍ ଉଦ୍‌ଯାପିତ




ଭୁବନେଶ୍ୱର, ୧୪।୬(ସବ୍ୟୁ) : ପେଞ୍ଚାକ୍ ସିଲାକ୍ ଆସୋସିଏସନ୍ ଖୋର୍ଦ୍ଧା ଆନୁକୂଲ୍ୟରେ ୩ ଦିନିଆ ରାଜ୍ୟସ୍ତରୀୟ ଜୁନିୟର ଓ ସବ୍‌ଜୁନିୟର ପେଞ୍ଚାକ୍ ସିଲାକ୍ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି। ଖୋର୍ଦ୍ଧାର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମିଶନ ଶକ୍ତିର ଆଡିସନାଲ ସେକ୍ରେଟାରୀ ଶୈଳେନ୍ଦ୍ର କୁମାର ଜେନା, ଜିଲ୍ଲା କ୍ରୀଡା ବିଭାଗର ଡେପୁଟି ସେକ୍ରେଟାରୀ ଅମିତ ନାୟକ, କ୍ଷଣପ୍ରଭା ମହାନ୍ତି, ଓଡିଶା ପେଞ୍ଚାକ୍ ସିଲାକ ସଂଘର ସଭାପତି ତାପସ କୁମାର ରାୟଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପା, ମୁଖ୍ୟ ଉପଦେଷ୍ଟା ସୁମନ ମୋଦୀ, ଖୋର୍ଦ୍ଧା ସଂଘ ଚେୟାରମ୍ୟାନ୍ ସଚିନ ମହାପାତ୍ର, ସଭାପତି ଶୁଭ୍ରଜିତ୍ ଜେନା, ଉପସଭାପତି ନାରାୟଣ ପାତ୍ର, ନବକିଶୋର ପାଇକରାୟ, ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ସହ ସମ୍ପାଦକ ପ୍ରକାଶ ବେହେରା, ରଞ୍ଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଝାରସୁଗୁଡା ଚାମ୍ପିଅନ ହୋଇଥିବା ବେଳେ ଖୋର୍ଦ୍ଧା ରନର୍ସଅପ୍, ସୁନ୍ଦରଗଡ ତୃତୀୟ ଓ ମୟୂରଭଞ୍ଜ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି।

ଆଇଏଚ୍ଏଫ୍ ହ୍ୟାଣ୍ଡବଲ

# କ୍ରମାଗତ ବିଜୟ ସହ ଭାରତ ଚାମ୍ପିଅନ
## ସ୍ୱର୍ଣ୍ଣ ଜିତିଲେ ସ୍ୱସ୍ତିକ



ଭୁବନେଶ୍ୱର, ୧୪।୬(ସବ୍ୟୁ) : ଚଳିତ ମାସ ୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ବାଂଲାଦେଶର ଢାକାରେ ଅନୁଷ୍ଠିତ ଆଇଏଚ୍ଏଫ୍ ହ୍ୟାଣ୍ଡ ବଲ ଟ୍ରଫିରେ ଭାରତ କ୍ରମାଗତ ବିଜୟ ଚାମ୍ପିଅନ ହୋଇଛି। ଦଳରେ ସ୍ଥାନ ପାଇଥିବା ଏକମାତ୍ର ଓଡିଶା ସ୍ୱସ୍ତିକ ମହାପ୍ରସାଦ ପତି ଭାରତୀୟ ଦଳର ସହ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ନେପାଳକୁ ୨୨ ଗୋଲରେ ପରାସ୍ତ କରିଥିବା ଦ୍ୱିତୀୟ ମ୍ୟାଚରେ ଏମଏନକୁ ୩୧ ବଲରେ, ମାଳଦୀପକୁ ୫୮ -୨୩ ଗୋଲରେ ଓ ଆଫଗାନିସ୍ତାନକୁ ୫୮-୨୮ ଗୋଲରେ ପରାସ୍ତ କରି ଭାରତ ଚାମ୍ପିଅନ ହୋଇଛି। ଏହି ପ୍ରତିଯୋଗିତାରେ ଭାରତ, ନେପାଳ, ଆଫଗାନିସ୍ତାନ, ମାଳଦୀପ, ବାଂଲାଦେଶ ଏବଂ ୟେମେନ୍ ଭାଗ ନେଇଥିଲେ। ସ୍ୱସ୍ତିକଙ୍କ ଏହି ସଫଳତା ପାଇଁ ଓଡିଶା ରାଜ୍ୟ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ ରଞ୍ଜନ ସିଂ, କୋଷାଧ୍ୟକ୍ଷ ସୀତେନ୍ଦ୍ର ନାଥ ଦାସ, ଓଡିଶାର ପ୍ରଥମ ଅନ୍ତର୍ଜାତୀୟ କୋଚ୍ ଗୌରୀ ଶଙ୍କର ଦାସ ସ୍ୱସ୍ତିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସ୍ୱସ୍ତିକ ଭୁବନେଶ୍ୱରରେ ରହି କୋଚ୍ ଗୌରୀଶଙ୍କରଙ୍କ ନିକଟରୁ ପ୍ରଶିକ୍ଷଣ ନେଉଛନ୍ତି। ସ୍ୱସ୍ତିକ ଗତବର୍ଷ ବାଳକ ଏସିଆନ ପ୍ରତିଯୋଗିତା (ଯୋଡାନ) ଓ ସେଣ୍ଟ୍ରାଲ ଏସିଆନ ଉଜବେକିସ୍ତାନ ପ୍ରତିଯୋଗିତାର ଅଂଶଗ୍ରହଣ କରି ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ। ଓଡିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନଙ୍କ ପରେ ସ୍ୱସ୍ତିକ ଲଗାତାର ତୃତୀୟ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ବଜାୟ ରଖିଛନ୍ତି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି